# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୮/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, July 8/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରିଆଙ୍କୁ ବଙ୍ଗଳା ସିନେମା ଅଫର**

ବଲିଉଡ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ବଙ୍ଗଳା ସିନେମାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପ୍ରଯୋଜକ ରାଣା ସରକାର ତାଙ୍କୁ ଏକ ଫିଲ୍ମ ଅଫର ଦେଇଛନ୍ତି। ୧୦

୧୪ **ଜାବେର ମହିଳା ସିଙ୍ଗଲ୍ସ ଫାଇନାଲରେ**

ଟ୍ୟୁନିସିଆର ଓନ୍ସ ଜାବେର୍ ୱିମ୍ବଲଡନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।





ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଗୁରୁବାର ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱର ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବୋରିସ୍ ଜନ୍‌ସନ ଇସ୍ତଫା ଦେଲେ

**ଲଣ୍ଡନ,୭।୭**

କଞ୍ଜରଭେଟିଭ୍ ପାର୍ଟିର ଜଣେ ଏମ୍‌ପିଙ୍କ ଯୌନ କେଲେଙ୍କାରୀ ବ୍ରିଟେନ ସରକାରର ପତନ ଘଟାଇଛି। ଜଣେ ପରେ ଜଣେ ମନ୍ତ୍ରୀ ପଦ ଛାଡ଼ିବା ପରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ବାଧହୋଇ କଞ୍ଜରଭେଟିଭ୍ ପାର୍ଟି ନେତା ପଦରୁ ଇସ୍ତଫା ଦେଇଛନ୍ତି। ବୋରିସ୍‌ଙ୍କ ଇସ୍ତଫା ପରେ ଶାସକ ଦଳର ନୂଆ ନେତା ଓ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଚୟନ ପାଇଁ ପଥ ପରିଷ୍କାର ହୋଇଛି। ନୂଆ ପ୍ରଧାନମନ୍ତ୍ରୀ ବଛାଯିବା ପର୍ଯ୍ୟନ୍ତ ବୋରିସ୍ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ୧୦ ଡାଉନିଂ ଷ୍ଟ୍ରିଟ୍‌ରେ ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧିତ କରି ସୂଚନା ଦେଇଛନ୍ତି। ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ତଥା ଭାରତୀୟ ବଂଶୋଦ୍ଭବ ଋଷି ସୁନକ ଏବେ ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ଆଗୁଆ ଥିବା କୁହାଯାଉଛି, ଯିଏକି ମଙ୍ଗଳବାର ବୋରିସ୍‌ଙ୍କ ନେତୃତ୍ୱ ଉପରେ ପ୍ରଥମେ ପ୍ରଶ୍ନ ଉଠାଇ ଅର୍ଥମନ୍ତ୍ରୀ ପଦ ଛାଡ଼ିଥିଲେ।

ବୋରିସ୍ ଜନ୍‌ସନ କଞ୍ଜରଭେଟିଭ୍ ପାର୍ଟି ନେତା ପଦ ଛାଡ଼ିବା ପରେ ନିଜ ସମ୍ବୋଧନରେ କହିଛନ୍ତି, ନୂଆ ନେତା ଚୟନ ପ୍ରକ୍ରିୟା ଏବେ ଆରମ୍ଭ ହେବା ଉଚିତ। ଏହାର ଟାଇମ୍ ଟେବୁଲ ଆସନ୍ତା ସପ୍ତାହରେ ଆରମ୍ଭ ହେବ। ଆମକୁ ବ୍ରିଟେନର ସବୁ



■ **ନୂଆ ନେତା ଚୟନ ଯାଏ ଦାୟିତ୍ୱ ସମ୍ଭାଳିବେ**

■ **ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ଋଷି ସୁନକ**

କ୍ଷେତ୍ରର କ୍ଷମତାକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ବ୍ରିଟେନ ଏପରି କରିବାରେ ସଫଳ ହେଲେ ୟୁରୋପର ସବୁଠୁ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବ। ଯିଏ ବି ନୂଆ ନେତା ହେବେ, ତାଙ୍କୁ ସେ ପୂର୍ଣ୍ଣ ସମର୍ଥନ କରିବେ। ନୂଆ ନେତା ଚୟନ ହେବା ପର୍ଯ୍ୟନ୍ତ ସେ ନିଜ ପଦରେ ରହି ଜନତାଙ୍କ ସେବା କରିବେ। ବିଶ୍ୱର ଏହି ସର୍ବୋତ୍କୃଷ୍ଟ ପଦ ଛାଡୁଥିବାରୁ ସେ ଦୁଃଖିତ। ପ୍ରକାଶ ଯେ, ୨୦୧୯ ଜୁଲାଇ ସଂସଦୀୟ ନିର୍ବାଚନରେ କଞ୍ଜରଭେଟିଭ ପାର୍ଟି ବିପୁଳ ବିଜୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବନାଞ୍ଚଳରେ ଆଶାର ଆଲୋକ**

**ଆଜିର ମନ୍ତବ୍ୟ**

"ବ୍ରିଟିଶମାନେ ଭାରତକୁ ଦେଇଥିବା ଶିକ୍ଷାବ୍ୟବସ୍ଥା କେବଳ ସେମାନଙ୍କ ସ୍ୱାର୍ଥ ପୂରଣ ଏବଂ ସେବକ ଗୋଷ୍ଠୀ ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା। ଏଥିରେ ଅନେକ ପରିବର୍ତ୍ତନର ଆବଶ୍ୟକତା ରହିଛି।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା: ୪ ମୃତ**

ପୃଷ୍ଠା-୩




# ଓଡ଼ିଶା ବିମୁଖ ବିଦେଶୀ ପର୍ଯ୍ୟଟକ

**ଭୁବନେଶ୍ୱର,୭।୭(ବ୍ୟୁରୋ)**

## ୧ ଲକ୍ଷ ଜାଗାରେ ଆସିଛନ୍ତି ୨,୨୬୯

**ଗତ ୩ବର୍ଷ ମଧ୍ୟରେ ଓଡ଼ିଶାକୁ ଆସିଥିବା ଘରୋଇ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ଆଗମନର ତାଲିକା**

| ବର୍ଷ | ଘରୋଇ | ବୃଦ୍ଧି/ହ୍ରାସ % | ବିଦେଶୀ | ବୃଦ୍ଧି/ହ୍ରାସ % | ମୋଟ |
|---|---|---|---|---|---|
| ୨୦୧୯ | ୧,୫୩,୦୭,୬୩୭ | ୦.୬୫ | ୧,୧୫,୧୨୮ | ୩.୮୮ | ୧,୫୪,୨୨,୭୬୫ |
| ୨୦୨୦ | ୪୬,୨୨,୨୭୩ | –୬୯,୮୦ | ୧୦,୨୦୬ | –୯୧.୯୪ | ୪୬,୩୨,୪୭୯ |
| ୨୦୨୧ | ୩୭,୪୨,୨୨୩ | –୧୯.୦୪ | ୨,୨୬୯ | –୭୭.୭୭ | ୩୭,୪୪,୪୯୨ |

କୋଭିଡ୍ ପରେ ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ର ଏକପ୍ରକାର ବିପର୍ଯ୍ୟସ୍ତ ହୋଇଛି। ଦେଶ ଭିତରର କିଛି ପର୍ଯ୍ୟଟକ ରାଜ୍ୟର କେତେକ ଅଞ୍ଚଳ ବୁଲାବୁଲି କରୁଥିବା ବେଳେ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ବିମୁଖ ଥିବା ଦେଖିବାକୁ ମିଳିଛି। କୋଭିଡ୍ ମହାମାରୀକୁ ୨ ବର୍ଷ ପୂରିଯାଇଥିଲେ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବହୁମାତ୍ରାରେ କମିଛି।

କୃଷି ପରେ ପର୍ଯ୍ୟଟନ କ୍ଷେତ୍ର ରାଜ୍ୟ ରାଜକୋଷ ଆୟର ଅନ୍ୟ ଏକ ପ୍ରମୁଖ ଉତ୍ସ। ବିଶ୍ୱ ପରିଭ୍ରମଣ ଓ ପର୍ଯ୍ୟଟନ ପରିଷଦ (ୱାର୍ଲ୍ଡ ଟ୍ରାଭେଲ ଆଣ୍ଡ ଟୁରିଜିମ୍ କାଉନସିଲ) ଦ୍ୱାରା କରାଯାଇଥିବା ଆକଳନ ଅନୁସାରେ ପର୍ଯ୍ୟଟନ କ୍ଷେତ୍ର ସାମଗ୍ରିକ ଘରୋଇ ଉତ୍ପାଦ(ଜିଡିପି)ର ୪% ଅଂଶ ରହୁଥିବା ବେଳେ ୨ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ତେବେ ଏଥିପ୍ରତି ସେତେଟା ଧ୍ୟାନ ଦିଆଯାଉଥିବା ଭଳି ମନେହେଉ ନାହିଁ। ପର୍ଯ୍ୟଟନ ବିଭାଗ କେବଳ କେତେକ ସ୍ଥାନରେ ପୋଷ୍ଟର ଲଗାଇବା ଓ ରୋଡ୍ ଶୋ' କରି କର୍ତ୍ତବ୍ୟ ସାରିଦେଉଛି। ନୂତନ ପର୍ଯ୍ୟଟନ ସ୍ଥଳ ଚିହ୍ନଟ ଓ ଉନ୍ନତୀକରଣ ହେଉ ନ ଥିବାରୁ ଓଡ଼ିଶା ପ୍ରତି ପର୍ଯ୍ୟଟକଙ୍କ ଆଗମନ ହ୍ରାସ ପାଇବାରେ ଲାଗିଛି। ପର୍ଯ୍ୟଟକ ଆଗମନ କମୁଥିବାରୁ ହୋଟେଲ ଶିଳ୍ପ ମଧ୍ୟ ପ୍ରଭାବିତ ହେଉଛି। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ଉପରେ ଗଭୀର ପ୍ରଭାବ ପକାଇଛି।

ପର୍ଯ୍ୟଟନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୯ରେ ରାଜ୍ୟକୁ ୧ ଲକ୍ଷ ୧୫ ହଜାର ୧୨୮ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୦ରେ ଏହା ୧୦,୨୦୬କୁ ଖସିଯାଇଛି। ସେହିପରି ୨୦୨୧ରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୨,୨୬୯କୁ ହ୍ରାସପାଇଛି। କେବଳ ବିଦେଶୀ ନୁହନ୍ତି ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ୨୦୧୯ରେ ଓଡ଼ିଶାକୁ ୧,୫୩,୦୭,୬୩୭ ଘରୋଇ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୦ରେ ୪୬,୨୨,୨୭୩ ଏବଂ ୨୦୨୧ରେ ୩୭,୪୨,୨୨୩ ପର୍ଯ୍ୟଟକ ଆସିଥିଲେ। ଏପରି କି ପର୍ଯ୍ୟଟନ ଋତୁରେ ମଧ୍ୟ ପର୍ଯ୍ୟଟକ ଆସୁନାହାନ୍ତି। ଏହି ୩ ବର୍ଷରେ ରାଜ୍ୟ ସରକାର ବିଭିନ୍ନ ☞ପୃଷ୍ଠା-୪

# ବିଜେବି କଲେଜରେ ପୁଣି ରାଗିଂ ଅଭିଯୋଗ

**ଭୁବନେଶ୍ୱର, ୭।୭ (ବ୍ୟୁରୋ)**

■ **ସହପାଠୀ ମାଡ଼ ମାରି ଛାତ୍ରଙ୍କ ଗାଡ଼ି ଛଡ଼ାଇନେଲେ**

■ **ରାଗିଂ ଅଭିଯୋଗକୁ ଖଣ୍ଡନ କଲେ କଲେଜ କର୍ତ୍ତୃପକ୍ଷ**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩ ସିନିୟରଙ୍କ ରାଗିଂ ଯୋଗୁ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲିଟିଛି। ଏହି ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପତ୍ତା ପାଇପାରିନାହିଁ ପୋଲିସ। ଏଭଳି ସ୍ଥଳେ ଗୁରୁବାର ପୁଣି ଏକ ରାଗିଂ ଘଟଣା ସାମ୍ନାକୁ ଆସିଛି। ଏଥର ଛାତ୍ରୀ ନୁହେଁ ବରଂ ଜଣେ ଛାତ୍ର ରାଗିଂର ଶିକାର ହୋଇଥିବା ଜଣାପଡ଼ିଛି। ସହପାଠୀମାନେ ତାଙ୍କୁ ମାଡ଼ ମାରିବା ସହ ବାଇକ୍ ଛଡ଼ାଇ ନେଇଥିବା ବିଜେବି ଜୁନିୟର କଲେଜ ଯୁକ୍ତ୨ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର ରୁଦ୍ର ନାରାୟଣ ପାତ୍ର ଅଭିଯୋଗ ଆଣିଛନ୍ତି। ଏନେଇ ସେ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣା ଏକପ୍ରକାର ରାଗିଂ ବୋଲି ଅନେକ ଛାତ୍ର ମତ ଦେଉଛନ୍ତି।

ରୁଦ୍ରଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ସିନିୟର ଛାତ୍ରଙ୍କ ନାମ ନେଇ କେତେଜଣ ସହପାଠୀ ତାଙ୍କୁ ମାଡ଼ ମାରିବା ସହ ବାଇକ୍ ଛଡ଼ାଇ ନେଇଯାଇଥିଲେ। ଏହି ସମୟରେ ସେଠାରେ ଜଣେ ଅଧ୍ୟାପକ ଥିଲେ ମଧ୍ୟ କିଛି ନ କହି ଚୁପ୍‌ଚାପ୍ ଦେଖୁଥିଲେ। ଯେତେବେଳେ ସେ ଏହି ବିଷୟରେ ତାଙ୍କୁ ଜଣାଇବାକୁ ଗଲେ ସମ୍ପୃକ୍ତ ଅଧ୍ୟାପକ ଚାଲିଯାଇଥିଲେ ବୋଲି ରୁଦ୍ର ଗଣମାଧ୍ୟମ ଆଗରେ କହିଛନ୍ତି। ଅନ୍ୟପକ୍ଷରେ ବିଜେବି ଜୁନିୟର କଲେଜର ଅଧକ୍ଷ ରଞ୍ଜନ କୁମାର ବଳ ଏହାକୁ ଖଣ୍ଡନ କରି କହିଛନ୍ତି, ରାଗିଂର କୌଣସି ଅଭିଯୋଗ ଆସିନାହିଁ। ଏପରିକି ଆଣ୍ଟି ରାଗିଂ ସେଲ୍‌ରେ ମଧ୍ୟ ଅଭିଯୋଗ ହୋଇନାହିଁ। ଘଟଣାର ସତ୍ୟାସତ୍ୟ ଜଣାପଡ଼ି ନାହିଁ। ତାଙ୍କୁ ମାଡ଼ ମରାଯାଇଥିବା ଛାତ୍ର ଜଣଙ୍କ ଅଭିଯୋଗ ଆଣିଛନ୍ତି। ସେ ଏଯାବତ୍ କୌଣସି ରିପୋର୍ଟ ଦେଇନାହାନ୍ତି। ତାଙ୍କୁ ଘଟଣା ସମ୍ପର୍କରେ ଏକ ରିପୋର୍ଟ ଦେବାକୁ କହିଛୁ। ରିପୋର୍ଟ ପାଇବା ପରେ ତଦନ୍ତ କରାଯାଇ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି। ଏ ନେଇ ବଡ଼ଗଡ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, କେତେଜଣ ସହପାଠୀ ତାଙ୍କୁ କଲେଜରେ ମାଡ଼ ମାରିଥିବା ଛାତ୍ର ଜଣଙ୍କ ଅଭିଯୋଗ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଯୁକ୍ତ ୨ରେ ସିଟ୍ ପାଇବା ଚିନ୍ତା ବଢ଼ିଲା

## ମାଟ୍ରିକ୍‌ରେ ପାସ୍ କଲେ ୫.୧୭ ଲକ୍ଷ, ସିଟ୍ ଅଛି ୪.୪୩ ଲକ୍ଷ

**ଭୁବନେଶ୍ୱର,୭।୭(ବ୍ୟୁରୋ)**

୨୦୨୧-୨୨ ଶିକ୍ଷାବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ଆଶାତୀତ ଫଳ ହୋଇଛି। ୨୦୨୦ରେ ମାଟ୍ରିକ ପରୀକ୍ଷାଫଳ ୭୮.୭୬ ପ୍ରତିଶତ ହୋଇଥିବା ବେଳେ ଚଳିତବର୍ଷ ୯୦.୫୫ ପ୍ରତିଶତ ପିଲା ପାସ୍ କରିଛନ୍ତି। ମୋଟ ୫ ଲକ୍ଷ ୨୬ ହଜାର ୮୧୮ ଜଣ ପରୀକ୍ଷାର୍ଥୀ ଦଶମ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଲକ୍ଷ ୧୭ ହଜାର ୮୪୭ ଜଣ କୃତକାର୍ଯ୍ୟ ହୋଇଛନ୍ତି।

ପରୀକ୍ଷାଫଳକୁ ନେଇ ପିଲା ଓ ଅଭିଭାବକ ଖୁସି ଥିବା ବେଳେ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଯୁକ୍ତ ଦୁଇ କଲେଜରେ ନାମଲେଖାକୁ ନେଇ ସମସ୍ୟା ସୃଷ୍ଟିହେବା ଆଶଙ୍କା ପ୍ରକାଶ ପାଇଛି। ଯେଉଁ ଛାତ୍ରୀଛାତ୍ର ଭଲ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି ସେମାନଙ୍କୁ ଇ-ନାମଲେଖାରେ ତାଙ୍କ ପସନ୍ଦର କଲେଜରେ ସୁଯୋଗ ମିଳିଯାଇପାରେ। ମାତ୍ର ଯେଉଁମାନେ କମ୍ ନମ୍ବର ରଖିଛନ୍ତି ସେମାନଙ୍କୁ ସ୍ପଟ ସିଲେକ୍ସନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଏହା ପରେ ଯଦି ସିଟ୍ ନ ମିଳେ, ତେବେ ବର୍ଷକର ପାଠପଢ଼ା ବେକାର ହେବ। ଏହି ଚିନ୍ତା ଏବେ ଅଭିଭାବକଙ୍କୁ ଘାରିଲାଣି। ରାଜ୍ୟରେ ଯୁକ୍ତ ଦୁଇ କଲେଜ ସଂଖ୍ୟା ୨ ହଜାର ଥିବା ବେଳେ ସେଥିରେ ୪.୫ ଲକ୍ଷ ସିଟ୍ ରହିଛି। ପ୍ରାୟ ୫୦ ହଜାର ପିଲାଙ୍କ ପାଇଁ କଲେଜରେ ସିଟ୍ ପାଇବା ସହଜ ହେବ ନାହିଁ। ପୂର୍ବବର୍ଷର ରେକର୍ଡକୁ ଅନୁଧାନ କଲେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଯଦି ୨୦ ହଜାରରୁ ଊର୍ଦ୍ଧ୍ୱ ପିଲା ଇଞ୍ଜିନିୟରିଂ ଡିପ୍ଲୋମା, ଆଇଟିଆଇ କିମ୍ବା ଅନ୍ୟ ବୈଷୟିକ ଶିକ୍ଷାକୁ ଯିବେ, ତଥାପି ଆହୁରି ଅନେକ ପିଲାଙ୍କ ପାଇଁ କଲେଜରେ ସିଟ୍‌ର ଆବଶ୍ୟକତା ପଡ଼ିବ। ତେବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ମାଟ୍ରିକ ପାସ୍ କରିଥିବା ପିଲାଙ୍କ ପାଇଁ ଯୁକ୍ତ ଦୁଇ କଲେଜରେ ନାମ ଲେଖାଇବାରେ କୌଣସି ସମସ୍ୟା ହେବ ନାହିଁ। ଯେଉଁମାନେ ଭଲ ମାର୍କ ରଖି ପାସ୍ କରିଛନ୍ତି, ସେମାନଙ୍କୁ କୌଣସି ଅସୁବିଧା ହେବ ନାହିଁ। ପ୍ରତିଯୋଗିତା ବଜାରରେ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ଦରକାର। ଗତ ବର୍ଷ ୯୬ ପ୍ରତିଶତ ପାସ୍ ହାର ହୋଇଥିଲେ ମଧ୍ୟ ଯୁକ୍ତ ଦୁଇ କଲେଜରେ ବହୁ ସିଟ୍ ଖାଲି ପଡ଼ିଥିଲା। ସିଟ୍ ବଢ଼ାଇବାର କୌଣସି ଆବଶ୍ୟକତା ନାହିଁ।

### ବିଶେଷଜ୍ଞ କହନ୍ତି

**ଲଜ୍ଜାଜନକ, ହାସ୍ୟାସ୍ପଦ ପରିସ୍ଥିତି**

ରାଜ୍ୟ ସରକାର ଏପରି ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପଦ୍ଧତି ଆପଣାଇବା ଦ୍ୱାରା ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି। ମନଇଚ୍ଛା ନମ୍ବର ଦିଆଯାଇଛି। ବିଶେଷକରି ଗାଁ ଗହଳିରେ ଥିବା ଅଧିକାଂଶ ସ୍କୁଲରେ ଫର୍ମାଟିଭ ଓ ଇଣ୍ଟରନାଲ ପରୀକ୍ଷା ନ କରି ନମ୍ବର ଦିଆଯାଇଛି। ଏହାଦ୍ୱାରା ମେଧାବୀ ଛାତ୍ରୀଛାତ୍ର ସେମାନଙ୍କ ପ୍ରଜ୍ଞା ପ୍ରଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଏହା ଏକ ଲଜ୍ଜାଜନକ ହାସ୍ୟାସ୍ପଦ ପରିସ୍ଥିତି। ବୁଦ୍ଧିଜୀବୀ, ଅଭିଭାବକ ଏବଂ ଅନ୍ୟ ସାମାଜିକ ଅନୁଷ୍ଠାନ କିପରି ଏହାକୁ ବିରୋଧ କଲେ ନାହିଁ ତାହା ମୋତେ ଆଶ୍ଚର୍ଯ୍ୟ କରୁଛି। ମୁଁ ଆରମ୍ଭରୁ ଏପରି ମୂଲ୍ୟାୟନ ପଦ୍ଧତିକୁ ବିରୋଧ କରି ଆସିଛି। ଓଡ଼ିଶାରେ ଏଭଳି କେବେ ହୋଇ ନ ଥିଲା। ସାହିତ୍ୟ ହେଉ ବା ଅନ୍ୟ କୌଣସି ବିଷୟ ୧୦୦ରୁ ୧୦୦ ନମ୍ବର ଆଣିବା ସହଜ କଥା ନୁହେଁ। ଏଭଳି ମୂଲ୍ୟାଙ୍କନ ହେଲେ ପାଠର କିଛି ମୂଲ୍ୟ ରହିବ ନାହିଁ। ☞ପୃଷ୍ଠା-୪

# ଚାଓମିନ ଫ୍ୟାକ୍ଟ୍ରିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

**ଆର.ଉଦୟଗିରି/ପାରଳାଖେମୁଣ୍ଡି, ୭।୭(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ଥାନା ଠାରୁ ଅଳ୍ପଦୂର ଢେପସାହି ନାରାୟଣନଗରରେ ଥିବା ଏକ ଚାଓମିନ ଫ୍ୟାକ୍ଟ୍ରିରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ୟାସ ଲିକ୍‌ରୁ ଶ୍ୱାସରୁଦ୍ଧ ଫ୍ୟାକ୍ଟ୍ରିରେ ଶୋଇଥିବା ୩ ଜଣଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ମୋହନା ଥାନା ଅନ୍ତର୍ଗତ କାମ୍ପଗୁଡା ଗ୍ରାମର ସୁନିଲ ଦଳେଇ, ପ୍ରଭାକର ଦଳେଇ ଓ ଗଞ୍ଜାମ ଜିଲା ନିମଖଣ୍ଡି ଗ୍ରାମର ଅରୁଣ ସାହୁ। ଗୁରୁବାର ସକାଳେ ପୋଲିସ ମୃତଦେହ ଜବତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ସ୍ଥାନୀୟ ତହସିଲଦାର କିଶୋର ଚନ୍ଦ୍ର ଦାସ ଓ ପରେ ଉପଜିଲାପାଳ ମଧ୍ୟ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।

ପ୍ରକାଶ ଯେ, ଢେପସାହି ନାରାୟଣନଗରର ଏକ ଭଡ଼ାଘରେ ପ୍ରାୟ ୨ମାସ ହେଲା ଏହି ଚାଓମିନ ଫ୍ୟାକ୍ଟ୍ରି ଖୋଲିଥିଲା। ସେଠାରେ ସୁନିଲ, ପ୍ରଭାକର ଓ ଅରୁଣ କାମ କରୁଥଲେ। ବୁଧବାର ରାତିରେ କାମସାରି ଏମାନେ ଶୋଇ ପଡ଼ିଥିଲେ। ଗୁରୁବାର ସକାଳ ବହୁ ବିଳମ୍ବ ପର୍ଯ୍ୟନ୍ତ ଫ୍ୟାକ୍ଟ୍ରି କବାଟ ଖୋଲି ନ ଥିଲା। ପଡୋଶୀମାନେ କବାଟ ☞ପୃଷ୍ଠା-୪






ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁବାର ଭର୍ଚୁଆଲ ମାଧ୍ୟମରେ ଶ୍ରୀନଗରରେ 'ଷ୍ଟାଚ୍ୟୁ ଅଫ୍ ପିସ୍' ଅନାବରଣ କରିଛନ୍ତି। ଏଥିସହ ବେଙ୍ଗାଲୁରୁ ସାଉଥ୍ ଏମ୍‌ପି ତେଜସ୍ୱୀ ସୂର୍ଯ୍ୟଙ୍କ ସହଯୋଗରେ ପୁନଃନିର୍ମିତ ହୋଇଥିବା ଏକ ଯାତ୍ରୀ ଭବନକୁ ସେଠାରେ ଉଦ୍‌ଘାଟନ କରିଛନ୍ତି। ସୋନୱାର ଅଞ୍ଚଳରେ ଥିବା ଏକ ମନ୍ଦିର ପରିସରରେ ୪ ଫୁଟ ଉଚ୍ଚତାର ଶ୍ରୀ ରାମାନୁଜଆଚାର୍ଯ୍ୟଙ୍କ ଏହି ପ୍ରତିମୂର୍ତ୍ତି ରହିଛି। ଏହା କେବଳ କଶ୍ମୀର ନୁହେଁ ପୁରା ଦେଶରେ ଶାନ୍ତିର ବାର୍ତ୍ତାବାହକ ହେବ ବୋଲି ଶାହା କହିଛନ୍ତି। ଆସନ୍ତା ବର୍ଷ ଗୁଜରାଟରେ ମଧ୍ୟ ରାମାନୁଜଆଚାର୍ଯ୍ୟଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବୋରିସ୍ ସରକାର: କେଳେଙ୍କାରୀରୁ ପତନ

**ତିନିବର୍ଷ ପୂର୍ବେ ବ୍ରିଟେନରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବୋରିସ୍ ଜନ୍‌ସନଙ୍କ ନେତୃତ୍ୱାଧୀନ କଞ୍ଜରଭେଟିଭ୍ ପାର୍ଟି ବିପୁଳ ବିଜୟ ହାସଲ କରିଥିଲା। ୧୯୮୭ ପରେ ଏହା ଥିଲା ସବୁଠୁ ବଡ଼ ସଫଳତା। କିନ୍ତୁ ଏହି ୩ ବର୍ଷ ମଧ୍ୟରେ କେତେକ ବିବାଦୀୟ ଘଟଣାକୁ ନେଇ ବୋରିସ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଛି। କେଳେଙ୍କାରୀ ବୋଝରେ ନଇଁ ପଡ଼ିଥିବା ବୋରିସ୍ ପାର୍ଟିଗେଟ୍‌ରୁ କ୍ରିଶ ପିଞ୍ଚର ଆଫେୟାର ତାଙ୍କ ସରକାର ପତନର କାରଣ ପାଲଟିଛି।**



## କ୍ରିଶ୍ ପିଞ୍ଚର ଆଫେୟାର

କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି କ୍ରିଶ ପିଞ୍ଚର ୨୦୧୯ରେ ସେ ୨ ଜଣ ପୁରୁଷଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିଥିବା ଅଭିଯୋଗ ହୋଇଥିଲା। ଏହା ସତ୍ତ୍ୱେ ଗତ ଫେବୃୟାରୀରେ ବୋରିସ୍ ତାଙ୍କୁ ଶାସକ ଦଳ ଉପମୁଖ୍ୟ ସଚେତକ ନିଯୁକ୍ତ କରିଥିଲେ। ଇତିମଧ୍ୟରେ ପିଞ୍ଚରଙ୍କ ବିରୋଧରେ ଏଭଳି ଅନେକ ଅଭିଯୋଗ ଆସିଥିଲା। ଡାଉନିଂ ଷ୍ଟ୍ରିଟ୍ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ବୋରିସ୍‌ଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା। ଜୁନ୍ ୨୯ରେ ପିଞ୍ଚର ଜଣେ ବନ୍ଧୁଙ୍କ ପାର୍ଟିକୁ ଯାଇଥିଲେ। ସେଠାରେ ମଧ୍ୟ ତାଙ୍କ ଆଚରଣ ଠିକ୍ ନ ଥିବା ନେଇ ବ୍ରିଟେନର କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପରଦିନ ସେ ଇସ୍ତଫା ଦେଇଥିଲେ। ସେ ଅତ୍ୟଧିକ ମଦ୍ୟପାନ କରି ନିଜକୁ ଆଲିଙ୍ଗନ କରିଥିବା ପିଞ୍ଚର ନିଜ ଇସ୍ତଫାପତ୍ରରେ ସଫେଇ ଦେଇଥିଲେ। ଅନ୍ୟପକ୍ଷେ ପ୍ରଥମେ ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୁହାଯାଇଥିଲା ଯେ, ବୋରିସ୍ ଗତ ଫେବୃୟାରୀରେ ପିଞ୍ଚରଙ୍କୁ ଡେପୁଟି ଚିଫ୍ ହ୍ୱିପ୍ ପଦରେ ନିଯୁକ୍ତି ଦେବାବେଳେ 'ନିର୍ଦ୍ଦିଷ୍ଟ ଅଭିଯୋଗ' ସମ୍ପର୍କରେ ଅବଗତ ନ ଥିଲେ। ହେଲେ ପିଞ୍ଚରଙ୍କୁ ଡେପୁଟି ଚିଫ୍ ହ୍ୱିପ୍ କରିବା ଏକ ଭୁଲ ନିଷ୍ପତ୍ତି ଥିଲା ବୋଲି ବୋରିସ୍ ପରେ ଏକ ସାକ୍ଷାତକାରରେ ସ୍ୱୀକାର କରିଥିଲେ। ବୋରିସ୍ ପିଞ୍ଚରଙ୍କୁ ନିଯୁକ୍ତ କରିଥିବାରୁ କ୍ଷମା ମାଗିଥିଲେ। ବୋରିସ୍‌ଙ୍କ ଅସାମର୍ଥ୍ୟର ସ୍ୱୀକାରୋକ୍ତି ଅସନ୍ତୁଷ୍ଟ ଟୋରି ଏମ୍‌ପି ଏବଂ ମନ୍ତ୍ରୀମାନଙ୍କ ପାଇଁ ବିଦ୍ରୋହର ସୁଯୋଗ ଆଣିଦେଲା। ପିଞ୍ଚରଙ୍କ ବିରୋଧରେ ବଢ଼ିଚାଲିଥିବା ଅଭିଯୋଗର ତାଲିକା ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଶାସନର ଅନ୍ତ ଘଟାଇଛି।

## ପାର୍ଟିଗେଟ୍

ଗତ ଏପ୍ରିଲରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କୁ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଜରିମାନା କରାଯାଇଥିଲା। ଅଭିଯୋଗ ହେଲା, ୨୦୨୦ ଜୁନ୍‌ରେ ବୋରିସ୍ ନିଜ ଜନ୍ମଦିନ ପାଳନ ବେଳେ ଗହଳି କରିଥିଲେ। ସେହିପରି ପ୍ରଥମ ଲକ୍‌ଡାଉନ ବେଳେ ମଧ୍ୟ ଡାଉନିଂ ଷ୍ଟ୍ରିଟ୍ ଗାର୍ଡେନରେ ଏକ ପାର୍ଟି କରିବା ଅଭିଯୋଗ ଆସିଥିଲା। ସେଥିପାଇଁ ବୋରିସ୍ କ୍ଷମା ମାଗିଥିଲେ। ଗତ ଡିସେମ୍ବରରେ ବୋରିସ୍ କହିଥିଲେ, ସବୁକିଛି ନିୟମ ଅନୁସାରେ ହୋଇଥିଲା। ସେ ପାର୍ଲାମେଣ୍ଟକୁ ମିଛ କହି ବିଭ୍ରାନ୍ତ କରିଥିବାରୁ ହାଉସ୍ ଅଫ୍ କମନ୍ସର ଏକ କମିଟି ଏହାର ତଦନ୍ତ କରୁଛି।




## ଦରଦାମ୍ ବୃଦ୍ଧି

୨୦୨୨ରେ ବ୍ରିଟେନରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୯.୧% ରହିଛି। ଏହାର କାରଣଗୁଡ଼ିକ ମଧ୍ୟରୁ ଅନେକ ବୋରିସ୍‌ଙ୍କ ନିୟନ୍ତ୍ରଣ ବାହାରେ। ଯେପରି କି ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ତୈଳ ଦର ବୃଦ୍ଧି ପାଇବା ସହ ଖାଦ୍ୟ ମଧ୍ୟ ମହଙ୍ଗା ହୋଇଛି। ଏହାକୁ ରୋକିବା ପାଇଁ ସରକାର କେତେକ ପଦକ୍ଷେପ ନେଇଥିଲେ ସୁଦ୍ଧା ମୂଲ୍ୟବୃଦ୍ଧି ଉପରେ ଅଙ୍କୁଶ ଲଗାଇପାରି ନାହାନ୍ତି।

## ଓ୍ୱେନ୍ ପିଟରସନ୍ ବିବାଦ

୨୦୨୧ ଅକ୍ଟୋବରରେ ହାଉସ୍ ଅଫ୍ କମନ୍ସର ଏକ କମିଟି କଞ୍ଜରଭେଟିଭ୍ ପାର୍ଟିର ତତ୍କାଳୀନ ଏମ୍‌ପି ଓ୍ୱେନ୍ ପିଟରସନ୍‌ଙ୍କୁ ୩୦ ଦିନ ପାଇଁ ନିଲମ୍ବନ କରିବାକୁ ସୁପାରିସ କରିଥିଲା। କମିଟିର ଅଭିଯୋଗ ହେଲା, ତାଙ୍କୁ ଫାଇଦା ଦେଇଥିବା କମ୍ପାନୀଗୁଡ଼ିକ ପାଇଁ ଲବି କରି ନିୟମ ଭଙ୍ଗ କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଶାସକ ଦଳ ନୂଆ କମିଟି ଗଢ଼ି ତାଙ୍କ ନିଲମ୍ବନକୁ ଅଟକାଇଦେଇଥିଲା। ବିବାଦ ପରେ ପିଟରସନ୍ ଇସ୍ତଫା ଦେଇଥିଲେ। ପରେ ବୋରିସ୍ ଏହି ମାମଲାକୁ ବାଟବଣା କରିଦେଇଥିବା ବିଷୟ ସ୍ୱୀକାର କରିଥିଲେ।

## ଦୂରଦୃଷ୍ଟିର ଅଭାବ

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ୍ ଅଲଗା ହେବା ପ୍ରକ୍ରିୟା 'ବ୍ରେକ୍‌ଜିଟ୍' ନୀତି ଅନୁସରଣ ପୃଷ୍ଠଭୂମିରେ ସ୍ପଷ୍ଟ ଜନାଦେଶ ପାଇ ବୋରିସ୍ କ୍ଷମତାସୀନ ହୋଇଥିଲେ। କିନ୍ତୁ କୌଣସି ପ୍ରସଙ୍ଗ ଉପରେ ଡାଉନିଂ ଷ୍ଟ୍ରିଟ୍‌ର ସ୍ପଷ୍ଟ ଧାରଣା ନ ଥିବା ସମାଲୋଚକମାନେ ଅଭିଯୋଗ ଆଣିବାରେ ଲାଗିଛନ୍ତି। ବୋରିସ୍ ଏକ ନିୟନ୍ତ୍ରଣ ବାହାର ଶପିଂ ଟ୍ରଲି, ଯିଏକି ସବୁବେଳେ ଆଭିମୁଖ୍ୟ ବଦଳାଉଛନ୍ତି ବୋଲି ତାଙ୍କର ପୂର୍ବତନ ପରାମର୍ଶଦାତାରୁ ସମାଲୋଚକ ପାଲଟିଥିବା ଡୋମିନିକ୍ କମିଙ୍ଗ୍‌ସ ଅଭିଯୋଗ ଆଣନ୍ତି। ଶାସକ ଦଳର ଏମ୍‌ପିମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିହୀନ ବିଚାରଧାରାକୁ ନାପସନ୍ଦ କରନ୍ତି।

### ବୋରିସ୍ କହିଲେ

- ରାଜନୀତିରେ କେହି ଅପରିହାର୍ଯ୍ୟ ନୁହନ୍ତି। ମୁଁ ସଫଳ ହୋଇପାରିନି। ଏଥିପାଇଁ ଅନୁତପ୍ତ।
- ବିଶ୍ୱର ସବୁଠୁ ବଡ଼ ପଦ ଛାଡୁଥିବାରୁ ମୁଁ ଦୁଃଖିତ।
- ସଂସଦୀୟ କଞ୍ଜରଭେଟିଭ୍ ପାର୍ଟି କ'ଣ ଚାହୁଁଛି ତାହା ସ୍ପଷ୍ଟ ହୋଇସାରିଛି। ଶାସକ ଦଳ ଏକ ନୂଆ ନେତା ଖୋଜୁଛି, ଯିଏକି ପ୍ରଧାନମନ୍ତ୍ରୀ ହେବେ।
- ନୂଆ ନେତାଙ୍କୁ ପୂର୍ଣ୍ଣ ସମର୍ଥନ ଦେବି ଓ ପ୍ରଧାନମନ୍ତ୍ରୀ ବଛାଯିବା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବି।
- ୟୁକ୍ରେନ୍‌କୁ ସମର୍ଥନ ଜାରି ରଖିବି।

### ଋଷି ସୁନକ: କିଛି ତଥ୍ୟ

**ଋଷି ସୁନକ ଅର୍ଥମନ୍ତ୍ରୀ ପଦ ଛାଡ଼ିବା ପରେ କ୍ୟାବିନେଟର ଅନ୍ୟ ସଦସ୍ୟମାନଙ୍କ ଇସ୍ତଫାର ସୁଅ ଛୁଟିବାରେ ଲାଗିଛି। ଋଷି ସୁନକ ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଦୌଡ଼ରେ ଆଗୁଆ ଥିବା କୁହାଯାଉଛି। ଯଦି ଏପରି ହୁଏ ତେବେ ଋଷି ହେବେ ପ୍ରଥମ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ।**



- ୪୨ ବର୍ଷୀୟ ଋଷି ସୁନକଙ୍କୁ ୨୦୨୦ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ କରିଥିଲେ।
- କରୋନା ମହାମାରୀ ସମୟରେ ଅର୍ଥନୀତି ଦୁର୍ବଳ ହୋଇଯାଇଥିଲା। ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଥିବାରୁ ବ୍ୟବସାୟୀ ଓ ଶ୍ରମିକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ଋଷି ବହୁ କୋଟି ବିଲିୟନ୍ ପାଉଣ୍ଡର ପ୍ୟାକେଜ୍ ଘୋଷଣା କରିଥିଲା। ଏହା ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା।
- ଋଷିଙ୍କ ଡାକ ନାଁ ହେଉଛି 'ଡିଶି'। ସେ ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ। ସ୍ତ୍ରୀ ଅକ୍ଷତା ମୂର୍ତ୍ତିଙ୍କ ଟିକସ ବିବାଦ, ଦରଦାମ୍ ବୃଦ୍ଧି ଓ ଆମେରିକା ଗ୍ରୀନ୍‌କାର୍ଡ ଭଳି ପ୍ରସଙ୍ଗରେ ଋଷି ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲେ।
- ଡାଉନିଂ ଷ୍ଟ୍ରିଟ୍‌ରେ ଆୟୋଜିତ ପାର୍ଟିରେ ଯୋଗଦେଇ କୋଭିଡ୍ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଋଷି ମଧ୍ୟ ଜରିମାନା ଦେଇଥିଲେ।
- ଋଷିଙ୍କ ଜେଜେବାପା ପଞ୍ଜାବରୁ ବ୍ରିଟେନକୁ ଯାଇ ବସବାସ କରିଥିଲେ। ଋଷି ଓ ଅକ୍ଷତା କାଲିଫର୍ନିଆରେ ପାଠ ପଢୁଥିବାବେଳେ ପରସ୍ପରକୁ ଭେଟିଥିଲେ। ଏହି ଦମ୍ପତିଙ୍କର ଦୁଇଜଣ ଝିଅ ଅଛନ୍ତି।

## ସଂକ୍ଷେପରେ

### ଭୁଲ୍ ସୁଧାରିହେବ: ମମତା

**କୋଲକାତା, ୭।୭:** ତୃଣମୂଳ କଂଗ୍ରେସ (ଏମ୍‌ପି) ମହୁଆ ମୋଇତ୍ରା ହିନ୍ଦୁ ଦେବୀ କାଳୀଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଲାଗିରହିଥିବାବେଳେ ଭୁଲକୁ ସୁଧାରିହେବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଟିଏମ୍‌ସି ଅଧକ୍ଷା ମମତା ମହୁଆଙ୍କ ନାଁ ନ ନେଇ କହିଥିଲେ, କାମବେଳେ ଲୋକେ ଭୁଲ୍ କରନ୍ତି। କିନ୍ତୁ ସେମାନେ ତାହାକୁ ସୁଧାରିପାରିବେ। କେତେକ ଲୋକ ଭଲ କାର୍ଯ୍ୟକୁ ଆଦୌ ନ ଦେଖି ଚିତ୍କାର କରିବାରେ ଲାଗନ୍ତି। ଏଥିଯୋଗୁ ଆମ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ଆସ ଆମେ ସକାରାତ୍ମକ କଥା ଚିନ୍ତା କରିବା। 'କାଳୀ ଜଣେ ମାଂସଖିଆ ଏବଂ ମଦ ଗ୍ରହଣ କରୁଥିବା ଦେବୀ' ମନ୍ତବ୍ୟ ଯୋଗୁ ମହୁଆଙ୍କ ପାଇଁ ଅଡୁଆ ବଢୁଥିବାବେଳେ ଟିଏମ୍‌ସି ଏଭଳି ମନ୍ତବ୍ୟକୁ ସମର୍ଥନ କରେ ନାହିଁ ବୋଲି କହି ତାଙ୍କଠାରୁ ଦୂରେଇ ରହିଥିଲା।

### ରାଜ ବବରଙ୍କୁ ୨ ବର୍ଷ ଜେଲ



**ଲକ୍ଷ୍ନୌ, ୭।୭:** ବଲିଉଡ୍ ଅଭିନେତା ତଥା କଂଗ୍ରେସ ନେତା ରାଜ ବବର ୧୯୯୬ରେ ଜଣେ ନିର୍ବାଚନ ଅଧିକାରୀଙ୍କୁ ଆକ୍ରମଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉତ୍ତରପ୍ରଦେଶର ଏକ ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଏହାର ଶୁଣାଣି କରି ଗୁରୁବାର ତାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କ ଉପରେ ୮,୫୦୦ ଟଙ୍କା ଜରିମାନା ହୋଇଛି। ୧୯୯୬ ମେ ୨ରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀ ୱାଜିରଗଞ୍ଜ ଥାନାରେ ରାଜଙ୍କ ବିରୋଧରେ ଏତଲା ଦେବା ପରେ ମାମଲା ରୁଜୁ ହୋଇଥିଲା। ୧୯୯୬ରେ ସମାଜବାଦୀ ପାର୍ଟିରେ ଥିବାବେଳେ ରାଜ ବବର ଲକ୍ଷ୍ନୌରୁ ଲୋକ ସଭା ନିର୍ବାଚନ ଲଢୁଥିଲେ। ସେତେବେଳେ ନିର୍ବାଚନ ଅଧିକାରୀଙ୍କ ସହ ତାଙ୍କ ବଚସା ପରେ ଗଣ୍ଡଗୋଳର ରୂପ ନେଇଥିଲା। ଦଣ୍ଡାଦେଶବେଳେ ରାଜ କୋର୍ଟରେ ଉପସ୍ଥିତ ଥିଲେ।

### ସୁପ୍ରିମକୋର୍ଟରେ ଜୁବୈରଙ୍କ ଆବେଦନର ଶୁଣାଣି ଆଜି

**ନୂଆଦିଲ୍ଲୀ, ୭।୭:** ଧର୍ମୀୟ ଭାବନାକୁ ଆଘାତ ଦେବା ଅଭିଯୋଗରେ ଗିରଫ ହୋଇଥିବା ଅଲ୍ଟ ନ୍ୟୁଜ ସହପ୍ରତିଷ୍ଠାତା ମହମ୍ମଦ ଜୁବୈର ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉତ୍ତରପ୍ରଦେଶ ପୋଲିସ ତାଙ୍କ ନାଁରେ କରିଥିବା ମାମଲା ହଟାଇବା ଏବଂ ଜାମିନ ଦେବା ପାଇଁ ଆଲ୍ଲାହାବାଦ୍ ହାଇକୋର୍ଟ ମନା କରିଦେବା ପରେ ଜୁବୈର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ଜେ. କେ. ମାହେଶ୍ୱରୀଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଜୁବୈରଙ୍କ ଆବେଦନ ଉପରେ ଶୁକ୍ରବାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଜୁବୈରଙ୍କ ଜୀବନ ପ୍ରତି ବିପଦ ଥିବା ଏବଂ ତାଙ୍କୁ ହତ୍ୟା ଧମକ ମିଳୁଥିବାରୁ ମାମଲାର ତ୍ୱରିତ ଶୁଣାଣି ପାଇଁ ତାଙ୍କ ଓକିଲ କୋଲିନ୍ ଗୋନ୍‌ସାଲଭେସ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ।

# ଶିକ୍ଷାକୁ ଆଧୁନିକ ବିଚାର ସହ ଯୋଡ଼: ମୋଦି

**ବାରାଣସୀ, ୭।୭:** ଶିକ୍ଷାକୁ ଏକବିଂଶ ଶତାବ୍ଦୀର ଆଧୁନିକ ବିଚାର ସହ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉତ୍ତରପ୍ରଦେଶର ବାରାଣସୀରେ ଆୟୋଜିତ ୩ ଦିନିଆ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉଦ୍‌ଘାଟନ ଅବସରରେ ଆହ୍ୱାନ ଦେଇଛନ୍ତି। ଶିକ୍ଷାକୁ ସଂକୀର୍ଣ୍ଣ ଚିନ୍ତାଧାରାରୁ ବାହାର କରି ଭବିଷ୍ୟତର ବିଚାର ସହ ଏକୀକୃତ କରିବା ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)ର ମୂଳ ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେ କେବଳ ଡିଗ୍ରୀଧାରୀ ନୁହେଁ ବରଂ ମାନବସମ୍ବଳ ବିକାଶ କରିବା ଉଚିତ। ଏହା ଦ୍ୱାରା ଭବିଷ୍ୟତର ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଦେଶ ପ୍ରସ୍ତୁତ ହୋଇପାରିବ। ଭାରତ ଖୁବ୍‌ଶୀଘ୍ର ଶିକ୍ଷାର ବୈଶ୍ୱିକ କେନ୍ଦ୍ର ହେବାକୁ ଯାଉଛି। ଏଥିପାଇଁ ଆମେ ବିଶ୍ୱସ୍ତରୀୟ ଅନୁଷ୍ଠାନ ସୃଷ୍ଟି କରୁଛୁ ଯାହା ଯୁବକମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଜାତୀୟ ଶିକ୍ଷାନୀତି କେବଳ ଫାଇଲରେ ଆଉ ଏକ ଦସ୍ତାବିଜ୍ ନୁହେଁ ବରଂ ଆମ ଶିକ୍ଷା ବ୍ୟବସ୍ଥାକୁ ନୂତନ ମାର୍ଗଦର୍ଶନ ଦେବା ଦିଗରେ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୋଦି କହିଥିଲେ।

# ଖାଦିମ୍‌ଙ୍କୁ ଖସିବା ବାଟ ବତାଇଥିଲେ ଡିଏସ୍‌ପି

**ଅଜମେର, ୭।୭:** ପ୍ରଫେଟ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କୁ ନେଇ ଦିନକୁ ଦିନ ନୂଆ ନୂଆ ବିବାଦ ବଢ଼ିଚାଲିଛି। ରାଜସ୍ଥାନର ଅଜମେର ଦରଘା ଖାଦିମ ସଲମାନ ଚିସ୍ତି ନିକଟରେ ନୂପୁରଙ୍କ ମୁଣ୍ଡକାଟ୍ କଲେ ତାଙ୍କ ଘର ଦାନ କରିଦେବେ ବୋଲି ଘୋଷଣା କରିଥିଲେ। ପୋଲିସ ଚିସ୍ତିଙ୍କୁ ଗିରଫ କରିବା ପରେ ହାଜତରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ଏକ ଭିଡିଓ ବହୁଳ ପ୍ରସାରିତ ହୋଇଛି। ଏହା ଉପରେ ଏବେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଚିସ୍ତିଙ୍କୁ ସ୍ଥାନୀୟ ଡିଏସ୍‌ପି ସନ୍ଦୀପ ସାରସ୍ୱତ ଖସିଯିବା ପାଇଁ ଉପାୟ ବତାଇଥିଲେ। ମୁଁ ଅତ୍ୟଧିକ ମଦ୍ୟପାନ କରି ନୂପୁରଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ଦେଇଥିଲି ବୋଲି କହିବାକୁ ଡିଏସ୍‌ପି ତାଙ୍କୁ କହିଥିବା ଭିଡିଓରେ ଦେଖିବାକୁ ମିଳିଛି। ଡିଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଏପିଓ(ନିଯୁକ୍ତି ଆଦେଶକୁ ଅପେକ୍ଷାରତ) ତାଲିକାରେ ରଖାଯାଇଛି।

# ନାବାଳକଙ୍କ ଅଭିଭାବିକା ହୋଇପାରିବେନି ମୁସଲମାନ ମା'

**କୋଚି, ୭।୭**

### କେରଳ ହାଇକୋର୍ଟ ରାୟ




ଜଣେ ମୁସଲମାନ ମହିଳା ତାଙ୍କ ନାବାଳକ/ନାବାଳିକା ପିଲାଙ୍କ ଅଭିଭାବିକା ହୋଇପାରିବେ ନାହିଁ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଅନୁରୂପ ମାମଲାଗୁଡ଼ିକରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଆଧାରରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ପି. ବି. ସୁରେଶ କୁମାର ଏବଂ ଜଷ୍ଟିସ୍ ସି. ଏସ୍. ସୁଧାଙ୍କୁ ନେଇ ଗଠିତ ଡିଭିଜନ୍ ବେଞ୍ଚ୍ ଏହି ଟିପ୍ପଣୀ ଦେଇଛନ୍ତି। ମୁସ୍‌ଲିମ ପର୍ସନାଲ ଆଇନରେ ମଧ୍ୟ ମୁସଲମାନ ମହିଳାମାନେ ସେମାନଙ୍କ ନାବାଳକ ସନ୍ତାନଙ୍କ ଗାର୍ଡିଆନ ହୋଇପାରିବେନି ବୋଲି ଥିବା ନିୟମ ଅନୁଚ୍ଛେଦ ୧୪ ଓ ୧୫ର ଉଲ୍ଲଂଘନ କରୁଥିଲେ ହେଁ ସର୍ବୋଚ୍ଚ ଅଦାଲତଙ୍କ କେତେକ ପୂର୍ବରାୟ ସହ ହାଇକୋର୍ଟ ବନ୍ଧା ବୋଲି ଖଣ୍ଡପୀଠ କହିଛନ୍ତି। କୋଝିକୋଡେର ସି. ଅବଦୁଲ୍ ଅଜିଜ୍‌ଙ୍କ ସମେତ ଅନ୍ୟ କେତେଜଣଙ୍କ ପିଟିଶନରେ ଜଣେ ମହିଳାଙ୍କୁ ତାଙ୍କ ନାବାଳକ ସନ୍ତାନଙ୍କ ଅଭିଭାବିକା ଦର୍ଶାଇଯାଇଥିବାବେଳେ ହାଇକୋର୍ଟ ଏହାର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯଦି ଉତ୍ତରାଧିକାରୀ ଏବଂ ଧର୍ମନିରପେକ୍ଷ ପ୍ରସଙ୍ଗଗୁଡ଼ିକର ଧର୍ମ ସହିତ କୌଣସି ସମ୍ପର୍କ ନାହିଁ ତେବେ ଅଭିଭାବକତ୍ୱ ମାମଲାରେ ମଧ୍ୟ ସମାନ ଆଭିମୁଖ୍ୟ ରହିବ।

# ବିବାହ ବନ୍ଧନରେ ପଞ୍ଜାବ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୭।୭:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍(୪୮) ଗୁରୁବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ଚଣ୍ଡୀଗଡ଼ରେ ତାଙ୍କର ଡାକ୍ତର ବାନ୍ଧବୀ ଗୁରୁପ୍ରୀତ କୌରଙ୍କ ହାତ ଧରିଛନ୍ତି। ନିରାଡ଼ମ୍ବର ଭାବେ ଆୟୋଜିତ ଏହି ବିବାହ ଉତ୍ସବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଏଏପି ଏମ୍‌ପି ରାଘବ ଚଢ଼ାଙ୍କ ସମେତ ଘନିଷ୍ଠ ସମ୍ପର୍କୀୟମାନେ ଯୋଗଦେଇଥିଲେ। ବିଶେଷକରି କେଜ୍‌ରିୱାଲ ବ୍ୟକ୍ତିଗତ ଭାବେ ସବୁକଥା ବୁଝାବୁଝି କରିଥିଲେ। ରାଘବ ଚଢ଼ା ଭଗଓ୍ୱନ୍ତଙ୍କୁ ବଡ଼ଭାଇ ସମ୍ବୋଧନ କରି ନବଦମ୍ପତିଙ୍କ ବାହାଘର ଫଟୋ ଶେୟାର କରିଛନ୍ତି। ୩୨ ବର୍ଷୀୟା ଗୁରୁପ୍ରୀତ ଏବଂ ଆମ୍ ଆଦ୍‌ମୀ ପାର୍ଟି ନେତା ଭଗଓ୍ୱନ୍ତ ପରସ୍ପରକୁ ପୂର୍ବରୁ ଜାଣିଥିଲେ। ଭଗଓ୍ୱନ୍ତ ପୂର୍ବରୁ ବିବାହ କରିଥିଲେ। ଭଗଓ୍ୱନ୍ତଙ୍କ ପୂର୍ବ ସ୍ତ୍ରୀ ଦୁଇପିଲାଙ୍କୁ ଧରି ଆମେରିକାରେ ରହୁଛନ୍ତି। ଝିଅ ଓ ପୁଅ ମାର୍ଚ୍ଚ ୧୬ରେ ବାପା ଭଗଓ୍ୱନ୍ତଙ୍କ ଶପଥ ଗ୍ରହଣ ଉତ୍ସବକୁ ଆସିଥିଲେ।



ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ସିଂ ମାନ୍(୪୮) ଗୁରୁବାର ଡା. ଗୁରପ୍ରୀତ କୌରଙ୍କୁ ବିବାହ କରିଛନ୍ତି। ଚଣ୍ଡିଗଡ଼ରେ ଆୟୋଜିତ ଏହି ମାଙ୍ଗଳିକ କାର୍ଯ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ପ୍ରାୟ ୪୦ ଜଣ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ମସ୍କଙ୍କ ଯାଆଁଳା ଶିଶୁଙ୍କୁ ଜନ୍ମଦେଇଛନ୍ତି କାର୍ଯ୍ୟନିର୍ବାହୀ



ଶିଭୋନ୍ ଜିଲିସ୍

**ୱାଶିଂଟନ୍, ୭।୭**

ଟେସ୍‌ଲା ମାଲିକ ଏଲନ୍ ମସ୍କ(୫୧) ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମସ୍କ ପୂର୍ବରୁ ୭ ସନ୍ତାନଙ୍କ ବାପା ବୋଲି ଜଣାପଡ଼ିଥିବାବେଳେ ଏବେ ତାଙ୍କ ଆଉ ଦୁଇ ଶିଶୁ ରହିଥିବା ଖବର ସାମ୍ନାକୁ ଆସିଛି। ମସ୍କଙ୍କ ବ୍ରେନ୍-ଚିପ୍ ଷ୍ଟାର୍ଟଅପ୍ ନ୍ୟୁରାଲିଙ୍କ୍‌ର ଜଣେ ଟପ୍ ଏକ୍‌ଜିକ୍ୟୁଟିଭ୍ ଶିଭୋନ୍ ଜିଲିସ୍(୩୬) ୨୦୨୧ ନଭେମ୍ବରରେ ଦୁଇ ଯାଆଁଳା ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଏହି ଶିଶୁଙ୍କ ବାପା ଏଲନ୍ ମସ୍କ ବୋଲି ଜଣାପଡ଼ିଛି। ଗତ ଏପ୍ରିଲରେ ମସ୍କ ଏବଂ ଜିଲିସ୍ ଟେକ୍ସାସ୍ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏହି ପିଲାଙ୍କ ନାମ ଶେଷରେ ପିତା ମସ୍କଙ୍କ ନାଁ ଏବଂ ନାଁ ମଝିରେ ମା' ଜିଲିସ୍ ନାମ ରଖିବା ପାଇଁ ଏଥିରେ ଦର୍ଶାଇଥିଲେ। ଗତ ମେ'ରେ ଏହି ପିଟିଶନକୁ ମଞ୍ଜୁରୀ ମିଳିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଜିଲିସ୍‌ଙ୍କଠାରୁ ୨ ଶିଶୁ ପୂର୍ବରୁ ମସ୍କଙ୍କ ୭ ସନ୍ତାନ ରହିଛନ୍ତି। ଜିଲିସ୍‌ଙ୍କ ଲିଙ୍କେଡିନ୍ ପ୍ରୋଫାଇଲ ଅନୁସାରେ ସେ ନ୍ୟୁରାଲିଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ୨୦୧୭ ମେ'ରୁ ସେ ଏହି କମ୍ପାନୀରେ ଯୋଗ ଦେଇଥିଲେ। ଏଥିସହ ଟେସ୍‌ଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଏକ ପ୍ରୋଜେକ୍ଟର ନିର୍ଦ୍ଦେଶକ ଭାବେ ମଧ୍ୟ ସେ କାମ କରିଛନ୍ତି।

# ଡେଙ୍ଗୁ ରୋକିବ ବିକଶିତ ମଶା

**ନୂଆଦିଲ୍ଲୀ, ୭।୭**

ଡେଙ୍ଗୁ ରୋକିବ ମଶା। ମଶା ଯୋଗୁ ବ୍ୟାପୁଥିବା ଏହି ରୋଗକୁ ନିୟନ୍ତ୍ରଣ ପାଇଁ ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଏବଂ ଭେକ୍ଟର କଣ୍ଟ୍ରୋଲ ରିସର୍ଚ୍ଚ ସେଣ୍ଟର (ଭିସିଆର୍‌ସି) ପକ୍ଷରୁ ଏପରି ମଶା ବିକଶିତ କରାଯାଇଛି, ଯାହା ଡେଙ୍ଗୁ ଷ୍ଟ୍ରେନ୍‌କୁ ରୋକିପାରିବ। ଆଇସିଏମ୍‌ଆର୍-ଭିସିଆର୍‌ସି ପୁଡୁଚେରୀ ପକ୍ଷରୁ ବିକଶିତ ହୋଇଥିବା ଏହି ମଶାକୁ ବ୍ୟାକ୍ଟେରିଆ ବା ଜୀବାଣୁ ଦ୍ୱାରା ସଂକ୍ରମିତ କରାଯାଇଛି। ଏହି ମଶା ଡେଙ୍ଗୁ ସହ ଚିକୁନଗୁନିଆ ରୋକିବାରେ ମଧ୍ୟ ସହାୟକ ହେବ ବୋଲି ଏହି ସଂସ୍ଥାର ଗବେଷକ କହିଛନ୍ତି।

ଡେଙ୍ଗୁ ଜ୍ୱରର ବାହକ ଏଡିସ୍ ମଶା ବା ଏଡିସ୍ ଏଜିପ୍ଟି ସହ ଡବ୍ଲ୍ୟୁ-ଏମ୍‌ଇଏଲ୍ ଏବଂ ଡବ୍ଲ୍ୟୁ-ଏଏଲ୍‌ବି ୱଲବାଚିଆ ଷ୍ଟ୍ରେନ୍‌କୁ ସଂକ୍ରମିତ କରାଯାଇଛି। ଏ. ଏଜିପ୍ଟି (ପଡ୍) ଭୂତାଣୁଜନିତ ଡେଙ୍ଗୁ ସଂକ୍ରମଣ ରୋକି ପାରିବ ବୋଲି କୁହାଯାଇଛି। ଭିସିଆର୍‌ସି ୪ ବର୍ଷ ଧରି ୱଲବାଚିଆ ମଶା ଉପରେ ଗବେଷଣା କରିଆସୁଛନ୍ତି। ଏହା ଏକ ପ୍ରକାର ବ୍ୟାକ୍ଟେରିଆ ଯାହା କି ପ୍ରାୟ ୬୦%ରୁ ଊର୍ଦ୍ଧ୍ୱ ପ୍ରକାରର କୀଟପତଙ୍ଗଙ୍କଠାରେ ମିଳେ। ଆଇସିଏମ୍‌ଆର୍-ଭିସିଆର୍‌ସି ନିର୍ଦ୍ଦେଶକ ଡା. ଅଶ୍ୱିନୀ କୁମାରଙ୍କ କହିବା ଅନୁସାରେ, ଏହି ବ୍ୟାକ୍ଟେରିଆ ମଶା ପ୍ରାୟ ସମସ୍ତ କୋଷିକାରେ ପ୍ରବେଶ କରି ସେଠାରେ ବଂଶବିସ୍ତାର କରିପାରିବ। ଏହି ଜୀବାଣୁର ଉପସ୍ଥିତିରେ ଡେଙ୍ଗୁ ଭୂତାଣୁ ଅଧିକ ସଂକ୍ରାମକ ହେବାରେ ସକ୍ଷମ ହେବ ନାହିଁ। ଗବେଷଣା ପାଇଁ ଅଷ୍ଟ୍ରେଲିଆର ମୋନାଶ ୟୁନିଭର୍ସିଟିରୁ ୱଲବାଚିଆ ଜୀବାଣୁର ଦୁଇ ପ୍ରକାର ଷ୍ଟ୍ରେନ୍ ଡବ୍ଲ୍ୟୁ-ଏମ୍‌ଇଏଲ୍ ଏବଂ ଡବ୍ଲ୍ୟୁ-ଏଏଲ୍‌ବିର ପ୍ରାୟ ୧୦ ହଜାର ଅଣ୍ଡା ଆସିଥିଲା। ଭାରତ ସରକାରଙ୍କ ମଞ୍ଜୁରୀ ମିଳିବା ପରେ ଡେଙ୍ଗୁ ଷ୍ଟ୍ରେନ୍ ସହ



ଏହି ଜୀବାଣକୁ ସଂକ୍ରମିତ କରାଯାଇଥିଲା। ବିକଶିତ ମାଇ ମଶାଗୁଡ଼ିକୁ ଡେଙ୍ଗୁ ପ୍ରବଣ ସ୍ଥାନଗୁଡ଼ିକରେ ଛଡ଼ାଯିବ। ପରେ ଡେଙ୍ଗୁ ମଶା ସହ ବିକଶିତ ମଶା ନିଜ ବଂଶ ବିସ୍ତାର କରିବାରେ ଲାଗିବେ। ଏପରି ହେବା ଦ୍ୱାରା ଧୀରେ ଧୀରେ ଡେଙ୍ଗୁ ଓ ଚିକୁନଗୁନିଆ ଷ୍ଟ୍ରେନ୍ ଥିବା ମଶା ଲୋପ ପାଇବେ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଡେଙ୍ଗୁ ବ୍ୟାପିବା ଆଶଙ୍କା ଯଥେଷ୍ଟ କମିପାରିବ ବୋଲି ସେ କହିଛନ୍ତି। ଲାବରେଟୋରିରେ ୱଲବାଚିଆ ବ୍ୟାକ୍ଟେରିଆ ଅଣ୍ଡା ଏବଂ ମଶା ମହଜୁଦ ରହିଛି। ସରକାରଙ୍କଠାରୁ ଅନୁମତି ମିଳିବା ପରେ ଏହାକୁ ପ୍ରାକ୍ଟିକାଲ ଭାବେ କାର୍ଯ୍ୟକ୍ଷମ କରାଯିବ ବୋଲି ଡା. ଅଶ୍ୱିନୀ କୁମାର ପ୍ରକାଶ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୭୯,୬୨,୪୬୫ | ୬୩,୬୭,୫୭୮ | ୫୩,୧୭,୫୭,୯୫୮ |
| ଭାରତ | ୪,୩୫,୬୮,୮୮୪ | ୫,୨୫,୩୦୫ | ୪,୨୯,୨୧,୯୭୭ |
| ଓଡ଼ିଶା | ୧୨,୯୧,୯୪୬ | ୯୧୨୬(+୫୩) | ୧୨,୮୦,୭୫୦ |

ଗୁରୁବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କେନ୍ଦ୍ରାପଡ଼ା ଜିଲାରେ ୪,୨୮୬ ଶିଶୁ ଅପପୁଷ୍ଟିର ଶିକାର

**କେନ୍ଦ୍ରାପଡ଼ା ଅଫିସ, ୭।୭**

କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଯୋଜନା ପ୍ରଣୟନ କରୁଛନ୍ତି। ପ୍ରଣୀତ ଯୋଜନାକୁ କାର୍ଯ୍ୟକାରୀ ପାଇଁ ଅର୍ଥ ମଞ୍ଜୁର ହେଉଛି। ହେଲେ କେନ୍ଦ୍ରାପଡ଼ା ଜିଲାର ଶିଶୁଙ୍କ ସମ୍ପର୍କରେ ଯେଉଁ ତଥ୍ୟ ବିଭାଗୀୟ କାର୍ଯ୍ୟାଳୟରୁ ମିଳିଛି, ତାହା ଯୋଜନା କାର୍ଯ୍ୟକାରିତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ଶିଶୁ ଓ ମହିଳା କଲ୍ୟାଣ ବିକାଶ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ୨୦୨୨ ଜୁନ ୩୦ ତାରିଖ ସୁଦ୍ଧା ଜିଲାର ଶୂନ୍‌ରୁ ୫ ବର୍ଷ ବୟସର ଶିଶୁଙ୍କ ସଂଖ୍ୟା ୧,୦୫,୦୯୬। ଏଥିମଧ୍ୟରୁ ୧,୦୪,୩୭୪ ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ କାର୍ଯ୍ୟାଳୟ ନିକଟରେ ତଥ୍ୟ ରହିଛି। ୧,୦୨,୩୦୩ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ବେଳେ ୧୯୬୩ ଶିଶୁଙ୍କ ସ୍ଥିତି ଚଳନୀୟ। ତେବେ ୨୦୭୧ ଶିଶୁଙ୍କ ଓଜନ ଆବଶ୍ୟକତାଠାରୁ କମ୍ ରହିଛି। ଏହା ବ୍ୟତୀତ ୧୦୮ ଜଣ ଶିଶୁଙ୍କ ଓଜନ ଅବସ୍ଥା ସାଂଘାତିକ ଥିବାବେଳେ ୧୩୭ ଜଣ ଶିଶୁଙ୍କ ଅବସ୍ଥା ଉଦ୍‌ବେଗଜନକ ଅଛି। ସେହିପରି ରାଜକନିକା, ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୨ ଜଣ ଲେଖାଏ ଓ ଡେରାବିଶ, ପଟ୍ଟାମୁଣ୍ଡାଇ ଏବଂ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ଜଣେ ଲେଖାଏ ଶିଶୁଙ୍କ ନିରନ୍ତର ଚିକିତ୍ସାର ଆବଶ୍ୟକତା ରହିଛି। ମୋଟ ଉପରେ ୪,୨୮୬ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା କୁହାଯାଇଛି। ଏହି ଶିଶୁଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡକୁ



ଗତି କରୁଛି। ସେହିପରି ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ଜିଲାର ୧୮୫ପୁଅ ଓ ୧୫୭ ଝିଅ ଅନାଥ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ ମୋଟ ୫,୪୪୧ ଶିଶୁ ଜଣକିଆ ଅଭିଭାବକଙ୍କ ନିକଟରେ ଅଛନ୍ତି। ସଂଖ୍ୟାଧିକ ଶିଶୁକନ୍ୟାଙ୍କୁ ପେଟ ଚିନ୍ତା ଅଧିକ ଘାରିଛି। ମା' ଅଥବା ବାପାଙ୍କ ଜଣକିଆ ହେପାଜତରେ ଥିବା ଶିଶୁଙ୍କ ମଧ୍ୟରୁ ଶିକ୍ଷା ମହରଗ ପାଲଟିଛି। ବିଶେଷକରି ଏହି ଅନାଥଙ୍କ ମଧ୍ୟରୁ ୮୮ ଶିଶୁଙ୍କୁ ଜେଜେମା', ଜେଜେବାପା ପରିଣତ ବୟସରେ ଲାଳନପାଳନ କରୁଛନ୍ତି। ବିଭିନ୍ନ କାରଣ ପାଇଁ ଜିଲାରେ ଅସୁରକ୍ଷିତ ଶୈଶବର କୋହ ବଢୁଛି ବୋଲି ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ଇଂ. ନଳିନୀକାନ୍ତ ରଥ, ଅମରବର ବିଶ୍ୱାଳ, ସୁନୀଲ

**■ ଅନାଥ ସଂଖ୍ୟା ୩୪୨, ଜଣେ ଅଭିଭାବକରେ ୫,୪୪୧ ଶିଶୁ**

କୁମାର ଗନ୍ତାୟତ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଦାରିଦ୍ର୍ୟ ଏହାର ମୁଖ୍ୟ କାରଣ ହୋଇଥିଲେ ମଧ ବାଲ୍ୟ ବିବାହ, ପ୍ରେମ ବିବାହ, ଯୋଗାଯୋଗର ଅଭାବ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବହୁ ଅବ୍ୟବସ୍ଥା କେନ୍ଦ୍ରାପଡ଼ା ଜିଲାରେ ଅଛି। ଜିଲାର ଉପାନ୍ତ ଅଞ୍ଚଳରେ ଅପପୁଷ୍ଟି ଓ ଅନାଥଙ୍କ ସଂଖ୍ୟା ଅଧିକ ରହିଛି। ଉପାନ୍ତ ଅଞ୍ଚଳ ଏବେ ବଙ୍ଗଭାଷୀଙ୍କ କବଳରେ ରହିଛି। ଏହି ସମ୍ପ୍ରଦାୟ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। ଏପରି କି ପ୍ରେମ ବିବାହ ଏଠାରେ ଏକ ସାଧାରଣ କଥା ହୋଇଛି। ଜଣେ ଅପରିପକ୍ୱ ନାବାଳିକାଙ୍କ ଦ୍ୱାରା ସନ୍ତାନ ଜନ୍ମ ଫଳରେ ଅପପୁଷ୍ଟି ବଢୁଛି। ସେହିପରି ଜିଲାର ଭୌଗୋଳିକ ସ୍ଥିତି ଅନୁଯାୟୀ ଗମନାଗମନ ପଥ ସୁଗମ ନୁହେଁ। ୧୭ ପଞ୍ଚାୟତକୁ ସିଧାସଳଖ ରାସ୍ତା ନାହିଁ। ଏମାନଙ୍କ ସୁରକ୍ଷା ପାଇଁ ପ୍ରଣୀତ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ ଅଧିକାଂଶ ପ୍ରଶାସନିକ ଅଧିକାରୀଙ୍କ ଅସହଯୋଗ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ବଢୁଛି। ଏ ନେଇ ବିଧିବଦ୍ଧ ଯାଞ୍ଚ କଲେ ଅନାଥ ଓ ଅପପୁଷ୍ଟିର ଶିକାର ଶିଶୁଙ୍କ ସଂଖ୍ୟା ଅଧିକ ହେବ ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲା ଶିଶୁ ଓ ମହିଳା କଲ୍ୟାଣ ବିଭାଗ ଅଧିକାରୀ ଶଙ୍କର ଜେନାଙ୍କୁ ପଚାରିବାରେ ଜିଲାରେ ୨,୧୪୭ ଅଙ୍ଗନୱାଡି କେନ୍ଦ୍ର ଅଛି। ଏହି କେନ୍ଦ୍ରରେ ନିୟୋଜିତ କର୍ମୀ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କ ଖାଦ୍ୟ ଓ ଔଷଧ ପ୍ରଦାନ ଆଦି କ୍ଷେତ୍ରରେ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ପଚାରିବାରେ, ଜିଲାରେ ଥିବା ଅନାଥ ଶିଶୁଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏମାନଙ୍କୁ ଥଇଥାନ ପାଇଁ ଯୋଜନା କରାଯାଉଛି। ଶିଶୁଙ୍କ ଭବିଷ୍ୟତ ସୁରକ୍ଷିତ ଭାବେ ଗଢ଼ିବାକୁ ବିଭିନ୍ନ ଯୋଜନାରେ ସାମିଲ କରାଯାଉଛି ବୋଲି ସେ କହିଛନ୍ତି।

# ବଢୁଛି ସଂକ୍ରମଣ: ୪୨୮ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ଶହ ଟପିଛି। ଖୋର୍ଦ୍ଧା, କଟକ ଓ ସୁନ୍ଦରଗଡ଼ ପରେ ପୁରୀ, ବାଲେଶ୍ୱରରେ ସଂକ୍ରମଣ ଦୁଇଅଙ୍କ ଛୁଇଁଲାଣି। କିଛି ଜିଲାକୁ ବାଦ୍ ଦେଲେ ବାକି ସମସ୍ତ ଜିଲାରେ ସଂକ୍ରମଣ ମୁଣ୍ଡ ଟେକିଲାଣି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୪୨୮ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫୧ଜଣ କ୍ୱାରାଣ୍ଟାଇନ୍‌ରୁ ଥିବାବେଳେ ୧୭୭ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିପରି ଆକ୍ରାନ୍ତଙ୍କ ମଧ୍ୟରେ ୫୬ଜଣ ୧୮ରୁ କମ୍ ବୟସର ଶିଶୁ ଓ କିଶୋର ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୮୩ ଏବଂ କଟକ ଜିଲାରୁ ୮୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବାଲେଶ୍ୱର ଜିଲାରୁ ୨୨, ସୁନ୍ଦରଗଡ଼ ୨୦, ପୁରୀ ୧୧, ସମ୍ବଲପୁର ୯, ମୟୂରଭଞ୍ଜ ୮, ଜଗତ୍‌ସିଂହପୁର ୬, ଭଦ୍ରକ ଓ ଯାଜପୁରରୁ ୫ ଜଣ ଲେଖାଏ, ବରଗଡ଼, ଝାରସୁଗୁଡ଼ା ଓ ନୟାଗଡ଼ରୁ ୪ଜଣ ଲେଖାଏ, ନୂଆପଡ଼ାରୁ ୩, କେନ୍ଦ୍ରାପଡ଼ା, ମାଲକାନଗିରି, ରାୟଗଡ଼ା ଓ ସୁବର୍ଣ୍ଣପୁରରୁ ୨ଜଣ ଲେଖାଏ, ଦେବଗଡ଼, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରୁ ଜଣେ ଲେଖାଏ ଏବଂ ଷ୍ଟେଟପୁଲ୍‌ରୁ ୪୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ବଢ଼ିବା ଦ୍ୱାରା ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୨୩୫କୁ ବୃଦ୍ଧି ପାଇଛି। ଅପରପକ୍ଷେ ୨୪ ଘଣ୍ଟାରେ ୧୫୦ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ଆଜି ଅପରାହ୍ନ ୪ଟା ଯାଏଁ ସନ୍ଧ୍ୟା ଦର୍ଶନ

**ପୁରୀ ଅଫିସ,୭।୭**

ଗୁଣ୍ଡିଚା ମନ୍ଦିରରେ ସରି ଆସୁଛି ନବଦିନାତ୍ମକ ଘୋଷଯାତ୍ରାରେ ଆସିଥିବା ମହାପ୍ରଭୁଙ୍କ ଲୀଳାଖେଳା। ଏହି କ୍ରମରେ ଶୁକ୍ରବାର ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ। ସନ୍ଧ୍ୟା ଦର୍ଶନ ସକାଳ ୫ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ। ବାହୁଡ଼ା ପୂର୍ବରୁ ମହାପ୍ରଭୁଙ୍କ ଗୁପ୍ତନୀତିକୁ ଚଞ୍ଚଳ ସାରିବା ପାଇଁ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ସନ୍ଧ୍ୟା ଦର୍ଶନ ୪ଟାରେ ଶେଷ ହେବାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲେ ମଧ୍ୟ ସଅଳ ନୀତିକାନ୍ତି ପାଇଁ ଏଭଳି କରିବାକୁ ପଡୁଛି। ସେନାପଟା ଲାଗି, ଚାରମାଳ ବନ୍ଧା ଭଳି ଗୁପ୍ତ ନୀତି ପାଇଁ ଦଇତାପତିଙ୍କୁ ସମୟ ଆବଶ୍ୟକ। ଗୋଟିଏ ଗୋଟିଏ ଗୁପ୍ତ ନୀତି ପାଇଁ ୫ରୁ ୬ ଘଣ୍ଟା ଲେଖାଏଁ ସମୟ ଲାଗିବ। ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପତି ନିଯୋଗର ମିଳିତ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଣୁ ଭକ୍ତମାନେ ସଅଳ ଆସିବାକୁ ଚେଷ୍ଟା କରନ୍ତୁ। ଦିନତମାମ୍ ଦର୍ଶନ ହେବ ବୋଲି ନିଯୋଗ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ସନ୍ଧ୍ୟା

**ମହାପ୍ରଭୁଙ୍କୁ ଲାଗି ହେବ ସେନାପଟା**



ଦର୍ଶନର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଭକ୍ତମାନେ ବହୁଳ ସଂଖ୍ୟାରେ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସିଥାଆନ୍ତି। ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ବାହୁଡ଼ା ପହଣ୍ଡିକୁ ଶୀଘ୍ର କରିବାକୁ ଚାହୁଁଥିବା ହେତୁ ସନ୍ଧ୍ୟା ଦର୍ଶନ ସମୟକୁ କମାଇଦିଆଯାଇଛି। ସେନପଟା ଓ ଚାରମାଳ ବନ୍ଧା ପାଇଁ ଦଇତାପତିଙ୍କୁ ସମୟ ଦିଆଯାଇଛି। ତେବେ ସନ୍ଧ୍ୟା ଦର୍ଶନ ଦିନର ନୀତିକାନ୍ତିକୁ ଦେଖି ଦର୍ଶନ ବ୍ୟବସ୍ଥା ଚାଲୁ ରହିବ। ଭକ୍ତଙ୍କ ଆଗମନ ଉପରେ ମଧ ଅନେକ କିଛି ନିର୍ଭର କରୁଛି। ଭକ୍ତଙ୍କ ସଂଖ୍ୟା ବଢ଼ିଲେ ଓ ନୀତି ସମୟରେ ସରିଲେ ଦର୍ଶନ ଅଧିକ ସମୟ ହୋଇପାରେ। ସେହିଭଳି ବ୍ୟାରିକେଡିଂ ବ୍ୟବସ୍ଥାକୁ ମଧ ବଢ଼ାଇ ଦିଆଯାଇଛି। ସେହିଭଳି ପୋଲିସ ମୁତୟନ, ଅଗ୍ନିଶମ ଟିମ୍, ସ୍ୱେଚ୍ଛାସେବୀ, ପାନୀୟ ଜଳ ବିଭାଗ ଉପରେ ଧ୍ୟାନ ଦିଆଯାଇଛି। ପୁରୀ ଏସ୍‌ପି ଡ.କନୱର ବିଶାଲ ସିଂ କହିଛନ୍ତି, ସନ୍ଧ୍ୟା ଦର୍ଶନରେ ବ୍ୟାପକ ଜନସମାଗମଙ୍କୁ ସୁବିଧା ଯୋଗାଇବା ଉପରେ ଧ୍ୟାନ ଦେଉଛୁ। ବ୍ୟାରିକେଡ୍‌କୁ ବର୍ଦ୍ଧିତ ରୂପ ଦିଆଯାଇଥିବା ବେଳେ ଯଥେଷ୍ଟ ପରିମାଣର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗହଳି ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟିମ୍ ଉପସ୍ଥିତ ରହିବ। ପୋଲିସ ଟିମ୍ ତରଫରୁ ପାନୀୟ ଜଳ ବଣ୍ଟନ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା: ୪ ମୃତ

**ବାରିପଦା ଅଫିସ/ବାଙ୍ଗିରିପୋଷି, ୭।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଡାକ୍ତରଖାନାରେ ଆଉ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ଯାତ୍ରୀ ନେଇ ଯାଉଥିବା ଏକ ବୋଲେରୋ ପଛରେ ଏକ ଦ୍ରୁତଗାମୀ ଟ୍ରକ୍ ପିଟିହେବାରୁ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ବିଶୋଇରୁ ୫ଜଣ ଯାତ୍ରୀଙ୍କୁ



ଟ୍ରକ୍ ଧକ୍କାରେ ଭାଙ୍ଗିରୁଜି ଯାଇଥିବା ବୋଲେରୋ।

**■ ଜଣେ ଗୁରୁତର ଡାକ୍ତରଖାନାରେ ଭର୍ତ୍ତି**

**■ ବୋଲେରୋକୁ ପଛରୁ ପିଟିଲା ଟ୍ରକ୍**

ନେଇ ଏକ ବୋଲେରୋ ବାରିପଦା ଅଭିମୁଖେ ଯାଉଥିଲା। ଘାଟି ରାସ୍ତାରେ ପଛରୁ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ବୋଲେରୋକୁ ଧକ୍କାଦେଇ ୨୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ବୋଲେରୋରେ ବସିଥିବା ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ଜଣ ଚାପିହୋଇ ରହିଯାଇଥିଲେ। ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଡାକ୍ତରଖାନା ପଠାଇଥିଲେ। ମୃତକ ହେଲେ ବାରିପଦା ଟାଉନ ଥାନା ଅଧୀନ ଭୁଗୁଡ଼ାକଟା ଗ୍ରାମର ଏଲିଆ ହାଁସଦା ଓ ତାଙ୍କ ସ୍ତ୍ରୀ ଆଲାଦି। ଅନ୍ୟ ଦୁଇଜଣ ବେତନା ଗ୍ରାମର ଲାଥାନ ମୁର୍ମୁ ଓ ବାଙ୍ଗିରିପୋଷି ଥାନା କୁସୁମବନ୍ଧ ପଞ୍ଚାୟତ ଅନ୍ତର୍ଗତ ତୁଳସୀବଣି ଗ୍ରାମର ଏଲିସା ଟୁଡୁ (୧୨)। ଗୁରୁତର ଡେଭିଡ୍ ଟୁଡୁ(୧୦)ଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ସମସ୍ତେ ବିଶୋଇ ଥାନା ଅଧୀନ ବାଙ୍କୀ ଗାଁର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ଫେରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା।


OrissaPOST
English daily
WANTED
LAYOUT DESIGNERS
- Minimum 3 years+ experience in print media.
- Proficiency in QuarkXPress 8.12, Photoshop CS3, PageMaker 7.0, CorelDRAW 13, Indesign 11 is a must.

Apply within 7 days to:
recruitment@orissapost.com
Pay & perks will be the best in the industry for deserving candidates.

Baidyanath
100 years of caring
ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସଡିଟି | ଆୟୁସିଡ୍ |
| ଆନେମିଆ | ଧାତ୍ରୀ ଲୌହ, ହେମୋପ୍ଲସ୍ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ, ରୟାଲ୍ ଚ୍ୟବନପ୍ରାସ |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ବଟି |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ୍, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ୍ |
| ବଦହଜମି | ଏକ୍ସାଜେଷ୍ଟେ |
| କିଡନୀ ଷ୍ଟୋନ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ରତ୍ରୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୁତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଲୁ ଟ୍ୟାବ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ ⬇
JAIPUR: Ph: +91 9439088809 BERHAMPUR: Ph: +91 9861540324 CUTTACK: Ph: +91 9439486929
BHUBANESWAR: Ph: +91 8249945802 PURI: Ph: +91 9861068109 DHENKANAL: Ph: +91 8249703170
ANGUL: Ph: +91 9937734509 BALASORE: Ph: +91 9438725025 BARIPADA: Ph: +91 9437350156
KENDUJHAR: Ph: +91 6370698870 BHADRAK: Ph: +91 7978313169 ROURKELA: Ph: +91 7008870227
SAMBALPUR: Ph: +91 8763343900 / +91 9437681346 BOLANGIR: Ph: +91 7008384344



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### କିଛି ଜାଣେ ନାହିଁ ଥାକୁଲି; ଦିଅଁଙ୍କୁ ଖାଇଲା, ପୂଜାରୀ ଖାଇଲା, ଆହୁରି ଖାଇବ ଖଟୁଲି।

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଲୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସ୍ଥ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

### କଂସା ଧନ, ଅଧା ଧନ, ଗୋରୁ ଧନ ନିଧନ।

ସାଧାରଣତଃ କଂସା ଭାଙ୍ଗିଗଲେ ତା'ର ଦାମ୍ ଅଧା ହୋଇଥାଏ। ସେହିପରି ଗୋରୁ ମରିଗଲେ ତାହା ଆଉ କେଉଁ କାମରେ ଆସି ନଥାଏ, କେବଳ ଫୋପଡା ହେବା ହିଁ ସାର ହୋଇଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶା ବିମୁଖ...

ପର୍ଯ୍ୟଟନ ଉତ୍ସବ, ରୋଡ୍ ଶୋ ଆୟୋଜନ କରି ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ହେଲେ ପର୍ଯ୍ୟଟନ କ୍ଷେତ୍ରରେ ସେପରି ଆଖିଦୃଶିଆ ଉନ୍ନତି ହେଉନାହିଁ। ପର୍ଯ୍ୟଟକଙ୍କ ପାଇଁ ରହଣି ସ୍ଥଳ, ସୁରକ୍ଷା ଏବଂ ନୂଆ ପର୍ଯ୍ୟଟନ ସ୍ଥଳର ବିକାଶ ହେଉ ନ ଥିବାରୁ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ ହ୍ରାସପାଉଛି। ରାଜ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି। ଏହାର ଉପଯୋଗ ହେଉ ନ ଥିବାରୁ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରୁ ନାହିଁ। ପର୍ଯ୍ୟଟନକୁ ନିର୍ଭର କରି ସୃଷ୍ଟି ହେବାକୁ ଥିବା ନିଯୁକ୍ତି ମଧ୍ୟ ବୃଦ୍ଧିପାଉନି। ଏପରି କି ବିଧାନସଭାରେ ବିରୋଧୀ ସଦସ୍ୟମାନେ ପର୍ଯ୍ୟଟନର ବିକାଶକୁ ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି ଯେ କୋଭିଡ୍ ମହାମାରୀ ପର୍ଯ୍ୟଟନ ଶିଳ୍ପ ଉପରେ ଗଭୀର ପ୍ରଭାବ ପକାଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଇଡ୍‌କୋ ଜରିଆରେ ହୋଟେଲ ନିର୍ମାଣ ଲାଗି ଘରୋଇ ସଂସ୍ଥାକୁ ଜମି ଯୋଗାଇ ଦେଉଛନ୍ତି।

# ୧୪ ଲକ୍ଷରୁ ଊର୍ଦ୍ଧ୍ୱ ନକଲି ନୋଟ ଜବତ


ଜବତ ଜାଲନୋଟ, ବ୍ୟବହୃତ ସାମଗ୍ରୀ

**ବରଗଡ଼ରେ ଚଢ଼ାଉ: ୨ ଗିରଫ**


ଗିରଫ ୨ ଅଭିଯୁକ୍ତ

- ମୋବାଇଲ, କଲର ପ୍ରିଣ୍ଟର ମେଶିନ ଓ ବିଭିନ୍ନ ସାମଗ୍ରୀ ଜବତ
- ୧ ଲକ୍ଷ ନକଲି ନୋଟକୁ ୩୦ ହଜାର ଟଙ୍କାରେ ଡିଲ୍ କରୁଥିଲେ
- ଏନ୍‌ଆଇଏ, ସିଆଇବିକୁ ଜଣାଇଲା ଏସ୍‌ଟିଏଫ୍

ବରପାଲି, (ଡି.ଏନ.ଏ)/ ଭୁବନେଶ୍ୱର,୭।୭(ବ୍ୟୁରୋ)

ରାଜ୍ୟରେ ଗୁରୁବାର ବଡ଼ ଧରଣର ଆନ୍ତଃରାଜ୍ୟ ନକଲି ନୋଟ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବରଗଡ଼ ଜିଲାର ପୃଥକ ସ୍ଥାନରେ ଚଢ଼ାଉ କରି ୧୪ଲକ୍ଷ ୨୯ ହଜାର ୫୦୦ ଟଙ୍କାର ନକଲି ନୋଟ ଜବତ କରିଛି। ଏହି ମାମଲାରେ ଜଣେ ଆନ୍ତଃରାଜ୍ୟ ବେପାରୀଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ କଟାପାଲି ନିକଟ ସିର୍କିଡ଼ି ଗ୍ରାମରେ ରହୁଥିବା ଉତ୍ତରପ୍ରଦେଶ ଗୋରଖପୁର ଜିଲା କେଶରାହ ଥାନା ଅଞ୍ଚଳର ପଙ୍କୁ ଯାଦବ(୫୩) ଏବଂ ବରଗଡ଼ ଜିଲା ବରପାଲି ମହନ୍ତମପଡ଼ାର ବଳରାମ ମେହେର(୪୫)। ସେମାନଙ୍କଠାରୁ ନକଲି ନୋଟ ବ୍ୟତୀତ ୨ଟି ମୋବାଇଲ ଫୋନ୍, ନୋଟ୍ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଗୋଟିଏ କଲର ପ୍ରିଣ୍ଟର ମେଶିନ୍ ଜବତ ହୋଇଛି। ଏନେଇ ବରପାଲି ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (୨୧୧/୨୦୨୨) ରୁଜୁ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏସ୍‌ଟିଏଫ୍ ପକ୍ଷରୁ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ୍ ଏଜେନ୍ସି (ଏନ୍‌ଆଇଏ) ଓ କ୍ରାଇମ ଇନ୍‌ଭେଷ୍ଟିଗେଶନ୍‌ବ୍ୟୁରୋ (ସିଆଇବି)କୁ ମଧ୍ୟ ଅବଗତ କରାଯାଇଛି। ଯଦି ଏନ୍‌ଆଇଏ ଏବଂ ସିଆଇବି ପକ୍ଷରୁ ଏହି ମାମଲାକୁ ତଦନ୍ତ କରାଯାଏ, ତେବେ ର୍‍ୟାକେଟ ପଛରେ ଥିବା ବିଭିନ୍ନ ଦିଗ ପଦାକୁ ଆସିବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ବଳରାମ ନକଲି ନୋଟ କାରବାର କରୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ଗୁରୁବାର ଭୋରରୁ ଏସ୍‌ଟିଏଫ୍ ବରଗଡ଼ ଜିଲା ପୋଲିସ ସହାୟତାରେ ଅଭିଯୁକ୍ତ ବଳରାମଙ୍କୁ ବରଗଡ଼-ବରପାଲି ଜାତୀୟ ରାଜପଥ ବହିଆପଦର ନିକଟ ଫଲସା ତଲିୟାନ ମନ୍ଦିର ପାଖରୁ କାବୁ କରିଥିଲା। ତାଙ୍କଠାରୁ ଏକ ବ୍ୟାଗରେ ଥିବା ୧୨ଲକ୍ଷ ୯୭ହଜାର ଟଙ୍କା ଜବତ ହୋଇଥିଲା। ଏଥିସହ ତାଙ୍କ ନିକଟରୁ ଜାଲନୋଟ୍ ପ୍ରସ୍ତୁତିରେ ବ୍ୟବହୃତ ଏକ କଲର ପ୍ରିଣ୍ଟର ଜବତ କରାଯାଇଥିଲା। ପଚରାଉଚରା ପରେ ସେ ପଙ୍କୁଙ୍କ ବିଷୟରେ ସୂଚନା ଦେଇଥିଲେ। ତେଣୁ ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ସିର୍କିଡି ଗ୍ରାମସ୍ଥିତ ଘରୁ ପଙ୍କୁଙ୍କୁ ଗିରଫ କରିଥିଲା। ପଙ୍କୁଙ୍କ ପାଖରୁ ୧ଲକ୍ଷ ୩୨ହଜାର ୫୦୦ଟଙ୍କା ନକଲି ନୋଟ୍ ଜବତ ହୋଇଥିଲା। ଜବତ ହୋଇଥିବା ସମସ୍ତ ନୋଟ ୫୦୦ ଟଙ୍କିଆ। ବଳରାମ ଦୀର୍ଘଦିନରୁ ଜାଲନୋଟ୍ କାରବାର ଚଳାଇ ଆସୁଥିଲେ। ପଙ୍କୁଙ୍କ ଦ୍ୱାରା ବଳରାମ ଏହି କାରବାର କରିବା ଆରମ୍ଭ କରିଥିଲେ। ଲକ୍ଷେ ଟଙ୍କା ନକଲି ନୋଟ ପାଇଁ ଅଭିଯୁକ୍ତଦ୍ୱୟ ୩୦ ହଜାର ଟଙ୍କା ନେଉଥିଲେ। ବିଭିନ୍ନ ଏଜେଣ୍ଟଙ୍କ ସହ ଏଥିଲାଗି ଡିଲ୍ କରୁଥିଲେ। ଗହଳି ସ୍ଥାନରେ ଅସଲି ନୋଟରେ ମିଶାଇ ନକଲି ନୋଟକୁ ବ୍ୟବହାର କରୁଥିଲେ। ତେବେ ଏମାନଙ୍କ ସହ ଆଉ କେତେଜଣ ଏଜେଣ୍ଟ ଥିବା ଜଣାପଡ଼ିଛି। ପଙ୍କୁ ଉତ୍ତରପ୍ରଦେଶର ବାସିନ୍ଦା ହୋଇଥିବାରୁ ଏହି ନକଲି ନୋଟ କାରବାରର ଲିଙ୍କ୍ ବିହାର, ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ମଧ୍ୟ ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ତେଣୁ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣି ଏହି କାରବାର ପଛରେ ଥିବା ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଯୋଜନା କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମାଧିପତିଙ୍କ ବଳବାନତ୍ୱ ପ୍ରଭାବରୁ ଆଜି ହଠାତ୍ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହୋଇଯିବ। ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଅଭିଳଷିତ ଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କିନ୍ତୁ ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତ ବ୍ୟକ୍ତିଙ୍କ ସହ କଳହ ଲାଗିପାରେ।

**ବୃଷ**
ବୁଧାଦିତ୍ୟ ଯୋଗ ପ୍ରଭାବରୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ବନ୍ଧୁଙ୍କ ସାହାଯ୍ୟ ସହାନୁଭୂତି ଫଳରେ ବିବାଦୀୟ ଘଟଣାର ଅବସାନ ଘଟିବ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଆକସ୍ମିକ ଭାବେ ପରିଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ**
ଆଜିର ଚନ୍ଦ୍ର ମନ୍ତ୍ରଣା ସ୍ଥାନରେ ପାପଯୁକ୍ତ ହୋଇ ଅବସ୍ଥାନ କରିଥିବା କାରଣରୁ ନୈରାଶ୍ୟତା ଅନୁଭବ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କର୍କଟ**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ଦୀର୍ଘଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ସିଂହ**
ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଚେଷ୍ଟା କରୁଥିବା କାମ, ଅର୍ଥ ସମ୍ପର୍କ ପ୍ରଭୃତି ଦିଗରୁ ଶୁଭଫଳ ପାଇବେ। ଗୁରୁଙ୍କ ପ୍ରଭାବରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ବନ୍ଧୁଙ୍କ ସହ ଆଲୋଚନାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା**
ଧନସ୍ଥାନ ପାପଯୁକ୍ତ ହେତୁ ଧନହାନିର ସମ୍ଭାବନା ରହିଛି। କାମଗୁଡ଼ିକ ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାଜନିତ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**
କେତୁଯୁକ୍ତ ଚନ୍ଦ୍ର ପ୍ରଭାବରେ ଆଜି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା**
ଅନୁକୂଳ ଗ୍ରହସ୍ଥିତି କାରଣରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ। ବହୁତ ବିଳମ୍ବ ହେଲେ ମଧ୍ୟ ପ୍ରାପ୍ୟ ହାସଲ କରିବା ହେତୁ ଖୁସି ରହିବେ।

**ଧନୁ**
ଶନି ତୃତୀୟସ୍ଥ ହେତୁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର**
ଆଜି ବୁଧାଦିତ୍ୟ ଯୋଗଜନିତ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ପାଇବେ। ଘରେ ବନ୍ଧୁ ମିଳନଜନିତ ଆମୋଦ ପ୍ରମୋଦର ସୁଅ ଛୁଟିବ। ମନ ବୁଝିଲାଭଳି କଥା କହି ପଡ଼ୋଶୀମାନେ କାର୍ଯ୍ୟ ହାସଲ କରିନେଇପାରନ୍ତି। ଧନିଷ୍ଠାର ସମସ୍ୟା ସୃଷ୍ଟି ହେବା କାରଣରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହଯିବ।

**କୁମ୍ଭ**
ରାହୁମଙ୍ଗଳଜନିତ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୂର୍ବଭାଦ୍ରପଦ ନକ୍ଷତ୍ରର ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ। ଆଜି ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି ଓ ପ୍ରଶାସନ ପାଇଁ ଭଲ।

**ମୀନ**
ଶନିଦୃଷ୍ଟ ମଙ୍ଗଳ ହେତୁ ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି କର୍ମମୁଖର ରହିବେ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।


# classifieds
**Everyday**
0674-2580101, 2549302

**real estate**

**SALE**

Duplex sale at Bhubaneswar @ 45 lakhs and apartment @ 42lakhs. 9439206202. D-73275

ପୁରୀ ମାଳତିପାଟପୁର Defence Road ପାଖ Medical College oppositeରେ Simplex Plot ମିଳୁଛି- 9692213354. D-73932

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita- 9853150290. D-73271

Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272. D-73277

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481. D-73260

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368. D-73261

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost , balance 5years installment, no interest. 7809525452. D-73928

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/- .8114929186. D-73929

Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854. D-73274

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377. D-73270

**to-let**

Rent new 1BHK, Dadabari for Salaried people, Siddhamahavir, Puri-2. 9902406161. D-907

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Refreshing your mind and body with the best therapy, 7873794731. D-872

Trupti Spa, 9861550765. Our genuinety is our strength. Stay safe. D-925

Newly open Spa @899/- full body massage expert Therapist - 8093577103. D-73838

Ayurvedic full body massage ladies, gents with best therapy. 9040900385. D-73933

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

**AFFIDAVIT**

By virtue of an affidavit before Executive Magistrate, Bhubaneswar, I Snigdha Sravani Rout, W/o Subhransu Ranjan Nayak of Anantapur, Kamakshyanagar has changed my Son's name from Priyesh Nayak to Priyesh Ranjan Nayak. Henceforth, he shall be known, called and identified as Priyesh Ranjan Nayak instead of Priyesh Nayak for all purposes and he is one and same person. D-926

Your classified advertisement published in Dharitri will be listed free in Dharitri online edition : dharitriepaper.in


## ଯୁକ୍ତ ୨ରେ ସିଟ୍...



ବୋର୍ଡ କର୍ତ୍ତୃପକ୍ଷ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ଦାୟୀ। ଅପରପକ୍ଷେ ଯୁକ୍ତ୨ ନାମଲେଖାରେ ମଧ୍ୟ ବହୁ ଅସୁବିଧା ହେବ। ଗତଥର ମନଇଚ୍ଛା ସିଟ୍ ସଂଖ୍ୟା ବଢାଇ ଦିଆଯାଇଥିଲା। ସିଟ୍ ନ ମିଳିଲେ ଅଧିକାଂଶ ପିଲା ଆଇଟିଆଇ, ଡିପ୍ଲୋମା, ନର୍ସିଂ କରିବାକୁ ବାଧ୍ୟ ହେବେ।

**- କମଳା ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ**

### ନମ୍ବର ପାଇବାରେ କିଛି ଅସୁବିଧା ନାହିଁ



ଓଏମ୍‌ଆର୍‌ରେ ଟେଷ୍ଟ ହୋଇଛି, ତେଣୁ ଏତେ ନମ୍ବର ପାଇବାରେ କିଛି ଅସୁବିଧା ନାହିଁ। ନୂଆ ମୂଲ୍ୟାଙ୍କନ ପଦ୍ଧତି ଅନୁଯାୟୀ ୩ ପ୍ରକାର ମୂଲ୍ୟାଙ୍କନ ହୋଇଛି। ସେଥିରୁ ଯେଉଁଟି ପିଲାର ସବୁଠାରୁ ଅଧିକ ମାର୍କ ସେହି ନମ୍ବର ଅନୁଯାୟୀ ରେଜଲ୍ଟ ଆସିଛି। ସଂସ୍କୃତରେ ବହୁଆଗରୁ ମଧ୍ୟ ପିଲା ଶହେରୁ ଶହେ ପାଇଛନ୍ତି। ତେଣୁ ଭାଷାଭିତ୍ତିକ ବିଷୟରେ ୧୦୦ରୁ ୧୦୦ ପାଇବା ଅସମ୍ଭବ ନୁହେଁ। ଅବ୍‌ଜେକ୍ଟିଭ୍ ଟାଇପ୍ ପରୀକ୍ଷା ହୋଇଛି। ଏଥିରେ ସୀମିତ ବିଷୟ ପାଠ ପଢିବା ପାଇଁ ଦିଆଯାଇଛି ଏବଂ ଇଣ୍ଟରନାଲ ଆସେସମେଣ୍ଟ, ସମେଟିଭ୍-୧ ଓ ୨ ପରୀକ୍ଷା କରାଯାଇଥିଲା। ଖୁବ୍ କମ୍ ପାଠ ଦିଆଯାଇ ସେଗୁଡ଼ିକ ବାରମ୍ବାର ଆଲୋଚନା କରାଯାଇଥିବାରୁ ପିଲାମାନେ ଭଲ କରିଛନ୍ତି। ଏ-ୱାନ, ଏ-ଟୁ, ବି-ୱାନ, ବି-ଟୁ ପିଲାମାନେ ସରକାରୀ ଏବଂ ଆବାସିକ ମହାବିଦ୍ୟାଳୟରେ ସହଜରେ ସିଟ୍ ପାଇଯିବେ। ବାକି ପିଲାମାନେ ଡିପ୍ଲୋମା ଏବଂ ଅନ୍ୟାନ୍ୟ ବିଭାଗକୁ ଯିବେ। ତେବେ ଅଧିକାଂଶ ସରକାରୀ କଲେଜରେ ଅଧ୍ୟାପିକା ଅଧ୍ୟାପକ ନାହାନ୍ତି। ମେଧାବୀ ଗରିବ ଛାତ୍ରୀଛାତ୍ର ଏହି କଲେଜରେ ପଢିଲେ ସେମାନଙ୍କ ଭବିଷ୍ୟତ ନଷ୍ଟ ହେବ। ତେଣୁ ଭଲ ନମ୍ବର ପାଇବା ପାଇଁ ସରକାରୀ ଯେପରି ଦୃଷ୍ଟି ଦେଇଛନ୍ତି ଖାଲିଥିବା ପଦବୀ ପୂରଣ କରିବା ପାଇଁ ମଧ୍ୟ ଧ୍ୟାନ ଦେବା ଦରକାର।

**- ରଘୁନାଥ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ, ବିଜେବି ମହାବିଦ୍ୟାଳୟ**

ପ୍ରଥମ ପୃଷ୍ଠାରୁ...

### ପିଲାଙ୍କୁ ମନପସନ୍ଦ କଲେଜରେ ସିଟ୍ ମିଳି ନ ପାରେ



ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ସିବିଏସ୍‌ସି ଢାଞ୍ଚାରେ କରାଯାଇଛି। ପରୀକ୍ଷା ୨ଟି ଟର୍ମରେ କରାଯିବାରୁ ପିଲାମାନେ ଭଲଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ସହଜ ମନେକଲେ। ଅବ୍‌ଜେକ୍ଟିଭ୍ ୫୦ ନମ୍ବର ଓ ସମେଟିଭରେ ୫୦ ନମ୍ବର ପ୍ରଶ୍ନର ଉତ୍ତର ଦେଇ ୧୦୦ ମାର୍କ ପାଇଲେ। ଏଥର ପାସ୍ ହାର ଅଧିକ ଥିବାରୁ ପିଲାମାନେ ସେମାନଙ୍କ ମନପସନ୍ଦର କଲେଜରେ ସିଟ୍ ପାଇ ନ ପାରନ୍ତି। ଅପରପକ୍ଷେ ପ୍ରାୟ ୨୦ ହଜାର ଏ-ୱାନ ନମ୍ବର ରଖିଥିବା ଇଂଲିଶ ମାଧ୍ୟମିକ ପିଲା ଅଛନ୍ତି। ତେଣୁ ସରକାର ପରିସ୍ଥିତିକୁ ଦେଖି କଲେଜରେ ସିଟ୍ ନ ବଢାଇଲେ ବହୁତ ପିଲା ବିଜ୍ଞାନରେ ପଢିବାକୁ ସୁଯୋଗ ପାଇ ନ ପାରନ୍ତି। ସରକାର ଯଦି ପଦକ୍ଷେପ ନ ନେବେ ବହୁତ ପିଲା ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ। ତେଣୁ ପାସ୍ ହାର ଅନୁସାରେ କଲେଜରେ ସିଟ ଯଥେଷ୍ଟ ବଢାଇବା ଆବଶ୍ୟକ।

**-ଜଲିଲ୍ ଖାନ୍, ଶିକ୍ଷାବିତ୍**

## ବୋରିସ୍ ଜନ୍‌ସନ...

ହାସଲ କରିବା ସହ ବୋରିସ୍ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଥିଲେ। କରୋନା ମୁକାବିଲା ଏବଂ ଶକ୍ତି, ତୈଳ ଓ ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣରେ ବିଫଳତା ବୋରିସ୍ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ଏହା ସତ୍ତ୍ୱେ ସେ ସବୁକିଛି ସୁରୁଖୁରୁରେ ଚଳାଇନେଉଥିଲେ। ତେବେ କରୋନା ମହାମାରୀ ସମୟରେ ଦେଶରେ ଲକ୍‌ଡାଉନ ଜାରି ହୋଇଥିବାବେଳେ ବୋରିସ୍ ଏକାଧିକ ପାର୍ଟିରେ ସାମିଲ ହୋଇଥିଲେ। ଏହାକୁ 'ପାର୍ଟିଗେଟ୍ ସ୍କାଣ୍ଡାଲ୍' ନାଁ ଦିଆଯାଇଥିଲା। ବୋରିସ୍ ବିବାଦୀୟ ହୋଇ କ୍ଷମା ମାଗିଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମନା କରିଥିଲେ। ପାର୍ଟିଗେଟ୍ ପାଇଁ କଞ୍ଜରଭେଟିଭ୍ ପାର୍ଟି ନିନ୍ଦିତ ହୋଇଥିବା ଦର୍ଶାଇ ନେତୃତ୍ୱ ପରିବର୍ତ୍ତନ ଲାଗି ଶାସକ ଦଳ ଭିତରୁ ସ୍ୱର ଉଠିଥିଲା। ଫଳରେ ଜୁନ୍ ୬ରେ ବୋରିସ୍‌ଙ୍କୁ ପାର୍ଲାମେଣ୍ଟର ନିମ୍ନ ସଦନରେ ଅନାସ୍ଥା ପ୍ରସ୍ତାବର ସାମ୍ନା କରିବାକୁ ପଡ଼ିଥିଲା। ବୋରିସ୍‌ଙ୍କ ସପକ୍ଷରେ ୨୧୧ ଏମ୍‌ପି ଭୋଟ ଦେଇଥିବାବେଳେ ବିରୋଧରେ ୧୪୮ ଖଣ୍ଡ ଭୋଟ ପଡ଼ିଥିଲା। ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ସତ୍ତ୍ୱେ ଭୋଟ ବ୍ୟବଧାନ କମ୍ ଥିବାରୁ ଆଗକୁ ସରକାର ଚଳାଇବା ବୋରିସ୍‌ଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇପାରେ ବୋଲି ସ୍ପଷ୍ଟ ଜଣାପଡ଼ିଥିଲା। ଏଭଳି ସମୟରେ ତାଙ୍କ ଦଳର ଏମ୍‌ପି ତଥା ଉପମୁଖ୍ୟ ସଚେତକ କ୍ରିଶ୍ ପିଞ୍ଚରଙ୍କ ଆଚରଣ ବୋରିସ୍‌ଙ୍କୁ ଅଡୁଆରେ ପକାଇଥିଲା। ସେ ଏକ ପ୍ରାଇଭେଟ କ୍ଲବ୍‌ରେ ୨ ଜଣ ପୁରୁଷଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିଥିଲେ। ଏହି ଯୌନ କେଲେଙ୍କାରୀ ପ୍ରଘଟ ହେବା ପରେ ପିଞ୍ଚରଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ବୋରିସ୍ ତାଙ୍କୁ ଘଣ୍ଟ ଘୋଡ଼ାଇଥିବା ଅଭିଯୋଗ ଆଣି ମଙ୍ଗଳବାର ଅର୍ଥମନ୍ତ୍ରୀ ଋଷି ସୁନକ ଓ ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ୍ ଜାଭେଦ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହି ଦୁଇ ମନ୍ତ୍ରୀ ପଦ ଛାଡ଼ିବା ପରେ ଇସ୍ତଫାର ସୁଅ ଛୁଟିବାରେ ଲାଗିଥିଲା। ଏପରି କି ଅନେକ ମନ୍ତ୍ରୀ ଓ ଏମ୍‌ପି ବୋରିସ୍‌ଙ୍କୁ ଇସ୍ତଫା ଦେବା ପାଇଁ ବ୍ୟକ୍ତିଗତ ଭାବେ ଚାପ ପକାଇଥିଲେ।

## ଚାଓମିନ ଫ୍ୟାକ୍ଟ୍ରିରେ...

ବାଡେଇ ଡାକିଥିଲେ ମଧ୍ୟ କୌଣସି ଶବ୍ଦ ଶୁଣାଯାଇ ନ ଥିଲା। ଏ ନେଇ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଫ୍ୟାକ୍ଟ୍ରି କବାଟ ଭାଙ୍ଗି ଭିତରେ ପଶିଥିଲେ। ଅଚେତ ଅବସ୍ଥାରେ ପଡ଼ି ରହିଥିବା ୩ ଯୁବକଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରି ମୋହନା ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୋହନା ଥାନାରେ ୩ଟି ଅପମୃତ୍ୟୁ ମାମଲା (୬.୭ ଓ ୮/୨୨) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଗ୍ୟାସ ଲିକ୍‌ରୁ ଶ୍ୱାସରୁଦ୍ଧ ହୋଇ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ସତ୍ୟତା ଜଣାପଡିବ ବୋଲି ଆର୍. ଉଦୟଗିରି ଏସଡିପିଓ ଦିଲୀପ କୁମାର ନାୟକ କହିଛନ୍ତି।

**ରାଜ୍ୟ ସଭାରେ ଶପଥ ନେବେ ମାନସ, ସୁଲତା, ସସ୍ମିତ**

ଭୁବନେଶ୍ୱର,୭।୭(ବ୍ୟୁରୋ): ନିକଟରେ ଶେଷ ହୋଇଥିବା ୪ ରାଜ୍ୟ ସଭା ଆସନ ନିର୍ବାଚନରେ ବିଜେଡି ସବୁ ସିଟ୍ ହାତେଇଛି। ଉପନିର୍ବାଚନରେ ନିର୍ବାଚିତ ନିରଞ୍ଜନ ବିଶି ନିକଟରେ ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେଇସାରିଛନ୍ତି। ଅନ୍ୟ ୩ ଆସନ ପାଇଁ ନିର୍ବାଚିତ ମାନସ ମଙ୍ଗରାଜ, ସୁଲତା ଦେଓ ଏବଂ ସସ୍ମିତ ପାତ୍ର ଶୁକ୍ରବାର ଶପଥ ନେବା କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ୧୧ଟାରେ ଓଡ଼ିଶାର ଏହି ୩ ରାଜ୍ୟ ସଭା ସଦସ୍ୟଙ୍କୁ ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ।





ବିଭିନ୍ନ ଦାବିରେ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘ ପକ୍ଷରୁ ଗୁରୁବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଉଦ୍ଧବଙ୍କ ହାତ ଛାଡ଼ିବେ ୧୨ ଏମ୍‌ପି

ମୁମ୍ବାଇ,୭।୭

ଶିବସେନାର ୪୦ ବିଧାୟକଙ୍କ ପରେ ଏବେ ଦଳର ୧୨ ଏମ୍‌ପି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗ୍ରୁପରେ ସାମିଲ ହେବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଶିନ୍ଦେ ଗ୍ରୁପର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗୁଲାବରାଓ ପାଟିଲ ଏହି ଦାବି କରିଛନ୍ତି। ସୂଚନାଯୋଗ୍ୟ ଦିନକ ପୂର୍ବରୁ ଦକ୍ଷିଣ ମଧ୍ୟ ମୁମ୍ବାଇର ଶିବସେନା ଏମ୍‌ପି ରାହୁଲ ଶେୱାଲେ ରାଷ୍ଟ୍ରପତି ନିର୍ବାଚନରେ ଭାଜପା ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେବା ଲାଗି ଉଦ୍ଧବ ଠାକରେଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ପ୍ରଥମରୁ ହିଁ ଶିବସେନା ବିରୋଧୀ ଦଳ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରୁଛି। ଶିବସେନାରେ ଉଦ୍ଧବ ଠାକରେଙ୍କ ଆଦେଶକୁ ସର୍ବୋପରି ବୋଲି କୁହାଯାଇଥାଏ। ଏବେ ରାହୁଲ ଶେୱାଲେ ପତ୍ର ଲେଖି ତାଙ୍କ ବିଚାରଧାରା ଶେୟାର କରିଛନ୍ତି। ଏହାଦ୍ୱାରା ଶିବସେନା ଏମ୍‌ପି ଶିନ୍ଦେ ଗ୍ରୁପରେ ସାମିଲ ହେବାକୁ ନେଇ ଚର୍ଚ୍ଚାର ଖୋରାକ ମିଳିଯାଇଛି। ତେବେ ଗୁଲାବ ରାଓ ପାଟିଲ ଦାବି କରିଛନ୍ତି, ଏବେ ୫୫ରୁ ୪୦ ବିଧାୟକଙ୍କ ବ୍ୟତୀତ ୨୨ ପୂର୍ବତନ ବିଧାୟକ ବି ଆମ ସହ ରହିଛନ୍ତି। ଆଉ ୧୮ରୁ ୧୨ ଏମ୍‌ପି ଆମ ସହ ଯୋଗ ଦେବେ। ଶିନ୍ଦେ ଗ୍ରୁପ ହେଉଛି ଅସଲ ଶିବସେନା ଏବଂ ଏହି ଗ୍ରୁପ ପୁଣିଥରେ ଶିବସେନାର ସମ୍ମାନକୁ ବଜାୟ ରଖିବ ବୋଲି ଗୁଲାବ ରାଓ କହିଛନ୍ତି।


यूनियन बैंक ऑफ इंडिया Union Bank of India
आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏ ବିଡାନାସୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏ ବିଡାନାସୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।**ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ସିଡିଏ ବିଡାନାସୀ ଶାଖା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ:(୧)ଶ୍ରୀ ପ୍ରଶାନ୍ତ କୁମାର ଦାସ, ପିତା: ସ୍ୱର୍ଗତ ଭୋଳାନାଥ ଦାସ, (୨)ଶ୍ରୀ ତୁଷାର ରଞ୍ଜନ ଦାସ, ପିତା: ଶ୍ରୀ ପ୍ରଶାନ୍ତ କୁମାର ଦାସ, ଜାମିନ୍‌ଦାର: ଶ୍ରୀମତୀ ମିରା ଦାସ, ସ୍ୱା:ଶ୍ରୀ ପ୍ରଶାନ୍ତ କୁମାର ଦାସ, ସମସ୍ତଙ୍କ ଠିକଣା: ସବଳପୁର, ବେଣ୍ଟକାର, କଟକ,ଓଡିଶା-୭୫୪୧୧୨। | ତା.୩୧.୦୩.୨୦୨୨ସୁଦ୍ଧା ଟ.୨୦,୨୧,୪୧୪/- + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୮.୦୪.୨୦୨୨ / ୦୪.୦୭.୨୦୨୨ | ଶ୍ରୀମତୀ ମିରା ଦାସ, ସ୍ୱା:ଶ୍ରୀ ପ୍ରଶାନ୍ତ କୁମାର ଦାସଙ୍କ ନାମରେ ଥିବା ବାସପୋଯୋଗି ଜମି ଏବଂ ଗୃହ ଯାହାର ଖାତା ନଂ.୨୨୩/୩୭, ପ୍ଲଟ ନଂ.୬୧୭, ଏରିଆ: ଏ୦.୦୮୦ ଡିସିମିଲି ଏବଂ ଆଉ ଗୋଟିଏ ପ୍ଲଟ ନଂ.୬୧୮, ଏରିଆ:ଏ୦.୧୮୦ ଡିସିମିଲି, ସମୁଦାୟ ଏରିଆ: ଏ୦.୨୬ଡିସିମିଲି, ମୌଜା: ସବଳପୁର, ଥାନା:କଟକ, ଥାନା:୧୧୭, ତହସିଲି/ଜିଲ୍ଲା:କଟକ, ଓଡିଶା-୭୫୪୧୧୨, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୬୧୯, ପୂର୍ବ-ରାସ୍ତା, ପଶ୍ଚିମ- ପ୍ଲଟ ନଂ.୬୧୬ ଓ ୬୨୧ । |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ଆଜି ଓଡ଼ିଶା ଆସୁଛନ୍ତି ଦ୍ରୌପଦୀ

ଭୁବନେଶ୍ୱର,୭।୭(ବ୍ୟୁରୋ)

ଭାଜପା ସମର୍ଥିତ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ତଥା ଓଡ଼ିଆ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବା ଲାଗି ପ୍ରାୟ ସବୁ ରାଜ୍ୟ ଗସ୍ତ କରୁଥିବାବେଳେ ଏହି କ୍ରମରେ ସେ ଓଡ଼ିଶା ଆସୁଛନ୍ତି। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କ ସମର୍ଥନ ଲୋଡ଼ିବେ। ଅନ୍ୟପଟେ ତାଙ୍କୁ ସ୍ୱାଗତ କରିବା ଲାଗି ଉଭୟ ଭାଜପା ଏବଂ ବିଜେଡି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଦ୍ରୌପଦୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିବା ଲାଗି ଭାଜପାର ପ୍ରାୟ ସମସ୍ତ ବିଧାୟକ, ଏମ୍‌ପି, ରାଜ୍ୟର ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ବିଜେଡିର ଏକ ଟିମ୍ ମଧ୍ୟ ଉପସ୍ଥିତ ରହିବେ। ସମସ୍ତେ ତାଙ୍କୁ ବିମାନବନ୍ଦରରୁ ସ୍ୱାଗତ କରିବା ପରେ ସେଠାରୁ ସେ ସିଧାସଳଖ ରାଜ୍ୟ ଅତିଥି ଭବନ ଯିବେ। ଅନ୍ୟପଟେ ତାଙ୍କ ସହ ଭାଜପାର ଦୁଇ ବରିଷ୍ଠ ନେତା ଗଜେନ୍ଦ୍ର ସିଂ ଶେଖାୱତ ଏବଂ ବିନୋଦ ତାୱଡେ ଆସିବା କାର୍ଯ୍ୟକ୍ରମ ରହିଛି। ସେଠାରେ କିଛି ସମୟ ରହିବା ପରେ ପୂର୍ବାହ୍ନ ୧୦ଟା ସମୟରେ ଦ୍ରୌପଦୀ ବିଧାନସଭାରେ ପହଞ୍ଚିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରେ ତାଙ୍କୁ ସ୍ୱାଗତ କରିବା ସହ ଏକ ବୈଠକ କରିବା କାର୍ଯ୍ୟକ୍ରମ ରହିଛି। ବିଧାନସଭାରେ ସମସ୍ତ ମନ୍ତ୍ରୀ, ବିଧାୟକମାନଙ୍କୁ ନବୀନ ଏହି ଅବସରରେ ଦ୍ରୌପଦୀଙ୍କୁ ଭୋଟ ଦେବା ସପକ୍ଷରେ କହିବେ। ଯେମିତି ରାଜ୍ୟର ସବୁ ଭୋଟ ଦ୍ରୌପଦୀଙ୍କ ସପକ୍ଷରେ ଯିବ ସେନେଇ ନବୀନ ଗୁରୁତ୍ୱ ଦେଇ ଆସୁଛନ୍ତି। ଏନ୍‌ଡିଏ ଦ୍ରୌପଦୀଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଏ ସମ୍ପର୍କରେ ଆଗରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରିଥିବା ନବୀନ କହିବା ସହ ସମର୍ଥନ କରିବା ନେଇ ଘୋଷଣା କରିଥିଲେ। ଏହାପରେ ଦଳମତ ନିର୍ବିଶେଷରେ ଦ୍ରୌପଦୀଙ୍କୁ ଭୋଟ ଦେବା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଜଣାଇଥିଲେ। ସେହି ଅନୁଯାୟୀ ମୁଖ୍ୟମନ୍ତ୍ରୀ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କୁ ଭେଟି ସମର୍ଥନ ଲୋଡ଼ିଥିବା ବେଳେ ବିଜେଡିର ଆଉ କେତେଜଣ ବିଧାୟକ କଂଗ୍ରେସର ବିଧାୟକମାନଙ୍କୁ ସାକ୍ଷାତକରି ଦ୍ରୌପଦୀଙ୍କୁ ଭୋଟ ଦେବା ଲାଗି ଅନୁରୋଧ କରି ଭେଟିବା ସମୟର ଫଟୋ ପୋଷ୍ଟ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଧାୟକ ମହମ୍ମଦ ମୋକିମ, ସୁରେଶ କୁମାର ରାଉତରାୟ, ରାଜନ ଏକ୍କାଙ୍କୁ ବିଜେଡି ବିଧାୟକ, ମନ୍ତ୍ରୀମାନେ ସାକ୍ଷାତକରି ଓଡ଼ିଆ ଝିଅ ଦ୍ରୌପଦୀଙ୍କୁ ସମର୍ଥନ କରିବା ଲାଗି କହିଛନ୍ତି। ଅନ୍ୟପକ୍ଷରେ ଦ୍ରୌପଦୀଙ୍କ ସ୍ୱାଗତରେ ଯେପରି ସାମାନ୍ୟତମ ହେଳା ନ ହୁଏ ସେଦିଗରେ ମଧ୍ୟ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତି ଚଳାଇଛି। ବାଜା, ବାଣ ସହ ରାଲିର ବ୍ୟବସ୍ଥା ମଧ୍ୟ ହୋଇଛି। ବିଧାନସଭାରେ ବୈଠକ ଶେଷ ହେବାପରେ ପୁଣି ଅତିଥି ଭବନ ହୋଇ ସେ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ବିରୋଧୀ ମେଣ୍ଟର ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନା ଭୋଟ ଭିକ୍ଷା କରିବା ପାଇଁ ଗତ ବୁଧବାର ଆସିବାର ଥିବାବେଳେ ଏହି କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି। ତେବେ ସିହ୍ନା କେବେ ଆସିବେ ସେନେଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଖବର ଆସି ନ ଥିବା କଂଗ୍ରେସ ବିଧାୟକ ମହମ୍ମଦ ମୋକିମ କହିଛନ୍ତି।

## ସ୍ୱାଗତ ପାଇଁ ବ୍ୟାପକ ପ୍ରସ୍ତୁତି

■ ବିଧାନସଭାରେ ସମସ୍ତଙ୍କୁ ଭୋଟ ଦେବା ନେଇ ଅନୁରୋଧ କରିବେ ନବୀନ


ଦ୍ରୌପଦୀ ମୁର୍ମୁ

# ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସାକରି ନିଜକୁ ସ୍ୱାଧୀନ ବିଧାୟକ କହିଲେ

## ମତ ବଦଳାଇଲେ ଗୋପାଳପୁର ବିଧାୟକ

ଭୁବନେଶ୍ୱର,୭।୭(ବ୍ୟୁରୋ)

ବିଜେଡିରୁ କୋଣଠେସା ହେବାପରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଡ଼କୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଢଳୁଥିବା ଦେଖିବାକୁ ମିଳିଛି। ଗୁରୁବାର ସେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ପ୍ରଦୀପ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଋଣ ଓଡ଼ିଶାବାସୀ କେବେ ହେଲେ ଶୁଝିପାରିବେ ନାହିଁ। ଏହାସହ ନିକଟରେ ନିଜକୁ ବିଜେଡିର ୨୬ ନମ୍ବର ବିଧାୟକ ବୋଲି କହୁଥିବା ପ୍ରଦୀପ ପ୍ରଥମ ଥର ଲାଗି ନିଜକୁ ସ୍ୱାଧୀନ ବିଧାୟକ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବା ଘଟଣା ଏବେ ନୂଆ ରାଜନୈତିକ ଚର୍ଚ୍ଚା ଆରମ୍ଭ କରିଛି। ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି।

ବିଧାୟକ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି, ମୋଦି ଓଡ଼ିଆ ଜାତିକୁ ଯେଉଁ ସମ୍ମାନ ଦେଇଛନ୍ତି ପୂର୍ବରୁ ସେପରି କୌଣସି ପ୍ରଧାନମନ୍ତ୍ରୀ ଦେଇନାହାନ୍ତି। ସ୍ୱାଧୀନତା ପୂର୍ବରୁ କିମ୍ବା ପରେ କୌଣସି ପ୍ରଧାନମନ୍ତ୍ରୀ ଓଡ଼ିଆଙ୍କୁ ଏତେ ବଡ଼ ଗୁରୁଦାୟିତ୍ୱ ଦେଇନାହାନ୍ତି। ମୋଦି ତାଙ୍କ ୮ ବର୍ଷ ଶାସନ କାଳରେ ଓଡ଼ିଆଙ୍କୁ ବହୁ ବଡ଼ ଦାୟିତ୍ୱ ଦେଇଛନ୍ତି। ଶକ୍ତିକାନ୍ତ ଦାସଙ୍କଠାରୁ ଆରମ୍ଭ କରି ଗିରୀଶ ମୁର୍ମୁ, ଧର୍ମେନ୍ଦ୍ର ପ୍ରଧାନଙ୍କ ଯାଏଁ ବହୁ ଓଡ଼ିଆ ବଡ଼ ବଡ଼ ଗୁରୁଦାୟିତ୍ୱ ସମ୍ଭାଳିଛନ୍ତି। ଏହାସହ ଦେଶର ସର୍ବୋଚ୍ଚ ପଦ ପାଇଁ ଜଣେ ଓଡ଼ିଆ ଝିଅଙ୍କୁ ପ୍ରଧାନମନ୍ତ୍ରୀ ସୁଯୋଗ ଦେଇଛନ୍ତି। ଏଥିଲାଗି ଓଡ଼ିଶାବାସୀ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଚିର ଋଣୀ। ଏହି ଋଣ କେବେହେଲେ ଶୁଝିହେବ ନାହିଁ ବୋଲି ବିଧାୟକ କହିଛନ୍ତି। ଅପରପକ୍ଷେ ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଲାଗି ତାଙ୍କ ସହ କେହି ଯୋଗାଯୋଗ କରିଥିବା ନେଇ ପଚାରିବାରୁ ସେ କହିଛନ୍ତି, ଏନେଇ ତାଙ୍କୁ କେହି ଯୋଗାଯୋଗ କରିନାହାନ୍ତି। ବିବେକ ଅନୁଯାୟୀ ଦ୍ରୌପଦୀଙ୍କୁ ସେ ଭୋଟ ଦେବେ। ଅନ୍ୟମାନଙ୍କୁ ଏଥିଲାଗି ମଧ୍ୟ ଅନୁରୋଧ କରିବେ। ଦ୍ରୌପଦୀଙ୍କ ବିପକ୍ଷରେ ଯେପରି ଓଡ଼ିଶାର କୌଣସି ଭୋଟ ନ ଯାଏ ସେଥିଲାଗି ଚେଷ୍ଟା କରିବା ଦରକାର ବୋଲି ପ୍ରଦୀପ କହିଛନ୍ତି। ସୂଚନାଯୋଗ୍ୟ, ଗୋପାଳପୁର ନିର୍ବାଚନମଣ୍ଡଳୀର ଏକ କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ଯୋଗଦେବା ଅବସରରେ କହିଥିଲେ, ବିଜେଡିରୁ ବହିଷ୍କୃତ ବିଷୟ ଗଣମାଧ୍ୟମରେ ପ୍ରସାରଣ ହୋଇଛି ଏବଂ ନିଜେ ଶୁଣିଛନ୍ତି। ହେଲେ ଏବେ ମଧ୍ୟ ସେ ବିଜେଡି ବିଧାୟକ ଥିବା କହିଥିଲେ। ବିଧାନସଭା ୱେବ୍‌ସାଇଟ୍‌ରେ ଶାସକ ଦଳ ତଥା ଟ୍ରେଜେରି ବେଞ୍ଚରେ ୨୬ ନମ୍ବର ଆସନ ତାଙ୍କ ଲାଗି ଉଦ୍ଦିଷ୍ଟ ଅଛି। ଏହାସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ଅବଗତ କରାଯାଉ ନ ଥିବା ସେ କହିଥିଲେ। ହେଲେ ତାଙ୍କର ଏହି ପ୍ରତିକ୍ରିୟାକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଥିଲା।


ପ୍ରଦୀପ ପାଣିଗ୍ରାହୀ

# ଅଗ୍ନିପଥ ଯୋଜନା ସୁରକ୍ଷା ପ୍ରତି ବିପଦ: କ୍ରିଷ୍ଣା

## ଯୁବକଂଗ୍ରେସର ଏକଦିବସୀୟ ଚିନ୍ତନ ବୈଠକ

ଭୁବନେଶ୍ୱର,୭।୭(ବ୍ୟୁରୋ)

ଓଡ଼ିଶା ପ୍ରଦେଶ ଯୁବକଂଗ୍ରେସର ଏକଦିବସୀୟ ଯୁବ ଚିନ୍ତନ ବୈଠକ ଗୁରୁବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମିତିରଞ୍ଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଯୁଗ୍ମ ସମ୍ପାଦକ ତଥା ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଜୋର୍‌ଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିପରି ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ସେ ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବାକୁ କହଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଏହି ଅବସରରେ ଯୋଗଦେଇ କହିଛନ୍ତି, କଂଗ୍ରେସକୁ ଶାସନ କ୍ଷମତାକୁ ଆଣିବାକୁ ହେଲେ ଯୁବକଂଗ୍ରେସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସର ଆସନ ସଂଖ୍ୟା ୯ରୁ ୯୦ରେ ପହଞ୍ଚିବ। ଯୁବକଂଗ୍ରେସ ଏହି ମିଶନର ମୁଖ୍ୟ ସାରଥି ସାଜିବ ବୋଲି ଶରତ କରିଛନ୍ତି। ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଲଢ଼େଇ ଜୋର୍‌ଦାର କରିବାକୁ ରଣନୀତି ପ୍ରସ୍ତୁତ ହୋଇଥିଲା। ବୁଥ୍ ସ୍ତରରେ ଯୁବବର୍ଗଙ୍କୁ ଏକତ୍ରିତ କରିବା ପାଇଁ ଯୁବକଂଗ୍ରେସ ପକ୍ଷରୁ ଯୁବ ସମ୍ପର୍କ ପଦଯାତ୍ରା କରାଯିବ ବୋଲି ସ୍ମିତିରଞ୍ଜନ ଲେଙ୍କା କହିଛନ୍ତି। ପୂର୍ବତନ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇ ରାଜ୍ୟ ତଥା ଦେଶର ବିକାଶ ପାଇଁ ଯୁବବର୍ଗ ଏକତ୍ରିତ ହେବା ସହ ଦୁର୍ନୀତି ବିରୋଧରେ ଜୋର୍‌ଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଛନ୍ତି। ବୈଠକରେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ନିର୍ବାଚିତ ହୋଇଥିବା କାର୍ଯ୍ୟକର୍ତ୍ତାଙ୍କୁ ଯୁବକଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# ତଥ୍ୟ ସଂଗ୍ରହ କଲା ପିସିସି ପ୍ରତିନିଧି ଦଳ

## ମହିଳାଙ୍କ ଉପରେ ପୋଲିସର ରାତିଅଧିଆ ଆକ୍ରମଣ ଘଟଣା

ଚିତ୍ରକୋଣ୍ଡା/ମାଲକାନଗିରି, ୭।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡ଼ା ପଞ୍ଚାୟତର ଆର୍‌ଏସ୍‌ସି-୧୩ ଗ୍ରାମରେ ଜୁନ୍ ୭ରେ ପୋଲିସ ଟିମ୍ ରାତିଅଧିଆ ଚଢ଼ାଉକରି ଗଞ୍ଜେଇ ଜବତ ନାଁରେ ମହିଳାମାନଙ୍କୁ ମାଡ଼ ମାରିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ଲାଗି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ୫ ଜଣିଆ ପ୍ରତିନିଧି ଦଳ ଗାଁକୁ ଯାଇ ଘର ଘର ବୁଲି ଘଟଣା ବିଷୟରେ ତଥ୍ୟ ସଂଗ୍ରହ କରିଛି। ଟିମ୍‌ରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ରାଜଗାଙ୍ଗପୁର ବିଧାୟକ ସି.ଏସ୍. ରାଜେନ ଏକ୍କା, ଡାବୁଗାଁର ପୂର୍ବତନ ବିଧାୟକ ଭୁଜବଳ ମାଝି ରହିଥିଲେ। ଆର୍‌ଏସ୍‌ସି-୧୩ ଗ୍ରାମରେ ପ୍ରତିନିଧି ଦଳ ଏକ ସଭାର ଆୟୋଜନ କରି ଆଦିବାସୀ ମହିଳାଙ୍କୁ ନ୍ୟାୟ ପ୍ରଦାନ ସହ ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀଙ୍କୁ ଚାକିରିରୁ ବରଖାସ୍ତ ଏବଂ ଗିରଫ ଦାବି କରିଛି। ଏହି ଘଟଣା ବିଷୟରେ ବିଧାନସଭାରେ ପ୍ରଶ୍ନ ଉଠାଯିବ ବୋଲି ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ଏହି ପ୍ରତିନିଧି ଦଳ ମାଲକାନଗିରିରେ ପହଞ୍ଚି ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କୁ ବଦଳି ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ତାହା ନ ହେଲେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଗାଁରେ ପୋଲିସ ପଶି ମହିଳାମାନଙ୍କୁ ଆକ୍ରମଣ କରିବା ଘଟଣାରେ ଜୁନ୍ ୨୦ରେ କଂଗ୍ରେସ ପକ୍ଷରୁ ଚିତ୍ରକୋଣ୍ଡାରେ ଗଣବିକ୍ଷୋଭ, ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଆଦିବାସୀ ଗ୍ରାମବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ସାମିଲ ହୋଇଥିଲେ। ଏହି ସମୟରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଚିତ୍ରକୋଣ୍ଡା ଥାନା ପରିସରରେ ଭଙ୍ଗାରୁଜା କରିଥିଲେ। ଉକ୍ତ ଘଟଣାରେ ୧୮ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଥିଲା।


ତଥ୍ୟ ସଂଗ୍ରହ ପାଇଁ ଆସିଥିବା କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 6184/PSC Dt.07.07.2022**
**PF-1E-11-2021/22 (DR-III)**

No. D-92: It is for information of all concerned that, pursuant to Advt. No. 24 of 2021-22, 18 (Eighteen) candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Sanskrit**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 18.07.2022 & 19.07.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 18.07.2022 | 10.30 A.M. | 00123843, 00123846, 00121970, 00120851, 00091776, 00123422 & 00115285 = **07 Candidates** |
| | | 03.00 P.M. | 00117290, 00131262, 00114196, 00132245 & 00133221 = **05 Candidates** |
| 2 | 19.07.2022 | 10.30 A.M. | 00114079, 00121669, 00114441, 00124606, 00127417 & 00116235 = **06 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.
**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the commission for the purpose.

**OIPR-12002/11/0104/2223** **Sd./- Secretary**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 6197/PSC Dt.07.07.2022**
**(2PE-07-22/23) (DR-I)**

No. D-91: It is for information of all concerned that, pursuant to Advt. No. 09 of 2021-22, 77 (Seventy Seven) candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Physics)**. The Interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on 18.07.2022, 19.07.2022, 20.07.2022, 21.07.2022 & 22.07.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of Candidates |
|---|---|---|
| 18.07.2022 | 10.30 A.M. | 00086199, 00082646, 00092086, 00089962, 00085918, 00091144, 00089685, 00077008, 00083004 = **09 Candidates** |
| | 02.45 P.M. | 00087563, 00087892, 00111577, 00081252, 00088769, 00093416 = **06 Candidates** |
| 19.07.2022 | 10.30 A.M. | 00090766, 00088646, 00111762, 00086085, 00092004, 00090739, 00090006, 00112390, 00089874, 00112295 = **10 Candidates** |
| | 02.45 P.M. | 00112375, 00094807, 00112796, 00099334, 00089333, 00111578 = **06 Candidates** |
| 20.07.2022 | 10.30 A.M. | 00112373, 00112493, 00089990, 00093759, 00112394, 00092746, 00088110, 00070539, 00112514, 00095169 = **10 Candidates** |
| | 02.45 P.M. | 00090886, 00095646, 00095063, 00050963, 00090900, 00096418 = **06 Candidates** |
| 21.07.2022 | 10.30 A.M. | 00095910, 00097874, 00104473, 00102989, 00055736, 00077443, 00104696, 00099729, 00086525 = **09 Candidates** |
| | 02.45 P.M. | 00094059, 00093200, 00082627, 00112521, 00112276, 00048031 = **06 Candidates** |
| 22.07.2022 | 10.30 A.M. | 00060517, 00067295, 00089143, 00090842, 00092758, 00111504, 00111685, 00111966, 00090707 = **09 Candidates** |
| | 02.45 P.M. | 00027017, 00079218, 00094959, 00112793, 00092176, 00044831 = **06 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.
The candidates are further advised to bring three sets of Xerox copies of published research papers as earlier produced during verification.
**Note:** The candidates are informed that the pedagogy skill is part of the interivew. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the commission for the purpose.

**OIPR-12002/11/0103/2223** **Sd./- Secretary**

କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ- ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍ଭବ ଯେପରି ପଶୁ ଭିତରୁ ହେଲା- ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍ଭବ ହେବ। **-ଶ୍ରୀଅରବିନ୍ଦ**



# ବନାଞ୍ଚଳରେ ଆଶାର ଆଲୋକ



**କୌଶିକ ବସୁ**

ଘାତକ କରୋନା ଭୂତାଣୁ ବିରୋଧରେ ବିଶ୍ୱ ଲଢ଼େଇ କରୁଛି। ଏହି ସମୟରେ ୟୁରୋପକୁ ଯୁଦ୍ଧ ଏବଂ କ୍ରୂରତା ଫେରିଛି। ଏହା ବାଦ୍ ବିକଶିତ ଓ ବିକାଶଶୀଳ ଦେଶମାନଙ୍କରେ ସମାନ ଭାବେ ବନ୍ୟା, ବନାଗ୍ନି ଏବଂ ଭୟଙ୍କର ବାତ୍ୟା ଏବଂ ମରୁଡ଼ି ଭଳି ଜଳବାୟୁଜନିତ ବିପର୍ଯ୍ୟୟଗୁଡ଼ିକ ବାରମ୍ବାର ଘଟୁଛି ଓ ଅଧିକ ତୀବ୍ର ହେଉଥିବାବେଳେ କିନ୍ତୁ ବିଶ୍ୱରୁ ପ୍ରେରଣା ଓ ଆଶାବାଦ ସମ୍ପୂର୍ଣ୍ଣ ଲୋପ ହୋଇନାହିଁ। ପଶ୍ଚିମବଙ୍ଗ ପୁରୁଲିଆ ଜିଲାର ଛୋଟ ସହର ପରା ନିକଟସ୍ଥ ବାରାଁଡଙ୍ଗା ଗାଁକୁ ଯାଇଥିବା ଅବସରରେ ସେଠାରେ ମୁଁ ପ୍ରେରଣା ଓ ଆଶାର ଆଲୋକ ଦେଖିବାକୁ ପାଇଛି, ଯାହା ଅତ୍ୟନ୍ତ ପ୍ରଶଂସନୀୟ। ଶିକ୍ଷା ଯୋଗାଇଦେବାର ନୂଆ ପଦକ୍ଷେପଗୁଡ଼ିକ ବିଶେଷକରି ଗ୍ରାମୀଣ ଗରିବ ପିଲାଙ୍କ ପାଇଁ ସୃଜନାତ୍ମକ ଶିକ୍ଷା ଉପରେ ଅନୁଧ୍ୟାନ କରିବା ଲକ୍ଷ୍ୟରେ ଏହି ବନାଅଞ୍ଚଳକୁ ଏକ ୪ ଦିନିଆ ଗସ୍ତରେ ଯାଇଥିଲି। କିନ୍ତୁ ସେଠାରେ ମୁଁ ଏହାଠାରୁ ଆହୁରି ଅଧିକ ପାଇଲି। ବାହାର ଜଗତରୁ ବିଚ୍ଛିନ୍ନ ଏହି ଅଞ୍ଚଳରେ ଖବରକାଗଜ ପହଞ୍ଚୁନାହିଁ କି ଟେଲିଭିଜନ ନାହିଁ। କିନ୍ତୁ ଗୋଟିଏ ପରେ ଗୋଟିଏ ଗାଁର ସ୍କୁଲ ପରିଦର୍ଶନ କଲା ପରେ ସେଠାରେ ଆଶାର ଅପୂର୍ବ ଭାବନା ଥିବା ଅନୁଭବ କଲି। ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମା ନିକଟରେ ଜନବସତିଠାରୁ ବହୁଦୂରରେ ଥିବା ବନାଞ୍ଚଳର ଏହି ଦୁର୍ଗମ ଗାଁରେ ସାନ୍ତାଳ, ଶବର ଆଦିବାସୀମାନେ ରହୁଛନ୍ତି। ତଥାକଥିତ ଆର୍ଯ୍ୟଙ୍କ ଆକ୍ରମଣର ହଜାର ହଜାର ବର୍ଷ ପୂର୍ବରୁ ମୁର୍ମୁ ଜାତିର ଲୋକେ ଆଫ୍ରିକାରୁ ଏଠାକୁ ଆସିଥିଲେ। ଏହି ସବୁ ଆଦିବାସୀ ପ୍ରାୟତଃ ନିରକ୍ଷର ଏବଂ ଅତି ଗରିବ।

ମୁଁ ସମାଜର କଲ୍ୟାଣକର କାର୍ଯ୍ୟରେ ବର୍ତ୍ତୀ 'ନାନ୍ଦୃତମ' ସ୍ୱେଚ୍ଛାସେବୀ ସଂଗଠନକୁ ବୁଲି ଆସିଥିଲି, ଯାହା ପ୍ରାରମ୍ଭରେ ଶିକ୍ଷା କ୍ଷେତ୍ରରେ କିଛି କାର୍ଯ୍ୟ କରିଥିଲା। ୨୦୦୨ରେ ଆଇଟି ପ୍ରଫେଶନାଲ ରଞ୍ଜନା ସେନଗୁପ୍ତ ଓ ଡାକ୍ତର ଭାରତୀ ବକ୍ସି ଏହାକୁ ପ୍ରତିଷ୍ଠା କରିଥିଲେ। ସେ ଅଞ୍ଚଳରେ ଆଖିରୋଗ ଓ ଦୃଷ୍ଟିହୀନତାର ବ୍ୟାପକତାକୁ ନେଇ ସେମାନେ ସମସ୍ୟାରେ ପଡ଼ିଥିଲେ। ଏଣୁ ସେମାନେ ଏହି ଦାରିଦ୍ର୍ୟ ପ୍ରପୀଡ଼ିତ ଅଞ୍ଚଳର ମଧ୍ୟ ଭାଗରେ ଏକ ହସ୍ପିଟାଲ ପ୍ରତିଷ୍ଠା କରି ପରେ ତାହାକୁ ଏକ ଆଧୁନିକ ହସ୍ପିଟାଲରେ ପରିଣତ କରିଥିଲେ। ଭଲ ଡାକ୍ତର ଓ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ ଅନେକ କମ୍ ସମୟ ପାଇଁ ଆସି କାଟାରାକ୍ଟ ଓ ରେଟିନା ଅପରେଶନ କରୁଥିଲେ ଏବଂ ଗ୍ଲାକ୍ୟୁମାର ଚିକିତ୍ସା କରୁଥିଲେ। ସେମାନେ ଦୂରଦୂରାନ୍ତ ଗାଁରୁ ଅଧିକାଂଶ ରୋଗୀଙ୍କୁ, ଯେଉଁମାନେ କେବେ ହସ୍ପିଟାଲ ଦେଖି ନ ଥିଲେ ସେମାନଙ୍କୁ ଭ୍ୟାନ୍‌ରେ ହସ୍ପିଟାଲକୁ ଆଣୁଥିଲେ।

ଗୋଟିଏ ସମୟରେ ଏହି ଅଞ୍ଚଳ ମାଓବାଦୀଙ୍କ ଆଡ୍ଡା ଥିଲା। କିନ୍ତୁ ଯେତେବେଳେ ଲୋକେ ଦୃଷ୍ଟିଶକ୍ତି ଫେରି ପାଇଲେ ଏବଂ 'ନାନ୍ଦୃତମ' ଖ୍ୟାତି ବ୍ୟାପିଲା, ସେତେବେଳେ ମାଓବାଦୀମାନେ ସଂଗଠନ ଛାଡ଼ିବାକୁ ଲାଗିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଗୁପ୍ତରେ ହସ୍ପିଟାଲକୁ ଆସି ସେମାନଙ୍କ ଆଖି ପରୀକ୍ଷା କଲେ। ଏହାବାଦ୍ 'ନାନ୍ଦୃତମ'ସେହି ଅଞ୍ଚଳର ପିଲାମାନଙ୍କୁ ଆଧୁନିକ ଶିକ୍ଷା ଦେବା ଲାଗି ଚାହିଁଥିଲା ଓ ଏହି ଲକ୍ଷ୍ୟରେ ବାରାଁଡଙ୍ଗା ଗ୍ରାମରେ ଏକ ସ୍କୁଲ ପ୍ରତିଷ୍ଠା କରିଥିଲା, ଯେଉଁଠିକୁ ମୁଁ ନିକଟରେ ଯାଇଥିଲି। ସେଠାରେ ଛାତ୍ରୀଛାତ୍ର ମାତୃଭାଷା, ବିଶେଷକରି ସାନ୍ତାଳ କିମ୍ବା ବେଙ୍ଗଲି ଶିକ୍ଷା କରୁଛନ୍ତି। କିନ୍ତୁ ସେଠାରେ ଶିକ୍ଷାର ମାଧ୍ୟମ ହେଉଛି ଇଂଲିଶ। ସେମାନେ ଗଣିତ, ସାହିତ୍ୟ, ପଦାର୍ଥବିଜ୍ଞାନ ଓ କମ୍ପ୍ୟୁଟିଂ ପଢୁଛନ୍ତି। ଭବିଷ୍ୟତରେ ସୃଜନ କୌଶଳ ଆବଶ୍ୟକତାକୁ ଲକ୍ଷ୍ୟକରି ସେମାନଙ୍କୁ ଏଭଳି ଶୈଳୀରେ ଶିକ୍ଷା ଦିଆଯିବା ଦରକାର ବୋଲି ସ୍କୁଲର ବିଶ୍ୱାସ ରହିଛି। ପିଲାମାନଙ୍କ ସହ କଥା ହେବା ସମୟରେ ସେମାନଙ୍କ ବାକ୍‌ପଟୁତା ଓ ମଜାଳିଆ ସ୍ୱଭାବ ମୋ ଦୃଷ୍ଟି ଆକର୍ଷଣ କରିଥିଲା। ଗଣିତ ଓ ଜ୍ୟାମିତିରେ ସେମାନଙ୍କ ସୃଜନ ଶକ୍ତି ବିକଶିତ ଦେଶର ପିଲାମାନଙ୍କ ସହ ତୁଳନୀୟ ବୋଲି ଜାଣିବାକୁ ପାଇଲି।



କୋଭିଡ୍-୧୯ ମହାମାରୀ ଦେଖାଦେବା ପରେ ନୂଆ ଡିଜିଟାଲ ଟେକ୍‌ନୋଲୋଜିକୁ ଯଥାଶୀଘ୍ର ଆପଣାଯାଇଥିଲା। ଏହି ସମୟରେ 'ନାନ୍ଦୃତମ'ର ପରିଚାଳକମାନେ ପୁରୁଣାଶୈଳୀ ପଢା ବଦଳରେ ଏକ ସୃଜନାତ୍ମକ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରିଥିଲେ। ଏଣୁ ୨୦୨୧ରେ, ମହାମାରୀର ମଧ୍ୟ ଭାଗରେ 'ନାନ୍ଦୃତମ' ଆଖପାଖ ଗାଁ ଓ ଜିଲାଗୁଡ଼ିକରେ ସୃଜନ ଶିକ୍ଷାର ପ୍ରସାର ପାଇଁ 'ଏଡୁକେଶନ ଫର୍ ଅଲ୍ ପ୍ରୋଗ୍ରାମ' ଆରମ୍ଭ କରିଥିଲା। ବ୍ୟକ୍ତିଗତ କିମ୍ବା ଭର୍ଚ୍ଚୁଆଲ ପ୍ରଶିକ୍ଷଣ ଲାଗି ଉକ୍ତ ସଂଗଠନ ଅନ୍ୟ ସ୍କୁଲରୁ ନିୟମିତ ଭାବେ ଶିକ୍ଷକମାନଙ୍କୁ ଆଣିଥିଲା। ସେହି ଅଞ୍ଚଳରେ ୧୫୦ ସ୍କୁଲର ପିଲାମାନଙ୍କୁ ମଧ୍ୟ ବହି ଯୋଗାଇଥିଲା। ଏହା ଏବେ ଗରିବ ତଥା ଅସହାୟ ପିଲାଙ୍କ ସହ ୪୦,୦୦୦ ପିଲାଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଛି। ଦେଖିବାକୁ ଗଲେ ଏହି ସଂଖ୍ୟା ବହୁତ, କିନ୍ତୁ ଭାରତର ଜନସଂଖ୍ୟା ତୁଳନାରେ ଏହା କମ୍ ବୋଲି ବୁଝିବାକୁ ହେବ।

୨୦୦୫ରେ ଅର୍ଥନୀତିଜ୍ଞ ମାଇକେଲ୍ କ୍ରିମର ଏବଂ ତାଙ୍କ ସହଯୋଗୀମାନେ ଏକ ଦୃଷ୍ଟିଆକର୍ଷଣକାରୀ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଶିକ୍ଷକଙ୍କ ଉଦାସୀନତା ଏବଂ ଅନୁପସ୍ଥିତି ଭାରତରେ ଶିକ୍ଷା ଲାଗି ଏକ ବଡ଼ ସମସ୍ୟା ବୋଲି ଏହା ପ୍ରକାଶ କରିଥିଲା। ଏଦୃଷ୍ଟିରୁ ଦେଖିଲେ ମୁଁ ଯେଉଁ ସବୁ ସ୍କୁଲ ପରିଦର୍ଶନ କରିଥିଲି ସେଠାକାର ସ୍ଥିତି ସମ୍ପୂର୍ଣ୍ଣ ସୁଖଦ ଓ ଆଶ୍ଚର୍ଯ୍ୟ ଜନକ ଥିଲା। ସବୁଠୁ ପ୍ରଭାବୀ ଓ ଦୃଷ୍ଟିଆକର୍ଷଣକାରୀ ସ୍କୁଲ ଥିଲା 'ମାରଙ୍ଗ ବୁରୁ ଚାଙ୍ଗୋ ମାର୍ଶାଲ ସ୍କୁଲ'। ସୁସୁନିଆ ପାହାଡ଼ି ଅଞ୍ଚଳରେ ଝୋପଡି ଘରଗୁଡ଼ିକରେ ଚାଲୁଛି ଏହି ସ୍କୁଲ। ଏଠାରେ ସାନ୍ତାଳୀ ପିଲାମାନେ ରହୁଛନ୍ତି ଓ ପ୍ରାଥମିକ ଶିକ୍ଷା ଲାଭ କରୁଛନ୍ତି। ଏହି ସ୍କୁଲକୁ ସାନ୍ତାଳୀ ଦମ୍ପତି ଲକ୍ଷ୍ମୀ ଓ ବାବୁନାଥ ଟୁଡୁ ଚଳାଉଛନ୍ତି। ବାବୁନାଥ ଅତି ଦାରିଦ୍ର୍ୟ ମଧ୍ୟରେ ବଢ଼ିଥିଲେ ଓ ଦିନେ ଖାଇଲେ ଆଉ ଦିନେ ଉପାସ ରହୁଥିଲେ। ପଢିବାକୁ କେଉଁ ପିଲା ଯିବ ତାହା ତାଙ୍କ ବାପା ସ୍ଥିର କରୁଥିଲେ ଓ ଅନ୍ୟମାନେ ପରିବାର ପ୍ରତିପୋଷଣ ନିଶ୍ଚିତ କରିବା ସକାଶେ କାମ କରୁଥିଲେ। ପ୍ରେରଣା, ସହାନୁଭୂତି ଓ ପ୍ରତିବଦ୍ଧତା କିପରି ହାସଲ କରାଯାଇପାରେ ତାହା ଦେଖି ମୁଁ ସ୍ତମ୍ଭୀଭୂତ ହୋଇଯାଇଥିଲି। ଅର୍ଥନୀତିଜ୍ଞମାନେ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ଶିକ୍ଷକ ଅନୁପସ୍ଥିତି ହ୍ରାସ କରାଯାଇପାରିବ ବୋଲି ଦାବି କରନ୍ତି। ଶିକ୍ଷକମାନେ ଶ୍ରେଣୀରେ ଉପସ୍ଥିତ ରହିବା ଲାଗି ଅଧିକ ଅର୍ଥ ଦେବା କିମ୍ବା ଅନୁପସ୍ଥିତ ରହିଲେ ଦରମା କାଟିଦେବା ଉଚିତ ବୋଲି ସେମାନେ ମତ ଦିଅନ୍ତି। କିନ୍ତୁ ଟଙ୍କା ଦ୍ୱାରା ଆମ ଜୀବନର ସବୁ ଲକ୍ଷ୍ୟ ନିଶ୍ଚିତ କରିହେବ ନାହିଁ। ଅର୍ଥକୁ ପଛକରି ଅନେକେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଛନ୍ତି। ଏଥିରୁ ବୁଝାପଡ଼େ, ଟଙ୍କାକୁ ଗୌଣ କରି ଲକ୍ଷ୍ୟ ଚୟନ କରିବାରେ ଆମର କ୍ଷମତା ରହିଛି। ଅନ୍ୟମାନଙ୍କୁ ସାହାଯ୍ୟ କରିବାର ପ୍ରବୃତ୍ତି ନିଜ ମଧ୍ୟରେ ବିକାଶ କରିଥିବା ଲୋକମାନେ ବି ଭଲ ପଢ଼ାଇପାରନ୍ତି। କିନ୍ତୁ ଆମ ମାନସିକତା ଓ ମାନବୀୟ ପ୍ରେରଣାର ଏହି ବୃହତ୍ ଦିଗ ପ୍ରତି ଆମେ କମ୍ ଧ୍ୟାନ ଦେଉ।

ମୁଁ ଯାହା ବର୍ଣ୍ଣନା କରୁଛି ତାହା ମୋ ଏବକାର ଅଭିଜ୍ଞତାର ଏକ ଚମକପ୍ରଦ ପରିପ୍ରକାଶ। ଏହି ଚମକ ଦୀର୍ଘସ୍ଥାୟୀ ହେବା ସହ ସୁଦୂରପ୍ରସାରୀ ହୋଇପାରିବ ବୋଲି ମୋ ମନରେ ବିଶ୍ୱାସ ଜନ୍ମାଇଛି। ଆମେ ଯଦି ସୃଜନାତ୍ମକ ଦିଗ ବିଷୟରେ ଚିନ୍ତା କରିବା ଏବଂ ଅସହାୟ ଓ ଗରିବ ପିଲାମାନଙ୍କ ସହ ଅନ୍ୟପିଲାଙ୍କୁ ନୂତନ ଓ ଉଚ୍ଚମାନର ଶିକ୍ଷା ଯୋଗାଇ ଦେବା, ତେବେ ଆମ ମଧ୍ୟରେ ଥିବା ସବୁଠୁ ଗରିବମାନଙ୍କ ଜୀବନ ପାଇଁ ଏକ ବୃହତ୍ ପରିବର୍ତ୍ତନ ଆଣିପାରିବା।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ; ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା, ଭାରତ ସରକାର**

# ଯାତ୍ରାରୁ ରୋଜଗାର



**ଡ. ପ୍ରମୋଦ କୁମାର ପଣ୍ଡା**

ଉତ୍କଳ ହେଉଛି ଉତ୍କୃଷ୍ଟ କଳାର ଦେଶ। କେଉଁ ଆଦିମ କାଳରୁ ଆମ ରାଜ୍ୟରେ କଳା ସଂସ୍କୃତିକୁ ଉଚ୍ଚସ୍ଥାନ ଦିଆଯାଇ ଆସୁଛି। ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ରରେ ମଧ୍ୟ ଓଡ଼ିଶାର ନାଟ୍ୟ କଥା ଉଲ୍ଲେଖ ଅଛି। ସେଥିପାଇଁ ଭାରତର ଏହି ଭୂଖଣ୍ଡ ଏକ ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ ଏବଂ ଶାସ୍ତ୍ରୀୟ ଗାନ (ଓଡ଼ିଶୀ ଗାନ ଶାସ୍ତ୍ରୀୟତା ପାଇଁ ବିଚାରାଧୀନ ଅଛି) ସମଗ୍ର ବିଶ୍ୱକୁ ଉପହାର ସ୍ୱରୂପ ଦାନ କରିଛି। ଆମ ଲୋକନୃତ୍ୟ, ଲୋକ ଗୀତ, ଓଡ଼ିଶୀ ସଙ୍ଗୀତ, ଛାନ୍ଦ, ଚମ୍ପୁ, ଚଉତିଶା, ଓଡ଼ିଶୀ ନୃତ୍ୟ, ଆମ କାବ୍ୟରେ ପ୍ରକୃତି ବର୍ଣ୍ଣନା; ଆମର ନାଟକ, ରଙ୍ଗମଞ୍ଚ ପ୍ରଭୃତିରେ ପ୍ରାଚୀନ ଓ ପ୍ରବହମାନ କଳାର ଝଲକ ସ୍ପଷ୍ଟ ବାରିହୋଇପଡ଼େ। ସିନେମା ବା ଚଳଚ୍ଚିତ୍ରର ବହୁ ପୂର୍ବରୁ ଆମ ରାଜ୍ୟରେ ପାଲା, ଦାସକାଠିଆ, ଘୋଡ଼ା ନାଚ, ଡ୍ରାମା ଇତ୍ୟାଦିର ଖୁବ୍ ପ୍ରଚଳନ ଥିଲା। ଯାତ୍ରାର ଅଭ୍ୟୁଦୟ ଓ ପ୍ରଚାର ପ୍ରସାର ଦ୍ୱାରା ଏହା ଚଳଚ୍ଚିତ୍ରର ଏକ ବିକଳ୍ପ ଭାବେ ଠିଆ ହେଲା। ଯାତ୍ରା ଓଡ଼ିଶାର ଘରେ ଘରେ ଆଦୃତିଲାଭ କରିଥିଲା। ଫଳରେ ଯାତ୍ରାର ହଜାର ହଜାର କଳାକାର ଏବଂ ତାଙ୍କ ସହଯୋଗୀ ରୋଜଗାର ପାଇବାରେ ସକ୍ଷମ ହେଉଥିଲେ। ପରବର୍ତ୍ତୀ ସମୟରେ ଯାତ୍ରା ଦଳରେ ବିଭିନ୍ନ ପରିବର୍ତ୍ତନ ପରିଲକ୍ଷିତ ହେଲା। ଯାତ୍ରାକୁ ଅଧିକ ଯୁବାଭିମୁଖୀ କରିବା ପାଇଁ ଏଥିରେ ଆଧୁନିକତାର ମିଶ୍ରଣ ହେଲା। ଫଳରେ ଯାତ୍ରାଟି ଯୁବା ଗୋଷ୍ଠୀଙ୍କର ଆଦୃତି ଲାଭ କଲେ ମଧ୍ୟ ପରିବାରର ସମସ୍ତଙ୍କର ମନୋରଞ୍ଜନ କଳାଭଳି ମାଧ୍ୟମ ହୋଇପାରୁ ନାହିଁ। ତଥାପି ଯାତ୍ରା ଦେଖିବା ନିଶା ଲୋକଙ୍କଠାରୁ ଦୂରେଇ ଯାଇନାହିଁ।

ସମଗ୍ର ଉତ୍ତର ଭାରତ ବା ହିନ୍ଦୀ ଭାଷା ବୁଝୁଥିବା କ୍ଷେତ୍ରରେ ଜନ ସଂଖ୍ୟାର ସିଂହଭାଗ ଲୋକ ବାସ କରନ୍ତି। ସେମାନଙ୍କ ରାଜ୍ୟରେ ଛୋଟ ମୋଟ ନୃତ୍ୟ ଗୀତ କାର୍ଯ୍ୟକ୍ରମ ବା କଓ୍ୱାଲି କିମ୍ବା ରାମଲୀଳା ଆଦିକୁ ବାଦ୍‌ଦେଲେ ଓଡ଼ିଶାର ଯାତ୍ରା ପାର୍ଟି ଭଳି ସେମିତି କିଛି ସମ୍ପୂର୍ଣ୍ଣ ମନୋରଞ୍ଜନର ବଡ଼ ମାଧ୍ୟମ ନ ଥାଏ। ଓଡ଼ିଶାରେ ଆଉ ଏକ ଲାଭ ହେଉଛି ଏଠାରେ ସବୁ ଗାୟକ, ସଂଳାପକ ହିନ୍ଦୀ ଭାଷାରେ ଅତି ସହଜରେ ଗାଇ ପାରନ୍ତି ଓ କହିପାରନ୍ତି। କାରଣ ହିନ୍ଦୀ, ଓଡ଼ିଆ ଓ ସଂସ୍କୃତ ସବୁ ସାମଞ୍ଜସ୍ୟ ଥିବା ଭାଷା ସମୂହ। ଆମେ ଯଦି ଓଡ଼ିଆ ନାଟକଗୁଡ଼ିକୁ ହିନ୍ଦୀ ଭାଷାରେ ଅଭ୍ୟାସ କରି ଅଭିନୟ କରିବା, ତା' ହେଲେ ଏହା ହିନ୍ଦୀ ଅଞ୍ଚଳରେ ଜନାଦୃତି ପାଇପାରିବ। ତା'ଛଡ଼ା ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଏହାର ବହୁଳ ଆଦୃତି ଦେଖିବାକୁ ମିଳିବ, କାରଣ ସେଠାରେ ଏପରି ଯାତ୍ରା ଜଗତ ନାହିଁ। ସେମାନେ ଏହାକୁ ଅତ୍ୟନ୍ତ ପସନ୍ଦ କରିବେ ଓ ଦେଖିବେ। ଏହା ଦ୍ୱାରା ଆମ କଳା ସଂସ୍କୃତିର ପ୍ରଚାର ହେବା ସହିତ ଓଡ଼ିଆ କଳାକାରମାନଙ୍କୁ ପ୍ରଚୁର ରୋଜଗାର ମଧ୍ୟ ମିଳିପାରିବ। ଏହାକୁ ଅସମ୍ଭବ କିମ୍ବା ଦୁଃସାହସ ବୋଲି ଭାବିବା ଠିକ୍ ହେବ ନାହିଁ। କାରଣ ଅତୀତରେ ଆମ ଓଡ଼ିଆ ପୁଅ ବାଲି, ଭିଏତନାମ୍, ଜାଭା, ସୁମାତ୍ରା ପ୍ରଭୃତି ସ୍ଥାନକୁ ଯାଇ ଆମ କଳା ସଂସ୍କୃତି, ଭାସ୍କର୍ଯ୍ୟ ପ୍ରଭୃତିକୁ ପ୍ରଚାର ପ୍ରସାର କରିବାରେ ସଫଳ ହୋଇଥିଲେ। ଏବେ ବି ଦେଶର ବିଭିନ୍ନ ଭାଗ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତି ବିଷୟରେ ଅଜ୍ଞ। ଲେଖକ ନିଜେ ଭାରତର ବିଭିନ୍ନ ରାଜ୍ୟରେ ସେବା ପ୍ରଦାନର ଅନୁଭୂତିରୁ ଏହା ଜାଣିବାକୁ ପାଇଛି। ସେମାନେ ଆମକୁ ଏକ ଗରିବ, ଶ୍ରମିକ ଯୋଗାଣ ରାଜ୍ୟ ଭାବେ ଜାଣିଛନ୍ତି। ସେମାନେ ଆମକୁ ମାନସିକ ସ୍ତରରେ ଗ୍ରହଣ କରିପାରୁ ନାହାନ୍ତି। ଓଡ଼ିଶାର ରସଗୋଲାର ବୌଦ୍ଧିକ ଅଧିକାର ସୁରକ୍ଷା ସମୟରେ ଉଭୟ ଦିଲ୍ଲୀ ଓ ଚେନ୍ନାଇ ପେଟେଣ୍ଟ ଅଫିସ୍‌ରେ ଏହି ଲେଖକଙ୍କୁ, ଅନ୍ୟମାନଙ୍କର ଓଡ଼ିଶା ଉପରେ ଥିବା ଧାରଣାକୁ ବଦଳାଇବାକୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା ଓ ଶେଷରେ ଜୟଯୁକ୍ତ ମଧ୍ୟ ହୋଇଥିଲେ। ତେଣୁ ଆସନ୍ତୁ ସମସ୍ତେ ମିଶି ଓଡ଼ିଆ ଐତିହ୍ୟ, କଳା ଓ ସଂସ୍କୃତିକୁ ଓଡ଼ିଶା ବାହାରକୁ ନେବାକୁ ଚେଷ୍ଟା କରିବା। ଓଡ଼ିଆ ଯାତ୍ରାର ହିନ୍ଦୀ ସଂସ୍କରଣ ହେଲେ ନିଶ୍ଚିତ ରୂପେ ଆମ କଳା ସଂସ୍କୃତିକୁ ପ୍ରଚାର କରିବା ସହିତ ପ୍ରଚୁର ଅର୍ଥ ମଧ୍ୟ ରୋଜଗାର କରିବାରେ ଓଡ଼ିଆମାନେ ସକ୍ଷମ ହେବେ। ଆସନ୍ତୁ ସରକାରୀ କିମ୍ବା ବେସରକାରୀ ମାଧ୍ୟମରେ ଯାତ୍ରା ପାର୍ଟିକୁ ଏଥିପାଇଁ ଉତ୍ସାହିତ କରିବା। ଆବଶ୍ୟକ ପଡ଼ିଲେ ଛୋଟ ମୋଟ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦେବା। ଅନ୍ୟ ରାଜ୍ୟରେ ଧୀରେ ଧୀରେ ଯାତ୍ରା ଆଦର ଲାଭ କରିବ ଓ ଉତ୍କଳୀୟ କଳା ସଂସ୍କୃତିର ପ୍ରଚାର ପ୍ରସାର ହେବ।

**ମୋ: ୮୯୧୭୪୨୬୪୪୦**

## ଏଇ ଭାରତରେ

ପେସାରେ ଗଣିତ ଶିକ୍ଷକ, ହେଲେ ଆବିଷ୍କାର କରିବାର ନିଶା ତାଙ୍କ ଜୀବନର ଏକ ପ୍ରମୁଖ ଅଙ୍ଗ। ଏମିତି ଜଣେ ଶିକ୍ଷକ ହେଉଛନ୍ତି କଶ୍ମୀରର ବିଲାଲ ଅହମ୍ମଦ। ସେ ୧୩ ବର୍ଷ ପରିଶ୍ରମ କରି ତାଙ୍କ ୧୯୯୮ର ନିଶାନ ମାଇକ୍ରା କାର୍‌କୁ ଏକ ସୋଲାର୍ କାର୍ କରିପାରିଛନ୍ତି। ଏବେ ଅନେକ ମୋଟର କମ୍ପାନୀ ଇଭି ମଡେଲ କାର୍ ଓ ବାଇକ୍ ନିର୍ମାଣ କରିବାରେ ଲାଗିଥିବାବେଳେ ବିଲାଲ ବହୁ ପୂର୍ବରୁ ଏଭଳି କାର୍ ନିର୍ମାଣ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଏହି କାର୍ ସମ୍ପୂର୍ଣ୍ଣ ଭାବେ ଆଧୁନିକ ଗେଜେଟ୍ ଦ୍ୱାରା ସଞ୍ଚାଳିତ। ଏହାର ପୂରା ବାହାର ଭାଗରେ କଳା ରଙ୍ଗର ସୋଲାର ପ୍ୟାନେଲ ଲଗାଇଛନ୍ତି। ଏହା ଅଧିକ ସୂର୍ଯ୍ୟ କିରଣ ଥିବା ଯେ କୌଣସି ଦିଗକୁ ଆପେ ଆପେ ଘୂରିପାରୁଛି। କଶ୍ମୀରରେ କମ୍ ସୌର କିରଣ ରହୁଥିବାରୁ ବିଶେଷକରି ମନୋକ୍ରିଷ୍ଟାଲାଇନ ସୋଲାର ପ୍ୟାନେଲ ଉପଯୋଗ କରିଛନ୍ତି। କାର୍‌ଟି ୧ କିଲୋଭୋଲ୍ଟ ମୋଟରରେ ସଞ୍ଚାଳିତ ହେଉଛି ଓ ଏଥିରେ ଏକ ଚାର୍ଜ ହେବା ଭଳି ବ୍ୟାଟେରି ଲଗାଇଛନ୍ତି। ଏହି କାର୍ ନିର୍ମାଣରେ ସେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାକୁ ଅଧିକ ସଂଖ୍ୟାରେ ନିର୍ମାଣ କରାଗଲେ ତାହାର ମୂଲ୍ୟ ପାଖାପାଖି ୬ରୁ ୮ ଲକ୍ଷ ଟଙ୍କା ହେବ ବୋଲି କହନ୍ତି ବିଲାଲ। କେବଳ ଏତିକି ନୁହେଁ ବିଲାଲ ମଧ୍ୟ ୨୦୦୯ରେ ଏଲ୍‌ପିଜି ନିୟନ୍ତ୍ରଣ ସୁରକ୍ଷା ଉପକରଣ ନିର୍ମାଣ କରିଛନ୍ତି। ଗ୍ୟାସ୍‌ର ରେଗୁଲେଟର ବନ୍ଦ କରିବାକୁ ଭୁଲି ଯାଇଥିଲେ ବି ତାଙ୍କ ଦ୍ୱାରା ନିର୍ମିତ ଏଲ୍‌ପିଜି କଣ୍ଟ୍ରୋଲ ଡିଭାଇସ ଗ୍ୟାସ୍‌କୁ ବନ୍ଦ କରିପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୯୭

- ଉତ୍ତର ଜାଫ୍‌ନାରେ ଶ୍ରୀଲଙ୍କାର ନୌସୈନ୍ୟଙ୍କ ଆକ୍ରମଣରେ ୩୫ ଏଲ୍‌ଟିଟିଇ ବିଦ୍ରୋହୀ ନିହତ।
- ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେନ୍‌ୟାମିନ୍ ନେତ୍‌ନ୍ୟାହୁ ତାଙ୍କର ଘନିଷ୍ଠ ସହଯୋଗୀ ୟାକୋର ନିମ୍ୟାନଙ୍କୁ ଦେଶର ଅର୍ଥମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି।
- ବୟୋଜ୍ୟେଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଚେତନ ଆନନ୍ଦଙ୍କ ୮୨ ବର୍ଷ ବୟସରେ ପରଲୋକ।

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | | 3 | | | | 2 | | 7 |
| | 4 | | | 6 | 8 | | | 5 |
| 9 | | | | | 5 | | | |
| 4 | | 2 | | | | | | |
| | | | 9 | | | | 4 | |
| 6 | | 8 | | 4 | | | | 3 |
| | | 5 | | | 1 | | | 6 |
| 2 | 7 | | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 3 | 9 | 1 | 6 | 7 | 4 | 8 |
| 7 | 6 | 4 | 8 | 3 | 5 | 2 | 9 | 1 |
| 1 | 9 | 8 | 4 | 2 | 7 | 6 | 5 | 3 |
| 9 | 5 | 7 | 2 | 4 | 1 | 8 | 3 | 6 |
| 4 | 8 | 1 | 6 | 5 | 3 | 9 | 2 | 7 |
| 6 | 3 | 2 | 7 | 9 | 8 | 5 | 1 | 4 |
| 2 | 7 | 9 | 1 | 8 | 4 | 3 | 6 | 5 |
| 8 | 1 | 5 | 3 | 6 | 9 | 4 | 7 | 2 |
| 3 | 4 | 6 | 5 | 7 | 2 | 1 | 8 | 9 |

ଗତକାଲିର ଉତ୍ତର

# ଶିକ୍ଷାନୁଷ୍ଠାନ ରାଗିଂ ଓ ଭାରତୀୟ ପିଙ୍ଗଳ କୋଡ୍



**ସୌର ଚନ୍ଦ୍ର ମହାପାତ୍ର**

ଓଡ଼ିଶାର ଶିକ୍ଷାନୁଷ୍ଠାନରେ ରାଗିଂ ଚାଲିଛି। ଏହାର ବଡ଼ ଉଦାହରଣ ହେଉଛି ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସ୍କ୍ୱାଡ ଥିବା ସତ୍ତ୍ୱେ ରାଗିଂ ବଢ଼ି ଚାଲିଛି। ୨୦୨୦-୨୧ ଓ ୨୦୨୧-୨୨ରେ କେବଳ ଓଡ଼ିଶାର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ୬୦ଟି ରାଗିଂ ଘଟିଛି। ଉତ୍ତର ପ୍ରଦେଶରେ ୧୪୧, ବିହାରରେ ୬୮ ଓ ଓଡ଼ିଶାରେ ୬୦ଟି ଘଟିଥିବାବେଳେ ମଧ୍ୟପ୍ରଦେଶରେ ୫୦ଟି ଘଟିଛି। ୨୦୦୯ରୁ ରାଗିଂ ନିୟନ୍ତ୍ରଣ ପାଇଁ ୟୁଜିସି ରେଗୁଲେଶନ ଥିବା ସତ୍ତ୍ୱେ ଓଡ଼ିଶା ଦେଶର ରାଗିଂ ଟପ୍ ପାଞ୍ଚରେ ପହଞ୍ଚିଛି। ୨୦୦୯ରୁ ୨୦୨୨ ଭିତରେ ୬୦୨ଟି ରାଗିଂ ଘଟଣାରେ ମାମଲା ଦାଏର ହୋଇଛି। ଏହା ବ୍ୟତୀତ କାମ୍ପସରେ ନିର୍ଯାତନା ଓ ସେକ୍ସୁଆଲ ହାରାସ୍‌ମେଣ୍ଟ ଅଭିଯୋଗ ମଧ୍ୟ ରହୁଥିବା ସତ୍ତ୍ୱେ ଅନେକ ସମୟରେ ଅଭିଯୋଗ ବିଧିବଦ୍ଧ ଭାବେ ଦାଏର ହୋଇପାରୁନାହିଁ।

ରାଗିଂ ପାଇଁ ଅସମୟରେ ଚାଲିଗଲା ଆଉ ଏକ ଅମୂଲ୍ୟ ଜୀବନ। ଅନ୍ୟକୁ କଷ୍ଟ ଦେଇ ଖୁସି ଅନୁଭବ କରିବାର କୁତ୍ସିତ ମାନସିକତା ତଥା ରାଗିଂ ଆଉ ଜଣେ ଅଭିଭାବକଙ୍କ କୋଳଶୂନ୍ୟ କରିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ରୋକିବାକୁ ୟୁଜିସି, ଏଆଇସିଟିଇ ଓ ଏନ୍‌ଏମ୍‌ସି ଭଳି ଜାତୀୟ ସ୍ତରର ପ୍ରତିଷ୍ଠାନ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ବାରମ୍ବାର ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାରି ହୋଇଛି। ଶିକ୍ଷାନୁଷ୍ଠାନରେ ରାଗିଂ କିପରି ରୋକାଯିବ, ଆଣ୍ଟିରାଗିଂ ସେଲ୍ କିପରି ଗଠନ ହେବ, କେଉଁ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବ ଏ ନେଇ ୟୁଜିସି ପକ୍ଷରୁ ବିଭିନ୍ନ ସମୟରେ ମାର୍ଗଦର୍ଶିକା ପ୍ରକାଶ ପାଇଛି। ନିକଟରେ ମଧ୍ୟ ୟୁଜିସି ସମସ୍ତ ରାଜ୍ୟର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ରାଗିଂ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟକୁ ରାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଗଠନ ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ହେଲେ ପରିତାପର ବିଷୟ ହେଉଛି ରାଜ୍ୟରେ ରାଗିଂ ରୋକାଯିବା ପରିବର୍ତ୍ତେ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଏଥିପାଇଁ ମେଧାବୀ ଛାତ୍ରୀଛାତ୍ରଙ୍କ ଜୀବନ ମଧ୍ୟ ଯାଉଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶିକ୍ଷାନୁଷ୍ଠାଗୁଡ଼ିକ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ଜନୈକ ପୂର୍ବତନ ଓ୍ୱାର୍ଡେନଙ୍କ କହିବାନୁଯାୟୀ ରାଗିଂ ସେଲ୍‌ଗୁଡ଼ିକ ସ୍କ୍ୱାଏ (ଗୋଇନ୍ଦା) ଭଳି କାର୍ଯ୍ୟ କରିବା ଦରକାର। ହଷ୍ଟେଲ ଓ କାମ୍ପସ ପରିସରରେ ସିନିୟର ଓ ଜୁନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ପର୍କ କିପରି ରହୁଛି ତାହା ତଦାରଖ କରିବା ଦରକାର। ଖାଲି ସେଲ୍ ଗଠନ କରିଦେଲେ ରାଗିଂକୁ ରୋକିବା ସମ୍ଭବ ହେବନି। ଏଥିପାଇଁ ନବାଗତ ଓ ବରିଷ୍ଠ ଛାତ୍ରୀଛାତ୍ରଙ୍କ ସହିତ ନିୟମିତ କାଉନ୍‌ସେଲିଂ କରାଯିବା ଦରକାର। ଛୋଟ ଛୋଟ ଅଭିଯୋଗ ହେଲେ ମଧ୍ୟ ତାକୁ ଅଣଦେଖା ନ କରି ରାଗିଂ କରୁଥିବା ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୨୯୪, ୩୨୩, ୩୨୪, ୩୨୫, ୩୨୬, ୩୩୯, ୩୪୦, ୩୪୧, ୩୪୨ ଓ ୫୦୬ରେ ଛାତ୍ରୀଛାତ୍ର ରାଗିଂ ବିରୋଧରେ



ଅଭିଯୋଗ କରିପାରିବେ। ଏଥିସହିତ ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ ଏଜୁକେଶନ ଓ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ମଧ୍ୟ ରାଗିଂ ରୋକିବାକୁ ନିଜର ସ୍ୱତନ୍ତ୍ର ନୀତି କରିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ରାଗିଂ ରୋକିବାକୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ନାଟକ, ଉତ୍ତରପ୍ରଦେଶ, ଚଣ୍ଡିଗଡ଼, ତ୍ରିପୁରା, ତାମିଲନାଡୁ, ଆସାମ, କେରଳ, ପଶ୍ଚିମବଙ୍ଗ, ଗୋଆ ଓ ଜମ୍ମୁ-କଶ୍ମୀର ଅନ୍ୟତମ। ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ରାଗିଂ ବିରୋଧରେ ପଦକ୍ଷେପ ନେଉଛନ୍ତି। ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଟିଏ ଅନେକ ସ୍ୱପ୍ନ ନେଇ ଉପର ଶ୍ରେଣୀରେ ନାମ ଲେଖାଇଥାଏ। ମାତ୍ର ରାଗିଂ ସେହି ମେଧାବୀ ଛାତ୍ରୀ ବା ଛାତ୍ରଟିର ସ୍ୱପ୍ନକୁ ଧୂଳିସାତ୍ କରିଦେଉଛି। ରାଗିଂ କବଳରେ ପଡ଼ି ଅନେକ ନିରୀହ ଛାତ୍ରୀଛାତ୍ରଙ୍କ ଜୀବନ ଯାଉଛି। ରାଗିଂ ସମ୍ପର୍କରେ ନୂଆ ନୂଆ କୌଶଳ ଆପଣେଇ ଛାତ୍ରୀଛାତ୍ର ନିଜ ସହପାଠୀ ବା କନିଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଜୀବନ ନେଉଛନ୍ତି। ଏହି ଦୁଃଖଦ ଘଟଣା ଆମକୁ ଗୋଟିଏ କଥା ଶିକ୍ଷା ଦେଉଛି ଯେ, ରାଗିଂ ସାମୟିକ ବିକୃତିର ଫଳ। ଲାଜକୁଳା ସ୍ୱଭାବର ପିଲାମାନଙ୍କୁ ଆଧୁନିକତାର ପାଠ ପଢ଼ାଇବାକୁ ଯାଇ ଉପର ଶ୍ରେଣୀର ଛାତ୍ରୀଛାତ୍ରମାନେ ରାଗିଂ ନାମରେ ଯେଉଁ ଅମାନବୀୟ, ଅଶ୍ଳୀଳ ଓ ଶରୀର ପ୍ରତି କ୍ଷତିକାରକ କାର୍ଯ୍ୟ କରିଥାନ୍ତି, ତାହା କେବଳ ଶିକ୍ଷାନୁଷ୍ଠାନର ପବିତ୍ରତାକୁ ନଷ୍ଟ କରେ ନାହିଁ, ବରଂ ଛାତ୍ରୀଛାତ୍ରଙ୍କୁ ଅନେକ କ୍ଷେତ୍ରରେ ଜୀବନ ଦେବାକୁ ପଡ଼ିଥାଏ। ରାଗିଂ କବଳରୁ ବର୍ତ୍ତି ଯାଇଥିବା ଅନେକ ଛାତ୍ରୀଛାତ୍ର ସାରା ଜୀବନ ମାନସିକ କ୍ଷତିର ଶିକାର ହୋଇ ବଞ୍ଚିଥାନ୍ତି। ଅନେକ କ୍ଷେତ୍ରରେ ରାଗିଂ ପାଇଁ ଛାତ୍ରୀଛାତ୍ର ପାଠପଢ଼ା ଛାଡ଼ିଥିବା ଘଟଣା ଦେଖାଯାଇଛି।

ସେହିପରି କେତେକ ଛାତ୍ର ସଂଗଠନର କହିବାନୁଯାୟୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଗୋଟିଏ ବିଲ୍ଡିଂ କିମ୍ବା ହତାରେ ହେବା ଉଚିତ ନୁହେଁ, ବରିଷ୍ଠମାନଙ୍କୁ କନିଷ୍ଠ ଛାତ୍ରୀଛାତ୍ରଙ୍କ ହଷ୍ଟେଲରେ କଟକଣା ଲଗାଯିବା ଦରକାର। ତେବେ ଆଣ୍ଟି ରାଗିଂ ସେଲ୍ ଠିକ୍ ଭାବେ କାର୍ଯ୍ୟ କରିବା ଓ ପିଲାଙ୍କୁ କାଉନ୍‌ସେଲିଂ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସୂଚନାଯୋଗ୍ୟ ୨୦୦୮ରେ ରାଗିଂ ସମ୍ପର୍କିତ ମାମଲାରେ ଓଡ଼ିଶା ଦେଶର ଚତୁର୍ଥ ସର୍ବାଧିକ ରାଜ୍ୟ ଭାବେ ସ୍ଥାନ ପାଇଥିଲା। ୨୦୧୩ରୁ ୨୦୧୭ ଯାଏ ରାଜ୍ୟରେ ୨୦୭ଟି ରାଗିଂ ମାମଲା ଦାଏର ହୋଇଥିଲା। ଆଜି ସମଗ୍ର ଭାରତରେ ତୃତୀୟ ସ୍ଥାନରେ ରହିଛି ଓ ବିଗତ ଦୁଇ ବର୍ଷରେ ୬୦ଟି ଘଟଣା ଘଟିଛି। ୨୦୧୮ରେ ଓଡ଼ିଶାରେ ରାଗିଂ ରୋକିବାକୁ ଶିକ୍ଷା ବିଭାଗ ବିଶେଷ ଗୁରୁତ୍ୱ ଦେଇଥିଲା। ଆଣ୍ଟି ରାଗିଂ ସେଲ୍‌ଗୁଡ଼ିକର ସୁଦୃଢ଼ୀକରଣ ଓ ରାଗିଂ ସହ ସଂଶ୍ଳିଷ୍ଟ ଛାତ୍ରୀଛାତ୍ରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବ୍ୟବସ୍ଥାରେ ଢିଲା ଯୋଗୁ ପୁଣି ରାଗିଂ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଆଣ୍ଟି ରାଗିଂ ସେଲ୍ ବାବଦରେ ଛାତ୍ରୀଛାତ୍ର ଅବଗତ ନ ଥିବାବେଳେ ଏହା କେବଳ ପୋଷ୍ଟରରେ ସୀମିତ ରହିଥିବା ପିଲାମାନେ ଅଭିଯୋଗ କରିଛନ୍ତି। ତେବେ ଏ ଦିଗରେ ସଚେତନତା ସୃଷ୍ଟି ସହ ରାଗିଂରେ ସଂଶ୍ଳିଷ୍ଟ ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଗଲେ ଶିକ୍ଷାନୁଷ୍ଠାନ କାମ୍ପସରୁ ରାଗିଂ ରୋକାଯାଇ ପାରନ୍ତା। ଛାତ୍ର ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେଇ ନିଜର ସ୍ୱପ୍ନ, ଆଶା, ଅଭିଳାଷକୁ ପୂରଣ କରିବା ସହିତ ମାଆବାପାଙ୍କ ଆଶା, ଆକାଂକ୍ଷାକୁ ସଫଳ କରି ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ଛାତ୍ରୀଛାତ୍ରମାନେ ନିଜ ଜୀବନର ବ୍ରତ କରନ୍ତୁ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ:୯୪୩୭୦୦୪୪୬୬**

# ପାଠକ ଶ୍ରେଷ୍ଠ ବିଚାରକ

## ଝିଣ୍ଟିକା ମାରି ବଣି ପୋଷିବା ସଦୃଶ

ମହାଶୟ,

ଏ ମାଗଣା ରାଶନ ଚାଉଳ ସରକାର ଆଣୁଛନ୍ତି କେଉଁଠୁ? ନାଁ କାହିଁକି ଏହାର ମାଗଣା ହେଉଛି। ମାଗଣା ଶବ୍ଦଟି ଦୟାକରି ସରକାର ଉଠାଇ ଦିଅନ୍ତୁ। ମାଗଣାର ଅର୍ଥ ଅଲଗା। ଅହେତୁକ ଭାବେ ଦରଦାମ ବଢାଇ, ଲୋକଙ୍କୁ ଶୋଷଣ କରି ଚାଲିଥିବା କେନ୍ଦ୍ର ସରକାର ମାଗଣାରେ ଚାଉଳ ଦେବା କହିବା କେବଳ ହାସ୍ୟାସ୍ପଦ ମାତ୍ର। ଗ୍ୟାସଠାରୁ ଆରମ୍ଭ କରି ପେଟ୍ରୋଲ, ଖାଇବା ତେଲ, ନିଜ ବ୍ୟବହାର୍ଯ୍ୟ ପଦାର୍ଥର ଆକାଶଛୁଆଁ ଦର ବଢାଇ ଶୋଷଣ କରିଚାଲିଛନ୍ତି କେନ୍ଦ୍ର ସରକାର। ଖାଇବା ବଳିଲେ ଯେମିତି ଫୋପାଡି ଦିଅନ୍ତି ସେହିପରି ତାଙ୍କ ଖାଇବାରୁ ବଳିଲେ ସରକାର ଭୋଟ ପାଇଁ ଚାଉଳ ଗଣ୍ଡାଏ ଦେଉଛନ୍ତି। ଏଇ ହେଲା ସେ ମାଗଣା ଚାଉଳ, ଲୋକେ ବୋଧେ ଖାଲି ଏ ଚାଉଳକୁ ଚୋବାଇବେ। ପ୍ରତି ଖାଦ୍ୟ ଉପକରଣରେ ହାତ ମାରିଲେ ଫୋଟକା। ମାଗଣା ଚାଉଳ ସାଙ୍ଗକୁ ମାଗଣା ଡାଲି, ପରିବା ଦିଅନ୍ତୁ। ନଚେତ୍ ଦରଦାମ୍ ସ୍ଥିର ରଖନ୍ତୁ। ଏ ମାଗଣା ଶବ୍ଦ ଲୋକଙ୍କୁ ବଡ ଅଭିଶାପ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ହାସ ହସଇ ମୁହିଁ
କରଇଁ ପ୍ରେମ ଆକାଶ ଭୂଇଁ
ଚାଳଇଁ ପ୍ରିୟ ମଧୁରେ ଆଜି ତୁମରି ଗତି ବ୍ୟାଜରେ।
ତୁମରି ପ୍ରେମ ଲଭିବା ଆଶେ
ନିଜକୁ କରେଁ ପ୍ରେମ
ଅଙ୍ଗ ତବ ଲାଗିବ ବୋଲି
ଏ ଦେହ ମଣେ ହେମ। -(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସମୃଦ୍ଧ ଓଡ଼ିଶା ଛାତ୍ର ସଂଗଠନର ପ୍ରତିଷ୍ଠା ଦିବସ, ଲୋହିଆ ଏକାଡେମୀ, ୟୁନିଟ୍-୯, ପୂର୍ବାହ୍ନ ୧୧ଟା ୩୦।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ଗୁରୁ ଦେବପ୍ରସାଦ ଦାସଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ୬ଷ୍ଠ ପରିପୂର୍ଣ୍ଣା- ଦ ନାୟିକା ନୃତ୍ୟ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ଜିକେଏମ୍‌ସି ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୦୭।୨୦୨୨

| | |
|---|---|
| ୧, ୨୫, ୫୨୧ ଟଙ୍କା | |
| ସୁନା | ୧୬୦ ମିଲିଗ୍ରାମ |
| ରୁପା | ୬୧.୫୦୦ ଗ୍ରାମ |

## ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସରେ ୩ ବର୍ଷୀୟା ରିଷିତା ମିଳିଲା ସୁପର ଟ୍ୟାଲେଣ୍ଟେଡ୍ କିଡ୍ ସାର୍ଟିଫିକେଟ, ପଦକ



ଖୋର୍ଦ୍ଧା ଅଫିସ,୭।୭: ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଓଲାସ ଗ୍ରାମର ରିଷିତା ରାଜୀବ ବରାଳ(୩ ବର୍ଷ ୩ ମାସ) ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସ (ଆଇବିଓଆର)ରେ ଯୋଗ୍ୟତା ହାସଲ କରିଛନ୍ତି। ଆଇବିଓଆର ପକ୍ଷରୁ ରିଷିତାଙ୍କୁ ସୁପର ଟ୍ୟାଲେଣ୍ଟେଡ୍ କିଡ୍ ଭାବେ ସାର୍ଟିଫିକେଟ ଓ ପଦକ ପ୍ରଦାନ କରାଯାଇଛି। ରିଷିତା ଭୁବନେଶ୍ୱରସ୍ଥିତ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ନର୍ସରୀରେ ପଢୁଥିବା ବେଳେ ପୋଷ୍ଟାଲ ମାଧମରେ ଏହି ସାର୍ଟିଫିକେଟ ଓ ପଦକ ପହଞ୍ଚିବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ପୂର୍ବରୁ ୨୦୨୨ ମାର୍ଚ୍ଚରେ ରିଷିତା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲେ। ଏନେଇ ରିଷିତାଙ୍କ ବାପା ରାଜୀବ ବରାଳ କୁହନ୍ତି, ରିଷିତା ଯେତେବେଳେ କହିବା ଆରମ୍ଭ କରିଥିଲା, ଯାହା କହିଲେ ବି ଥରକେ ମନେ ରଖିପାରୁଥିଲା। ବିଭିନ୍ନ ପଶୁପକ୍ଷୀ, ଦେବଦେବୀ, ଫୁଲ, ଫଳ, ତିଥି, ବାର, ରାଶି, ନକ୍ଷତ୍ର, ବାରମାସ ବିଷୟରେ ଚିତ୍ର ଦେଖାଇ କହିବା ପରେ ତାହାକୁ ସେ ମନେରଖି କହିବା ଆରମ୍ଭ କରିଥିଲା। ବୟସ ବଢ଼ିବା ସହିତ ପ୍ରତିଭା ବିକଶିତ ହୋଇଥିଲା। ପ୍ରଥମେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ପ୍ରସ୍ତୁତି କରିବା ଆରମ୍ଭ କରିଥିଲୁ। ସେଥିରେ ସ୍ଥାନ ପାଇବା ପାଇଁ ରହିଥିବା ମାପଦଣ୍ଡରେ ରିଷିତା ଯୋଗ୍ୟତା ହାସଲ କରିଥିଲା। ପରେ ଭର୍ଚୁଆଲ ମାଧମରେ ଅନୁଷ୍ଠିତ ପ୍ରତିଯୋଗିତାରେ ରିଷିତା ଅଂଶଗ୍ରହଣ କରି ୨୮ଟି ରାଜ୍ୟର ନାମ, ୧୦୦ଟି ଦେଶର ରାଜଧାନୀ, ଗ୍ରହ ନକ୍ଷତ୍ର, ସାତ ବାର, ବାର ମାସ ସମେତ ଅନ୍ୟାନ୍ୟ ସମ୍ପର୍କିତ ଜ୍ଞାନବିଜ୍ଞାନ ପ୍ରଶ୍ନର ଠିକ୍ ଉତ୍ତର ଦେଇ ଆଇବିଓଆରରେ ମଧ ସ୍ଥାନ ବଜାୟ ରଖିପାରଛନ୍ତି। ଆଗକୁ ଗିନିଜ୍ ବୁକ୍ ଅଫ ରେକର୍ଡ୍ସରେ କିପରି ସ୍ଥାନ ପାଇବ, ସେଥିଲାଗି ପ୍ରସ୍ତୁତି ଚାଲିଛି।

# ପରୀକ୍ଷା ବର୍ଜନ କଲେ ଛାତ୍ରୀଛାତ୍ର

କଟକ ଅଫିସ,୭।୭

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍‌ଏଲ୍‌ୟୁ)ରେ ଗୋଟିଏ ଦିନରେ ଏକାଧିକ ଅଧ୍ୟାପକ କରୋନା ପଜିଟିଭ ଚିହ୍ନଟ ହେବା ପରେ ଛାତ୍ରୀଛାତ୍ରମାନେ ପରୀକ୍ଷା ବର୍ଜନ କରିଛନ୍ତି। ଶେଷବର୍ଷର ଛାତ୍ରୀଛାତ୍ରଙ୍କ ଲେବର ଲ' ପରୀକ୍ଷା ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ ହେବାର ଥିଲା। ତେବେ ସଂକ୍ରମଣ ବ୍ୟାପିବା ଓ ଏକାଧିକ ଅଧ୍ୟାପକ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଥିସହ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ପରୀକ୍ଷା କେନ୍ଦ୍ର ବଦଳାଇବା ଅନ୍ୟଥା ଅନ୍‌ଲାଇନ୍ ପରୀକ୍ଷା ଦାବିରେ ଛାତ୍ରୀଛାତ୍ରମାନେ ଧାରଣା ଦେବା ସହ ବିକ୍ଷୋଭ କରିଥିଲେ।

ଛାତ୍ରୀଛାତ୍ରଙ୍କ ସୂଚନା ଅନୁଯାୟୀ, ୩ ଦିନ ତଳେ ୩ ଜଣ ପରୀକ୍ଷା ନିରୀକ୍ଷକ ପଜିଟିଭ ଚିହ୍ନଟ ହୋଇଥିଲେ। ବୁଧବାର ଆଉ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବିଶ୍ୱବିଦ୍ୟାଳୟରେ ଏକାଧିକ ପଜିଟିଭ ଚିହ୍ନଟ ହୋଇଥିଲେ ମଧ୍ୟ ପରୀକ୍ଷା ପରିଚାଳନା ହେଉଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଆମେ ନିଜ ଜୀବନକୁ ବିପଦ ମୁହଁକୁ ଠେଲି ପରୀକ୍ଷା ଦେଇପାରିବୁ ନାହିଁ ବୋଲି ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳସଚିବ ନିରୁପମା ସ୍ୱାଇଁ କହିଛନ୍ତି, ଛାତ୍ରୀଛାତ୍ରମାନେ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛନ୍ତି। ବିଶ୍ୱବିଦ୍ୟାଳୟରୁ ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରାୟ ୨୦୦ କିଟ୍ ମଗାଯାଇ ଟେଷ୍ଟ କରିବାକୁ କୁହାଯାଇଥିଲା। ହେଲେ କେହି ଛାତ୍ରୀଛାତ୍ର ଟେଷ୍ଟ କରିଲେ ନାହିଁ। ବୁଧବାର ଓ ଗୁରୁବାର ଦୁଇଦିନ ଧରି ପରୀକ୍ଷା ହଲ୍‌କୁ ସାନିଟାଇଜ୍ କରାଯାଇଛି। ଏଥିସହ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ମଧ୍ୟ କରାଯାଇଛି। ତଥାପି ଛାତ୍ରୀଛାତ୍ରମାନେ ପରୀକ୍ଷା ବନ୍ଦ ପାଇଁ ଦାବି କରିଥିଲେ। ସେମାନେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଉଥିବାରୁ ପରୀକ୍ଷା ବନ୍ଦ କରିବା ଆମ ହାତରେ ନାହିଁ। ତେବେ ୬୦ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବା ସ୍ୱାଇଁ କହିଛନ୍ତି।



ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଛାତ୍ରୀଛାତ୍ର।

### ଏମ୍‌ଏଲ୍‌ୟୁରେ ଏକାଧିକ ଅଧ୍ୟାପକ କରୋନା ପଜିଟିଭ ଚିହ୍ନଟ

ଅପରପକ୍ଷେ ଛାତ୍ରୀଛାତ୍ରମାନେ ପରୀକ୍ଷା ନ ଦେବା ପରେ ସମସ୍ୟା ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଜଣାଇଥିଲେ। ଏହାପରେ ମେୟର ସିଂ ଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବଙ୍କ ସହ ଆଲୋଚନା କରିଥିଲେ। ପରେ ଅନ୍‌ଲାଇନ୍ ପରୀକ୍ଷା ବ୍ୟବସ୍ଥା ହୋଇପାରିବ ନାହିଁ ବୋଲି ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏଥିସହ ବାକିଥିବା ପରୀକ୍ଷା ଦେବା ପାଇଁ କହିଥିଲେ। ମେୟର ବୁଝାଶୁଝା କରିବା ପରେ ଶୁକ୍ରବାର ହେବାକୁଥିବା ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ରାଜି ହୋଇଥିଲେ। କୋଭିଡ୍ କଟକଣା ମଧ୍ୟରେ ପରୀକ୍ଷା କରାଯାଉଛି କି ନାହିଁ ସେ ସମ୍ପର୍କରେ ମେୟର ଏବଂ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଶୁକ୍ରବାର ବିଶ୍ୱବିଦ୍ୟାଳୟକୁ ଯାଇ ସ୍ଥିତି ସମୀକ୍ଷା କରିବେ ବୋଲି ଜଣାପଡିଛି।





୭୩ତମ ରାଜ୍ୟସ୍ତରୀୟ ବନ ମହୋତ୍ସବ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱର ବରମୁଣ୍ଡା ସରକାରୀ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ପରିବେଶବିତ୍‌ଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

ସାକ୍ଷୀଗୋପାଳ,୭।୭(ସ୍ୱ.ପ୍ର)

ସତ୍ୟବାଦୀ ବ୍ଲକ ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ କନିଷ୍ଠ ପୁଅ ରାଜେଶ ବେହେରା (୨୭)ଙ୍କ ବୁଧବାର ବିଳମ୍ବିତ ରାତିରେ ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ରାଜେଶ ଏକ ମୋଟର ସାଇକେଲରେ କୌଣସି ଏକ କାମରେ ସାକ୍ଷୀଗୋପାଳ ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ଘରକୁ ଫେରିବା ସମୟରେ ସାକ୍ଷୀଗୋପଳ ଅଲୁଗୁମ ରାସ୍ତାର ପୋଢ଼ଙ୍ଗ ସାହି ଛକ ନିକଟରେ କୌଣସି ଏକ ଗାଡି ରାଜେଶଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରାଜେଶ ଗୁରୁତର ହୋଇ ପଡ଼ିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି ରାଜେଶଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡିଥିବାର ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରୁ ରାଜେଶଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ପରେ କଟକ ବଡ଼ ମେଡିକାଲକୁ ପଠାଇଥିଲେ। କଟକରେ ଚିକିତ୍ସାଧୀନ ଅବସ୍ଥାରେ ରାଜେଶଙ୍କର ମୃତ୍ୟୁ ହୋଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁନାକର



@ ମଞ୍ଜୁ



@ ସରିତ୍



@ ମିକୁ



@ ସନ୍ତୋଷ

# ରତ୍ନଭଣ୍ଡାର ଖୋଲିବାକୁ ତେଜୁଛି ଦାବି

- ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ସରକାର
- ଗଜପତିଙ୍କ ସପକ୍ଷରେ ନେତା, ସେବାୟତ

ପୁରୀ ଅଫିସ,୭।୭

ଶ୍ରୀମନ୍ଦିରର ରତ୍ନଭଣ୍ଡାର ସୁରକ୍ଷାକୁ ନେଇ ମହାରାଜା ଗଜପତି ଦିବ୍ୟସିଂହ ଦେବ ପ୍ରଶ୍ନ ଉଠାଇବା ପରେ ବିଭିନ୍ନ ମହଲରେ ଏହାକୁ ନେଇ କ୍ଷୋଭ ବଢ଼ିଛି। ସବୁ ବର୍ଗର ଲୋକେ ଗଜପତିଙ୍କ ସହ ସ୍ୱର ମିଳାଉଛନ୍ତି। ବିରୋଧୀ ନେତାଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ସେବାୟତ ପର୍ଯ୍ୟନ୍ତ ସମସ୍ତେ ଏକ ସ୍ୱରରେ ରତ୍ନଭଣ୍ଡାର ସମ୍ପର୍କରେ ସରକାର ମୁହଁ ଖୋଲନ୍ତୁ ବୋଲି ଦାବି କରୁଛନ୍ତି। ଏପରିକି ସରକାରୀ ଦଳର ବିଧାୟକ ମଧ ରତ୍ନଭଣ୍ଡାର ଖୋଲି ମରାମତି କରିବା ସହ ରତ୍ନ ଅଳଙ୍କାର ଗଣନା କରିବା ଦାବିରେ ସମର୍ଥନ କରିଛନ୍ତି। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ଶରୀର ପ୍ରଭାବିତ ହେଲେ ତାହାର ମରାମତି ଆବଶ୍ୟକ ହେଉଛି। ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା କଥା ଯଦି ଆଦ୍ୟ ସେବକ ଗଜପତି କହୁଛନ୍ତି ତେବେ ସରକାରଙ୍କ ଉପରେ ଚାପ ପକାନ୍ତୁ। ଜନ ପ୍ରତିନିଧି ହିସାବରେ ଆମେ ସ୍ୱର ଉତ୍ତୋଳନ କରିବୁ। ସେହିଭଳି ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ରତ୍ନଭଣ୍ଡାର ପ୍ରସଙ୍ଗରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ରତ୍ନଭଣ୍ଡାରରେ କିଛି ହେର୍‌ଫେର ହୋଇଛି। ସେଥିପାଇଁ ସରକାର ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ବଦଳରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ବାହାନା କରି ମୁଖ୍ୟ ପ୍ରସଙ୍ଗକୁ ଟାଳୁଛନ୍ତି। ଏଣୁ ରାଜ୍ୟ ସରକାର ରତ୍ନଭଣ୍ଡାର ପ୍ରସଙ୍ଗରେ ପାରଦର୍ଶିତା ଅବଲମ୍ବନ କରନ୍ତୁ ଓ ରତ୍ନଭଣ୍ଡାର ଖୋଲନ୍ତୁ। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଦଳମତ ନିର୍ବିଶେଷରେ ଓଡ଼ିଶାବାସୀଙ୍କ ଏହା ଦାବି ଯେ, ସରକାର ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାରର ଗଣନା କରନ୍ତୁ। ଭିତର ରତ୍ନ ଭଣ୍ଡାରରେ କେଉଁ ରତ୍ନ ରହିଛି ଓ କେଉଁ ରତ୍ନ ନାହିଁ ତାହାର ହିସାବ କରାଯାଉ।

ଶେଷଥର ପାଇଁ ଗତ ୨୦୧୮ ଏପ୍ରିଲରେ ୧୭ଜଣିଆ ଟିମ୍ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ତେବେ ଚାବି ନ ମିଳିବାରୁ ଭିତରଭଣ୍ଡାର ଖୋଲାଯାଇପାରିଲା ନାହିଁ। ବାହାର ଭଣ୍ଡାର ଘରୁ ଲାଇଟ ପକାଇ ଭିତର ଭଣ୍ଡାର ଦେଖିବାରୁ ଭିତର ରତ୍ନଭଣ୍ଡାରର ବିମ୍‌ରେ ଲୁହାରଡ୍ ଦେଖାଯାଉଥିଲା, ପାଣି ଗଳି କାନ୍ଥ ଓଦା ହୋଇଥିବା, କାନ୍ଥ ଫାଟିଥିବା ଭଳି ସୂଚନା ସମ୍ପୃକ୍ତ ୧୭ ଜଣିଆ କମିଟି ଜଣାଇଥିଲେ। ସେହିଭଳି ରତ୍ନଭଣ୍ଡାର ମରାମତି ଆବଶ୍ୟକ କରୁଥିବା ମଧ ୧୭ଜଣିଆ ଯାଞ୍ଚ କମିଟି ରିପୋର୍ଟରେ ସ୍ପଷ୍ଟ କରାଯାଇଥିଲା। ଏହି ଘଟଣାକୁ ୪ବର୍ଷ ପୂରିଥିଲେ ମଧ ସରକାର ରତ୍ନଭଣ୍ଡାର ମରାମତି ଉପରେ ଧ୍ୟାନ ଦେଉନାହାନ୍ତି। ଭଣ୍ଡାର ମେକାପ ନାରାୟଣ ମେକାପ କହିଛନ୍ତି, ୧୭ଜଣିଆ କମିଟି ଫେରିବା ପରେ ଏ ନେଇ ରିପୋର୍ଟ ପ୍ରଦାନ କରିଥିଲେ। ଭିତରେ ପାଣି ଗଳୁଛି ଏଣୁ ମରାମତି କରାଯାଉ ବୋଲି କହିଥିଲୁ। ଗଜପତି ମହାରାଜା ରତ୍ନଭଣ୍ଡାର ଖୋଲିବା ଓ ମରାମତି କରିବା ପାଇଁ ଦାବି କରିବା ପରେ ସରକାର ଅଣଦେଖା କରିବା ଉଚିତ୍ ନୁହେଁ। ଅନ୍ୟପକ୍ଷରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ରତ୍ନଭଣ୍ଡାର କୁହେଳିକା ହଟୁ। ଗଜପତିଙ୍କ ଇଚ୍ଛା ପରେ ରତ୍ନଭଣ୍ଡାର ଖୋଲି ମରାମତି କରାଯାଉ। ଅନେକ ରହସ୍ୟ ଉନ୍ମୋଚନ ହେବ।

# ଭଉଣୀ ବାହାଘର ପୂର୍ବରୁ ଭାଇଙ୍କୁ ହତ୍ୟା

### ବିଲରୁ ମିଳିଲା ମୃତଦେହ

ବାଲିପାଟଣା,୭।୭(ଡି.ଏନ୍.ଏ.)

ରାତି ପାହିଲେ ହୋଇଥାନ୍ତା ଭଉଣୀର ବାହାଘର। ଏଥିପାଇଁ ଭାଇ ସମେତ ଘର ସମସ୍ତ ସଦସ୍ୟ ଖୁସିରେ ଥିବାବେଳେ ବିବାହ କାର୍ଯ୍ୟକୁ ନେଇ ସବୁ ପ୍ରସ୍ତୁତି ଚାଲିଥିଲା। ହେଲେ ବିଧିର ବିଧାନ ଥିଲା ଅଲଗା। ବିବାହ କାର୍ଯ୍ୟର ଗୋଟିଏ ଦିନ ପୂର୍ବରୁ ଭାଇକୁ କେହି ହତ୍ୟା କରିଛି। ଧନୁଆ ନଦୀକୂଳ ନିକଟ ଏକ ବିଲରୁ ତାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଏଭଳି ଦୁଃଖଦ ଘଟଣା ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ ଶିଶିଲୋ ଗ୍ରାମରେ ଗୁରୁବାର ଦେଖିବାକୁ ମିଳିଛି। ମୃତକ ହେଲେ ଉକ୍ତ ଗ୍ରାମର ଆଶିଷ ଓଝା(୨୧)। ଅନ୍ୟପଟେ ପୁଅକୁ କେହି ହତ୍ୟା କରିଥିବା ନେଇ ଆଶିଷଙ୍କ ପରିବାର ଲୋକ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୮୩/୨୨) ରୁଜୁ କରି ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ବାଲିପାଟଣା ଥାନାଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି। ଆଶିଷଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଝିଅର ବାହାଘର ଥିଲା। ଏଥିପାଇଁ ପୁଅ ବିବାହ କାର୍ଯ୍ୟରେ ବ୍ୟସ୍ତ ଥିଲା। ହେଲେ ବୁଧବାର ରାତି ୯ଟାରେ କେହି ଆଶିଷଙ୍କୁ ଫୋନ କରିବାରୁ ସାଇକେଲ ନେଇ ବାହାରକୁ ଯାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ସକାଳୁ ସ୍ଥାନୀୟ ଲୋକ ଗ୍ରାମ ନିକଟସ୍ଥ ନଈକୁ ଯିବାବେଳେ ଏକ ମୃତଦେହ ପଡିଥିବା ଦେଖି ଲୋକ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଓ ଆଶିଷଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିବା ବେଳେ ସେଠାରେ ଉକ୍ତ ସାଇକେଲ ପଡ଼ିଥିବା ଦେଖି ମୃତଦେହ ଆଶିଷର ବୋଲି ଚିହ୍ନଟ କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ଏ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଅନ୍ୟପଟେ ଆଶିଷଙ୍କୁ ଫୋନ କରି ଡାକିଥିବା ଲୋକ ହିଁ ତାଙ୍କୁ ହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।



ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସରରେ ଭାଜପା ନେତାମାନେ ସ୍ୱାଗତ ଜଣାଉଛନ୍ତି।



ଆସୁଛି ରାଖୀପୂର୍ଣ୍ଣିମା: କଟକ ଚୌଧୁରୀ ବଜାର ଅଞ୍ଚଳରେ ଖୋଲିଥିବା ପାଇକାରୀ ରାଖୀ ଦୋକାନରୁ ଜଣେ ଖୁଚୁରା ବ୍ୟବସାୟୀ ରାଖୀ କିଣୁଛନ୍ତି।



କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଅନ୍ୟ ଗାଇଡ୍ ଓ ଫଟୋଗ୍ରାଫରଙ୍କ ଫଟୋ ଉତ୍ତୋଳନକୁ ବିରୋଧ କରି ସୂର୍ଯ୍ୟମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ଚାଲିଥିବା ଧାରଣା ଗୁରୁବାର ୭ମ ଦିନରେ ପହଞ୍ଚିଛି।

## ଦୋକାନରୁ ଟଙ୍କା ଚୋରି କରି କର୍ମଚାରୀ ଗିରଫ

ବାରଙ୍ଗ(ଡି.ଏନ୍.ଏ.): ଦୋକାନରୁ ଟଙ୍କା ଚୋରି କରି ଫେରାର ଥିବା କର୍ମଚାରୀଙ୍କୁ ଗୁରୁବାର ନନ୍ଦନକାନନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲାର ପ୍ରମୋଦ ରାଉତ। ପ୍ରମୋଦ ରଘୁନାଥପୁର ଗାଁରେ ଥିବା ଏକ ଷ୍ଟିଲ ଦୋକାନରେ କାମ କରୁଥିଲେ। ଗତ ମାସ ୧୮ ତାରିଖରେ ଦୋକାନରେ ଅନ୍ୟଜଣେ କର୍ମଚାରୀଙ୍କ ଶୋଇଥିବାବେଳେ ଟଙ୍କା ବାକ୍ସରୁ ୧୮,୬୩୦ଟଙ୍କା ନେଇଯାଇଥିଲେ। ସକାଳେ ଦୋକାନ ମାଲିକ ଜାଣି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା(ନଂ.୮୮/୨୨) ରୁଜୁ କରିବା ସହ ଦୋକାନର ସିସିଟିଭି ଫୁଟେଜକୁ ଯାଞ୍ଚ କରି ପ୍ରମୋଦଙ୍କୁ ପଟିଆ ଅଞ୍ଚଳରୁ ଗିରଫ କରିଥିଲା।

## ସଂକ୍ଷେପରେ

### ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୨୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୭।୭(ବ୍ୟୁରୋ): ଗଞ୍ଜେଇ ଚୋରା ଚାଲାଣ ବେଳେ ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୨୨ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଏରସାଦ୍ ଅଲ୍ଲୀ ମଣ୍ଡଳ(୨୫) ନାମକ ଏଜେଣ୍ଟଙ୍କୁ ଗିରଫ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୭୬/୨୨)ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ବୁଧବାର ଏରସାଦ ଗଞ୍ଜେଇ ଭର୍ତ୍ତି ଏକ ବସ୍ତା ସହ ବରମୁଣ୍ଡା ବସ୍‌ଷ୍ଟାଣ୍ଡସ୍ଥିତ ନିର୍ମାଣାଧୀନ କୋଠା ପାଖରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଭରତପୁର ଥାନା ପୋଲିସ ସେଠାରେ ଚଢ଼ାଉ କରିଥିଲେ। ଏରସାଦଙ୍କୁ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା।

### ଶିକ୍ଷାବିତ୍ ଅମୂଲ୍ୟକୃଷ୍ଣ ମିଶ୍ରଙ୍କ ଜନ୍ମବାର୍ଷିକୀ

ଭୁବନେଶ୍ୱର,୭।୭(ବ୍ୟୁରୋ): ଶିକ୍ଷାବିତ୍ ଅମୂଲ୍ୟକୃଷ୍ଣ ମିଶ୍ରଙ୍କ ୯୦ତମ ଜନ୍ମବାର୍ଷିକୀ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଜୟନ୍ତ ମହାପାତ୍ର ଯୋଗଦେଇ ତାଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଜିପି ଶରତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ସାତକଡ଼ି ହୋତା, ସାହିତ୍ୟିକ ହୁସେନ୍ ରବି ଗାନ୍ଧୀ ପ୍ରମୁଖ ମଞ୍ଚାସୀନ ଥିଲେ। ସୁବ୍ରତ ବଳ ଆହେ ନୀଳଶୈଳ ପରିବେଷଣ କରିଥିଲେ। ପ୍ରତାପ ଆଦିତ୍ୟ ମିଶ୍ର ସଭା ପରିଚାଳନା କରିଥିଲେ। ଡ. ତରୁଣାଦିତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ।

### ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ଭୁବନେଶ୍ୱର, ୭।୭ (ବ୍ୟୁରୋ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ରସୁଲଗଡ଼ ନୂଆସାହି ବାଲିଆପଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟ ଶତ ପ୍ରତିଶତ ଫଳାଫଳ ହୋଇଛି। ଏ ୱାନ ଗ୍ରେଡ୍‌ରେ ସ୍ୱୟଂସିଦ୍ଧ ମହାପାତ୍ର ୫୬୯ ନମ୍ବର ରଖିଥିବାବେଳେ ଅଞ୍ଜଳି ପ୍ରଧାନ ୫୬୦, କାଜଲ ରାଉତ ୫୪୬ ଏବଂ ପ୍ରିୟାଂଶୁ ପ୍ରଧାନ ୫୭୬ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏ-ଟୁରେ ୧୯ ଜଣ, ବି ୱାନ-୨୮, ବି-ଟୁରେ ୪ଜଣ, ସିରେ ୨ଜଣ ଏହିପରି ମୋଟ୍ ୫୭ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ରାସ୍ତା ଜଳାର୍ଣ୍ଣବ, ବୁଡ଼ିଲା କାର୍

ଭୁବନେଶ୍ୱର,୭।୭(ବ୍ୟୁରୋ)

ରାଜଧାନୀ ରାସ୍ତାରେ ଲହଡ଼ି ଭାଙ୍ଗିଛି ବର୍ଷା ଓ ଡ୍ରେନ୍ ପାଣି। ବିଭିନ୍ନ ସ୍ଥାନରେ ପାଣି ଜମିବା ଫଳରେ ହଇରାଣ ହୋଇଛନ୍ତି ରାଜଧାନୀବାସୀ। ସହର ସାରା ଖାଲି ପାଣି ହିଁ ପାଣି। ଅନେକ ସ୍ଥାନରେ ଜଳାଶୟର ଭ୍ରମ ସୃଷ୍ଟି ହୋଇଛି। ବିଶେଷକରି ଲକ୍ଷ୍ମୀସାଗର, ଶହୀଦନଗର, ସତ୍ୟନଗର, ବମିଖାଲ, ନୟାପଲ୍ଲୀ, ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା ଉପରେ ଅଣ୍ଟାଏ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। କେତେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୁରୁବାର ଦିନତମାମ ବର୍ଷା ଲାଗି ରହିବାରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା।

ସେହିପରି ସବୁଥର ଭଳି ଏଥର ବି ଇସ୍କନ ମନ୍ଦିର ଛକରେ ଜମି ରହିଥିବା ପାଣି ଯାତାୟାତରେ ବାଧକ ସାଜିଥିଲା। ଏପରିକି କେତେକ କାର ଅଧାରୁ ଅଧିକ ପର୍ଯ୍ୟନ୍ତ ବୁଡି ଯାଇଥିଲା। ମୁଖ୍ୟ ରାସ୍ତା ହୋଇଥିବାରୁ ସେହି ବାଟ ଦେଇ ଯାଉଥିବା ଲୋକେ ପାଣିରେ ଫସିଥିଲେ। ପାଣି ଅଧିକ ଥିବାରୁ ଗାଡ଼ି ଆଗକୁ ଗଡ଼ିବା କଷ୍ଟକର ହୋଇପଡ଼ିଥିଲା। ରସୁଲଗଡ଼ର ଏସ୍‌ପ୍ଲାନେଡ ମଲ୍ ସମ୍ମୁଖ ରାସ୍ତାରେ କୃତ୍ରିମ ନଦୀର ଭ୍ରମ ସୃଷ୍ଟି କରିଥିଲା ବର୍ଷା ଜଳ। ସେହିପରି ବମିଖାଲ, ଗଙ୍ଗନଗର, ସତ୍ୟନଗର ଅଞ୍ଚଳରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। କେତେକ ସ୍ଥାନରେ



ଇସ୍କନ୍ ମନ୍ଦିର ସମ୍ମୁଖ ରାସ୍ତାରେ ଜମିଥିବା ବର୍ଷାଜଳରେ ଏକ କାର୍ ବୁଡ଼ିରହିଛି।

### ଲଗାଣ ବର୍ଷା ଯୋଗୁ ଜଳବନ୍ଦୀ ସମସ୍ୟା

ଡ୍ରେନ ପାଣି ଲୋକଙ୍କ ଘର ଭିତରେ ପଶିଥିଲା। ଅଚାନକ ପାଣି ପଶିଯିବାରୁ ଲକ୍ଷ୍ମୀସାଗର ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଏମ୍‌ସି ପକ୍ଷରୁ କେତେକ ସ୍ଥାନରୁ ମୋଟର ପମ୍ପ ସାହାଯ୍ୟରେ ଜଳ ନିଷ୍କାସନ କରାଯାଇଥିଲା। ତେବେ ବାରମ୍ବାର ଏଭଳି ଘଟଣା ଘଟୁଥିବାକୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାଣିରେ ଗାଡ଼ି ବୁଡ଼ି ଯାଇ ଖରାପ ହେଇଯାଉଥିବା କେତେଜଣ ବ୍ୟକ୍ତି କହିଛନ୍ତି। ଆଗକୁ ଆହୁରି ବର୍ଷା ହେବାକୁ ଥିବାବେଳେ ଏହାକୁ ନେଇ ରାଜଧାନୀବାସୀ ଚିନ୍ତା ପ୍ରକଟ କରିଛନ୍ତି। ତୁରନ୍ତ ଜଳ ନିଷ୍କାସନ ସମସ୍ୟା ଦୂର କରାଯିବାକୁ ସେମାନେ ଦାବି କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଡ୍ରାଇଭର ଗିରଫ

ଭୁବନେଶ୍ୱର,୭।୭(ବ୍ୟୁରୋ)

ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ଦୀପକ ଜାନୀ। ସେ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ରହି ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଏନେଇ ଚନ୍ଦକା ଥାନା ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ. ୧୫୯/୨୨) ରୁଜୁ କରି ଗୁରୁବାର ଦୀପକଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଦୀପକ ଚନ୍ଦକା ଅଞ୍ଚଳରେ ଡ୍ରାଇଭର ଭାବେ କାମ କରନ୍ତି। ବର୍ଷକ ତଳେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ସେ ପ୍ରେମ ଜାଲରେ ଫସାଇଥିଲେ। ତାଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜାଣିବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ବିଶ୍ୱକୁ ଶାନ୍ତି, ସମୃଦ୍ଧି ପ୍ରଦାନ କରିଆସୁଛି ସନାତନ ଧର୍ମ

ଫୁଲନଖରା,୭।୭(ଡି.ଏନ.ଏ.)

ସନାତନ ଧର୍ମ ବିଶ୍ୱକୁ ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିଆସୁଛି। ଏହି ଧାରାରେ ଭାରତ ସୁସଂସ୍କୃତ, ପକ୍ଷପାତବିହୀନ, ଶୋଷଣମୁକ୍ତ ସମାଜ ଗଠନ ହୋଇଥିଲା। ତେଣୁ ଭାରତକୁ ବିଶ୍ୱଗୁରୁ ବୋଲି କୁହାଯାଏ। କିନ୍ତୁ ବର୍ତ୍ତମାନ ସ୍ଥିତିରେ ହିନ୍ଦୁ ଅବହେଳିତ ହୋଇ ସନାତନ ଧର୍ମଧାରାରୁ ବିଚ୍ୟୁତ ହୋଇଛି। ତେଣୁ ଭବ୍ୟ ଭାରତ ଗଠନ ପାଇଁ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆହ୍ୱାନ ଦେଇଛନ୍ତି। ଆଦିତ୍ୟବାହିନୀ ଓ ଆନନ୍ଦବାହିନୀ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଜରିପଡା ନିକଟସ୍ଥ ଡିଭାଇନ ପ୍ୟାଲେସ ପରିସରରେ ହିନ୍ଦୁରାଷ୍ଟ୍ର ସଂଗୋଷ୍ଠୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କ ବିଚାର ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଯୋଗଦେଇ ବିଜ୍ଞାନ, ରାଷ୍ଟ୍ର ଓ ଧର୍ମ ସମ୍ବନ୍ଧରେ ସୁବିଚାର ପ୍ରଦାନ କରିଥିଲେ। ସେହିପରି ବ୍ରହ୍ମଚାରୀ ହୃଷୀକେଶ ମହାରାଜା ଯୋଗଦେଇ ପରିବାରକୁ ଗୁରୁକୁଳ ଭଳି ଗଢି ତୋଳିବା ସହ ହିନ୍ଦୁରାଷ୍ଟ୍ର ଗଠନ ପାଇଁ ଆଧାତ୍ମିକ ବାତାବରଣ ସୃଷ୍ଟି କରିବାକୁ କହିଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଚକାପାଦ ଆଶ୍ରମର ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ, ବ୍ରହ୍ମଚାରୀ ମାନସ ଚୈତନ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ପୀଠର ପଣ୍ଡିତ ମାତୃପ୍ରସାଦ ମିଶ୍ର, ପୀଠ ପରିଷଦ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ରଥ, ମହାସଚିବ ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ସଚିବ ପ୍ରଭୁ ଚରଣ ମହାନ୍ତି, ହରି କିଶନ ଶର୍ମା, ଆଦିତ୍ୟବାହିନୀ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ମହାସଚିବ ଡ. ଶୁଭେନ୍ଦୁ ସ୍ୱାଇଁ, ଉଲ୍ଲାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ହିନ୍ଦୁରାଷ୍ଟ୍ର ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଅନ୍ୟମାନେ।

## ଶହୀଦନଗରରେ ୫୫ ଦୋକାନ ଉଚ୍ଛେଦ

ଭୁବନେଶ୍ୱର,୭।୭(ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ଗୁରୁବାର ଶହୀଦନଗରରେ ବେଆଇନ ଉଚ୍ଛେଦ କରାଯାଇଛି। ଏହି କ୍ରମରେ ପ୍ରାୟ ୫୫ଟି ଦୋକାନ ଓ କ୍ୟାବିନକୁ ହଟାଇ ଦିଆଯାଇଛି। ଏଗୁଡ଼ିକ ଡ୍ରେନ ଉପରେ ଥିବାରୁ ପାଣି ଜମିବାରେ ସହାୟକ ହେଉଥିଲା। ଦୋକାନଗୁଡ଼ିକ ମଧ୍ୟରୁ କେତୋଟି ପୁରୁଣା ଘରେ ଏବଂ ଅନ୍ୟ କେତୋଟି ରାସ୍ତାକୁ ମାଡ଼ି ନିର୍ମାଣ ହୋଇଥିଲା। ସୂଚନା ଅନୁଯାୟୀ, ୪୦ଟି ଅନଧିକୃତ ଦୋକାନ ଓ ୧୫ଟି ଦୋକାନ ରାସ୍ତା ଜବରଦଖଲ କରି ନିର୍ମାଣ କରାଯାଇଥିଲା। ବିଏମ୍‌ସି ସହାୟତାରେ ଏଗୁଡ଼ିକୁ ବିଏସ୍‌ସିଏଲ୍ ପକ୍ଷରୁ ଭଙ୍ଗାଯାଇଛି। ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ଏବଂ ବିଏସ୍‌ସିଏଲ୍ ପ୍ରବର୍ତ୍ତନ ସ୍କ୍ୱାଡ୍, କେନ୍ଦ୍ରୀୟ ପ୍ରବର୍ତ୍ତନ ସ୍କ୍ୱାଡ୍, ରାଜସ୍ୱ ଓ ବିଏମ୍‌ସି ଅଧିକାରୀମାନେ ସାମିଲ ଥିଲେ। ବିଏସ୍‌ସିଏଲ୍‌ର ଜେନେରାଲ ମ୍ୟାନେଜର ତଥା ବିଏମ୍‌ସି ଡେପୁଟି କମିଶନର କମଲଜିତ୍ ଦାସ କହିଛନ୍ତି, ଜବରଦଖଲ କରିଥିବା ଦୋକାନଗୁଡ଼ିକ ବିରୋଧରେ ଏଭଳି ଭାବେ କଡ଼ା ପଦକ୍ଷେପ ନିଆଯିବ।

## ଶାଶୁଘରୁ ମହିଳାଙ୍କ ମୃତଦେହ ଜବତ

ବାରଙ୍ଗ,୭।୭(ଡି.ଏନ୍.ଏ.)

ଚନ୍ଦକା ଥାନା ଅନ୍ତର୍ଗତ ଭୋଳା ଗ୍ରାମରୁ ଜଣେ ମହିଳାଙ୍କ ମୃତଦେହ ଶାଶୁଘରୁ ଗୁରୁବାର ପୋଲିସ ଜବତ କରିଛି। ଉକ୍ତ ଗ୍ରାମର ମନୋଜ ନାୟକଙ୍କ ସ୍ତ୍ରୀ ଡଲି(୨୮)। କିନ୍ତୁ ଭଉଣୀକୁ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟା ରୂପ ଦେଇଥିବା ମୃତାଙ୍କ ଭାଇ ସନାତନ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପଖାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

ସୂଚନା ଅନୁଯାୟୀ, କଟକସଦର ଥାନା ଅଞ୍ଚଳର ଡଲି ୪ବର୍ଷ ତଳେ ମନୋଜଙ୍କୁ ବିବାହ କିଥିଲେ। ବାହାଘରର କିଛିଦିନ ପରେ ଶାଶୁଘର ଲୋକ ଡଲିଙ୍କୁ ନିର୍ଯାତନା ଦେବାରୁ ସେ ବାପଘରକୁ ଚାଲିଆସିଥିଲେ। ପରେ ତାଙ୍କର ଏକ ପୁତ୍ର ସନ୍ତାନ ହେବା ସତ୍ତ୍ୱେ ଶାଶୁଘର ତାଙ୍କୁ ଘରକୁ ଡାକି ନ ଥିଲେ। ଏହି ଚିନ୍ତାରେ ପ୍ରଥମେ ଡଲିଙ୍କ ବାପା ଓ ପରେ ମାଙ୍କ ମୃତ୍ୟୁ ଘଟିଥିଲା। ଗତ୧୫ଦିନ ତଳେ ଶାଶୁଘର ଲୋକ ଆସି ଡଲିଙ୍କୁ ବୁଝାଶୁଝା କରି ନେଇଥିଲେ। ହେଲେ କିଛିଦିନ ପରେ ପୁଣି ତାଙ୍କୁ ନିର୍ଯାତନା ଦେବାରୁ ଭାଇଙ୍କୁ ଫୋନ କରି ଡଲି ଜଣାଇଥିଲେ। ତେବେ ବୁଧବାର ରାତିରେ ହଠାତ୍ ଡଲି ଆତ୍ମହତ୍ୟା କରିଥିବାର ବାପଘର ଲୋକଙ୍କୁ ଶାଶୁଘର ଲୋକେ ଜଣାଇଥିଲେ। ଖବରପାଇ ବାପଘର ଲୋକ ପହଞ୍ଚିବା ବେଳେ ଡଲି ଖଟ ଉପରେ ପଡ଼ିଥିବା ଦେଖିଥିଲେ। ସେଠାରୁ ଡଲିଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅନ୍ୟପଟେ ଭଉଣୀଙ୍କୁ ହତ୍ୟା କରିଥିବା ନେଇ ଶାଶୁଘର ଲୋକଙ୍କ ବିରୋଧରେ ଡଲିଙ୍କ ଭାଇ ସନାତନ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ଭାଇ ଆଣିଲେ ହତ୍ୟା ଅଭିଯୋଗ

## ଡାକ୍ତରୀ, ଆଇନ ସମ୍ବନ୍ଧିତ ଆଲୋଚନାଚକ୍ର

ଭୁବନେଶ୍ୱର,୭।୭

କୋଭିଡ୍ ମହାମାରୀରେ ଡାକ୍ତର ଏବଂ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଅବଦାନ ଅତୁଳନୀୟ। କିନ୍ତୁ ସମ୍ପ୍ରତି ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ନାନା ପ୍ରକାର ହିଂସା ଓ ଆକ୍ରମଣ ଆଦିର ଶିକାର ହେବା ଘଟଣା ମଧ୍ୟ ନଜରକୁ ଆସିଛି। ଏପରି ଏକ ସମ୍ବେଦନଶୀଳ ବିଷୟବସ୍ତୁକୁ ନେଇ ଗୁରୁବାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ଆନୁକୂଲ୍ୟରେ ଡାକ୍ତରୀ ଓ ଆଇନ ସମ୍ବନ୍ଧିତ ଆଲୋଚନାଚକ୍ର ସ୍ଥାନୀୟ ଆମ୍ରି ହସ୍ପିଟାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ସୁରକ୍ଷା ତଥା ନାନା ପ୍ରକାର ଅଭିଯୋଗରୁ କିଭଳି ମୁକ୍ତ କରିବା ପାଇଁ କଠୋର ନିୟମର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଇସିସି, ଓଡ଼ିଆ କାଉନ୍‌ସିଲର ଅଧ୍ୟକ୍ଷ ଜେ.ବି.ପାଣି ପ୍ରାରମ୍ଭିକ ଅଭିଭାଷଣରେ ଉକ୍ତ ଆଲୋଚନାଚକ୍ରର ଉପଯୋଗିତା ଓ ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେହିଭଳି ସ୍ୱାସ୍ଥ୍ୟ ଓ ଜୀବବିଜ୍ଞାନ କମିଟିର ଉପଦେଷ୍ଟା ତଥା ଆଇସିସି ଓଡ଼ିଶା କାଉନ୍‌ସିଲର ଉପସଭାପତି ଏବଂ ଆମ୍ରି ହସ୍ପିଟାଲ ମୁଖ୍ୟ ନୀଳାଞ୍ଜନା ମୁଖାର୍ଜୀ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରତି ହେଉଥିବା ହିଂସା ଓ ଅତ୍ୟାଚାର ଏବଂ ଅଭିଯୋଗ ଉପରେ ନିଜର ଦୃଷ୍ଟିଭଙ୍ଗୀ ପ୍ରତିପାଦିତ କରିଥିଲେ। ଆପୋଲୋ ହସ୍ପିଟାଲର ଡାକ୍ତରୀ ସେବା ନିର୍ଦ୍ଦେଶକ ଆଲୋକ ଶ୍ରୀବାସ୍ତବ ସମାଜର ପ୍ରତିଟି ବର୍ଗର ବ୍ୟକ୍ତିମାନଙ୍କ ଦ୍ୱାରା ଡାକ୍ତରମାନଙ୍କ ସୁରକ୍ଷା ନିମନ୍ତେ କି ପ୍ରକାର ପଦକ୍ଷେପ ନେବା ଆବଶ୍ୟକ ସେ ନେଇ ଆଲୋଚନା କରିଥିଲେ। ଏମ୍ସ ଭୁବନେଶ୍ୱରର ଫୋରେନ୍ସିକ ମେଡିସିନ୍ ବିଭାଗର ପ୍ରଫେସର ଡା.ସଚ୍ଚିଦାନନ୍ଦ ମହାନ୍ତି ଡାକ୍ତରମାନଙ୍କ ଉପରେ ହେଉଥିବା ହିଂସା ଓ ଅତ୍ୟାଚାର ଏବଂ ସେ ସମ୍ବନ୍ଧୀୟ ଆଇନକାନୁନ ବିଷୟରେ ବିସ୍ତୃତ ମତବ୍ୟକ୍ତ କରିଥିଲେ। ଏମ୍ସ, ରାଏବରେଲିର ସହକାରୀ ପ୍ରଫେସର ଡା. ମୁକୁଳ ଶର୍ମା ଡାକ୍ତରମାନଙ୍କ ନିମନ୍ତେ ଡାକ୍ତରୀ ଅବହେଳା କ୍ଷେତ୍ରରେ ଉଚିତ ଓ ଅନୁଚିତ ଦିଗ ସମ୍ପର୍କରେ ବିଶେଷ ଦୃଷ୍ଟି ଦେଇଥିଲେ। ସେହିପରି ଭାରତୀୟ ବାର୍ ଆସୋସିଏସନର ଯୁଗ୍ମ ସମ୍ପାଦକ ତଥା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ଶତପଥୀ ଲାଣ୍ଡମାର୍କ ଜଜ୍‌ମେଣ୍ଟ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବହୁ ବିଶିଷ୍ଟ ଚିକିତ୍ସକ ଓ ଆଇନଜୀବୀ ମଧ୍ୟ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଆଇସିସି ଓଡ଼ିଶା କାଉନ୍‌ସିଲର ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇ ଆଲୋଚନାଚକ୍ରକୁ ସଫଳ କରିଥିଲେ। ପରିଶେଷରେ ଆଇସିସି ଓଡ଼ିଶା କାଉନ୍‌ସିଲର ଉପସଭାପତି ତଥା ଆମ୍ରି ହସ୍ପିଟାଲ ମୁଖ୍ୟ ଏବଂ ସ୍ୱାସ୍ଥ୍ୟ ଓ ଜୀବବିଜ୍ଞାନ କମିଟି ଉପଦେଷ୍ଟା ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱରରେ ଲାଗିବ ୧ ଲକ୍ଷ ଚାରା

- ସବୁ ୱାର୍ଡରେ ଚାରାରୋପଣ କରାଯିବ
- ବିଏମ୍‌ସି ପାଳିଲା ବନ ମହୋତ୍ସବ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ସରକାର ସ୍ୱଚ୍ଛ, ସବୁଜ ଭୁବନେଶ୍ୱରକୁ ଆଗେଇ ନେଇ ରାଜଧାନୀକୁ ଅଧିକ ବାସୋପଯୋଗୀ ସୂଚକାଙ୍କ ଯୋଗ୍ୟ କରିବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ସ୍ୱଚ୍ଛତା ସାଙ୍ଗକୁ ଭୁବନେଶ୍ୱରରେ ଅଧିକରୁ ଅଧିକ ଚାରାରୋପଣ ନିମନ୍ତେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ବନ ନିଗମରୁ ୧ଲକ୍ଷ ଚାରା ଆଣି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଲଗାଇବା ପାଇଁ ବିଏମ୍‌ସି କମିଶନର ଲକ୍ଷ୍ୟ ରଖିଛନ୍ତି। ଗୁରୁବାର ବିଏମ୍‌ସି ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍‌ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅଭିଯାନ ଆରମ୍ଭ ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ଭୁବନେଶ୍ୱରର ପ୍ରତ୍ୟେକ ୱାର୍ଡ଼ରେ ଚାରାରୋପଣ ହେବ। ଏଥିରେ ସ୍ଥାନୀୟ କର୍ପୋରେଟର୍ ସହଯୋଗ କରିବେ। ୱାର୍ଡ଼ ଗୁଡ଼ିକରେ ଥିବା ଅନୁଷ୍ଠାନ, ଶିକ୍ଷାୟତନ, ଆବଦ୍ଧ ସରକାରୀ ସ୍ଥାନ ଏବଂ ସାମୂହିକ ସ୍ଥାନରେ ଚାରାରୋପଣ କରାଯିବ। ଏଥିରେ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ବ୍ୟକ୍ତିଗତ ଅନୁଷ୍ଠାନ, ସାମାଜିକ କର୍ମୀ, ବୃକ୍ଷପ୍ରେମୀ ଏପରିକି ସଚେତନ ଆଗ୍ରହୀ ନାଗରିକ ସହଯୋଗ କରିବାକୁ ମେୟର ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା ଏବଂ ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ବଉଳ, ନିମ୍ବ, ପାଟୁଳି, କାଞ୍ଚନ, ଜାମୁ, କରଞ୍ଜ ଏବଂ ପେସ୍ତା ଇତ୍ୟାଦି ୭ ପ୍ରକାରର ୫୫ଟି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ବିନୟ କୁମାର ଦାଶ ଏବଂ ଡେପୁଟି କମିଶନର (ପରିମଳ) ଓ ସ୍ୱାସ୍ଥ୍ୟ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଏମ୍‌ସିର ପରିବେଶ ଅଧିକାରୀ ବସନ୍ତ କୁମାର ମଲ୍ଲିକ୍ ଏବଂ ଉଦ୍ୟାନ କୃଷି ବିଶେଷଜ୍ଞ ଗିରିଜା ଭୂଷଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କର୍ପୋରେଟର, ମିଶନ୍ ଗ୍ରୀନ୍ ଭୁବନେଶ୍ୱରର କର୍ମୀ ଓ ସ୍ୱଚ୍ଛସାଥିମାନେ ମଧ୍ୟ ଉପସ୍ଥିତ ଥିଲେ।



ମେୟର ସୁଲୋଚନା ଦାସ ଏବଂ ବିଧାୟକ ଅନନ୍ତ ନାରାୟଣ ଜେନା ଚାରା ରୋପଣ କରୁଛନ୍ତି।




ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆମ୍ରି ହସ୍ପିଟାଲ ପରିସରରେ ଆୟୋଜିତ ମେଡିକୋଲିଗାଲ ଆଲୋଚନାଚକ୍ରକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।




ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନର୍ଥର ୩୩ତମ ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ରୋଟାରିଆନ୍। ୨୦୨୨–୨୩ ବର୍ଷ ପାଇଁ ଶରତ କୁମାର ପାତ୍ର ସଭାପତି ଭାବେ ମନୋନୀତ ହୋଇଛନ୍ତି।



ବରମୁଣ୍ଡାସ୍ଥିତ ତପୋବନ ହାଇସ୍କୁଲ ପରିସରରେ ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଅତିଥିମାନେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରୁଛନ୍ତି।

**ଇ-କମର୍ସରେ ପ୍ରବେଶକଲା ଏଚ୍‌ଆଇପିପି**

**ନୂଆଦିଲ୍ଲୀ:** ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍(ଏଚ୍‌ଆଇପିପି) ପକ୍ଷରୁ ଏକ ସ୍ୱତନ୍ତ୍ର ଇ-କମର୍ସ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। କମ୍ପାନୀ ବର୍ତ୍ତମାନ ଇ-କମର୍ସରେ ପ୍ରବେଶ କରିବା ସହ ଭାରତର ପ୍ରଥମ ପାୱାର ପ୍ରଡକ୍ଟ କମ୍ପାନୀ ଭାବେ ସ୍ୱୀକୃତି ଲାଭ କରିଛି। ଏ ସମ୍ପର୍କରେ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ,ସଭାପତି ତଥା ସିଇଓ ଟାକା ହିରୋ ଉଏଦା କହିଛନ୍ତି, ଏଚ୍‌ଆଇପିପି ପାଇଁ ଭାରତ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଆସୁଛି। ଏହି ଘୋଷଣା ସହ ଆମେ ବେଶ୍ ଉତ୍ସାହିତ ମଧ ରହିଛୁ। କମ୍ପାନୀ ଅଧିକ ଡିଜିଟାଲ ସଂଯୋଗକୁ ଗ୍ରହଣକରି ଗ୍ରାହକଙ୍କ ନିକଟତର ହେବା ଲାଗି ପ୍ରୟାସ କରିବ।

**ସଂକ୍ଷେପରେ**

## ୮% ବେତନ ବୃଦ୍ଧିକଲା ଇଣ୍ଡିଗୋ

**ଭୁବନେଶ୍ୱର,୭।୭:** ଭାରତର ସର୍ବବୃହତ୍ ଘରୋଇ ବିମାନ କମ୍ପାନୀ 'ଇଣ୍ଡିଗୋ' ତା'ର ପାଇଲଟ ଏବଂ କ୍ୟାବିନ କର୍ମଚାରୀଙ୍କ ବେତନକୁ ଆହୁରି ୮% ବୃଦ୍ଧି କରିଛି। ଏପରିକି କମ୍ପାନୀ ଚଳିତ ବର୍ଷ ପାର୍ବଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏହାର ଏଚ୍‌ଆର୍ ନୀତିରେ ମଧ ପରିବର୍ତ୍ତନ ଆଣିଛି। ଅତି କମ୍‌ରେ ୬୦% ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ସେହିଭଳି ଗତ ସପ୍ତାହରେ ଇଣ୍ଡିଗୋର ଅଧାରୁ ଅଧିକ ବିମାନ ସେବା ବାଧାପ୍ରାପ୍ତ ହୋଇଥିଲା। କାରଣ ଏହାର ବହୁ ସଂଖ୍ୟକ କ୍ୟାବିନ କ୍ରିଉ ସଦସ୍ୟ ଶେଷ ମୁହୂର୍ତ୍ତରେ ଅସୁସ୍ଥ ଥିବା ଜଣାଇଥିଲେ। ବିଶେଷକରି ବିଗତ କିଛି ମାସ ହେବ ବେତନକୁ ନେଇ କମ୍ପାନୀର ସବୁ ବର୍ଗର କର୍ମଚାରୀ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି। କର୍ମଚାରୀଙ୍କ ଦାବି ଓ ଶେଷ ସମୟରେ ମଧ କାର୍ଯ୍ୟରେ ଯୋଗ ନ ଦେବା ଭଳି ଘଟଣାକୁ ବିଚାରକୁ ନେଇ କମ୍ପାନୀ ଏଭଳି ବେତନ ବୃଦ୍ଧି କରିଥିବା ଜଣାପଡ଼ିଛି। ବିଶେଷକରି ଚଳିତ ମାସ ପାଇଁ ଏୟାରଲାଇନ୍ସ ଦୈନିକ ହାରାହାରି ୧,୫୫୦ ବିମାନ ପାଇଁ ବଜେଟ କରିଛି ଏବଂ ଏହା ପ୍ରାୟ ୧୩ ଘଣ୍ଟା ପାଇଁ ଏହାର ବିମାନ ବ୍ୟବହାର କରେ।

## ଆକାଶ ଏୟାରକୁ ମିଳିଲା ଲାଇସେନ୍ସ

**ନୂଆଦିଲ୍ଲୀ,୭।୭:** ଭାରତୀୟ ଆକାଶରେ ଆଉ ଏକ ବିମାନ ସେବା ଯାତ୍ରୀଙ୍କୁ ମିଳିବାକୁ ଯାଉଛି। ଘରୋଇ ବିମାନ କମ୍ପାନୀ 'ଆକାଶ ଏୟାର'କୁ ଗୁରୁବାର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ପକ୍ଷରୁ ଏୟାର ଅପରେଟର ସାର୍ଟିଫିକେଟ (ଏଓସି) ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଆକାଶ ଏୟାରର ସିଇଓ ବିନୟ ଦୁବେ କହିଛନ୍ତି, ଗୋଟିଏ ବିମାନ ସେବା କମ୍ପାନୀକୁ ଉଡ଼ାଣ ଲାଇସେନ୍ସ ପ୍ରଦାନର ଅର୍ଥ ହେଉଛି ଏହା ସବୁ ପ୍ରକାର ଆଇନଗତ ଓ ଅନ୍ୟାନ୍ୟ ବୈଷୟିକ ଆବଶ୍ୟକତାକୁ ପୂରଣ କରିସାରିଛି ଓ ଉଡ଼ାଣ ଆରମ୍ଭ ପାଇଁ ପ୍ରସ୍ତୁତ ଅଛି। କମ୍ପାନୀ ଉଡ଼ାଣ ଲାଇସେନ୍ସ ପାଇବା ପରେ ଚଳିତ ମାସ ଶେଷ ସୁଦ୍ଧା ନିଜର ବିମାନ ସେବା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଏସ୍‌ଏନ୍‌ଭି ଆଭିଏସନ ଭାବେ ପଞ୍ଜୀକୃତ ଆକାଶ ଏୟାର ଗତ ବର୍ଷ ୭୨ଟି ବୋଇଂ ୭୩୭ ମାକ୍ସ ବିମାନ କିଣିବା ପାଇଁ ଅର୍ଡର ଦେଇଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶରେ ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ପାଇସ୍ ଜେଟ୍, ଗୋ ଏୟାର, ଭିସ୍ତାରା ଏବଂ ଏୟାର ଏସିଆ ଭଳି କମ୍ପାନୀ ବିମାନ ସେବା ଯୋଗାଉଛନ୍ତି। ସେହିପରି ଜେଟ୍ ଏୟାରୱେଜ୍ ମଧ ଖୁବ୍‌ଶୀଘ୍ର ସେବା ଆରମ୍ଭ କରିବାକୁ ଯାଉଛି। କମ୍ପାନୀକୁ ଗତ ମେ ମାସରେ ଲାଇସେନ୍ସ ମିଳିଥିଲା।

# ହ୍ରାସ ପାଉଛି ଅଶୋଧିତ ତୈଳ ମୂଲ୍ୟ



- ଶହେ ଡଲାର ତଳେ ଅନ୍ତର୍ଜାତୀୟ ବଜାରର ତୈଳ ଦର
- ଶସ୍ତା ହୋଇପାରେ ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ,୭।୭

କୋଭିଡ୍ ମହାମାରୀ ସାଙ୍ଗକୁ ଅଶୋଧିତ ତୈଳ ଦର ସାରା ବିଶ୍ୱବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏପରିକି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ମଧ ବିଭିନ୍ନ ସମସ୍ୟା ଓ କଟକଣା ସୃଷ୍ଟିହେବାରୁ ତୈଳ ଉତ୍ପାଦନ ମଧ ଠିକ୍ ଭାବେ ହୋଇପାରୁ ନ ଥିଲା। ଫଳରେ କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ଉଚ୍ଚା ରହିଲା। ଅପରପକ୍ଷରେ ଅଶୋଧିତ ତୈଳ ଦର ଲଗାତର ବୃଦ୍ଧି ପାଇବା ସହ ରେକର୍ଡ ପରିମାଣରେ ଦର ବୃଦ୍ଧି ଓ ବଜାର କାରବାର ହୋଇଥିଲା। ୨୦୧୯ରେ ଅଶୋଧିତ ତୈଳ ଦର ପ୍ରାୟ ୭୫ ଡଲାରରେ ବିକ୍ରି ହେଉଥିବା ବେଳେ ଗତ ୨ରୁ ୩ ବର୍ଷ ମଧ୍ୟରେ ଏହାର ମୂଲ୍ୟ ୧୨୦ ଡଲାର ପାରକରିଥିଲା।

ଅପରପକ୍ଷରେ ୨୦୨୨ ଜୁନ୍‌ରୁ ଅଶୋଧିତ ତୈଳ ଦର ଖସିବା ଆରମ୍ଭ କରିଥିଲା। ଏପରିକି ଚଳିତ ବର୍ଷ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଶହେ ଡଲାର ତଳକୁ ଖସି ଆସିଛି। ବର୍ତ୍ତମାନ ସବୁ କିଛି ଧୀରେ ଧୀରେ କୋହଳ ହେଉଥିବା କାରଣରୁ ତୈଳ ଉତ୍ପାଦନ ମଧ ଠିକ୍ ଭାବେ ହୋଇପାରୁଛି। ଫଳରେ ଅଶୋଧିତ ତୈଳ ମୂଲ୍ୟ ଗତ ସପ୍ତାହ ମଧ୍ୟରେ ୧୦୩ ଡଲାରରୁ ଖସି ୯୯.୭୫ ଡଲାରରେ ପହଞ୍ଚିଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ ମଧ ଡବ୍ଲ୍ୟୁଟିଆଇର ଦର ୯୭.୭୪ ଡଲାରରେ ବିକ୍ରି ହେଉଛି ବୋଲି ସୂଚନା ମିଳିଛି।

ସେହିପରି ଯଦି କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ଜାରି ରହେ ତା' ହେଲେ ଆଗକୁ ମଧ ଭାରତ ବଜାରରେ ଉଭୟ ପେଟ୍ରୋଲ,ଡିଜେଲର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ରହିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ବର୍ତ୍ତମାନ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ତଳକୁ ଖସି ଆସିଛି। ଗତ କିଛିଦିନ ହେଲାଣି ଅଶୋଧିତ ତୈଳର ମୂଲ୍ୟ କମ୍ ଥିବାରୁ ଭାରତୀୟ ବଜାରରେ ମଧ ତୈଳ ଦର ବୃଦ୍ଧି ଘଟିନାହିଁ। ଏଭଳି ଯଦି ଅଶୋଧିତ ତୈଳ ଦର ହ୍ରାସ ପାଏ, ତା' ହେଲେ ଖୁବ୍‌ଶୀଘ୍ର ପେଟ୍ରୋଲ,ଡିଜେଲର ଦର ମଧ କମିପାରେ ବୋଲି ଆଶା କରାଯାଉଛି। ତେବେ ଜୁନ୍ ମାସରେ ଭାରତରେ ମଧ ପେଟ୍ରୋଲ ଏବଂ ଡିଜେଲ ବିକ୍ରି ପରିମାଣ ବୃଦ୍ଧି ପାଇଛି। କାରଣ ଗ୍ରୀଷ୍ମଛୁଟିରେ ଭାରତୀୟମାନେ ଅଧିକ ଯାତ୍ରା କରିଥିବା ବେଳେ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ମଧ ବୃଦ୍ଧି ପାଇଥିଲା ଏବଂ ଫସଲ ଆଦି କାମ ପାଇଁ ଗାଡ଼ିର ବ୍ୟବହାର ମଧ ବଢ଼ିଥିଲା। ଓଡ଼ିଶାରେ ମଧ ଜୁନ୍ ମାସରେ ପେଟ୍ରୋଲିୟମ ଉତ୍ପାଦ ଉପରୁ ୮୬୦.୫୭ କୋଟି ଟଙ୍କାର ଟିକସ ଆଦାୟ ହୋଇଛି। ଗତବର୍ଷ ଜୁନ୍‌ରେ ରାଜ୍ୟ ସରକାର ଭାଟ୍ ବାବଦରେ ପେଟ୍ରୋଲିୟମ ଉତ୍ପାଦ ଉପରୁ ୫୮୫.୫୮ କୋଟି ଟଙ୍କା ଟିକସ ଆଦାୟ କରିଥିଲେ। ଅପରପକ୍ଷରେ ଦୀର୍ଘ ୪୫ ଦିନ ହେବ ଭାରତ ବଜାରରେ ଉଭୟ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଘଟି ନାହିଁ। ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୬.୭୨ ଟଙ୍କା ଥିବାବେଳେ ଡିଜେଲ ୮୯.୬୨ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୩.୧୯ ଟଙ୍କା ଥିବାବେଳେ ଡିଜେଲ ୯୪.୭୬ ଟଙ୍କାରେ କାରବାର ହେଉଛି।

## ଜୁନ୍‌ରେ ସ୍କୋଡାର ବ୍ୟାପକ ସଫଳତା

ନୂଆଦିଲ୍ଲୀ,୭।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ସ୍କୋଡା' ଅଟୋ ଇଣ୍ଡିଆ ଅନେକ ରେକର୍ଡର ଅଧିକାରୀ ହୋଇପାରିଛି। ଏପରିକି ୨୦୧୮ରେ ଆରମ୍ଭ ହୋଇଥିବା କମ୍ପାନୀର ଏକ ପ୍ରୟାସ ଇଣ୍ଡିଆ-୨.୦ ଯୋଜନା ବଳରେ କମ୍ପାନୀର ବିକ୍ରୟ ରେକର୍ଡ ଭାଙ୍ଗିବା ସହ ମାସକୁ ମାସ ନୂଆ ନୂଆ ରେକର୍ଡର ଅଧିକାରୀ ହେଉଛି। ଚଳିତ ବର୍ଷ ଜୁନ୍‌ରେ ୬,୦୨୩ ୟୁନିଟ୍ ସ୍କୋଡା ସମଗ୍ର ଭାରତରେ ବିକ୍ରି ହୋଇଥିବା ବେଳେ ୨୦୨୨ ମାର୍ଚ୍ଚରେ ୫,୬୦୮ ୟୁନିଟ୍ ସହ ଏକ ଦଶନ୍ଧିର ପୁରୁଣା ରେକର୍ଡ ଭଙ୍ଗ କରିଥିଲା। ସେହିଭଳି ବର୍ଷକୁ ବର୍ଷ ୨୦୨୧ ଜୁନ୍‌ରେ ବିକ୍ରି ହୋଇଥିବା ୭୩୪ କାର ତୁଳନାରେ ୨୦୨୨ ଜୁନ୍‌ରେ ୭୨୧% ବୃଦ୍ଧି ଘଟିଛି। ସର୍ବୋପରି ସ୍କୋଡା ଅଟୋ ଇଣ୍ଡିଆ ୨୦୨୧ରେ ୨୩,୮୫୮ ୟୁନିଟ୍ ଗାଡି ବାର୍ଷିକ ବିକ୍ରି ଅତିକ୍ରମ ମଧ କରିଛି। ଯେଉଁଥିରେ ୨୮,୮୯୯ ୟୁନିଟ୍ ପ୍ରଥମରୁ ଏଚ-୧ ୨୦୨୨ରେ ବିକ୍ରି ହୋଇସାରିଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜାକ୍ ହୋଲିସ କହିଛନ୍ତି, ଆମର ଉଭୟ ଇଣ୍ଡିଆ ୨.୦ ଉତ୍ପାଦ ଏକ ଚାଲେଞ୍ଜିଂ ପୃଷ୍ଠଭୂମିରେ ବଜାରକୁ ପ୍ରବେଶ କରିଛି। କୋଭିଡ ମହାମାରୀ ସାଙ୍ଗକୁ ଥରକୁ ଥର ଲକ୍‌ଡାଉନ, ଅର୍ଥନୈତିକ ଅସ୍ଥିରତା, ଭୂ ରାଜନୈତିକ ଅସ୍ଥିରତା ଏବଂ ସେମିକଣ୍ଡକ୍ଟର ଅଭାବ, ଯୋଗାଣ ଶୃଙ୍ଖଳାକୁ ଅସ୍ତବ୍ୟସ୍ତ କରିଛି। ଏପରିକି ଆମର ସମସ୍ତ ସ୍କୋଡା ମଡେଲ ନୂତନ ବିକ୍ରୟ ରେକର୍ଡ ଭାଙ୍ଗିବା ଏବଂ ସ୍ଥାପନ କରିବା ଜାରି ରଖିବା ଏକ ଅବିଶ୍ୱସନୀୟ ସଫଳତା। ଏହା ଆମର ସମସ୍ତ ଦଳର ଅଲ-ରାଉଣ୍ଡ କାର୍ଯ୍ୟର ଫଳାଫଳ ଅଟେ। କେବଳ ଉତ୍ପାଦ ଦୃଷ୍ଟିରୁ ନୁହେଁ, ଗ୍ରାହକଙ୍କ ସନ୍ତୁଷ୍ଟି ଦୃଷ୍ଟିରୁ ଆମର ସମସ୍ତ ନୂତନ ଗ୍ରାହକ ସ୍ପର୍ଶ ବିନ୍ଦୁଗୁଡିକର ଏକ ବ୍ୟାପକ, ଗଭୀର ଅନୁପ୍ରବେଶ ଏବଂ ଗ୍ରାହକକେନ୍ଦ୍ରିକ ସେବା ଅଭିଯାନର ଏକ କ୍ରମ। ଆମର ଡିଲର ଅଂଶୀଦାରମାନେ ମଧ ଏକ ଜବରଦସ୍ତ କାର୍ଯ୍ୟ କରି ବଡ଼ ଭୂମିକା ଗ୍ରହଣ କରିଛନ୍ତି।

## ଅନୁଗୋଳରେ ଚାନ୍ଦିଭଣ୍ଡାରର ଏକ୍ସକ୍ଲୁସିଭ ଷ୍ଟୋର



ଭୁବନେଶ୍ୱର,୭।୭

ରୁପା ଗହଣାର ପ୍ରମୁଖ ଶୋ'ରୁମ୍ 'ଚାନ୍ଦିଭଣ୍ଡାର'ର ୪ର୍ଥ ଏକ୍ସକ୍ଲୁସିଭ ଷ୍ଟୋର ଅନୁଗୋଳଠାରେ ଶୁଭାରମ୍ଭ ହୋଇଯାଇଛି। ଏଠାରେ ବ୍ରାଣ୍ଡର ନିଖୁଣ ଡିଜାଇନ ବିଶିଷ୍ଟ ଭଳିକି ଭଳି ସିଲ୍‌ଭର ଷ୍ଟେଟ୍‌ମେଣ୍ଟ ଜୁଏଲେରି, ଉପହାର, କଟଲେରି, ରୁପାରେ ପ୍ରସ୍ତୁତ ବିଭିନ୍ନ କଳାକୃତି ଏବଂ ଆହୁରି ଅନେକ କିଛି ଉପଲବ୍ଧ ରହିଛି। ଗ୍ରାହକ ଓଡ଼ିଶାର ଏହି ଅନ୍ୟତମ ଅଗ୍ରଣୀ ରୁପା ଗହଣା ଏବଂ ପ୍ରିମିୟମ ଗିଫ୍ଟ ଷ୍ଟୋରରୁ ବିଭିନ୍ନ ଆକର୍ଷଣୀୟ ରୁପା ସାମଗ୍ରୀ ସୁବିଧାରେ ପାଇପାରିବେ ବୋଲି ଶୋ'ରୁମ୍ ପକ୍ଷରୁ କୁହାଯାଇଛି। ଏହାର ଉଦ୍‌ଘାଟନୀ ଅବସରରେ ବ୍ରାଣ୍ଡର ନ୍ୟୁ କଲେକ୍ସନ 'ପଣିହାରୀ'କୁ ମଧ ଉନ୍ମୋଚନ କରାଯାଇଛି। ଉକ୍ତ କଲେକ୍ସନରେ ରହିଛି ନିଖୁଣ ଡିଜାଇନ ବିଶିଷ୍ଟ ରୁପା ଷ୍ଟେଟ୍‌ମେଣ୍ଟ ଜୁଏଲେରି ଯେପରି ଚୋକର, ପେଣ୍ଡେଣ୍ଟ, ବ୍ରେସ୍‌ଲେଟ୍, ଆଡ୍‌ଜଷ୍ଟେବଲ ଷ୍ଟ୍ରାପ୍, ଇୟରିଂ, ମୁଦି, ପାଉଁଜି ଏବଂ ଆହୁରି ଅନେକ କିଛି। ସୀମିତ ସମୟ ପାଇଁ ଉଦ୍‌ଘାଟନୀ ଅଫର ମଧ ଘୋଷଣା କରାଯାଇଛି। ଏହା ଅଧୀନରେ ଗ୍ରାହକ ଜୁଲାଇ ୨୪ ପର୍ଯ୍ୟନ୍ତ ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ପାଇପାରିବେ।

## ଅଟା ରପ୍ତାନି ଉପରେ କଟକଣା ଲଗାଇଲା ଭାରତ

**ନୂଆଦିଲ୍ଲୀ,୭।୭:** ଗହମ ରପ୍ତାନି ବନ୍ଦ ପରେ ସରକାର ଏବେ ଅଟା, ମଇଦା, ସୁଜି ଓ ତତ୍‌ସମ୍ପର୍କିତ ଅନ୍ୟ ସାମଗ୍ରୀର ରପ୍ତାନି ଉପରେ ମଧ କଟକଣା ଲଗାଇଛନ୍ତି। ଏ ନେଇ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତି ଜାରି କରାଯାଇ ଏଭଳି କିଛି ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ ଗହମ ଅଟା ଓ ଏହାର ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି ପୂର୍ବରୁ ବାଣିଜ୍ୟ ମନ୍ତ୍ରଣାଳୟର ଅନୁମତି ନେବାକୁ ପଡ଼ିବ। ଏପରିକି ଜୁଲାଇ ୧୨ରୁ ଉକ୍ତ କଟକଣା ଲାଗୁ ହେବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଯେଉଁ କନ୍‌ସାଇନମେଣ୍ଟ ପାଇଁ ଜାହାଜରେ ଲୋଡିଂ ଆରମ୍ଭ ହୋଇଯାଇଛି କିମ୍ବା ୧୨ ତାରିଖ ମଧ୍ୟରେ ହେବାକୁ ଅଛି ସେଗୁଡ଼ିକର ରପ୍ତାନିକୁ ଅନୁମତି ମିଳିବ। ଦେଶରେ ଏ ସବୁ ସାମଗ୍ରୀର ଉପଲବ୍ଧତା ବୃଦ୍ଧି କରିବା ଓ ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଗତ ମେ ୧୪ରେ କେନ୍ଦ୍ର ସରକାର ଗହମ ରପ୍ତାନି ଉପରେ କଟକଣା ଲଗାଇଥିଲେ।

## ଆନୁପାତିକ ଭିତ୍ତିରେ ବିଲ୍ ପ୍ରସ୍ତୁତିକୁ ନେଇ ଓଇଆର୍‌ସିର ସ୍ପଷ୍ଟୀକରଣ

ଭୁବନେଶ୍ୱର,୭।୭

ରାଜ୍ୟରେ ଗତ କିଛିଦିନ ଧରି ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଦ୍ୱାରା ଆନୁପାତିକ ଭିତ୍ତିରେ ବିଦ୍ୟୁତ୍ ବିଲ୍ ପ୍ରସ୍ତୁତିକୁ ନେଇ ଉପଭୋକ୍ତାମାନଙ୍କର ଅଭିଯୋଗ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଆସୁଥିଲା। ଏପରିକି ଉପଭୋକ୍ତା ଓ ଉପଭୋକ୍ତା ସଙ୍ଗଠନଗୁଡ଼ିକ ଏଭଳି କାର୍ଯ୍ୟକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏପରିକି ଆନୁପାତିକ ଭିତ୍ତିରେ ବିଲିଂ ପଇଠ ଦ୍ୱାରା ଉପଭୋକ୍ତାମାନଙ୍କୁ ଅଯଥା ଅଧିକ ବିଲ୍ ପୈଠ କରିବାକୁ ପଡୁଥିବାରୁ ଏଭଳି ବିଲିଂ ବ୍ୟବସ୍ଥା ବନ୍ଦ କରିବା ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ନିକଟରେ ଦାବି କରିଆସୁଥିଲେ। ଏ ସଂକ୍ରାନ୍ତରେ ଓଇଆର୍‌ସି ସମ୍ପ୍ରତି ଏକ ସ୍ପଷ୍ଟୀକରଣ ଜାରି କରିଛନ୍ତି। ଓଇଆର୍‌ସି ଡିଷ୍ଟ୍ରିବ୍ୟୁଶନ (କଣ୍ଡିସନ୍ ଅଫ୍ ସପ୍ଲାଇ) ସଂହିତା-୨୦୧୯ର ରେଗୁଲେଶନ-୧୪୮ ଅନୁଯାୟୀ, ପ୍ରତି ମାସ ୧ତାରିଖ ବ୍ୟତୀତ ଅନ୍ୟ ତାରିଖରେ ନୂତନ ସଂଯୋଗ ନେଇଥିବା ଅଥବା ବିଦ୍ୟୁତ୍ ଯୋଗାଣ ରାଜିନାମା ରଦ୍ଦ କରିଥିବା ଉପଭୋକ୍ତାଙ୍କ କ୍ଷେତ୍ରରେ ହିଁ ଏହି ଆନୁମାନିକ ବିଲିଂ ଲାଗୁ ହେବ ବୋଲି ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ନିୟମିତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ କ୍ଷେତ୍ରରେ ଏପରି ଆନୁପାତିକ ବିଲିଂ ନ କରାଯାଇ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ଶୁଳ୍କସୂଚୀର ସ୍ଲାବ୍ ଅନୁଯାୟୀ ମାସିକ ବିଲ୍ ପ୍ରସ୍ତୁତ କରାଯିବ ଏବଂ ଏ ଦିଗରେ ଉକ୍ତ ସଂହିତାର ରେଗୁଲେଶନ-୧୦୯କୁ ନିଷ୍ଠାର ସହ ଅନୁପାଳନ କରିବାକୁ ଆୟୋଗ ଓଡ଼ିଶାର ୪ଗୋଟି ବିଦ୍ୟୁତ୍ ବିତରଣ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି।

**ଫୁରସତ୍**

# ରିଆଙ୍କୁ ବଙ୍ଗଳା ସିନେମା ଅଫର



**ମୁମ୍ବାଇ:** ଦିବଂଗତ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ରହସ୍ୟଜନକ ମୃତ୍ୟୁ ପରେ ହଠାତ୍ ଚର୍ଚ୍ଚାର ପରିଧିକୁ ଆସିଥିଲେ ତାଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀ। ତେବେ ଏହି ଘଟଣା ତାଙ୍କ ପାଇଁ ଅଭିଶାପ ସାବ୍ୟସ୍ତ ହୋଇଥିଲା। ସୁଶାନ୍ତଙ୍କ ଫ୍ୟାନ୍ ଏହି ମୃତ୍ୟୁ ପାଇଁ ରିଆଙ୍କୁ ଦାୟୀ କରିଥିଲେ। ପରବର୍ତ୍ତୀ ସମୟରେ ଡ୍ରଗ୍ସ କାରବାର ଲିଙ୍କ୍ ଅଭିଯୋଗରେ ସେ ଟାଣି ହୋଇଯାଇଥିଲେ ଜେଲକୁ। ଏସବୁ ଘଟଣା ରିଆଙ୍କ କ୍ୟାରିୟରକୁ ଦେଇଥିଲା ଜୋର୍‌ଦାର ଝଟକା। ଏବେ ବଲିଉଡ୍‌ରେ ସ୍ଥିତି ଜାହିର କରିବା ତାଙ୍କ ପାଇଁ ଆଉ ସହଜ ହୋଇ ରହିନାହିଁ। ଏସବୁ ଭିତରେ ବଙ୍ଗଳା ସିନେ ଇଣ୍ଡଷ୍ଟ୍ରିରୁ ତାଙ୍କୁ ଏକ ଅଫର ମିଳିଛି। ଏହି ଅଫର ଦେଇଛନ୍ତି ଖ୍ୟାତନାମା ବଙ୍ଗଳା ସିନେ ପ୍ରଯୋଜକ ରାଣା ସରକାର। ଏ ସଂକ୍ରାନ୍ତରେ ରିଆଙ୍କ ଟିମ୍ ସହ କଥାବାର୍ତ୍ତା ମଧ ସରିଛି। ଏବେ ରିଆଙ୍କ ହଁ ଉପରେ ଅଟକିଛି ସବୁକଥା। ଯଦି ସବୁକିଛି ଠିକ୍‌ଠାକ୍ ରୁହେ ତେବେ ସେ ବଙ୍ଗଳା ଫିଲ୍ମରୁ ଡେବ୍ୟୁ କରିବା ଯଥେଷ୍ଟ ସମ୍ଭାବନା ରହିଛି।

# ପୋକରୁ ବିସ୍କୁଟ୍, ଚକୋଲେଟ୍

**ବିସ୍କୁଟ୍, ଚକୋଲେଟ୍ ଖାଇବାକୁ କିଏ ବା ଭଲ ନ ପାଏ। ହେଲେ ଯଦି କୁହାଯାଏ ଏହି ଲୋକପ୍ରିୟ ଖାଦ୍ୟ ପଦାର୍ଥ 'ପୋକ'ରୁ ତିଆରି ହୋଇଛି, ତା' ହେଲେ ଅନେକେ ନାପସନ୍ଦ କରିବା ସ୍ୱାଭାବିକ। ହେଲେ ଦକ୍ଷିଣ ଆଫ୍ରିକାର ଏକ ଷ୍ଟାର୍ଟଅପ୍ କମ୍ପାନୀ କାଟରପିଲାର ପ୍ରଜାତିର ପୋକରୁ ପ୍ରସ୍ତୁତ କରୁଛି ବିସ୍କୁଟ୍ ଏବଂ କ୍ୟାଣ୍ଡି।**



**ନୂଆଦିଲ୍ଲୀ:** ସାରା ବିଶ୍ୱରେ ଖାଦ୍ୟ ସଂସ୍କୃତିରେ ଭରିରହିଛି ବିବିଧତା। କେତେକ ଜାଗାରେ ଲୋକେ ସମ୍ପୂର୍ଣ୍ଣ ନିରାମିଷାଶୀ ତ ଆଉ କେତେକ ସ୍ଥାନରେ ଆମିଷପ୍ରିୟ। ଚାଇନା ଭଳି ଦେଶରେ କୀଟପତଙ୍ଗକୁ ମଧ ଖାଦ୍ୟ ଭାବେ ଗ୍ରହଣ କରାଯାଉଛି। ତେବେ ନିକଟରେ ସାଉଥ୍ ଆଫ୍ରିକାର ଏକ ଷ୍ଟାର୍ଟଅପ୍ କମ୍ପାନୀ ପୋକଜୋକଙ୍କୁ ଖାଦ୍ୟ ପ୍ରକ୍ରିୟାକରଣରେ ସାମିଲ କରିବାକୁ ଉଦ୍ୟମ ଆରମ୍ଭ କରିଛି। ସ୍ୱତନ୍ତ୍ର ପ୍ରଜାତିର ଖାଦ୍ୟଯୋଗ୍ୟ କଳାରଙ୍ଗର କାଟରପିଲାର ପ୍ରଜାତିର ପୋକରୁ ସ୍ନାକ୍ସ ଏବଂ ଚକୋଲେଟ୍ ପ୍ରସ୍ତୁତ କରିବାର ଉପାୟ ଖୋଜି ବାହାର କରିଛନ୍ତି କେମିକାଲ ଇଞ୍ଜିନିୟର ୱେଣ୍ଡି ଭେସେଲା। ଏଥିଲାଗି ଗଛ ଗଣ୍ଡିରେ ରହୁଥିବା 'କାଟରପିଲାର' ନାମକ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପୋକକୁ ବ୍ୟବହାର କରାଯାଉଛି। ପୋକକୁ ଏକାଠି କରି ପ୍ରକ୍ରିୟାକରଣ କରାଯାଇ ଅଟା ଭଳି ପଦାର୍ଥରେ ରୂପାନ୍ତରିତ କରାଯାଏ। ସେଥିରେ ଆବଶ୍ୟକ ଅନ୍ୟ ଉପକରଣ ମିଶାଇ ପ୍ରସ୍ତୁତ କରାଯାଏ କ୍ୟାଣ୍ଡି, ସ୍ନାକ୍ସ, ପ୍ରୋଟିନ ବାର୍, ଶେକ୍। ନିକଟରେ ଜୋହାନ୍ସବର୍ଗର ଆର୍ଥିକ ସହର ଭାବେ ପରିଚିତ ସାଣ୍ଡଟନ୍‌ରେ ଆୟୋଜିତ ଖାଦ୍ୟମେଳାରେ 'କାଟରପିଲାର'ରୁ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶିତ କରାଯାଉଥିଲା, ଯାହାକୁ ଭଲ ରେସ୍‌ପନ୍ସ ମିଳିଛି।

ନିଜ ପ୍ରକଳ୍ପ ସମ୍ପର୍କରେ ୱେଣ୍ଡି କୁହନ୍ତି, କୀଟପତଙ୍ଗକୁ ଖାଦ୍ୟ ଭାବେ ଗ୍ରହଣ କରିବା କଥା ଉଠିଲେ ଲୋକେ ନାକ ଟେକନ୍ତି। ତେବେ ଏହା ପୋଷଣର ଏକ ପ୍ରମୁଖ ଉତ୍ସ। ଏହା ଜୈବିକ ଖାଦ୍ୟ ହୋଇଥିବାରୁ ପରିବେଶ ଉପରେ କୁପ୍ରଭାବ ପଡ଼ିବା ସମ୍ଭାବନା ମଧ ନାହିଁ। 'କାଟରପିଲାର' କ୍ୟାଣ୍ଡିକୁ ଅନ୍ତର୍ଜାତୀୟସ୍ତରରେ ଭଲ ରେସ୍‌ପନ୍ସ ମିଳିଛି। ତେଣୁ ସେ ନିଜର ଉତ୍ପାଦିତ ଖାଦ୍ୟପଦାର୍ଥକୁ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି।

## ୭୫ ବର୍ଷରେ ଟାଏକୋଣ୍ଡୋ



**ଲକ୍ଷ୍ନୌ:** ବୟସ ୭୫ ବର୍ଷ ଟପିଲାଣି। ହେଲେ ମନ ଯୁବସୁଲଭ ଉଦ୍ଦାମତା। ପରିଣତ ବୟସରେ ଟାଏକୋଣ୍ଡୋର ଟ୍ରିକ୍‌କୁ ଏମିତି ବ୍ୟବହାର କରୁଛନ୍ତି ଯେ, ନ ଦେଖିଲେ ବିଶ୍ୱାସ କରିହେବନାହିଁ। କାନପୁରରେ ରହୁଥିବା ରାମଗୋପାଳ ବାଜପେୟୀଙ୍କ ମାର୍ଶାଲ ଆର୍ଟ ପ୍ରତି ରହିଥିବା ଏଭଳି ଦୁର୍ବଳତା ତାଙ୍କୁ ଏବେ ଚର୍ଚ୍ଚାର ଶିଖରରେ ପହଞ୍ଚାଇଛି। ଛୋଟବେଳୁ ଟାଏକୋଣ୍ଡୋ ନିଶାରେ ପଡ଼ିଯାଇଥିଲେ ରାମଗୋପାଳ। ହେଲେ ପରିସ୍ଥିତିରେ ପଡ଼ି ତାଙ୍କୁ ଦୂର ସଞ୍ଚାର ବିଭାଗରେ ଚାକିରି କରିବାକୁ ପଡ଼ିଥିଲା। ଏହାସତ୍ତ୍ୱେ ସେ ଟାଏକୋଣ୍ଡୋରୁ ଦୂରେଇ ନ ଯାଇ ଅଭ୍ୟାସ ଜାରି ରଖିଥିଲେ। ୨୦୦୭ରେ ଚାକିରିରୁ ଅବସର ନେବା ପରେ ଟାଏକୋଣ୍ଡୋରେ ପଦକ ଜିତିବା ପାଲଟିଯାଇଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ। ପ୍ରଥମେ ସେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଲେ। ଏହାପରେ ଜାତୀୟସ୍ତରରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟାଏକୋଣ୍ଡୋ ନିଶା ରାମଗୋପାଳଙ୍କୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇଛି। ଦେଶବିଦେଶରେ ଅନୁଷ୍ଠିତ ବହୁ ପ୍ରତିଯୋଗିତାରେ ପଦକ ଜିତି ଦେଶର ସୁନାମ ବଢାଇଛନ୍ତି। ରାମଗୋପାଳ କହିଛନ୍ତି, ସେ ଏବେ ୱାର୍ଲ୍ଡ ଚାମ୍ପିୟନଶିପ୍-୨୦୨୪ରେ ଅଂଶଗ୍ରହଣ କରିବାକୁ ମାନସିକସ୍ତରରେ ପ୍ରସ୍ତୁତ ହେଉଛନ୍ତି। ଘରେ ସକାଳେ ଏବଂ ସନ୍ଧ୍ୟାରେ କଠିନ ଅଭ୍ୟାସ କରୁଛନ୍ତି। କୌଣସି ସଂସ୍ଥାର ବିନା ସହାୟତାରେ ସେ ଏତେବାଟ ଆସିଛନ୍ତି। ସେଥିପାଇଁ ମଧ ତାଙ୍କୁ ଏକାଧିକ ଥର ଋଣ କରିବାକୁ ପଡ଼ିଛି।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଅଭିଯୋଗ

ତିଗିରିଆ,୭।୭(ଡି.ଏନ.ଏ.): ଭୋଜି ଖାଇ ଫେରୁଥିବା ବେଳେ କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ବିଧାରପୁର ଛକଠାରେ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ମୃତକ ହେଲେ ତିଗିରିଆ ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମର ପ୍ରସନ୍ନ ଜେନାଙ୍କ ପୁଅ ସୁଧାକର ଜେନା(୨୬)। ସେ ବୁଧବାର ସନ୍ଧ୍ୟାରେ ବଡ଼ମ୍ବା ଥାନା ମାଣିଆବନ୍ଧ ଫାଣ୍ଡି ଅନ୍ତର୍ଗତ ସନ୍ତରାବଳୀ ଗ୍ରାମର ନିଜ ମାଉସୀ ଝିଅ ବାହାଘର ଭୋଜି ଖାଇବାକୁ ଯାଇଥିଲେ। ଭୋଜିଖାଇ ରାତି ୧ଟାରେ ବାଇକ ଯୋଗେ ଫେରୁଥିଲେ। ତେବେ ରାତି ୨ଟାରେ ସେ ଗୁରୁତର ହୋଇ ବିଧାରପୁର ଛକଠାରେ ପଡ଼ିଥିବା କେତେଜଣ ଲୋକ ଦେଖି ତାଙ୍କୁ ଉଦ୍ଧାର କରିବା ସହ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସୁଧାକରଙ୍କ ମା’ ଲିଳି ଜେନା ତାଙ୍କ ପୁଅକୁ ପିଟି ହତ୍ୟା କରାଯାଇଥିବା ମାଣିଆବନ୍ଧ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ମାଣିଆବନ୍ଧ ଏଏସ୍‌ଆଇ ବସନ୍ତ କୁମାର ଶତପଥୀ ବଡ଼ମ୍ବା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୧୮୪/୨୨ ରୁଜୁ ହୋଇଛି। ସୂଚନାଯୋଗ୍ୟ, ସୁଧାକର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଏହାକୁ ସମ୍ପୃକ୍ତ ଯୁବତୀଙ୍କ ପରିବାର ବିରୋଧ କରୁଥିଲେ। ତେଣୁ ସେମାନେ ତାଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରିଥିବା ସାଧାରଣରେ ଆଲୋଚନା ଜୋର ଧରିଛି।

### ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଡ୍ରାଇଭର ଗିରଫ

ବାରଙ୍ଗ,୭।୭(ଡି.ଏନ୍.ଏ.): ଚନ୍ଦକା ଅଧୀନ କଣ୍ଟାବାଡ଼ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବଳାତ୍କାର କରି ଗର୍ଭବତୀ କରିବା ଅଭିଯୋଗରେ ଚନ୍ଦକା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଦଶପଲ୍ଲା ଅଞ୍ଚଳର ଦୀପକ ଜାନୀ(୨୮)। ଏନେଇ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଦୁହିଁଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀମାଇନା କରାଯାଇଛି। ସୂଚନା ମୁତାବକ, ଦୀପକ କଣ୍ଟାବାଡ ଅଞ୍ଚଳରେ ଏକ ଷ୍ଟୁଡିଓରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବର୍ଷେ ହେବ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ନାବାଳିକା ଗର୍ଭବତୀ ହେବା ଦୀପକ ଜାଣିବା ପରେ ତାଙ୍କୁ ଗର୍ଭ ନଷ୍ଟ କରିବାକୁ ବାଧ କରିଥିଲେ। କିନ୍ତୁ ନାବାଳିକା ମନା କରିବାରୁ ଦୀପକ କଥାବାର୍ତ୍ତା ବନ୍ଦ କରିଦେଇଥିଲେ। ନାବାଳିକା ତାଙ୍କ ସହ ଯୋଗାଯୋଗ ଉଦ୍ୟମ କରିବାରୁ ସେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣା ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଚନ୍ଦକା ଥାନାରେ ବୁଧବାର ଅଭିଯୋଗ କରିଥିଲେ। ପୋଲିସ ଦୀପକଙ୍କୁ ଗରିଫ କରିଛି।

# ପରିବାର, ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ

**ରୁଚିକାଙ୍କ ଆତ୍ମହତ୍ୟା ମାମଲା**

- ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତାୟାତ ପ୍ରଭାବିତ
- ପୋଲିସର ବୁଝାଶୁଝା ପରେ ରାସ୍ତାରୁ ହଟିଲେ
- ୫ ଦିନ ହେଲା ଅନଶନରେ ଏନ୍‌ୱାଇସିଏସ୍ ରାଜ୍ୟ ସଂଯୋଜକ



ବିଜେବି କଲେଜ ସମ୍ମୁଖ ରାସ୍ତାକୁ ଏନ୍‌ୱାଇସିଏସ୍ ପକ୍ଷରୁ ଅବରୋଧ କରାଯାଇଛି।

ଭୁବନେଶ୍ୱର,୭।୭ (ବ୍ୟୁରୋ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁବାର ୬ ଦିନ ବିତିଛି। ହେଲେ ସୁଇସାଇଡ୍ ନୋଟରେ ଉଲ୍ଲେଖ ଥିବା ୩ ସିନିୟରଙ୍କୁ କମିଶନରେଟ ପୋଲିସ ଏପର୍ଯ୍ୟନ୍ତ ଧରିପାରି ନାହିଁ। ନ୍ୟାୟ ନ ମିଳିବାରୁ କଲେଜ ଫାଟକ ସମ୍ମୁଖରେ ଧାରଣାରେ ବସି ରହିଥିବା ନବ ନିର୍ମାଣ ଯୁବ ଛାତ୍ର ସଂଗଠନ(ଏନ୍‌ୱାଇସିଏସ୍) ଗୁରୁବାର ରାସ୍ତାକୁ ଓହ୍ଲାଇଛି। ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ଏନ୍‌ୱାଇସିଏସ୍‌ର ସଦସ୍ୟମାନେ ରୁଚିକାଙ୍କ ମା’ଙ୍କୁ ଧରି ବିଜେବି କଲେଜ ପାର୍ଶ୍ୱରେ ରାସ୍ତାରୋକୋ କରିଥିଲା। ଫଳରେ ଲୁଇସ୍‌ରୋଡଠାରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଶତାଧିକ ଗାଡ଼ି ଅଟକ ରହିଥିଲା। ଆନ୍ଦୋଳନକାରୀମାନେ ହୋହଲ୍ଲା କରିବା ସହ ନାରାବାଜି ଦେଇଥିଲେ। ରାସ୍ତାରୋକୋ ଫଳରେ ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଯାତାୟାତ ପ୍ରଭାବିତ ହୋଇଥିଲା। ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ, ଜୋନ୍ ୪ ଏସିପି ପରେଶ କୁମାର ରାଉତ, ବଡ଼ଗଡ଼ ଥାନା ଅଧିକାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ। ରାସ୍ତାରୁ ପଳାଇଯିବାକୁ ସେମାନେ ଅନୁରୋଧ କରିବା ପରେ ରାସ୍ତାରୋକୋ ହଟିଥିଲା। ହେଲେ ନ୍ୟାୟ ଦାବିରେ ଏନ୍‌ୱାଇସିଏସ ଓ ରୁଚିକାଙ୍କ ପରିବାର ଲୋକ କଲେଜ ଫାଟକ ସାମ୍ନାରେ ଧାରଣାରେ ବସି ରହିଛନ୍ତି। ବର୍ଷା ସତ୍ତ୍ୱେ ମଧ୍ୟ ଅସ୍ଥାୟୀ ପାଲ ଟାଙ୍ଗି ଧାରଣା ଦେଉଛନ୍ତି। ଏବିଭିପି, ଏଆଇଏସ୍‌ଏଫ୍, ଛାତ୍ର କଂଗ୍ରେସ ଓ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ମଧ୍ୟ ଏହି ଧାରଣାକୁ ସମର୍ଥନ କରାଯାଉଛି। ଏପରିକି ଏନ୍‌ୱାଇସିଏସ୍‌ର ରାଜ୍ୟ ସଂଯୋଜକ ଏମ୍.ଡି ମନୱର୍ ଅଲ୍ଲୀ ଦୀର୍ଘ ୫ ଦିନ ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ ନ କରି ଅନଶନରେ ବସି ରହିଛନ୍ତି। ଅଲ୍ଲୀଙ୍କ କହିବା ଅନୁଯାୟୀ, ରୁଚିକାଙ୍କୁ ନ୍ୟାୟ ଦେବା ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ଜାରି ରହିବ। ଭଦ୍ରକ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ସମ୍ବଲପୁର ସମେତ ୨୨ଟି ଜିଲାର ବିଭିନ୍ନ କଲେଜରେ ରୁଚିକାଙ୍କୁ ନ୍ୟାୟ ଦାବିରେ ଏନ୍‌ୱାଇସିଏସ୍ ପକ୍ଷରୁ ଗୁରୁବାର ପ୍ରତିବାଦ କରାଯାଇଛି ବୋଲି ଅଲ୍ଲୀ କହିଛନ୍ତି।

ଅନ୍ୟପଟେ କମିଶନରେଟ ପୋଲିସ ପକ୍ଷରୁ ହଷ୍ଟେଲ ଛାତ୍ରୀଙ୍କୁ ପଚରାଉଚରା କରାଯାଉଛି। ପୋଲିସ ଉକ୍ତ ୩ ଛାତ୍ରୀଙ୍କୁ ଚିହ୍ନଟ କରିଥିବା କୁହାଯାଉଥିଲେ ମଧ୍ୟ ପୋଲିସ ପକ୍ଷରୁ ଏଭଳି ଘଟଣା ବିଷୟରେ କୌଣସି ତଥ୍ୟ ଦିଆଯାଉନାହିଁ। ଅପରପକ୍ଷେ ପୋଲିସ ଉପରୁ ରୁଚିକାଙ୍କ ପରିବାର ଲୋକ ଆସ୍ଥା ହରାଇବାକୁ ବସିଲେଣି। ତେବେ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ହଷ୍ଟେଲର ୮୦ ପ୍ରତିଶତ ଛାତ୍ରୀଙ୍କୁ ପଚରାଉଚରା ସରିଲାଣି। ଘଟଣାରେ ଯେଉଁ ପ୍ରମାଣ ମିଳିଛି, ତାହାକୁ ବୈଷୟିକ ଦୃଷ୍ଟିରୁ ଯାଞ୍ଚ କରାଯାଉଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଛି। ଏଥିରେ ସମ୍ପୃକ୍ତ ଥିବା ଛାତ୍ରୀମାନେ ମଧ୍ୟ ମଧ୍ୟ ଛୋଟ ପିଲା, ତେଣୁ ଅତି ଯତ୍ନର ସହ ମାମଲାର ତଦନ୍ତକୁ ପରିଚାଳନା କରାଯାଉଛି। ଆମକୁ ଅଧିକ ସମୟ ଦରକାର। ମାମଲାରେ ସମ୍ପୃକ୍ତ ଛାତ୍ରୀଙ୍କୁ ଖୁବଶୀଘ୍ର ଚିହ୍ନଟ କରିବାକୁ ଚେଷ୍ଟା କରାଯାଉଥିବା ଅତିରିକ୍ତ ଡିସିପି ପାଲ କହିଛନ୍ତି।

# ଆଜି ରିଲିଜ ହେବ ପ୍ରେମ ନଜର, ଖୁଦା ହାଫିଜ୍

ଭୁବନେଶ୍ୱର,୭।୭(ବ୍ୟୁରୋ)

ଫିଲ୍ମ ଫ୍ରାଇଡେ

ବାହୁଡ଼ା ଯାତ୍ରା ଉପଲକ୍ଷେ ଶୁକ୍ରବାର ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ‘ଲାଗେ ପ୍ରେମ ନଜର’ ଫିଲ୍ମ ରିଲିଜ ହେବ। ଏଥିରେ ମୁଖ୍ୟ ଭୂମିକାରେ ଅମ୍ଲାନଙ୍କ ସହ ଅଭିନେତ୍ରୀ ରିୟା, ପ୍ରିୟା ଓ ରାଗିଣୀ ନଜରକୁ ଆସିବେ। ସେହିପରି ବବି ମିଶ୍ର, ପପି ସନ୍ତୁକା, ଅମର, ବାପି ପ୍ରମୁଖ ଅଭିନୟ କରିଛନ୍ତି। ବ୍ୟୋମକେଶଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଦିଲ୍ଲୀପ ପଣ୍ଡା। ଫିଲ୍ମର ଗୀତଗୁଡ଼ିକ ଲୋକପ୍ରିୟତା ସାଉଁଟିଛି। ବୈଦ୍ୟନାଥ ଦାସଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ପାଇଁ ହ୍ୟୁମାନ ସାଗର, କୁଲଦୀପ, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା, ଗୌରବ, ଅର୍ପିତା ଚୌଧୁରୀ, ଦୀପ୍ତିରେଖା ପାଢ଼ୀ କଣ୍ଠଦାନ କରିଛନ୍ତି।

ସେହିପରି ଆକ୍ସନ ଓ ଥ୍ରୀଲର ଭିତ୍ତିକ ବଲିଉଡ୍ ଫିଲ୍ମ ‘ଖୁଦା ହାଫିଜ୍’ର ଦ୍ୱିତୀୟ ଭାଗ ରିଲିଜ ହେବ। ଏଥିରେ ବିଦ୍ୟୁତ ଜାମୱାଲ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବାବେଳେ ନାୟିକା ଭାବେ ଶିବାଲିକା ଓବରୟ ନଜର ଆସିବେ।







ଅନ୍ୟମାନଙ୍କ ମଧ୍ୟରେ ଶିବା ଚଢ଼ା, ରାଜେଶ ତୈଲାଙ୍ଗ, ରିଧି ଶର୍ମା ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି କୁମାର ମଙ୍ଗତ ପାଠକଙ୍କ ଦ୍ୱାରା ପ୍ରଯୋଜିତ ହେଉଥିବା ବେଳେ ନିର୍ଦ୍ଦେଶକ ଫାରୁକ୍ କବିର ରହିଛନ୍ତି। ବିଦ୍ୟୁତ ତାଙ୍କ ସ୍ତ୍ରୀ ଶିବାଲିକାଙ୍କ ସହ ହସଖୁସିରେ ଚଳୁଥିବା ବେଳେ ସେମାନେ ନନ୍ଦିନୀ ନାମ୍ନୀ ଏକ ଝିଅକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ନନ୍ଦିନୀ ସ୍କୁଲରୁ ଫେରିବା ସମୟରେ ଅପହରଣ ହୋଇଯାଇଛି। ଝିଅକୁ ଫେରାଇ ଆଣିବାକୁ ବିଦ୍ୟୁତ୍ ଓ ଶିବାଲିକାଙ୍କ ସଂଘର୍ଷକୁ ନେଇ ଏହି କାହାଣୀ ଗତିଶୀଳ। ସେହିପରି ରିଲିଲ ହେବାକୁ ଥିବା ‘ଟିଟୁ ଅମ୍ବାନୀ’ ଫିଲ୍ମରେ ଷ୍ଟାରପ୍ଲସର ଦିୟା ଔର ବତି ହମ୍ ସିରିଏଲରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଦୀପିକା ସିଂ ଗୋୟାଲ ନଜର ଆସିବେ। ତାଙ୍କ ସହ ତୁଷାର ପାଣ୍ଡେ, ବୀରେନ୍ଦ୍ର କାଲା, ରଘୁବୀର ଯାଦବ ପ୍ରମୁଖ ଅଭିନୟ କରିଛନ୍ତି। ତୁଷାର ଓ ଦୀପିକା ବିବାହ ପରେ ଏକ ବ୍ୟବସାୟ ଆରମ୍ଭ କରିଛନ୍ତି। ଏହା ସଫଳ ହେବ କି ନାହିଁ ଏହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ।

# ଶିକ୍ଷକ ନିଯୁକ୍ତି ଦାବିରେ ହେବ ତାଲାପକା ଅଭିଯାନ


ଓଡ଼ିଶା ଅଭିଭାବକ ମହାସଂଘର ପ୍ରତିନିଧି ଦଳ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର, ୭।୭(ବ୍ୟୁରୋ)

ସମ୍ବିଧାନର ଧାରା ୨୧(ଏ) ଅନୁଯାୟୀ ଶିକ୍ଷା ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର। ୨୦୦୯ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୧୪ ବର୍ଷ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ତାଙ୍କ ନିକଟରେ ମୌଳିକ ଶିକ୍ଷା ପ୍ରଦାନ ସରକାରଙ୍କ ଦାୟିତ୍ୱ। ମାତ୍ର ଦୁର୍ଭାଗ୍ୟର ବିଷୟ ରାଜ୍ୟରେ ପ୍ରାୟ ୩୬ ହଜାର ସ୍କୁଲରେ ପିଲାଙ୍କ ପାଠପଢ଼ା ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ସେପରି ୪ହଜାରରୁ ଊର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକ ନାହାନ୍ତି। କେବଳ ସଂସ୍କୃତ, ଖେଳ ଓ ହିନ୍ଦୀ ଶିକ୍ଷକରେ ଅନେକ ହାଇସ୍କୁଲ ଚାଲୁଛି। ଏହି ବିକଳ ଚିତ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ଅବସ୍ଥା ବର୍ଣ୍ଣନା କରୁଛି ବୋଲି ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ପରିସ୍ଥିତି ସଙ୍ଗିନ ହେବା ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ସବୁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ଆଗକୁ ଆସି ପ୍ରତିବାଦ କରିବାକୁ ମହାସଂଘ ଆହ୍ୱାନ ଦେଇଛି। ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ନ ଥିବାରୁ ପ୍ରତିବାଦ ସ୍ୱରୂପ ଗୋଟିଏ ଦିନରେ ରାଜ୍ୟର ୩୬ ହଜାର ସ୍କୁଲରେ ତାଲା ପକାଇ ଧାରଣା ଦେବା ପାଇଁ ଆହ୍ୱାନ ଦିଆଯାଇଛି। ଏହି କ୍ରମରେ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଆମ୍ ଆଦମୀ ପାର୍ଟି ରାଜ୍ୟ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ପ୍ରମୁଖ ନେତୃତ୍ୱଙ୍କୁ ଭେଟି ଏହି ଆନ୍ଦୋଳନ ଓ ପ୍ରତିବାଦରେ ସହଯୋଗ କରିବାକୁ ନିବେଦନ କରିଛି। ରାଜ୍ୟର ସବୁ ସ୍କୁଲରେ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଏହି ତାଲାପକା ଅଭିଯାନ ଚାଲୁ ରହିବ ବୋଲି ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି।

# ନିହାର ରଞ୍ଜନ ସ୍ୱାଇଁ ଓସ୍‌ସାଟ୍‌ର ନିର୍ଦ୍ଦେଶକ



ଭୁବନେଶ୍ୱର, ୭।୭(ବ୍ୟୁରୋ): ବରିଷ୍ଠ ଅର୍ଥସେବା ଅଧିକାରୀ ନିହାର ରଞ୍ଜନ ସ୍ୱାଇଁ, ଓଡ଼ିଶା ସୋସାଇଟି ଫର୍ ସୋସିଆଲ୍ ଅଡିଟ୍ ଆକାଉଣ୍ଟିବିଲିଟି ଆଣ୍ଡ୍ ଟ୍ରାନ୍ସପରେନ୍ସି (ଓଏସ୍‌ଏସ୍‌ଏଏଟି)ର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଏହି ସୋସାଇଟି ଏକ ସ୍ୱାଧୀନ ସଂସ୍ଥା ଯାହା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକର ସାମାଜିକ ଅନୁସନ୍ଧାନ(ସୋସିଆଲ୍ ଅଡିଟ୍) କରିଥାଏ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ଅଗ୍ରଗତି, ଏହାଦ୍ୱାରା ନିଯୁକ୍ତ ଗ୍ରାମାଞ୍ଚଳର ସାଧାରଣ ଶ୍ରମିକଙ୍କ ମଜୁରି ପ୍ରାପ୍ୟ ପ୍ରଦାନ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥାଏ। ଓଡ଼ିଶା ସରକାର ୨୦୧୧ ଠାରୁ ଏହି ସଂସ୍ଥାକୁ କାର୍ଯ୍ୟକ୍ଷମ କରାଇଛନ୍ତି। ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ସ୍ୱାଇଁଙ୍କୁ ନିର୍ଦ୍ଦେଶକ ପଦବୀ ପାଇଁ ମନୋନୀତ କରିଛି। ସ୍ୱାଇଁ ଏହା ପୂର୍ବରୁ ଅର୍ଥ ବିଭାଗ ଅଧୀନରେ ଥିବା ମଧୁସୂଦନ ଏକାଡେମୀର ନିର୍ଦ୍ଦେଶକ ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧୀନରେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର(ଅର୍ଥ) ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ।

# ‘ଶିକ୍ଷାନୁଷ୍ଠାନର ବିକାଶରେ ଶିକ୍ଷାର୍ଥୀଙ୍କ ବୌଦ୍ଧିକ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ’


ଆମେରିକାର କାଲିଫର୍ନିଆ, ସାକ୍ରାମେଣ୍ଟୋଠାରେ ଆୟୋଜିତ ଓସାର ୫୩ତମ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଏବଂ ସଦସ୍ୟବୃନ୍ଦ।

**ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍‌ର ୫୩ତମ ସମ୍ମିଳନୀ**

ଭୁବନେଶ୍ୱର,୭।୭(ବ୍ୟୁରୋ)

ଓଡ଼ିଶାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ‘ମୋ କଲେଜ’ ଅଭିଯାନ ଏଭ ଅଭିନବ ପ୍ରୟସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ଦିଗ୍‌ଦର୍ଶନରେ ଆଗେଇ ଯାଇଥିବା ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଡ଼ି ହୋଇଛନ୍ତି ବୋଲି ଆମେରିକାର କାଲିଫର୍ନିଆ, ସାକ୍ରାମେଣ୍ଟୋଠାରେ ଆୟୋଜିତ ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍(ଓସା)ର ୫୩ତମ ସମ୍ମିଳନୀରେ ଯୋଗଦେଇ ‘ମୋ କଲେଜ’ ଅଧ୍ୟକ୍ଷ ଆକାଶ ଦାସନାୟକ କହିଛନ୍ତି। ଶିକ୍ଷାର୍ଥୀ ଓ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ପାଇଁ କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଯୋଗଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଓସାର ସଦସ୍ୟମାନେ ଏହି ଅଭିଯାନରେ ସାମିଲ ହୁଅନ୍ତୁ ବୋଲି ଦାସନାୟକ କହିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ଏବେ ଏକ ନୂଆ ଦିଗକୁ ଯାଉଛି। ‘ମୋ କଲେଜ’ ଅଭିଯାନ ପୁରାତନ ଛାତ୍ରୀଛାତ୍ରଙ୍କୁ କଲେଜ ସହ ଯୋଡ଼ି ହେବାରେ ନୂଆ ମାଧ୍ୟମ ସାଜିଛି ବୋଲି କହିଥିଲେ। ଏଥିସହ ଆମେରିକା ଓ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଅଭିଯାନ ସହିତ ଯୋଡ଼ି ହୁଅନ୍ତୁ ବୋଲି ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚଶିକ୍ଷାର ଧାରାକୁ ଆଉ ଏକ ଉଚ୍ଚତାକୁ ନେବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଏବଂ ଭର୍ଚୁଆଲରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ବାଶା, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ନାୟକ, ସମ୍ବଲପୁରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ମହାଦେଓ ଜୈସୱାଲ, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଦାମୋଦର ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ। ଓସାର ସଦସ୍ୟମାନଙ୍କ ମଧ୍ୟରେ ଏନ୍‌ଜେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ପ୍ରଫେସର ଦୁର୍ଗା ମିଶ୍ର, ଆମେରିକାର ଏୟାରଫୋର୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡ. ଅନିଲ ପଟ୍ଟନାୟକ, ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ଚିତ୍ତ ବରାଳ, ଜନ୍ସ ହପକିନ୍ସ ୟୁନିଭର୍ସିଟିର ଡ. ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**STATE POLLUTION CONTROL BOARD, ODISHA**
[DEPARTMENT OF FOREST & ENVIRONMENT,
No.CAD-1048: GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit - VIII
Bhubaneswar-751012, INDIA
Tel = 0674-2564033 FAX: 0674-2564033/2564573,
EPABX : 2561909/2562847, E-mail: paribesh1@ospcboard.org,
Website: www.ospcboard.org
No.11708/VI-SC(I&PR) 37/21-22 Date:5.7.2022

**ESTABLISHMENT OF STATE CONTROL ROOM TO MONITOR ENFORCEMENT OF SINGLE USE PLASTIC BAN**

1. A State Control Room (SCR) to monitor enforcement of SUP ban in the state of Odisha has been established in Pollution Control Board Odisha in accordance with decisions taken by the national Task Force in its 3rd meeting held on June 26, 2022.
2. The SCR shall become operational w.e.f. July 06, 2022 and facilitate activities related to effective implementation of SUP ban including the following:

a) Provide assistance, guidance, clarification and information as may be sought by various stakeholders regarding ban on SUP items, which may include but not limited to the following:
b) Specific items covered under/excluded from SUP Ban.
c) Alternative to banned SUP items and their availability in Odisha.
d) Guidance for filling of complaints on SUP Public Grievance App.
e) Guidance for operation.of SUP compliance monitoring portal by ULBs.
   - Issues related to switching over to alternatives including issue of Consent and registration of plastic producers.
   - Compostable Plastic manufacturers: (certification procedure, testing facilities etc.)
f) The SCR shall monitor enforcement of SUP ban through ULBs and Regional offices of SPCB.

**Details of the State Control Room are as given below:**

| | | |
|---|---|---|
| Name of Contact Person | : | Shrutisagar Behera<br>Arpita Anandita Sahoo |
| Contact No. | : | 9938227063 |
| Email ID | : | supcomplaint@ospcboard.org |
| Operating Hours | : | 9:30 AM - 6:00 PM, & 7 days a week during July 06th to 31st July, 2022 |
| Address | : | Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA |

The team shall function under overall supervision of Mamata Pattnaik, SEE, SPCB, Odisha.

Sd./- MEMBER SECRETARY
OIPR-08012/11/0136/2223

**GOVERNMENT OF ODISHA**
**“e” PROCUREMENT NOTICE**
**Bid Identification No 06 of 2022-23**

**No.O-602:**The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different blocks under Balangir District.

01. Nature of Work: - Construction of ESR , UGR , pump house with laying of rising main and distribution in different villages of Balangir District.
02. Total No of Work :- 19 Nos.
03. Estimated Cost :- Rs.304.22 to 457.79 Lakh
04. Eligible Class of Contractor:- “A & Special Class” Contractor.
05. Period of Completion :- Fifteen month & Eighteen month.
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 06 of 2022-23 | Dt.20.07.2022 At 11.00 Hrs. | Dt.16.08.2022 upto 17.00 Hrs. |

Further details can be had in the DTCN available in the web-site www.tendersodisha.gov.in

Superintending Engineer, RWS&S Division, Balangir
OIPR-25033/11/0008/2223

**Board of Revenue: Odisha, Cuttack**
**(Confidential Branch)**
**ADVERTISEMENT**

**No.D-90:**All Revenue Divisional Commissioners / Inspector General of Registration, Odisha / Director, Land Records and Surveys & Consolidation and all Collectors are hereby informed that recommendations have been invited vide Board’s Letter No. 680/CS, Dt. 29.06.2022 for Recruitment to Odisha Revenue Service (Group-B) by way of “Promotion” for the year 2021. The letter has been despatched to above authorities, a copy of same with enclosures is also available in the website of Board of Revenue http://boardodisha.nic.in. The authorities can access the website and download the letter as well as the enclosures. The recommendation should reach to Secretary, Board of Revenue, Odisha, Cuttack on or before 16th August 2022 by 5.00 P.M.

Sd/- Secretary
Board of Revenue, Odisha, Cuttack

**Board of Revenue: Odisha, Cuttack**
**(Confidential Branch)**
**ADVERTISEMENT**

All Departments of Government / All Heads of Departments / All Collectors are hereby informed that recommendations have been invited vide Board’s letter No. 683/CS, dated.29.06.2022 for Recruitment of Odisha Revenue Service (Group-B) by way of **“Selection”** for the year 2021. The letter has been despatched to above authorities, a copy of same with enclosures is also available in the website of Board of Revenue http://boardodisha.nic.in. The authorities can access the website and download the letter as well as the enclosures. The recommendations should reach before Secretary, Board of Revenue, Odisha, Cuttack on or before 16th August, 2022 by 5.00P.M.

Sd/- Secretary
Board of Revenue, Odisha, Cuttack
OIPR-24002/11/0005/2223

**ମହିଳାଙ୍କ ସମେତ ୨ ଦୁର୍ଦ୍ଧର୍ଷ ମାଓବାଦୀଙ୍କ ଆତ୍ମସମର୍ପଣ**

ମାଲକାନଗିରି,୭।୭(ଡି.ଏନ୍.ଏ.): ଛତିଶଗଡ଼ ସୁକ୍‌ମା ଏସ୍‌ପିଙ୍କ ନିକଟରେ ଗୁରୁବାର ଜଣେ ମହିଳାଙ୍କ ସମେତ ୨ ଦୁର୍ଦ୍ଧର୍ଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଆସୋସୀ ଏବଂ ମୁକେଶ ରାଓ୍ୱଡେ। ମହିଳା ମାଓବାଦୀ ଆସୋସୀଙ୍କ ନାମରେ ୮ ଲକ୍ଷ ଏବଂ ମୁକେଶଙ୍କ ନାମରେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। ଅନେକ ବଡ଼ ହିଂସାକାଣ୍ଡରେ ଦୁହେଁ ସାମିଲ ଥିଲେ ବୋଲି ସୁକ୍‌ମା ଏସ୍‌ପି ଶରତ ସିହ୍ନା ସୂଚନା ଦେଇଛନ୍ତି। ଏମାନଙ୍କ ଆତ୍ମସମର୍ପଣ ମାଓବାଦୀ ସଙ୍ଗଠନ ପାଇଁ ଶକ୍ତ ଝଟକା। ପୋଲିସ ଏମାନଙ୍କଠାରୁ ମାଓବାଦୀ ଗତିବିଧି ବିଷୟରେ ଅନେକ ତଥ୍ୟ ହାସଲ କରିପାରିବ ବୋଲି ଆଶା ରଖିଛି।

# ହାତୀ ମରୁଛନ୍ତି, ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୭।୭**

- ବୈଷୟିକ ଆଳ କରି ଏନଏଚ୍‌ରେ ଇୟୁପି ନିର୍ମାଣରେ ବ୍ୟତିକ୍ରମ
- ୫୦ ମିଟର ସ୍ପାନ୍ ବଦଳରେ ୨୫ ମିଟର



ରାଜ୍ୟରେ ହାତୀ ସୁରକ୍ଷା ଏବଂ ସହଜ ଚଳପ୍ରଚଳ ସ୍ଥାନର ଅଭାବକୁ ଦୂର କରିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ମହାନଦୀ ହାତୀ ସଂରକ୍ଷଣ ଅଞ୍ଚଳର ଆୟତନ ୧୦୩୮.୩ ବର୍ଗ କି.ମି.ରୁ ୨୧୮୧.୫୨୧ବର୍ଗ କି.ମି.କୁ ଏବଂ ସମ୍ବଲପୁର ହାତୀ ସଂରକ୍ଷଣ ଅଞ୍ଚଳ ୪୨୬.୯୧ରୁ ୧୭୯୭.୦୪୮ ବର୍ଗ କି.ମି.କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ ଜାତୀୟ ରାଜପଥ ନିର୍ମାଣରେ ହାତୀ ପଲ ସହଜରେ ଚଳପ୍ରଚଳ ପାଇଁ ଗଳି ପୋଲ ବା ଏଲିଫ୍ୟାଣ୍ଟ ଅଣ୍ଡର ପାସେସ୍ (ଇୟୁପି) ଉପଯୁକ୍ତ ଭାବେ ଓ ଆବଶ୍ୟକ ସଂଖ୍ୟାରେ ନିର୍ମାଣ ହେଉନାହିଁ। ଏହି ମର୍ମରେ ଓଡ଼ିଶା ବନ୍ୟଜନ୍ତୁ ସମ୍ପଦ ସୋସାଇଟି ପକ୍ଷରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ଏକ ମାମଲା(ନଂ.୬୧/୨୦୨୧/ଇଜେଡ) ରୁଜୁ ହୋଇଥିଲା। ହେଲେ ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ବିଭିନ୍ନ ବୈଷୟିକ ଆଳ ଦେଖାଇ ନିର୍ଦ୍ଧାରିତ ୫୦ ମିଟର ସ୍ପାନ୍ ବଦଳରେ ୨୫ ମିଟର ସ୍ପାନ୍‌ର ଇୟୁପି ନିର୍ମାଣ କରାଯାଇପାରେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି ।

ସରକାରୀ ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ୨୦୧୨-୧୩ ରୁ ୨୦୨୧-୨୨ ମଧ୍ୟରେ ୭୮୪ ହାତୀଙ୍କ ମୃତ୍ୟୁ ହୋଇଛି। ଏନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ୍ ତଲବ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ହାତୀବଂଶ ସୁରକ୍ଷା ପାଇଁ ରାଜ୍ୟରେ ୧୪ ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ୩ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବିଗତ ୧୦ ବର୍ଷରେ ହାତୀ-ମଣିଷ ବିବାଦର ସମାଧାନ ପାଇଁ ବନ୍ୟପ୍ରାଣୀ ସଂସ୍ଥା ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବଜେଟ୍ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଛି। ଏହାବାଦ୍ ଚିହ୍ନଟ କରିଡରର ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। କିନ୍ତୁ ଜାତୀୟ ରାଜପଥ ନିର୍ମାଣବେଳେ ହାତୀଙ୍କ ସୁରକ୍ଷା ବିଷୟକୁ ଦଳିମକଚି ବିଭାଗୀୟ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ଠିକାଦାର ମିଶି ନିଜ ସ୍ୱାର୍ଥ ସାଧନରେ ମାତିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ୫୫ନଂ. ଜାତୀୟ ରାଜପଥର ମଙ୍ଗୁଳି-ଅନୁଗୋଳ ଏବଂ ଅନୁଗୋଳ-ସମ୍ବଲପୁରର ସମ୍ପ୍ରସାରଣ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଏହି ଜାତୀୟ ରାଜପଥ କଟକ, ଢେଙ୍କାନାଳ, ଅନୁଗୋଳ ଏବଂ ସମ୍ବଲପୁର ଜିଲା ଦେଇ ଯାଇଛି। ଏହି ଅଞ୍ଚଳରେ ବିପୁଳ ସଂଖ୍ୟାରେ ହାତୀ ବସବାସ କରୁଥିବା ସହ ସମ୍ବଲପୁର ଏବଂ ଅନୁଗୋଳ ଜିଲା ସମେତ କଟକ ଜିଲାର ଓରଣ୍ଡା-ବାଲି ଏବଂ ଢେଙ୍କାନାଳ ଜିଲାର ରସାସିଂହ ଅଞ୍ଚଳ ଦେଇ ହାତୀ ଜାତୀୟ ରାଜପଥ ଅତିକ୍ରମ କରିଥାନ୍ତି। ଏହାବାଦ୍ ୫୫ ନଂ. ଜାତୀୟ ରାଜପଥ ମହାନଦୀ ହାତୀ ସଂରକ୍ଷିତ ଏବଂ ସାତକୋଶିଆ ବାଘ ସଂରକ୍ଷିତ ଅଞ୍ଚଳ ପର୍ଯ୍ୟନ୍ତ ପ୍ରସାରିତ ହୋଇଛି। ତେଣୁ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଏନ୍‌ଜିଟିରେ ସୋସାଇଟି ପକ୍ଷରୁ ହୋଇଥିବା ଅଭିଯୋଗରେ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ରିପୋର୍ଟ-୨୦୧୬ର ନିର୍ଦ୍ଦେଶନାମା ଅନୁଯାୟୀ ଇୟୁପିର ଲମ୍ବ ୫୦ ମିଟର ହେବା ଆବଶ୍ୟକ। ଏହି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି, ହାତୀ ପଲର ସହଜ ଚଳାଚଳ ପାଇଁ ଇୟୁପିର ଉଚ୍ଚତା ୬ ରୁ ୮ ମିଟର ଏବଂ ଓସାର ୧୦ ରୁ ୧୨ ମିଟର ହେବା କଥା। କିନ୍ତୁ ୫୫ ନଂ. ଜାତୀୟ ରାଜପଥ ନିର୍ମାଣରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ବୈଷୟିକ ଦୃଷ୍ଟିକୋଣକୁ ଆଳ କରି ୫୦ ମିଟର ସ୍ପାନ ପରିବର୍ତ୍ତେ ୨୫ ମିଟର ସ୍ପାନ ଲମ୍ବର ଇୟୁପି ନିର୍ମାଣ କରାଯାଇଛି। ଏହାଦ୍ୱାରା ଏକାଥରକେ ୫୦ରୁ ୬୦ ହାତୀ ଚଳାଚଳରେ ଏହି ଇୟୁପି ଯଥେଷ୍ଟ ନୁହେଁ ବୋଲି ଅଭିଯୋଗକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ। ଏହାର ପ୍ରତିବାଦ କରି ଏନ୍‌ଏଚ୍‌ଏଆଇ ପକ୍ଷରୁ ଏନ୍‌ଜିଟିରେ ୨୩।୧୦।୨୦୨୧ରେ ଏକ କାଉଣ୍ଟର ଆଫିଡାଭିଟ ଦାଖଲ କରାଯାଇଥିଲା। ଉକ୍ତ ଆଫିଡାଭିଟରେ ଦର୍ଶାଯାଇଥିଲା ଯେ, ୧୧୨ କି.ମି.ଦୂର ମଙ୍ଗୁଳି-ଅନୁଗୋଳ ଜାତୀୟ ରାଜପଥରେ ୬୬.୭୮୩ ହେକ୍ଟରର ୨୦.୭୦ କି.ମି. ଜଙ୍ଗଲ ଅଞ୍ଚଳ ରହିଛି। ଆଇନ ଅନୁସାରେ ଜମି ପରିବର୍ତ୍ତନ କରାଯାଇଛି। ସେହିପରି ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥର ଦୂରତା ୧୫୦.୮୫୮ କି.ମି. ହୋଇଥିବାବେଳେ ସେଥିରେ ୧୦୯.୦୮୨ ହେକ୍ଟର ଜମିର ୨୮.୮୦ କି.ମି. ଜଙ୍ଗଲ ଜମି ରହିଛି। ହାତୀଙ୍କ ସହଜ ଚଳାଚଳ ପାଇଁ ବିଭାଗ ପକ୍ଷରୁ ଅନୁଗୋଳ-ସମ୍ବଲପୁର ଡିଭିଜନରେ ୧୨ ଇୟୁପିଏବଂ ୧ ଫ୍ଲାଏ ଓଭର ଏବଂ କଟକ-ଅନୁଗୋଳ ଡିଭିଜନରେ ୫ ଓ ଆଠଗଡ ଡିଭିଜନରେ ୨ ଇୟୁପି ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏନ୍‌ଜିଟିରେ ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଶୈବାଳ ଦାସଗୁପ୍ତା ଉଭୟ ପକ୍ଷଙ୍କ ରିପୋର୍ଟକୁ ଆଧାର କରି ଆବଶ୍ୟକ ପରିମାଣର ୨୫ ମିଟର ସ୍ପାନ ଇୟୁପି ନିର୍ମାଣ କରିବାକୁ ରାୟ ପ୍ରକାଶ କରିଛନ୍ତି। ଏହି ରାୟ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଡ୍‌ଭୋକେଟ ଜେନେରାଲ କାର୍ଯ୍ୟାଳୟରୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଓଡିଶା ବନ୍ୟଜନ୍ତୁ ୱାର୍ଡେନ ମୁଖ୍ୟଙ୍କୁ ଗୁରୁବାର ସୂଚିତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକଟ ଏନଜିଟି ଶଙ୍କର ପ୍ରସାଦ ପାଣି କହିଛନ୍ତି, ବିପୁଳ ଅର୍ଥ ବଞ୍ଚାଇବାକୁ ଯାଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବୈଷୟିକ ଆଳ କରିଛନ୍ତି। ଏଥିରେ ହାତୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇନାହାନ୍ତି। ନଦୀ ଉପରେ ୧ କି.ମି.ରୁ ଊର୍ଦ୍ଧ୍ୱ ସ୍ପାନ ନିର୍ମାଣ ହୋଇ ପାରୁଥିବାବେଳେ ରାଜପଥରେ ଏହା କାହିଁକି ସମ୍ଭବପର ନୁହେଁ ବୋଲି ସେ ପ୍ରଶ୍ନ କରିବା ସହ ଏହି ଉପରେ ସୁପ୍ରିମକୋର୍ଟରେ ଏକ ମାମଲା (ନଂ.୪୫୬୫/୨୦୨୨) ରୁଜୁକରାଯାଇଛି।

## ଭିଜିଲାନ୍ସ ଜାଲରେ ଗ୍ରାମୋଦ୍ୟୋଗ ସୁପରଭାଇଜର



ନାରାୟଣ ପଟ୍ଟନାୟକ

**ପୁରୀ ଅଫିସ,୭।୭**

**୧୫ହଜାର ଟଙ୍କା ଲାଞ୍ଚ ନେଉଥିଲେ**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପୁରୀ ଜିଲା ଶିଳ୍ପ କେନ୍ଦ୍ର ଗ୍ରାମୋଦ୍ୟୋଗର ସୁପରଭାଇଜର। ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡର ସୁପରଭାଇଜର ନାରାୟଣ ପଟ୍ଟନାୟକଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଗୁରୁବାର ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ୨ ଲକ୍ଷ ୪୫ ହଜାର ଟଙ୍କାର ସବ୍‌ସିଡି ଅର୍ଥ ପଠାଇବା ବାବଦକୁ ସମ୍ପୃକ୍ତ ଅଧିକାରୀ ୧୫ହଜାର ଟଙ୍କା ଲାଞ୍ଚ ମାଗୁଥିବା ବେଳେ ଧରାପଡ଼ିଛନ୍ତି। ଭିଜିଲାନ୍ସ ସମ୍ପୃକ୍ତ ଅର୍ଥ ରାଶି ଜବତ କରିବା ସହ ଘଟଣାସ୍ଥଳରୁ ସାକ୍ଷ୍ୟ ପ୍ରମାଣ ଏକାଠି କରିଛି। ଏହାପରେ ନାରାୟଣ ପଟ୍ଟନାୟକଙ୍କର ତାଳବଣିଆସ୍ଥିତ ଘର ଓ ଅଫିସ୍‌ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଆୟ ବହିର୍ଭୂତ ସମ୍ପତ୍ତି ମିଳିଛି କି ନାହିଁ ସେ ସମ୍ପର୍କିତ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଅନ୍ୟପକ୍ଷେ ସୁପରଭାଇଜରଙ୍କୁ ଭିଜିଲାନ୍ସ କୋର୍ଟ ଚାଲାଣ କରିଛି। ଏ ନେଇ ଭିଜିଲାନ୍ସ ଏକ ମାମଲା(ନଂ.୧୭/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବଜ୍ରପାତରେ ଚାଲିଗଲା ଛାତ୍ରଙ୍କ ଜୀବନ

ବଇଣ୍ଡା,୭।୭(ଡି.ଏନ.ଏ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ଘୋଷର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ବଜ୍ରପାତ ଘଟି ୭ମ ଶ୍ରେଣୀର ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ଚନ୍ଦନ ସାହୁ (୧୨)। ଚନ୍ଦନ ବିଦ୍ୟାଳୟ ବାହାରେ ଖେଳୁଥିବାବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ଚନ୍ଦନ ଅଚେତ୍ ହୋଇପଡ଼ିଥିଲେ। ତାଙ୍କୁ ଶିକ୍ଷକମାନେ ଉଦ୍ଧାର କରି କିଶୋରନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିକ୍ଷକଙ୍କ ଅବହେଳା ଯୋଗୁ ଏପରି ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଚନ୍ଦନଙ୍କ ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଶୋରନଗର ଡାକ୍ତରଖାନା ସମ୍ମୁଖରେ ଅଞ୍ଚଳବାସୀ ବାମୁର-କିଶୋରନଗର ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରି ବିକ୍ଷୋଭ କରିଥିଲେ। ଖବରପାଇ କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, କିଶୋରନଗର ଆଇଆଇସି ଲବ ବୋଡା ପହଞ୍ଚି ମୃତଦେହ ଜବତ କରି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନ ୫ଟା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନିୟମ ନ ଥିବା ଯୋଗୁ ମୃତଦେହ ବ୍ୟବଚ୍ଛେଦ ହେଇପାରି ନ ଥିବା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଅନ୍ୟପଟେ ବ୍ୟବଚ୍ଛେଦ ପାଇଁ ଅନୁମତି ଦେବାକୁ ଜିଲାପାଳଙ୍କୁ ଚିଠି କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଏ ନେଇ ଆଠମଲ୍ଲିକ ବିଇଓ ଦାସରଥୀ ଶୁଣ୍ଢୀ କୁହନ୍ତି, ଘଟଣା ସମ୍ପର୍କରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୫ ଅଧିକାରୀଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି

### ବୟନ ଶିଳ୍ପ ମନ୍ତ୍ରୀଙ୍କୁ ମିଳିଲା ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର,୭।୭(ବ୍ୟୁରୋ):ରାଜ୍ୟ ସରକାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ରାଷ୍ଟ୍ରମନ୍ତ୍ରୀଙ୍କ ନୂଆ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଅଧିକାରୀ ତଥା ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ(ଓସେପା) ଓଏସ୍‌ଡି ଥିବା ଅରୁଣ କୁମାର ମଲିକଙ୍କୁ ନିଯୁକ୍ତି ମିଳିଛି। ଏନେଇ ରାଜ୍ୟ ସରକାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଅର୍ଥ ବିଭାଗ ପକ୍ଷରୁ ୫ ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଶିଳ୍ପ ବିଭାଗ ଅତିରିକ୍ତ ସଚିବ ବିଦ୍ୟୁଭୂଷଣ ପାଣିଗ୍ରାହୀଙ୍କୁ ସେହି ବିଭାଗର ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। କୃଷି ବିଭାଗ ଅତିରିକ୍ତ ସଚିବ ଚିନ୍ମୟ କବିଙ୍କୁ ସମବାୟ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ମିଳିଛି। ଜଳ ସମ୍ପଦ ବିଭାଗ ଇଆଇସି(ଇଞ୍ଜିନିୟର ଇନ୍ ଚିଫ୍) କାର୍ଯ୍ୟାଳୟର ଏଫ୍ଏ ପ୍ରଭାତ କୁମାର ଜେନାଙ୍କୁ ବାଣିଜ୍ୟ ଏବଂ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଅତିରିକ୍ତ ସଚିବ ବିଜୟ କୁମାର ଜେନାଙ୍କୁ ସେହି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ମିଳିଛି। ଡିଜି ଏବଂ ଆଇଜି ଅଫିସର ଅର୍ଥ ପରାମର୍ଶଦାତା ବିପିନ ବିହାରୀ ରଥଙ୍କୁ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ମିଳିଛି।

# ମୁଜାଗଡ଼ ରେଞ୍ଜରେ ହାତୀ ମୃତଦେହ ଠାବ

**ଶିକାରୀ ଦାନ୍ତ ଲୁଟିନେଇଥିବା ସନ୍ଦେହ**

**ଭଞ୍ଜନଗର,୭।୭(ଡି.ଏନ୍.ଏ.)**



ହାତୀ ମୃତଦେହ

ରାଜ୍ୟରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନାହିଁ। ଗୁରୁବାର ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ କାନବିନ୍ଧା ନିକଟ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ମୃତଦେହ ଠାବ କରାଯାଇଛି। ଖବରପାଇ ଡିଏଫ୍‌ଓ ସୁଦର୍ଶନ ବେହେରା ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହାତୀଟିର କିଭଳି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନି।

କାନବିନ୍ଧା ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ମରି ପଡ଼ିଥିବା ଗ୍ରାମବାସୀ ଗୁରୁବାର ଅପରାହ୍ନରେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ଡିଏଫଓ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଦନ୍ତାହାତୀଟି ବୁଧବାର ମରିଥିବା ଅନୁମାନ କରାଯାଉଛି। ହାତୀର କିଛି ଅଂଶ କାଦୁଅରେ ପୋତି ହୋଇଥିବା ବେଳେ ଦାନ୍ତ କଟାଯାଇଥିବା ଅନୁମାନ କରାଯାଉଛି। ରାତିହୋଇଯିବାରୁ ଅଧିକ ତଦନ୍ତ କରାଯାଇ ପାରିନି। ଶୁକ୍ରବାର ହାତୀର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି । ଏହାପୂର୍ବରୁ ହାତୀ ମୃତଦେହ ଠାବ ଘଟଣାକୁ ନେଇ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ିଯାଇଛି।

### ସ୍ତ୍ରୀଙ୍କ ବେକ କାଟି ସ୍ୱାମୀ ଫେରାର୍

**ବାଲିଗୁଡ଼ା(ଡି.ଏନ୍.ଏ.)/ ଫୁଲବାଣୀ ଅଫିସ, ୭।୭**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବୁଡୁରିକିଆ ଗ୍ରାମରେ ଗୁରୁବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କ ବେକକୁ କାଟି ସ୍ୱାମୀ ଫେରାର୍ ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ସ୍ତ୍ରୀ ବିସ୍ମିତା ମଲ୍ଲିକଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ସ୍ୱାମୀ ମଣ୍ଟୁ ମଲ୍ଲିକ ଫେରାର ହୋଇଯାଇଛନ୍ତି। ବାରଖମା ସୁଦୁମିଲା ଗ୍ରାମର ମଣ୍ଟୁ ବୁଡୁରିକିଆର ବିସ୍ମିତାଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେବାରୁ ବିସ୍ମିତା ବାପଘରକୁ ପଳାଇଥିଲେ। ଗୁରୁବାର ମଣ୍ଟୁ ଶ୍ୱଶୁର ଘରକୁ ଯାଇ ଧାରୁଆ ଅସ୍ତ୍ରରେ ବିସ୍ମିତାଙ୍କ ବେକକୁ ଆକ୍ରମଣ କରିଥିଲେ। ବିସ୍ମିତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବିସ୍ମିତାଙ୍କ ପରିବାର ଲୋକେ କ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି।

# ଡିଲ୍ ବେଳେ ଚଢ଼ାଉ: ୨ ହାତୀଦାନ୍ତ ଜବତ





ଖବରଦାତା ସମ୍ମିଳନୀରେ ଦୁଇ ବନଖଣ୍ଡର ଡିଏଫ୍‌ଓ। ଜବତ ହାତୀଦାନ୍ତ।

**ସମ୍ବଲପୁର,୭।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବାସନ୍ତି ଲଜ୍‌ରେ ହାତୀଦାନ୍ତ ଡିଲ୍ ସମୟରେ ବନ ବିଭାଗ ଚଢ଼ାଉ କରି ୩ଜଣଙ୍କୁ ଅଟକ ରଖିଛି। ତଦନ୍ତରେ ବାଧା ସୃଷ୍ଟିହେବା ଆଶଙ୍କା କରି ବିଭାଗ ପକ୍ଷରୁ ସେମାନଙ୍କ ନାମ ପ୍ରକାଶ କରାଯାଇ ନାହିଁ। ସମ୍ବଲପୁର ଓ ବୌଦ୍ଧ ବନଖଣ୍ଡର ମିଳିତ ଟିମ୍ ଏହି ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କଠାରୁ ୨ ହାତୀଦାନ୍ତ ଜବତ ହୋଇଛି। ଘଟଣାସ୍ଥଳରୁ ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ସମ୍ବଲପୁର ବନଖଣ୍ଡ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅଧୀନରେ ଏକ ଦନ୍ତାହାତୀ ଶିକାର କରାଯାଇଥିଲା। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ସମୟରେ ବାସନ୍ତି ହୋଟେଲରେ ହାତୀଦାନ୍ତ ଡିଲ୍ ହେଉଥିବା ଖବର ମିଳିଥିଲା। ପରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଅନ୍ୟପକ୍ଷେ ବୌଦ୍ଧ ବନଖଣ୍ଡ ବଗିଆପଡା ଭୁର୍ଜିପଡା ଜଙ୍ଗଲରେ ମେ ୨୪ରେ ଏକ ଗଳିତ ଦନ୍ତାର ମୃତଦେହ ଉଦ୍ଧାର ହୋଇଥିଲା। ଅଭିଯୁକ୍ତମାନେ ଦାନ୍ତ ପାଇଁ ହାତୀ ଶିକାର କରିଥିବା ଓ ଜବତ ହୋଇଥିବା ଦାନ୍ତ ଉକ୍ତ ଦନ୍ତାର ବୋଲି ସ୍ୱୀକାର କରିଥିଲେ। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅଟକ ଥିବା ସମସ୍ତ ଅଭିଯୁକ୍ତ ଓଡ଼ିଆରେ କଥାବାର୍ତ୍ତା ହେଉଥିଲେ। ଦାନ୍ତ କାହାକୁ ବିକ୍ରି କରୁଥିଲେ ବା କେଉଁମାନେ ଗ୍ରାହକ ଅଛନ୍ତି ସେ ନେଇ ତଦନ୍ତ କରାଯାଉଛି। ପଡିଆବାହାଲ ରେଞ୍ଜ ଅଧୀନରେ ଘଟିଥିବା ଘଟଣାର ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କମ୍ପ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲାପାଳଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍

**ବ୍ରହ୍ମପୁର ଅଫିସ,୭।୭**

**ହିଞ୍ଜିଳି ତହସିଲଦାରଙ୍କୁ ବାରମ୍ବାର ମେସେଜ୍**

ସାଇବର ଠକମାନେ ସାଧାରଣ ଲୋକଙ୍କୁ ଠକି ଟଙ୍କା ଲୁଟି ନେଉଥିବା ଘଟଣା ନେଇ ବାରମ୍ବାର ଥାନାରେ ଏତଲା ହେଉଛି। ହେଲେ ବର୍ତ୍ତମାନ ଗଞ୍ଜାମ ଜିଲାପାଳଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍ ଖୋଲାଯାଇ ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ମେସେଜ୍ ଆସୁଥିବା ଘଟଣା ଦୃଷ୍ଟିକୁ ଆସିଛି। ଏ ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ହିଞ୍ଜିଳି ତହସିଲଦାର ପ୍ରଭାତ କୁମାର ପରିଡା ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ଏତଲା ଦେଇଛନ୍ତି। ଘଟଣାର ତଦନ୍ତ ଆରମ୍ଭ କରିଛି ସାଇବର ଥାନା।

ସୂଚନାଯୋଗ୍ୟ, ଗତ ୫ ତାରିଖ ସନ୍ଧ୍ୟା ୫ଟା ୧୦ ରେ ହିଞ୍ଜିଳି ତହସିଲଦାର ପରିଡାଙ୍କୁ ଏକ ହ୍ୱାଟ୍ସଆପ୍ ନମ୍ବରରେ ମେସେଜ୍ ଆସିଥିଲା। ଉକ୍ତ ନମ୍ବର ପ୍ରୋଫାଇଲରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଫଟୋ ଥିଲା। ଉକ୍ତ ନମ୍ବରରୁ ତହସିଲଦାରଙ୍କୁ ପ୍ରଥମ ମେସେଜ୍ ଆସି ସେଥିରେ ହାଲୋ କୁମାର ହାଓ ଆର ୟୁ ବୋଲି ପଚରା ଯାଇଥିଲା। ସନ୍ଧ୍ୟା ୫ଟା ୪୯ରେ ଉକ୍ତ ମେସେଜ୍ ଦେଖି ଏହା ଜିଲାପାଳଙ୍କ ହ୍ୱାଟ୍ସଆପ୍ ନମ୍ବର ଭାବି ଉତ୍ତର ରଖିଥିଲେ। ପୁଣି ୫ଟା ୫୧ରେ ସେହି ନମ୍ବରରୁ ହୋୟାର ଆର ୟୁ ଆଟ ଦ ମୁମେଣ୍ଟ ବୋଲି ମେସେଜ୍ ଆସିଥିଲା। ଏହି ସମୟରେ ତହସିଲଦାର ଉତ୍ତର ରଖିଥିଲେ। ୫ ମିନିଟ୍ ପରେ ଅର୍ଥାତ୍ ୫ଟା ୫୬ରେ ସେହି ନମ୍ବରରୁ ଆଉ ଏକ ମେସେଜ୍ ଆସିଥିଲା। ମୁଁ ଫୋନ୍ କଲ୍ ମିଟିଂରେ ବ୍ୟସ୍ତ ରହିଛି ତେଣୁ ମୋତେ କିଛି ସହାୟତା କର। ଏହାସହ ଏକ ମିସ୍ ଭଏସ୍ କଲ୍ ଉକ୍ତ ନମ୍ବରରୁ ଆସିଥିଲା। କିଛି ସମୟ ପରେ ଅର୍ଥାତ ୬ଟା ୬ ରେ ପୁଣି ହାଲୋ ମେସେଜ୍ ଆସିଥିଲା। ମାତ୍ର କିଛି ସମୟ ମଧ୍ୟରେ ଏତେଗୁଡାଏ ମେସେଜ୍ ଦେଖି ତହସିଲଦାର ଜିଲାପାଳଙ୍କ ସହ ଯୋଗାଯୋଗ କରିଥିଲେ। ଜିଲାପାଳଙ୍କ ସହ କଥାବର୍ତ୍ତା ହେବା ପରେ ଏହା ଫେକ୍ ହ୍ୱାଟ୍ସଆପ୍ ମେସେଜ୍ ବୋଲି ଜାଣି ପାରିଥିଲେ। ଉକ୍ତ ନମ୍ବରକୁ ଥାନା ଅଧିକାରୀ ଟ୍ରାକିଂ କରିବା ବେଳେ ଏହା ପଞ୍ଜାବର ବୋଲି ଜଣାପଡ଼ିଥିଲା।

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍, ୨ ଲକ୍ଷ ଜରିମାନା

**ନାବାଳିକା ବଳାତ୍କାର, ହତ୍ୟା ମାମଲା**

**ଫୁଲବାଣୀ ଅଫିସ, ୭।୭:** ଏକ ନାବାଳିକା ବଳାତ୍କାର ଏବଂ ହତ୍ୟା ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ସହକାରୀ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୩ ମାସ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟିକାବାଲି ଥାନା ସଲାଗୁଡା(ନେଡିପଦର)ର ବାବୁଲା ମଲ୍ଲିକ(୨୨)।

୨୦୧୭ ଜୁନ ୨୮ ରାତିରେ ଟିକାବାଲି ଥାନା ଅଞ୍ଚଳର ଜଣେ ୧୨ ବର୍ଷୀୟା ନାବାଳିକା ସବୁଦିନ ଭଳି ତାଙ୍କ ଘରେ ଶୋଇଥିଲେ। ବାବୁଲା ଘର ଝରକାରୁ ଇଟା ବାହାର କରି ନାବାଳିକାଙ୍କୁ ଉଠାଇ ନିଜ ଘରକୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ନାବାଳିକା ଜଣକ ତାଙ୍କୁ ବିବାହ କରିବାକୁ କହିବାରୁ ପରଦିନ ଉଭୟ ସାଥୀ ହୋଇ ଘରୁ ବାହାରି ଆସି ବାସାଜାର୍ଗୀ ଗାଁ ନିକଟ ଏକ କଲଭର୍ଟରେ ରାତ୍ରିଯାପନ କରିଥିଲେ। ସେମାନଙ୍କୁ ଗ୍ରାମର ଜଣେ ବ୍ୟକ୍ତି ଦେଖି ଦେବାରୁ ଭୟରେ ସେଠାରୁ ବାହାରି ଆସି ଦାଣ୍ଡୁଲି ପାହାଡର ଲଟାବୁଦା ଘେରା ପଥର ଚଟାଣରେ ଆଶ୍ରୟ ନେଇଥିଲେ। ନାବାଳିକା ପୁଣି ବାହା ହେବାକୁ କହିବାରୁ ବାବୁଲା ସବୁଦିନ ଏଥିରୁ ମୁକ୍ତି ପାଇବା ପାଇଁ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ପଥର ଖୋଲ ଭିତରକୁ ମୃତଦେହ ଫିଙ୍ଗି ଚାଲି ଆସିଥିଲେ। ୪ ଦିନ ପରେ ଅର୍ଥାତ୍ ଜୁଲାଇ ୩ ତାରିଖରେ ନାବାଳିକାଙ୍କ ବାପା ଏ ନେଇ ଟିକାବାଲି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୩୪/୧୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ସମ୍ପୃକ୍ତ ବାବୁଲାଙ୍କୁ କାବୁ କରି ପଚରାଉଚରା କରିବାରୁ ସେ ସବୁ ସତ କଥା ମାନି ଯାଇଥିଲେ। ତାଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବାବୁଲାଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

**CLASSIFIED DISPLAY** — ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭଉ, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ଚିତ୍ତରଞ୍ଜନ ଶର୍ମା
ଆବିର୍ଭାବ- ୩୦।୦୬।୧୯୭୫
ତିରୋଧାନ- ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, BBSR-6
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୭୩୩୩୨

ଷୋଡଶତମ ଶ୍ରାଦ୍ଧବାର୍ଷିକୀ



୰ଇଂ. ରବୀନ୍ଦ୍ରନାଥ ଜଗଦେବ
ଶବରସାହି, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ- ୦୮।୧୦।୧୯୪୦
ତିରୋଧାନ- ୧୬।୦୭।୨୦୦୫
(ନବମୀ ତିଥି)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି ।
ଆପଣଙ୍କର ପରିବାରବର୍ଗ
ଧ-୯୦୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଦ୍ୟୁତ୍ କୁମାରୀ ପଟ୍ଟନାୟକ
ଆବିର୍ଭାବ- ତା୦୧।୦୧।୧୯୩୯
ତିରୋଧାନ- ତା୨୯।୦୬।୨୦୨୨
ଏଲ୍-୨୭୫, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
ମା' ତୁମେ ଆମ ସମସ୍ତଙ୍କୁ ଛାଡି ଭଗବାନଙ୍କ ପାଖକୁ ଚାଲିଗଲ । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଈଶ୍ୱର ବିଶ୍ୱାସ ସବୁଦିନ ଆମମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ହୋଇ ରହିବ ।
ଶୋକସନ୍ତପ୍ତ ଝିଅ- ବୈଜୟନ୍ତୀ ପଟ୍ଟନାୟକ, ଦମୟନ୍ତୀ ପଟ୍ଟନାୟକ, ଗାୟତ୍ରୀ ପଟ୍ଟନାୟକ
ଧ-୭୩୯୩୧

## ଡବ୍ଲ୍ୟୁଆଇଏମ୍ ସାଇନା ସାଲୋନିକା

# ପାଠ ସହ ଖେଳ ଉପରେ ଫୋକସ୍

ଓଡ଼ିଶା ଚେସ୍‌ରେ ସୁନା ଝିଅଭାବେ ପରିଚିତ ସାଇନା ସାଲୋନିକା ନିକଟରେ ସମ୍ମାନଜନକ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ହାସଲ କରିଛନ୍ତି। ସମ୍ପ୍ରତି ନୂଆଦିଲ୍ଲୀର ମିରାଣ୍ଡା ହାଉସ୍ କଲେଜରେ ଅଧ୍ୟୟନ କରୁଥିବା ସାଇନା ପଢ଼ା ସହିତ ଖେଳରେ ବହୁ ଆଗକୁ ଯିବାର ଲକ୍ଷ୍ୟ ରଖିଛନ୍ତି। ସବୁ ଚେସ୍ ଖେଳାଳିଙ୍କ ପରି ତାଙ୍କର ମଧ ଗ୍ରାଣ୍ଡମାଷ୍ଟର ହେବାକୁ ଇଚ୍ଛା ରହିଛି। ତେବେ ତା' ପୂର୍ବରୁ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ ହାସଲ କରିବା ତାଙ୍କର ଲକ୍ଷ୍ୟ ବୋଲି ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି...

–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ



ସାଇନା ସାଲୋନିକା



**ପ୍ରଶ୍ନ:** ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ଆପଣଙ୍କୁ କିଭଳି ଆନନ୍ଦ ଦେଇଛି ଏବଂ ଦାୟିତ୍ୱବାନ୍ କରିଛି।

**ଉ:** ଏହା ମୋର ଦୀର୍ଘଦିନର ସ୍ୱପ୍ନ ଥିଲା। ମହାମାରୀ ଯୋଗୁ ମୁଁ ଠିକ୍ ସମୟରେ ଅନ୍ତିମ ନର୍ମ ହାସଲ କରିପାରି ନ ଥିଲି। ଏବେ ମୁଁ ବହୁତ ଖୁସି ଅନୁଭବ କରୁଛି। ତେବେ ଏହା ମୋ ପାଇଁ ଆରମ୍ଭ ମାତ୍ର, ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ଜାରିରଖି ଆହୁରି ଅଧିକ ସଫଳତା ହାସଲ ଲକ୍ଷ୍ୟ ରହିଛି।

**ପ୍ରଶ୍ନ:** ଡବ୍ଲ୍ୟୁଆଇଏମ୍ ଟାଇଟଲ ହାସଲ ପରେ ଆଗକୁ କ'ଣ ସବୁ ଚ୍ୟାଲେଞ୍ଜ ରହିଛି।

**ଉ:** ମୋର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ। କୋଭିଡ୍ ପାଇଁ ଅଧିକ ଟୁର୍ନାମେଣ୍ଟ ହେଉ ନ ଥିବାରୁ ଏହା ହାସଲ କରିବା ନିଶ୍ଚିତ କଷ୍ଟକର ହେବ। ଖେଳ ସହିତ ପାଠପଢ଼ାକୁ ଆଗେଇ ନେବା ଉପରେ ମଧ ଫୋକସ ରହିଛି। ଉଭୟକୁ ଏକସଙ୍ଗରେ ଆଗେଇନେବା ଯଦିଓ ସହଜ ନୁହେଁ ତେବେ ମୋ ଶିକ୍ଷକ, କୋଚ୍ ଏବଂ ପରିବାରରୁ ଭରପୂର ସମର୍ଥନ ପାଉଥିବାରୁ ମୁଁ ଏହା କରିବାରେ ସକ୍ଷମ ହୋଇପାରିଛି।

**ପ୍ରଶ୍ନ:** ଏଜୁକେଶନ ବେସ୍ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ସ୍ଥାନାନ୍ତର ପଛରେ କ'ଣ ଉଦ୍ଦେଶ୍ୟ ରହିଛି ? ଆପଣଙ୍କୁ ଟ୍ରେନିଂରେ ଏହା କେତେ ସହାୟକ ହୋଇପାରିଛି।

**ଉ:** ଆର୍ଟ୍ସ(କଳା) ଷ୍ଟ୍ରିମ୍ ଥିବାରୁ ମିରାଣ୍ଡା ହାଉସରେ ପଢ଼ିବା ମୋର ଲକ୍ଷ୍ୟ ଥିଲା। ଆର୍ଟ୍ସ ପାଇଁ ଏହା ଅନ୍ୟତମ ଶ୍ରେଷ୍ଠ କଲେଜ। ଭୁବନେଶ୍ୱରରୁ ନୂଆଦିଲ୍ଲୀ ବେସ୍ ବଦଳାଇବାର ପ୍ରାରମ୍ଭିକ ପର୍ଯ୍ୟାୟ ଅନିଶ୍ଚିତତା ଏବଂ ଭୟ ମିଶ୍ରିତ ଥିଲା। ମାତ୍ର ପରେ ଜଣେ ମିରାଣ୍ଡିଆନଭାବେ ଏହା ଏଜୁକେଶନ ପାଇଁ କେତେ ସହାୟକ ତାହା ଅନୁଭବ କରୁଛି। ଚେସ୍ ଟ୍ରେନିଂ କଥା କହିବାକୁ ଗଲେ ଭୁବନେଶ୍ୱରରୁ ଆସିବାପରେ ଏହା ଅଧିକ କଷ୍ଟଦାୟକ ହୋଇଛି। କାରଣ ସେଠାରେ ମୋ ପରିବାର ଟ୍ରେନିଂ ଏବଂ କୋଚିଂ ପାଇଁ ବ୍ୟବସ୍ଥାରେ ମୋତେ ସହାୟତା କରୁଥିଲେ। ଏଠାକୁ ଆସିବାପରେ ମୁଁ କେବଳ ଅନ୍‌ଲାଇନ୍ କୋଚିଂ ନେଇପାରୁଛି।

**ପ୍ରଶ୍ନ:** ଦେଶ ଓ ବିଦେଶରେ ଟୁର୍ନାମେଣ୍ଟ ଖେଳିଲାବେଳେ କ୍ଲାସରେ ଅନୁପସ୍ଥିତ ରହିବାକୁ ପଡୁଥିବ, ତାହା ପଢ଼ାରେ ବ୍ୟାଘାତ କରୁନାହିଁ ?

**ଉ:** ମୁଁ କିଟ୍‌ରେ ପଢୁଥିବା ବେଳେ ଅଚ୍ୟୁତ ସାମନ୍ତଙ୍କ ପରାମର୍ଶରେ ଶିକ୍ଷକମାନେ ଏକ୍ସଟ୍ରା କ୍ଲାସ କରି ମୋର ସେ ଅସୁବିଧା ଦୂର କରି ଦେଉଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମିରାଣ୍ଡା ହାଉସ କଲେଜର ଅଧକ୍ଷା ବିଜୟଲକ୍ଷ୍ମୀ ନନ୍ଦ ହେଉଛନ୍ତି ଓଡ଼ିଶାର। ତାଙ୍କ ପରାମର୍ଶରେ କଲେଜର ଅଧାପିକାମାନଙ୍କ ପାଖରୁ ମୋତେ ସବୁ ପ୍ରକାର ସହଯୋଗ ମିଳୁଛି। ତେଣୁ କୌଣସି ଅସୁବିଧା ଅନୁଭବ କରିନାହିଁ।

**ପ୍ରଶ୍ନ:** ଚେସ୍‌ରେ ଆପଣଙ୍କ ଟ୍ରେନିଂ ଏବେ କିପରି ଚାଲିଛି। କାହା ନିକଟରୁ କୋଚିଂ ନେଉଛନ୍ତି। ଆପଣଙ୍କ ପାଇଁ ଆଉ କ'ଣ ଆବଶ୍ୟକ ଅଛି ବୋଲି ଭାବୁଛନ୍ତି।

**ଉ:** ବର୍ତ୍ତମାନ ପରିସ୍ଥିତିରେ ବ୍ୟକ୍ତିଗତଭାବେ ଚେସ୍ କୋଚିଂ କ୍ଲାସ ସମ୍ଭବ ହେଉ ନ ଥିବାରୁ ମୁଁ କେବଳ ଅନ୍‌ଲାଇନ୍ କ୍ଲାସ କରୁଛି। ରୁଷୀୟ କୋଚ୍ ଆମୋନାଟୋଭ ଫାରୁଖ ମୋତେ ଅନ୍‌ଲାଇନ୍‌ରେ କୋଚିଂ ଦେଉଛନ୍ତି। ଅନ୍‌ଲାଇନ୍ କ୍ଲାସ ପାଇଁ ମଧ ସୀମିତ ସମୟ ରହୁଛି। ତେବେ ଆଶା ରଖିଛି ବ୍ୟକ୍ତିଗତଭାବେ ଉପସ୍ଥିତ ରହି ଟ୍ରେନିଂ ନେଇପାରିଲେ ଚେସ୍ ବୋର୍ଡ ସହିତ ଅଧିକ ସମ୍ପୃକ୍ତ ରହିପାରିବି।

**ପ୍ରଶ୍ନ:** ସଫଳତା ଦୃଷ୍ଟିରୁ ଏପର୍ଯ୍ୟନ୍ତ ଭାଗ ନେଇଥିବା କେଉଁ ପ୍ରତିଯୋଗିତା ଆପଣଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ଏବଂ କାହିଁକି ?

**ଉ:** ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟ ମୋ ପାଇଁ ସ୍ମରଣୀୟ। ଏହା ସ୍ୱର୍ଗତ କୋଚ୍ ପଦ୍ମଲୋଚନ ରାୟ ସାର୍‌ଙ୍କ ଇଚ୍ଛାଥିଲା। ମୁଖ୍ୟ ଇଭେଣ୍ଟ ପୂର୍ବରୁ ମୁଁ ଅନେକ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ ହେଁ ଭଲ ଫଳ ପାଇ ନ ଥିଲି । ତେବେ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ମୁଁ ସାର୍‌ଙ୍କ ଆଶା ଆକାଂକ୍ଷାକୁ ବ୍ୟର୍ଥ ହେବାକୁ ଦେଇ ନ ଥିଲି। ଟୁର୍ନାମେଣ୍ଟ ସମୟରେ ଅନିଶ୍ଚିତତା ମଧ୍ୟଦେଇ ଗତିକରିଥିଲେ ହେଁ ସାର୍‌ଙ୍କ ଆଶୀର୍ବାଦ ଯୋଗୁ ଟୁର୍ନାମେଣ୍ଟ ଜିତିବାରେ ସକ୍ଷମ ହୋଇଥିଲି। ତେଣୁ ଏହା ମୋ ପାଇଁ ସବୁଠାରୁ ସ୍ମରଣୀୟ ଏବଂ ପ୍ରିୟ ଇଭେଣ୍ଟ ହୋଇ ରହିଛି।

**ପ୍ରଶ୍ନ:** କିଛି ଅବସୋସ ଅଛି କି ? ଅର୍ଥାତ୍ ଭଲ ସ୍ଥିତିରେ ଥାଇ ମଧ କେବେ ସୁଯୋଗ ହାତଛଡ଼ା ହୋଇଛି କି ?

**ଉ:** କରୋନା ମହାମାରୀ ବ୍ୟାପିବା ପୂର୍ବରୁ ମୁଁ ପିକ୍ ଫର୍ମରେ ଥିଲି। ଏହି ସମୟରେ ସବୁ ଟୁର୍ନାମେଣ୍ଟ ବାତିଲ ହେବା ଏବଂ ଏହା ଦୀର୍ଘଦିନଧରି ଲାଗି ରହିବା ମୋତେ ଦୁଃଖ ଦେଇଥିଲା। ୨୦୨୦ ଓ ୨୦୨୧ରେ ଖେଳିବାକୁ ସୁଯୋଗ ନ ପାଇ ଘରେ ବସିରହିବା ମୋ ପାଇଁ ମାନସିକ ସ୍ତରରେ ଅତ୍ୟନ୍ତ କଷ୍ଟଦାୟକ ଥିଲା।

**ପ୍ରଶ୍ନ:** ଆପଣଙ୍କର ଆଦର୍ଶ ଖେଳାଳି କିଏ ଏବଂ କାହିଁକି ?

**ଉ:** ରୁଷୀୟ ଗ୍ରାଣ୍ଡମାଷ୍ଟର ଗ୍ୟାରୀ କାସ୍ପାରୋଭ ମୋର ଆଦର୍ଶ ଖେଳାଳି। ମୁଁ ତାଙ୍କ ଖେଳ ଦେଖି ଦେଖି ଆଗକୁ ବଢ଼ିଛି। ତାଙ୍କ ଖେଳ ଷ୍ଟାଇଲ୍‌ରେ ବିଶେଷ ପ୍ରଭାବିତ ମଧ ହୋଇଛି। ମୁଁ ଆକ୍ରମଣାତ୍ମକ ଗେମ୍ ସହିତ ବୋର୍ଡରେ ଜଟିଳତା ଆଣିବାକୁ ପସନ୍ଦ କରେ। କାସ୍ପାରୋଭ ଜଣେ ଚତୁର ଖେଳାଳି। ତାଙ୍କ ପ୍ରତି ମୋର ସମ୍ମାନବୋଧ ରହିଛି। ବ୍ୟକ୍ତିଗତଭାବେ ମୁଁ ତାଙ୍କୁ ସାକ୍ଷାତ କରିଥିବାରୁ ପ୍ରକୃତରେ ଭାଗ୍ୟବାନ।

**ପ୍ରଶ୍ନ:** ରାଜ୍ୟରେ ଏବେ ମାତ୍ର ୨ ଜଣ ଗ୍ରାଣ୍ଡମାଷ୍ଟର ସୃଷ୍ଟି ହୋଇ ପାରିଛନ୍ତି। କ'ଣ କରାଗଲେ ଏ ସଂଖ୍ୟାରେ ଉନ୍ନତି ଆସିବ ବୋଲି ଆପଣ ଭାବୁଛନ୍ତି।

**ଉ:** ଓଡ଼ିଶାରେ ଚେସ୍‌ପାଇଁ ଅଧିକ ଏକ୍ସପୋଜର ଆବଶ୍ୟକ। ଅନେକ ଉଦୀୟମାନ ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ ଏବଂ ତାହାକୁ ମାର୍ଜିତ କରିବାର ସୁଯୋଗ ପାଉନାହାନ୍ତି। ରାଜ୍ୟରେ ଯଦି ଅଧିକ ଟୁର୍ନାମେଣ୍ଟ ଏବଂ କୋଚିଂ କ୍ୟାମ୍ପ ହୋଇପାରିବ ତେବେ ପିଲାମାନଙ୍କୁ ବହୁ ସହାୟକ ହେବ। ଏହା ଖେଳାଳିଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ସହିତ ଅଭିଭାବକମାନଙ୍କୁ ମୋଟିଭେଟ୍ କରିପାରିବ। ଚେସ୍‌କୁ କ୍ୟାରିୟର କରି ଆଗକୁ ବଢ଼ି ହେବ ବୋଲି ବିଶ୍ୱାସ ଆସିପାରିବ।

**ପ୍ରଶ୍ନ:** ଚେସ୍‌କୁ ନେଇ ଭବିଷ୍ୟତର ଲକ୍ଷ୍ୟ କ'ଣ ରଖିଛନ୍ତି।

**ଉ:** ଜଣେ ଗ୍ରାଣ୍ଡମାଷ୍ଟର ହେବା ସବୁ ଚେସ୍ ଖେଳାଳିଙ୍କର ସ୍ୱପ୍ନ ରହିଥାଏ। ମୋର ମଧ ତାହା ରହିଛି। ମାତ୍ର ଏହି ସ୍ୱପ୍ନ ସାର୍ଥକ ହେବାପାଇଁ ଏବେ ବହୁ ଦୂର ଅଛି। ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ ମୋର ପରବର୍ତ୍ତୀ ଲକ୍ଷ୍ୟ। ଏହାକୁ ନଜରରେ ରଖି ମୁଁ କଠିନ ପରିଶ୍ରମ କରୁଛି।

### ସଂକ୍ଷେପରେ..

ନାମ: ସାଇନା ସାଲୋନିକା
ଜନ୍ମ: ଅଗଷ୍ଟ ୫, ୨୦୦୩
ମା: ବବିତା ଜେନା, ବାପା: ଗଣେଶ୍ୱର ଜେନା
ଘର: ସୁଲଣ, ହାଟଡିହି, କେନ୍ଦୁଝର
ବର୍ତ୍ତମାନ ବାସସ୍ଥାନ: ୟୁନିଟ୍–୩, ଭୁବନେଶ୍ୱର
ହବି: ଚେସ୍ ଖେଳିବା, ମଡେଲିଂ, ଆଙ୍କରିଂ

**ସଫଳତା/ଟାଇଟଲ**

- ସର୍ବକନିଷ୍ଠ ଓଡ଼ିଆ ବାଳିକାଭାବେ ୨୦୧୨ ମାର୍ଚ୍ଚରେ ମହିଳା କ୍ୟାଣ୍ଡିଡେଟ ମାଷ୍ଟର (ଡବ୍ଲ୍ୟୁସିଏମ୍) ଅନ୍ତର୍ଜାତୀୟ ଟାଇଟଲ ହାସଲ।
- ବିଶ୍ୱ ଚେସ୍ ଫେଡେରେଶନ (ଫିଡେ) ଦ୍ୱାରା ୨୦୧୬ ସେପ୍ଟେମ୍ବର ୫ରେ ମହିଳା ଫିଡେ ମାଷ୍ଟର (ଡବ୍ଲ୍ୟୁଏଫ୍ଏମ୍) ଅନ୍ତର୍ଜାତୀୟ ଟାଇଟଲ ପ୍ରଦାନ।
- ୨୦୧୬ ସେପ୍ଟେମ୍ବର ୧ରେ ୨୦୯୩ ଫିଡେ ରେଟିଂ ସହ ନିଜ ବୟସ ବର୍ଗରେ ଭାରତ ଏବଂ ଏସିଆର ନମ୍ବର ୱାନ ଖେଳାଳିର ମାନ୍ୟତା।
- ୨୦୧୯ ଜୁନ୍ ୧୭ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ଗୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ଫେଷ୍ଟିଭାଲରେ ପ୍ରଥମ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ।
- ୨୦୧୯ ଡିସେମ୍ବର ୩ରୁ ୯ ପର୍ଯ୍ୟନ୍ତ ସର୍ବିୟାରେ ଆୟୋଜିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ।
- ୨୦୨୨ ମେ ୧୬ରୁ ୨୧ ପର୍ଯ୍ୟନ୍ତ ସର୍ବିୟାରେ ଖେଳାଯାଇଥିବା ଆଇଏମ୍ ମିକ୍ସ ଥାର୍ଡ ସଟର ଡେ' ୨୭୭ ଟୁର୍ନାମେଣ୍ଟରେ ତୃତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ସହ ଟାଇଟଲ ହାସଲ।

---

# ଗୋଲ ରକ୍ଷକ ଗିଟୁ ଓ ଲାଲା



ଅଶୋକ ମହାନ୍ତି

**ଅତୀତ ସ୍ମୃତିରୁ...**

**ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍**

ଓଡ଼ିଶା ଫୁଟବଲରେ ଯେଉଁ ସୁନାମଧନ୍ୟ ଗୋଲରକ୍ଷକମାନେ ସେମାନଙ୍କର ଅସାଧାରଣ ଦକ୍ଷତା ପ୍ରଦର୍ଶନ ଦ୍ୱାରା ପଚାଶ ଦଶକରେ ପ୍ରସିଦ୍ଧି ଲାଭ କରିଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ଅବଦୁଲ୍ ଜବାର (ଗିଟୁ) ଏବଂ ପ୍ରଶାନ୍ତ ପାତ୍ର (ଲାଲା)...



ପ୍ରଶାନ୍ତ ପାତ୍ର



ଅବଦୁଲ ଜବାର

**ଅବଦୁଲ ଜବାର (ଗିଟୁ)**

ଅବଦୁଲ ଜବାର ଫୁଟବଲ ଜଗତରେ ତାଙ୍କ ଡାକ ନାମ 'ଗିଟୁ' ଭାବେ ସୁପରିଚିତ ଥିଲେ। ୧୪ ଅକ୍ଟୋବର ୧୯୩୬ରେ ଏହି କିମ୍ବଦନ୍ତୀ ଖେଳାଳି କଟକସ୍ଥିତ ଝୋଲାସାହିରେ ଏକ ମଧ୍ୟବିତ୍ତ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ। କଟକ ସେମିନାରି ହାଇସ୍କୁଲରୁ ୧୯୫୩ରେ ମାଟ୍ରିକ ପାସ୍ କରି ରେଭେନ୍ସା ମହାବିଦ୍ୟାଳୟ (ବର୍ତ୍ତମାନ ବିଶ୍ୱବିଦ୍ୟାଳୟ)ରେ ଅଧ୍ୟୟନ କରିଥିଲେ। ୧୯୫୩ରେ ଓଡ଼ିଶା ସ୍କୁଲ ଫୁଟବଲ ଦଳରେ ସାମିଲ ହୋଇ ସର୍ବଭାରତୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତାରେ ଭାଗନେଇ ତାଙ୍କ ଅନ୍ତର୍ନିହିତ ଦକ୍ଷତାର ପରିଚୟ ଦେଇଥିଲେ।

ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବା ସମୟରେ ୧୯୫୪ରେ "ରେଭେନ୍ସା ବ୍ଲୁ" ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିଲେ ଏବଂ ସେହି ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ଫୁଟବଲ ଦଳର ଅଧିନାୟକ ଭାବେ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା (ବାଙ୍ଗାଲୋର)ରେ ଭାଗ ନେଇଥିଲେ। ତାଙ୍କର କ୍ରୀଡ଼ା ଦକ୍ଷତାକୁ ବିଚାରକୁ ନେଇ ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍ସ ତାଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା। ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ପ୍ରାୟ ଏକ ଦଶନ୍ଧି ଧରି ସେ ଓଡ଼ିଶା ଫୁଟବଲ ଏବଂ କଟକ ମିଳିତ ଏକାଦଶ ପକ୍ଷରୁ ସନ୍ତୋଷ ଟ୍ରଫି, ଡୁରାଣ୍ଡ କପ୍, ରୋଭର୍ସ କପ୍ ଏବଂ ଆଇଏଫଏ ଶିଲ୍ଡ ପ୍ରତିଯୋଗିତାରେ କୃତିତ୍ୱର ସହିତ ଏକାଧିକ ସ୍ମରଣୀୟ ମ୍ୟାଚ୍ ଖେଳିଥିଲେ ଏବଂ ୧୯୬୨ରେ ଓଡ଼ିଶା ରାଜ୍ୟ ଫୁଟବଲ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ପଚାଶ ଦଶକରେ ଲାଲା ପାତ୍ରଙ୍କ ସହିତ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ଗୋଲ ରକ୍ଷକର ମାନ୍ୟତା ପାଇଥିବା ଅବଦୁଲ ଜବାରଙ୍କ ପୁତ୍ର ମହମ୍ମଦ ସହିଦ ଜବାର (ଗୁଡନ) ମଧ ଜଣେ ଉଚ୍ଚମାନର ରାଜ୍ୟସ୍ତରୀୟ ଖେଳାଳି ଏବଂ ଜାତୀୟ ମହିଳା ଫୁଟବଲ ଦଳର ପ୍ରଶିକ୍ଷକ ଭାବେ ସୁନାମ ଅର୍ଜନ କରିଛନ୍ତି। ୧୯୬୫ରେ ପ୍ରତିଯୋଗିତାମୂଳକ ଫୁଟବଲରୁ ଅବ୍ୟାହତି ନେଲାପରେ ଗିଟୁ ଜଣେ ତାଲିମପ୍ରାପ୍ତ ରେଫରି ଭାବେ ଫୁଟବଲ ଖେଳ ସହିତ ଜଡ଼ିତ ରହିଥିଲେ। ୧୯୯୫ରେ କାର୍ଯ୍ୟ କ୍ଷେତ୍ରରୁ ଅବସର ନେଇଥିବା ଏହି ଦିଗ୍‌ଗଜ ଖେଳାଳିଙ୍କର ୧ସେପ୍ଟେମ୍ବର ୨୦୨୦ରେ ପରଲୋକ ହୋଇଥିଲା।

**ପ୍ରଶାନ୍ତ ପାତ୍ର (ଲାଲା)**

ପଚାଶ ଦଶକରେ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଗୋଲରକ୍ଷକ ଭାବେ ପରିଚିତ ପ୍ରଶାନ୍ତ ପାତ୍ର (ଲାଲା) ୧୫ ଡିସେମ୍ବର ୧୯୩୦ରେ କଟକ ସହର ସୂତାହାଟଠାରେ ଏକ ସମ୍ଭ୍ରାନ୍ତ ଖ୍ରୀଷ୍ଟିଆନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବଡ଼ଭାଇ ପ୍ରସିଦ୍ଧ କ୍ରୀଡ଼ା ଭାଷ୍ୟକାର କ୍ରୀଡ଼ାବିତ୍ ଓ ସଙ୍ଗଠକ ବିଜନ ପାତ୍ରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ମିଶନ ସ୍କୁଲରେ ପଢୁଥିବା ସମୟରେ ଫୁଟବଲ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ୧୯୫୧ରୁ ୧୯୫୮ ମଧ୍ୟରେ ସେ ରାଜ୍ୟକୁ ଜାତୀୟ ସ୍ତରରେ ଏକାଧିକ ଥର ପ୍ରତିନିଧିତ୍ୱ କରିଥିଲେ। ମାତ୍ର ୧୬ ବର୍ଷ ବୟସରେ ୧୯୪୬ ମସିହାରେ ବଡ଼ମ୍ବା ରାଜ୍ୟରେ ସେ ତାଙ୍କର ଯଶସ୍ୱୀ ଫୁଟବଲ କ୍ୟାରିୟର ଆରମ୍ଭ କରିଥିଲେ। ଜଣେ ଆଥଲେଟ୍ ଭଳି ଲମ୍ୱା ଶରୀରର ଅଧିକାରୀ ଲାଲା ପାତ୍ର ଗୋଲପୋଷ୍ଟ ମଧ୍ୟରେ ତାଙ୍କର "ଦର୍ଶନୀୟ ଉଡ଼ନ୍ତା ଡାଇଭ୍"ଦ୍ୱାରା ପ୍ରତିପକ୍ଷ ଦଳର ଅନେକ ନିଶ୍ଚିତ ଗୋଲ୍‌ରୁ ନିଜ ଦଳକୁ ରକ୍ଷା କରିଥିଲେ। ଏହି ଦକ୍ଷତା ତାଙ୍କୁ ଜଣେ ଶ୍ରେଷ୍ଠ ଗୋଲ ରକ୍ଷକର ମାନ୍ୟତା ଦେଇଥିଲା। ପ୍ରତିପକ୍ଷ ଦଳର ସୁଟରମାନଙ୍କର ଗୋଲ୍‌ମୁହାଁ ବଲ୍‌କୁ ଆୟତ୍ତ କରିବାରେ ପୂର୍ବାନୁମାନ ଏବଂ ଗତିଶୀଳ ଚଞ୍ଚଳତା ଥିଲା ତାଙ୍କ ଗୋଲ୍ ରକ୍ଷା କଳାର ବିଶେଷତ୍ୱ। ୧୯୫୫ରେ ଏର୍ନାକୁଲମଠାରେ ଅନୁଷ୍ଠିତ ସନ୍ତୋଷ ଟ୍ରଫି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରି ପ୍ରତିଯୋଗିତାର "ଶ୍ରେଷ୍ଠ ଗୋଲ ରକ୍ଷକ" ପୁରସ୍କାର ଗ୍ରହଣ କରିଥିଲେ। ୧୯୫୭ରେ ଓଡ଼ିଶାର ଅଧିନାୟକ ହୋଇଥିବା ଲାଲା ପାତ୍ର କଟକ ମିଳିତ ଏକାଦଶ ପକ୍ଷରୁ କଲିକତାରେ ଆଇଏଫ୍ଏ ଶିଲ୍ଡ, ବମ୍ବେରେ ରୋଭର୍ସ କପ୍ ଏବଂ ଦିଲ୍ଲୀରେ ଡୁରାଣ୍ଡ କପ୍ ଟୁର୍ନାମେଣ୍ଟରେ ଏକାଧିକ ବାର ଖେଳି ତାଙ୍କର ଦକ୍ଷତା ପ୍ରତିପାଦନ କରିଥିଲେ।

ଏହି ଲେଖକର ବନ୍ଧୁ, ଅବସରପ୍ରାପ୍ତ ପ୍ରଫେସର (ଭୂଗୋଳ), ଡିନ୍ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ପୂର୍ବତନ ରାଜ୍ୟ ବ୍ୟାଡ଼ମିଣ୍ଟନ ଖେଳାଳି ଅନୁପ ପାତ୍ର (ଲାଲାଙ୍କ ପୁତୁରା) ପୂର୍ବ ସ୍ମୃତିକୁ ମନେ ପକାଇ କୁହନ୍ତି "ମୋର ଯାହା ମନେପଡୁଛି ମତେ ୬ ବର୍ଷ ହୋଇଥିଲାବେଳେ ୧୯୫୬ରେ କଲିକତାଠାରେ ହେଉଥିବା ଆଇଏଫ୍ଏ ଶିଲ୍ଡରେ କଟକ କମ୍ବାଇଣ୍ଡ୍ ଦଳ (ଯେଉଁଥିରେ ମୋର କକା ଲାଲା ପାତ୍ର ଗୋଲ ରକ୍ଷକ ଥା'ନ୍ତି) ଏବଂ ଇଷ୍ଟବେଙ୍ଗଲ ମଧ୍ୟରେ ହୋଇଥିବା ମ୍ୟାଚ୍ ଦେଖିବାର ସୁଯୋଗ ପାଇଥିଲି। ମୋ ବାପା ସ୍ୱର୍ଗତ ବିଜନ ପାତ୍ର ଏହି ମ୍ୟାଚ୍ ପାଇଁ ଅଲ୍ ଇଣ୍ଡିଆ ରେଡିଓରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥା'ନ୍ତି। ଅର୍ଦ୍ଧାଧିକ ଭାରତୀୟ ଦଳର ଖେଳାଳିଙ୍କୁ ନେଇ ଗଠିତ ଇଷ୍ଟବେଙ୍ଗଲ ଦଳ କଟକ ଦଳ ଉପରେ ଘନଘନ ଆକ୍ରମଣ କରୁଥା'ନ୍ତି। ଗୋଲ୍ ରକ୍ଷକ ଲାଲା ପାତ୍ର ପ୍ରତିପକ୍ଷ ଦଳର ସମସ୍ତ ଆକ୍ରମଣକୁ ସଫଳତାର ସହିତ ମୁକାବିଲା କରି ବିଫଳ କରିବାରେ ସକ୍ଷମ ହୋଇଥିଲେ ମଧ ଶେଷ ମୁହୂର୍ତ୍ତରେ ଶେଖ୍ ବାବୁ (ବାବୁ ମିଆଁ)ଙ୍କ ଏକ ଭୁଲ୍ ପାସ୍‌କୁ ଇଣ୍ଟରସେପ୍ଟ କରି ଇଷ୍ଟବେଙ୍ଗଲ ଦଳ ଗୋଟିଏ ଗୋଲ୍ ସ୍କୋର କରି ବିଜେତା ହୋଇଥିଲେ। ଭାଷ୍ୟକାରମାନେ ଏହି ମ୍ୟାଚ୍‌କୁ 'ଇଷ୍ଟବେଙ୍ଗଲ ଭର୍ସେସ ଲାଲା ପାତ୍ର' ଭାବେ ବର୍ଣ୍ଣନା କରିଥିଲେ। ଅଗଷ୍ଟ ୪ ତାରିଖ ୨୦୧୦ରେ ଏହି କିମ୍ବଦନ୍ତୀ ଖେଳାଳି କଟକଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

### ଝିଅ/ପୁଅ

ଜିପ୍‌ସା,ବାରାଲାଚଲା,
ବାରାଲାଥଲା ଭଳି
ଦୁର୍ଗମ ପାହାଡ଼ ଚଢ଼ି
ସର୍ବକନିଷ୍ଠ ପର୍ବତାରୋହୀ ହୋଇଅଛି
ନ' ବର୍ଷର କୁନି କଢ଼ି
ପ୍ରତିକୂଳ ପାଗ ଲଢ଼ି
ଆରାଧା ରଚିଛି ବିରଳ ସଫଳତା
ଏକ୍‌ଜାମ୍ପଲ ପର ପିଢ଼ି।



ଦୁଇ ସର୍ବଭାରତୀୟ ଟେନିସରେ
ଡବଲ ଟାଇଟଲ ପାଇ
ରାଜ୍ୟକୁ ଗର୍ବିତ କରିଅଛି ପୁଅ
ଟେନିସ ପ୍ରତିଭା ସାଇ
ଟୁ ଚିଲ୍‌ଡ୍ରେନ ମା' ହୋଇ
ଚାରିଶ ତିରିଶ କିମି ସାଇକେଲ ଯାତ୍ରା
ଏ ୱାର୍ଲ୍ଡ ରେକର୍ଡ ଭାଇ।
ଝିଅଟିଏ ଜନ୍ମ ହେଲେ ଫ୍ୟାମିଲିରେ
ଅନେକେ ଭାବନ୍ତି ବୋଝ
ବୈଷୟିକ ଜ୍ଞାନ କୌଶଳକୁ ଧରି
ଶିକ୍ଷା କ୍ରୀଡ଼ା କଥା ମାଜ
ସବୁଠି ଝିଅଙ୍କ ରାଜ୍
ନାରୀ ଆଗେଇଲେ ଦେଶ ଆଗେଇବ
ମଡର୍ନ ପ୍ୟାରେଣ୍ଟ ହେଜ।

–ସୁବାସ ଚନ୍ଦ୍ର ପ୍ରଧାନ

# ଭାରତକୁ ଜିତାଇଲେ ହାର୍ଦ୍ଦିକ

**ନୂଆଦିଲ୍ଲୀ,୭।୭**

ସ୍ଥାନୀୟ ରୋଜ ବାଓଲଠାରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚକୁ ଭାରତ ୫୦ ରନରେ ଜିତିନେଇଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ହାର୍ଦ୍ଦିକ ପ୍ରଥମେ ଭାରତର ଟପ୍ ସ୍କୋରର ଭାବେ ୫୧ ରନ୍ ସଂଗ୍ରହ କରିଥିଲେ। ପରେ ଚମତ୍କାର ବୋଲିଂ କରି ଘରୋଇ ଦଳର

**ପଦାର୍ପଣରେ ଅର୍ଶଦୀପ୍‌ଙ୍କୁ ଦୁଇ ଉଇକେଟ**

ବ୍ୟାଟିଂ ବିପର୍ଯ୍ୟୟ କରିଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ୩୩ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଜାସନ ରୟ (୪), ଦାଓ୍ୱିଦ ମଲାନ (୨୧), ଲିଆମ ଲିଭିଂଷ୍ଟୋନ୍ (୦), ସାମ୍ କୁରାନ(୪) ତାଙ୍କ ବୋଲିଂ ଶିକାର ହୋଇଥିଲେ। ଅନ୍ତର୍ଜାତୀୟ ଟି୨୦ ପଦାର୍ପଣରେ ଅର୍ଶଦୀପ୍ ସିଂ ଦୁଇଟି ଉଇକେଟ ଅକ୍ତିଆର କରିଛନ୍ତି।

ଭାରତ ଦ୍ୱାରା ଧାର୍ଯ୍ୟ ୧୯୯ରନ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଇଂଲଣ୍ଡ ୧୯.୩ ଓଭରରେ ୧୪୮ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଟପ୍ ସ୍କୋରର ମୋଇନ ଅଲି ୩୬ ରନ କରିଥିଲେ। ବୋଲିଂରେ ଦୁଇ ଉଇକେଟ ହାସଲ କରିଥିବା କ୍ରିସ୍ ଜୋର୍ଡାନ୍ ୨୬ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ରୋହିତ ଶର୍ମା(୨୪) ଓ ଇଶାନ୍ କିଶନ୍(୮)



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହାର୍ଦ୍ଦିକ ପାଣ୍ଡ୍ୟା।

ଏକ ଦ୍ରୁତ ଆରମ୍ଭ ଦେଇଥିଲେ। ୧୪ ବଲରୁ ୫ ଚୌକା ସହିତ ୨୪ ରନ କରି ପ୍ୟାଭିଲିୟନ ଫେରିଥିଲେ ରୋହିତ। ଦଳୀୟ ସ୍କୋର ୪୬ରେ ମୋଇନ୍ ଅଲୀଙ୍କ ଦ୍ୱିତୀୟ ଶିକାର ହୋଇଥିଲେ କିଶାନ। ତେବେ ଚତୁର୍ଥ ଓ୍ୱିକେଟରେ ସୂର୍ଯ୍ୟ କୁମାର ଯାଦବ(୩୯) ଓ ଦୀପକ ହୁଡା(୩୩) ଦ୍ରୁତ ୫୩ ରନ୍ ସଂଗ୍ରହ କରିଥିଲେ। ୧୭ ବଲ୍ ଖେଳି ହୁଡା ୩ ଚୌକା ଓ ୨ ଛକା ସହିତ ୩୩ ରନ କରିଥିଲେ। ମାତ୍ର ୧୯ ବଲ୍ ଖେଳିଥିବା ସୂର୍ଯ୍ୟ ୪ ଚୌକା ଓ ଦୁଇ ଛକା ସହିତ ସ୍କୋର କରିଥିଲେ ୩୯। ଭାରତ ପକ୍ଷରୁ ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିବା ପାଣ୍ଡ୍ୟା ୩୩ ବଲ୍ ଖେଳି ମାରିଥିଲେ ୬ ଚୌକା ଓ ୧ ଛକା। ଅକ୍ଷର ପଟେଲ(୧୭)ଙ୍କୁ ସାଥୀ କରି ୪୫ ରନ୍ ଯୋଡିଥିଲେ ପାଣ୍ଡ୍ୟା। ଶେଷ ଆଡକୁ ଦୀନେଶ କାର୍ତ୍ତିକଙ୍କ ୧୧ ରନ ବଳରେ ଭାରତ ୧୯୦ ରନ ପାର କରିଥିଲା। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଜୋର୍ଡାନ ଏବଂ ମୋଇନ ଅଲି ଦୁଇଟି ଲେଖାଏଁ ଉଇକେଟ ନେଇଥିବା ବେଳେ ରିସ୍ ଟପ୍‌ଲେ, ଟାଇମଲ ମିଲ୍ସ ଓ ମାଥ୍ୟୁ ପାର୍କିନସନ୍ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ଇନିଂସ:** ୨୦ ଓଭରରେ ୧୯୮/୮ (ହାର୍ଦ୍ଦିକ ପାଣ୍ଡ୍ୟା-୫୧, ସୂର୍ଯ୍ୟକୁମାର ଯାଦବ-୩୯, ଦୀପକ ହୁଡା-୩୩, ରୋହିତ ଶର୍ମା-୨୪; ମୋଇନ ଅଲି-୨/୨୬, କ୍ରିସ୍ ଜୋର୍ଡାନ-୨/୨୩, ରିସ୍ ଟପ୍‌ଲେ-୧/୩୪)। **ଇଂଲଣ୍ଡ ଇନିଂସ:** ୧୯.୩ ଓଭରରେ ୧୪୮/ଅଲଆଉଟ (ମୋଇନ ଅଲି-୩୬, ହ୍ୟାରି ବ୍ରୁକ୍-୨୮, କ୍ରିସ୍‌ଜୋର୍ଡାନ-୨୬*, ଦାଓ୍ୱିଦ ମଲାନ-୨୧; ହାର୍ଦ୍ଦିକ ପାଣ୍ଡ୍ୟା-୪/୩୩, ୟୁଜବେନ୍ଦ୍ର ଚହଲ-୨/୩୨, ଅର୍ଶଦୀପ ସିଂ-୨/୧୮, ଭୁବନେଶ୍ୱର କୁମାର-୧/୧୦, ହର୍ଶଲ ପଟେଲ-୧/୨୪)।

## ସେମିରୁ ବିଦାୟ ନେଲେ ସାନିଆ

**ଓ୍ୱିମ୍ବେଲଡନ, ୭।୭ (ପି.ଟି.):** ଭାରତର ଅଗ୍ରଣୀ ମହିଳା ଟେନିସ ଖେଳାଳି ସାନିଆ ମିର୍ଜା ଓ୍ୱିମ୍ବେଲଡନ ଓପନ ଟେନିସ୍ ମିକ୍ସଡ ଡବଲ୍ସ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ବୁଧବାର ରାତିରେ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ ଏଠାରେ ୬ଷ୍ଠ ମାନ୍ୟତାପ୍ରାପ୍ତ ମିର୍ଜା ଓ ତାଙ୍କ କ୍ରୋଏସିଆନ ପାର୍ଟନର ମେଟ୍ ପ୍ୟାଭିକ୍ ଗ୍ରେଟ୍ ବ୍ରିଟେନୀ ନିଲ୍ ସ୍କୁପ୍‌ସ୍କି ଓ ଡିଜାୟାରେ କ୍ରେଜିକ୍‌ଙ୍କଠାରୁ ୬-୪, ୫-୭, ୪-୬ରେ ପରାସ୍ତ ହୋଇଛନ୍ତି। ସାନିଆ ତାଙ୍କ କ୍ୟାରିୟରରେ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିସାରିଛନ୍ତି। ତନ୍ମଧ୍ୟରେ ୩ ମିକ୍ସଡ ଡବଲ୍ସ ଟ୍ରଫି ରହିଛି। ମିକ୍ସଡ ଡବଲ୍ସରେ ଏକ କ୍ୟାରିୟର ସ୍ଲାମ ସମ୍ପୂର୍ଣ୍ଣ କରିବା ତାଙ୍କର ଲକ୍ଷ୍ୟ ରହିଥିଲା। ସେ ମହେଶ ଭୂପତିଙ୍କ ସହ ୨୦୦୯ରେ ଅଷ୍ଟ୍ରେଲିଆନ ଓପନ ଓ ୨୦୧୨ରେ ଫ୍ରେଞ୍ଚ ଓପନ ଏବଂ ୨୦୧୪ରେ ବ୍ରାଜିଲର ବ୍ରୁନୋ ସୋର୍ସଙ୍କ ସହ ମିକ୍ସଡ ଡବଲ୍ସ ଟାଇଟଲ ଜିତିସାରିଛନ୍ତି।

## ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ

**ଆମଷ୍ଟିଲଭିନ୍, ୭।୭:** ଚଳିତ ମହିଳା ହକି ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୪-୩ ଗୋଲରେ ଭାରତକୁ ହରାଇ ଦେଇଛି। ଏହି ମ୍ୟାଚରେ ଭାରତ ତରଫରୁ ବନ୍ଦନା କାଟାରିୟା (୪ର୍ଥ ମିନିଟ), ଲାଲରେମ୍‌ସିଆମି (୪୪ତମ) ଓ ଗୁରଜିତ୍ କୌର (୫୯ତମ) ଗୋଲ ସ୍କୋର କରିଥିଲେ। ନ୍ୟୁଜିଲାଣ୍ଡ ତରଫରୁ ଓଲିଭିଆ ମେରୀ (୧୨ତମ, ୫୪ତମ), ଫ୍ରାନ୍‌ସେସ୍ ଡାଭିସ୍ (୨୯ତମ) ଓ ଟେସ୍ ଜୋପ୍(୩୨ତମ) ଗୋଲ ଦେଇଥିଲେ। ପୁଲ୍ ବି' ତୃତୀୟ ମ୍ୟାଚରେ ହାରିଯାଇଥିଲେ ମଧ୍ୟ ଟୁର୍ନାମେଣ୍ଟରେ ଭାରତ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ବିଜୟୀ ଦଳ ୨-୧ରେ ଅଗ୍ରଣୀ ରହିଥିଲା। ଦଳ କ୍ୱାର୍ଟରଫାଇନାଲରେ ସ୍ଥାନ ପାଇଁ ବର୍ତ୍ତମାନ ଗ୍ରୁପ୍ ସି'ର ଦ୍ୱିତୀୟ ଦଳ ସହ କ୍ରସ୍ ଓଭର ଖେଳିବ, ଯାହାକି ସ୍ପେନରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଏହି ବିଜୟ ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି।

# ଜାବେର-ରିବାକିନା ଫାଇନାଲ

**ଓ୍ୱିମ୍ବେଲଡନ (ଇଂଲଣ୍ଡ), ୭।୭**

ଓ୍ୱିମ୍ବେଲଡନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲ ଶନିବାର ଟ୍ୟୁନିସିଆର ତଥା ତୃତୀୟ ସିଡ୍ ଓନ୍ସ ଜାବେର ଓ କାଜାଖସ୍ତାନର ଏଲିନା ରିବାକିନାଙ୍କ ମଧ୍ୟରେ ଖେଳାଯିବ। ଗୁରୁବାର ପ୍ରଥମ ସେମିଫାଇନାଲରେ ୨୭ ବର୍ଷୀୟା ଜାବେର ଜର୍ମାନୀର ୧୦୩ତମ ର୍‍ୟାଙ୍କିଂପ୍ରାପ୍ତ ତାତ୍‌ଜାନା ମାରିଆଙ୍କୁ ୬-୨, ୩-୬, ୬-୧ ସେଟ୍‌ରେ

**ଓ୍ୱିମ୍ବେଲଡନ ଓପନ ଟେନିସ**

ହରାଇ ଦେଇଛନ୍ତି। ଏଥିସହିତ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିବାରେ ସେ ପ୍ରଥମ ଆରବ ଓ ଆଫ୍ରିକାନ ମହିଳା ବିବେଚିତ ହୋଇଛନ୍ତି। ଜାବେର ସର୍ବନିମ୍ନ ର୍‍ୟାଙ୍କିଂ ଖେଳାଳି ହିସାବରେ ଫାଇନାଲରେ ପ୍ରବେଶ ପାଇଁ ଆଶା ରଖିଥିଲେ। ଜାବେର ଓ ମାରିଆ ଉଭୟେ ଭଲ ବାନ୍ଧବୀ। କିନ୍ତୁ ଗୁରୁବାର ସେଣ୍ଟର



ଓନ୍ସ ଜାବେର

କୋର୍ଟରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ରିବାକିନା ଦ୍ୱିତୀୟ ସେମିଫାଇନାଲରେ ୨୦୧୯ ଚାମ୍ପିୟନ ୧୬ତମ ସିଡ୍ ରୋମାନିଆର ସିମୋନା ହାଲେପଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି।

**ସେମିଫାଇନାଲରୁ ଓହରିଲେ ନାଡାଲ**

ଇଞ୍ଜୁରି ଯୋଗୁ ରାଫାଲ ନାଡାଲ ଓ୍ୱିମ୍ବେଲଡନ ଓପନ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରୁ ଓହରିଯାଇଛନ୍ତି। ଫଳରେ ନିକ କିର୍ଗିଓସ ରବିବାର ଫାଇନାଲକୁ ଉନ୍ନୀତ ହୋଇଛନ୍ତି।




## ସର୍ବଭାରତୀୟ ଟେନିସ ବଲ୍ କ୍ରିକେଟରେ ଓଡ଼ିଶାକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୭।୭:** ତାମିଲନାଡୁର କେଟିଠାରେ ଆୟୋଜିତ ସର୍ବଭାରତୀୟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତାରେ କେରଳକୁ ୧୭ ରନ୍‌ରେ ହରେଇ ଓଡ଼ିଶା ବ୍ରୋଞ୍ଜ ଜିତିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩ ଉଇକେଟ ହରାଇ ୭୩ ରନ କରିଥିଲା। କେରଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୫୬ ରନ କରିବାକୁ ସକ୍ଷମ ହୋଇଥିଲା।

## ସିନ୍ଧୁ, ପ୍ରଣୟ କ୍ୱାର୍ଟରରେ

**କୁଆଲାଲମ୍ପୁର,୭।୭(ପି.ଟି.)**

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ମାଲେସିଆ ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ ବିଶ୍ୱର ୩୨ ନମ୍ବର ଚାଇନାର ଝାଙ୍ଗ୍ ୟି ମାନ୍‌ଙ୍କ ବିପକ୍ଷରେ ୨୧-୧୨, ୨୧-୧୦ ସିଧାସଳଖ ଗେମ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ପ୍ରଣୟ ଚାଇନିଜ ତାଇପେଇର ଡିଜୁ ଓ୍ୱିଙ୍କୁ ୨୧-୧୯, ୨୧-୧୬ରେ ହରାଇ ଦେଇଛନ୍ତି।

## ଫାଓ ଲିଗ୍: ସନ୍‌ରାଇଜ-ରୋଭର୍ସ ମ୍ୟାଚ ଡ୍ର

**ଭୁବନେଶ୍ୱର, ୭।୭ (କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ରେ ଗୁରୁବାର ସନ୍‌ରାଇଜ ଓ ରୋଭର୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଇର୍ଶାଦ ଏସ୍.ପି. ମ୍ୟାଚର ୩ୟ ମିନିଟରେ ଗୋଲକରି ସନ୍‌ରାଇଜ କ୍ଲବକୁ ଅଗ୍ରଣୀ କରାଇଥିଲେ। ମାତ୍ର ରୋଭର୍ସ କ୍ଲବର ଅରୁଣାଂଶୁ ଗୁପ୍ତା ୪୦ତମ ମିନିଟରେ ଗୋଲ ପରିଶୋଧ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଦଳ ଗୋଲ ଦେଇ ନ ପାରିବାରୁ ପଏଣ୍ଟ



ଫାଓ ଲିଗ୍‌ରେ ଗୁରୁବାର ସନ୍‌ରାଇଜ ଓ ରୋଭର୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭାଗ ହୋଇଥିଲା। ପ୍ରଦୀପ୍ତ କୁମାର ନାୟକ, ଶଶିକାନ୍ତ ଦାସିଆ, ବିଜୟ ମଙ୍ଗରାଜ ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ସୁଜିତ କୁମାର ପାତ୍ରୋ ମ୍ୟାଚ କମିଶନର ଥିଲେ।

## ମହିଳା ଦିନିକିଆ: ଭାରତର କ୍ଲିନ୍‌ସୁଇପ୍

**ପାଲିକେଲ୍, ୭।୭**

ଅଧିନାୟିକା ହରମନପ୍ରୀତ କୌର (୮୮ ବଲ୍‌ରୁ ୭୫ରନ ଏବଂ ୫ ଓଭରରେ ୧/୨୧) ଓ ପୂଜା ବସ୍ତ୍ରକାର (୬୫ ବଲ୍‌ରୁ ୫୬* ଏବଂ ୨/୩୨)ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଏଠାରେ ଶ୍ରୀଲଙ୍କା ବିପକ୍ଷ ୩ୟ ତଥା ଅନ୍ତିମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୩୯ରନରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ କ୍ଲିନ୍‌ସୁଇପ୍ ବିଜୟ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

**ଭାରତ:** ୫୦ ଓଭରରେ ୨୫୫/୯ (ହରମନପ୍ରୀତ କୌର-୭୫, ପୂଜା ବସ୍ତ୍ରକାର-୫୬*, ଶେଫାଳୀ ବର୍ମା-୪୯, ୟାସ୍ତିକା ଭାଟିଆ-୩୦; ଇନୋକା ରଣବୀରା-୨/୨୨, ଚାମିରା ଆଥାପାଥୁ-୨/୪୫, ରଶ୍ମି ଡି'ସିଲ୍‌ଭା-୨/୫୩)। **ଶ୍ରୀଲଙ୍କା:** ୪୭.୩ ଓଭରରେ ୨୧୬ (ନୀଳାକ୍ଷୀ ଡି'ସିଲ୍‌ଭା-୪୮*, ଚାମରି ଆଟାପାଟୁ-୪୪, ହାସିନି ପେରେରା-୩୯; ରାଜେଶ୍ୱରୀ ଗାଏକ୍ୱାଡ-୩/୩୬, ମେଘନା ସିଂ-୨/୩୨, ପୂଜା ବସ୍ତ୍ରକାର ୨/୩୩)।

# ଭାରତରୁ ଭାଗନେବେ ୨୧୫ ଆଥଲେଟ୍

**ନୂଆଦିଲ୍ଲୀ, ୭।୭ (ପି.ଟି.)**

ଚଳିତ ମାସ ୨୮ ତାରିଖରେ ବର୍ମିଂହାମଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଗୁରୁବାର ୨୧୫ ଜଣିଆ ଆଥଲେଟ୍ ଦଳ ଦଳ ଘୋଷଣା କରାଯାଇଛି। ଭାରତୀୟ ଆଥଲେଟ୍‌ମାନେ ମୋଟ ୧୬ଟି ବିଭାଗରେ ଅଂଶଗ୍ରହଣ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

କରିବେ। ଆଗାମୀ ମେଗା ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଆଥଲେଟ୍‌ଙ୍କ ପାଇଁ ବିଦାୟ ସମାରୋହ ଆୟୋଜନ ହୋଇଥିଲା। ଭାରତୀୟ ପ୍ରତିନିଧି ଦଳରେ ଉଭୟ ମହିଳା ଓ ପୁରୁଷଙ୍କୁ ସମାନ ପ୍ରାଧାନ୍ୟ ଦିଆଯାଇଛି ବୋଲି ଏହି ଅବସରରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ କାର୍ଯ୍ୟକାରୀ



ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ବିଦାୟୀ ଓ କିଟ୍ ଉନ୍ମୋଚନ ଉତ୍ସବ ଅବସରରେ ଭାରତୀୟ ଆଥଲେଟ୍ ହିମା ଦାସ, ଦୂତୀ ଚାନ୍ଦ ଓ ଅନ୍ୟମାନେ।

ସଭାପତି ଅନିଲ ଖାନ୍ନା ପ୍ରକାଶ କରିଛନ୍ତି। ଭାରତୀୟ ଦଳରେ ୧୦୭ ମହିଳା ଓ ୧୦୮ ପୁରୁଷ ପ୍ରତିଯୋଗୀ ଅଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତର ମୋଟ ପ୍ରତିନିଧି ଦଳ ସଂଖ୍ୟା ହେଉଛି ୩୨୨। ଏହା ମଧ୍ୟରେ ୭୨ ଟିମ୍ ଅଫିସିଆଲ,୨୬ ଅତିରିକ୍ତ ଅଫିସିଆଲ ଏବଂ ୩ ଜେନେରାଲ ମ୍ୟାନେଜରଙ୍କୁ ମିଶାଇ ୯ କଣ୍ଟିନେଣ୍ଟ ଷ୍ଟାଫ୍ ସାମିଲ। ଇଭେଣ୍ଟ ଦୃଷ୍ଟିରୁ ଦେଖିବାକୁ ଗଲେ ଆଥଲେଟିକ୍ସ ଓ ହକିରେ ସର୍ବାଧିକ ୩୬ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଭାରତ ମହିଳା କ୍ରିକେଟରେ ଅଂଶଗ୍ରହଣ କରିବ। ଏହି ଖେଳକୁ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ କରାଯାଇଛି। ଏହାଛଡ଼ା ଜଳକ୍ରୀଡ଼ା, ବ୍ୟାଡ଼ମିଣ୍ଟନ, ଟେବୁଲ ଟେନିସ, ବକ୍ସିଂ, ସାଇକ୍ଲିଂ ଜିମ୍ନାଷ୍ଟିକ୍ସ, ଟ୍ରାଇଥଲନ, ରେସ୍‌ଲିଂ, ଓ୍ୱେଟ୍‌ଲିଫ୍ଟିଂ, ଲନ୍ ବୋଲ୍ସ, ସ୍କ୍ୱାଶ, ଜୁଡୋ ଓ ପାରା ସ୍ପୋର୍ଟ୍ସରେ ମଧ୍ୟ ଭାଗ ନେବ। ଓଁକାର ସିଂ ଓହରିଯିବା ଫଳରେ ରାଜେଶ ଭଣ୍ଡାରୀଙ୍କୁ ଭାରତୀୟ ଦଳର ଡିଫ ଡି' ମିଶନ ଭାବେ ନିଯୁକ୍ତି ଦିଆଯାଇଛି। ଭଣ୍ଡାରୀ ବର୍ତ୍ତମାନ ହିମାଚଳ ପ୍ରଦେଶ ଅଲିମ୍ପିକ ଆସୋସିଏଶନ ଓ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆର ଉପସଭାପତି ଅଛନ୍ତି। ଓଁକାର ସିଂଙ୍କ ପୁଅ ମନିନ୍ଦର ସିଂ ଦଳରେ ଭଣ୍ଡାରୀଙ୍କ ସ୍ଥାନରେ ତୃତୀୟ ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ଦିଆଯାଇଥିବା ଭାରତୀୟ ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ରାଜୀବ ମେହେଟା ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ଅଭିଯୋଗ

**ଜଟଣୀ,୭।୭(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଧୀନ ବଡତୋଟା ଗ୍ରାମରେ କୌଣସି କାରଣକୁ ନେଇ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଜଟଣୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗତ ୨୬ ତାରିଖରେ ଜଟଣୀ-ଖୋର୍ଦ୍ଧା ମୁଖ୍ୟ ମାର୍ଗ ବିଏସଏଫ କ୍ୟାମ୍ପ ଆଗରେ ସ୍ଥାପିତ ବାବାସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ଏହାର ପ୍ରତିବାଦରେ ରାସ୍ତାରୋକୋ ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଘଟଣାକୁ ନେଇ ମିଶନ ଅଫ ଓଡିଶାର ସଭାପତି ସରୋଜ ଦାସଙ୍କୁ କେତେଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ଉକ୍ତ ଘଟଣାକୁ ଭୀମ ଆର୍ମି ଖୋର୍ଦ୍ଧା ଶାଖା ସଚିବ ସର୍ବେଶ୍ୱର ନାୟକ ନିନ୍ଦା କରିବା ସହିତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ରୁଦ୍ର ପ୍ରତାପ ଦଳାଇ ବୋଲଗଡ଼ ବ୍ଲକ ଟପ୍ପର

**ବୋଲଗଡ଼,୭।୭(ଡି.ଏନ୍.ଏ.):** ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ବୋଲଗଡ଼ ବ୍ଲକ ଅଞ୍ଚଳର ପ୍ରାୟ ୯୯ପ୍ରତିଶତ ପାସ ହାର ରହିଛି। ଏହି ବ୍ଲକ ଅଞ୍ଚଳର ୨୯ ବିଦ୍ୟାଳୟରୁ ମୋଟ ୧୭୧୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬୯୯ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଥିବା ବ୍ଲକ ସହଶିକ୍ଷାଧିକାରୀ ପଦ୍ମଚରଣ ବେହେରା କହିଛନ୍ତି। ଏ-୧ରେ ଗ୍ରେଡରେ ୪୧ଜଣ ଛାତ୍ରୀଛାତ୍ର ରହିଛନ୍ତି। ମାଣିକଗଡା ସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରୁଦ୍ର ପ୍ରତାପ ଦଳାଇ ୫୭୮ ନମ୍ବର ପାଇ ବ୍ଲକସ୍ତରରେ ଟପର ହୋଇଥିବାର ଜଣାପଡିଛି। ସେହିପରି ଏ-୨ ଗ୍ରେଡରେ ୨୧୨ଜଣ, ବି-୧ ଗ୍ରେଡରେ ୪୩୫, ବି-୨ ଗ୍ରେଡରେ ୪୪୨, ସି ଗ୍ରେଡରେ ୩୭୦, ଡି ଗ୍ରେଡରେ ୧୪୭, ଇ ଗ୍ରେଡରେ ୪୭ ଜଣ କୃତକାର୍ଯ୍ୟ ହୋଇଛନ୍ତି।

### ଦଧିବାମନଜୀଉଙ୍କ ବାର୍ଷିକୋତ୍ସବ

**ବୋଲଗଡ଼,୭।୭(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅସରଳା ଗ୍ରାମର ଇଷ୍ଟଦେବ ଦଧିବାମନ ଜୀଉଙ୍କ ସପ୍ତମ ବାର୍ଷିକ ଉତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ସକାଳେ ସୂର୍ଯ୍ୟ ପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ଶତରୁଦ୍ର ଓ ସପ୍ତସତୀ ଚଣ୍ଡୀ ଆହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ନେତା ପ୍ରଦୀପ ସାହୁ, ଅରୂପ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରା ପ୍ରମୁଖ ପୂର୍ଣ୍ଣାହୂତି ପ୍ରଦାନ କରିଥିଲେ। ବିଭୂତି ଭୂଷଣ ରଥ, ରମେଶ ଚନ୍ଦ୍ର କର, ଅମିତ କର, ଲକ୍ଷ୍ମୀଧର ପ୍ରହରାଜ, ବିଶ୍ୱ ରଞ୍ଜନ ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତାଭାବେ ଅଭିନନ୍ଦନ ପାଣ୍ଡେ ଓ ସଞ୍ଜୟ ଖଟେଇ ଦାୟିତ୍ୱ ତୁଲାଇ ଥିଲେ। ଏହି ଯଜ୍ଞ କାର୍ଯ୍ୟ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

### ବିଦ୍ୟାଳୟରେ ଚାରାରୋପଣ

**ନିରାକାରପୁର,୭।୭(ଡି.ଏନ୍.ଏ.):** ଲେଣ୍ଡୋ ପଞ୍ଚାୟତ ସ୍ଥିତ ରେଙ୍ଗଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମର ଜୟସିଂହ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନିରାକାରପୁର ଖବରଦାତା ସଂଘର ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ଟାଙ୍ଗୀ ବ୍ଲକ ଶିକ୍ଷକ ସଂଘ ସଭାପତି କିଶୋର ଦାଶ, ଅଚ୍ୟୁତପୁର ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ କର, ସିଆର୍‌ସିସି ପଞ୍ଚାନନ ଭୁଜବଳ, ଶିକ୍ଷକ ଦୁଃଶାସନ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନିତା ହରିଚନ୍ଦନ, ଝୁନୁ ମହାପାତ୍ର, ତ୍ରିବେଣୀ ପ୍ରଧାନ, ବିକ୍ରମ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ରାମେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା।

# ପଞ୍ଚପାଇକ ପ୍ରତିମୂର୍ତ୍ତି ନିକଟରେ ପ୍ରସ୍ତାବିତ ଶ୍ମଶାନକୁ ବିରୋଧ

**ଖୋର୍ଦ୍ଧା ଅଫିସ,୭।୭**

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକରେ ରହିଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ହେବ। ତେବେ ଯେଉଁ ସ୍ଥାନକୁ ସ୍ଥାନାନ୍ତରିତ ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି, ଏହା ନିକଟରେ ଶ୍ମଶାନ ରହିବାକୁ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଗୁରୁବାର ଏହାର ପ୍ରତିବାଦରେ ଏକାଧିକ ଗ୍ରାମବାସୀ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

୧୯୯୯ ମସିହାରେ ଗଡ଼ଖୋର୍ଦ୍ଧା ଛକ ଠାରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏବେ ଜାତୀୟ ରାଜପଥ ସମ୍ପ୍ରସାରଣ ଚାଲିଛି। ରାସ୍ତା ପାର୍ଶ୍ୱରେ ରହିଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର ଲାଗି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ପରେ ଜୁଲାଇ ୪ ରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ତହସିଲଦାର ଇପ୍ସିତ ସାହୁ, ଡ.ଦିଲୀପ ଶ୍ରୀଚନ୍ଦନ, ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ, ଏଆଇପିଏଲ ପ୍ରକଳ୍ପ ନିର୍ଦ୍ଦେଶକ, କାଉନସିଲର ପ୍ରଶାନ୍ତ ସେଠୀ, କମଳ ପ୍ରଧାନ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ନରେନ୍ଦ୍ର ପୃଷ୍ଟି, ଦିଲୀପ ହୋତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗଡ଼ଖୋର୍ଦ୍ଧା ମୌଜାର ୧୩୧୯ନଂ. ପ୍ଲଟକୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ଆଲୋଚନା ହୋଇଥିଲା। ଏହି ପ୍ଲଟକୁ ଲାଗି ରହୁଥିବା ଜାଗାରେ ସ୍ଥାନୀୟ ବାସିନ୍ଦା ଶ୍ମଶାନ ଭାବେ ବ୍ୟବହାର କରୁଛନ୍ତି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଏହି ପ୍ଲଟରେ କିଛି ଅଂଶରେ ପଞ୍ଚ ପାଇକଙ୍କ ସ୍ଥାନାନ୍ତରିତ ପ୍ରତିମୂର୍ତ୍ତି ସହ ବଳକା ଅଂଶରେ ଶ୍ମଶାନ ରହିବ। ମୁକ୍ତିସଂଗ୍ରାମ ସ୍ୱାଧୀନତା ଆନ୍ଦୋଳନରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମର ଡାକରା ଦେଇଥିବା ପଞ୍ଚପାଇକ ହେଉଛନ୍ତି ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏହି ପଞ୍ଚମୂର୍ତ୍ତି ଯେଉଁଠି ବସିବ, ସେହି ସ୍ଥାନ ପବିତ୍ର ପାଲଟିଯିବ। ଏଠାକୁ ବିଭିନ୍ନ ସ୍ଥାନରୁ ଗବେଷକ, ବୁଦ୍ଧିଜୀବୀ ପରିଦର୍ଶନରେ ଆସିବେ। ତେବେ ଏହା ପାଖରେ ଶ୍ମଶାନ ରହିଲେ, ଏହାର ଗାରିମା ନଷ୍ଟ ହେବ। ଗଡଦ୍ୱାରର କେତେଜଣ ବାସିନ୍ଦା ୩୦ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗାକୁ ବେଆଇନ ଭାବେ ଅକ୍ତିଆରରେ ରଖିଛନ୍ତି। ଅନ୍ୟପଟେ ଗଡଦ୍ୱାରର ଏହି ବାସିନ୍ଦା ଗଡଖୋର୍ଦ୍ଧା ଗ୍ରାମର ସରକାରୀ ଜାଗାକୁ ଶ୍ମଶାନ ଭାବେ ବ୍ୟବହାର କରୁଛନ୍ତି। ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଚିହ୍ନଟ ହୋଇଥିବା ପ୍ଲଟ ନିକଟରେ ଶ୍ମଶାନକୁ ପ୍ରଶ୍ରୟ ଦିଆଯିବ ନାହିଁ। ସେମାନେ ଦୀର୍ଘ ଦିନ ଅକ୍ତିଆରରେ ରଖିଥିବା ସରକାର ଜମିକୁ ଉଚ୍ଛେଦ କରାଯାଇ ସେଠାରେ ଶ୍ମଶାନ କରାଯାଉ। ଏଥିସହିତ ଗଡଦ୍ୱାର ନିକଟରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ପାଚେରି ନିର୍ମାଣ କରିଛନ୍ତି। ଉଚ୍ଛେଦ ଲାଗି ବାରମ୍ବାର ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ। ଏଥିପ୍ରତି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସ୍ଥାନୀୟ କାଉନସିଲର ପ୍ରଶାନ୍ତ ସେଠୀ, ହେମନ୍ତ, ପାତ୍ର, ରଞ୍ଜିତ ସ୍ୱାଇଁ, ସୁନିଲ ପ୍ରଧାନ, ବିପ୍ରକେତନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

### ସାଇଡ୍‌ମରାକୁ କେନ୍ଦ୍ରକରି ବସ୍ ଚାଳକଙ୍କୁ ମାଡ଼

**ନିରାକାରପୁର,୭।୭ (ଡି.ଏନ୍.ଏ.)**

ନିରାକାରପୁର ଥାନା ଅଞ୍ଚଳରେ ସାଇଡ୍‌ମରାକୁ କେନ୍ଦ୍ରକରି ଜଣେ ବସ୍ ଚାଳକଙ୍କୁ ମାଡ଼ ହୋଇଛି। ସେ ହେଲେ ତପନ ସ୍ୱାଇଁ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉମା ମହେଶ୍ୱର ନାମକ ଏକ ଘରୋଇ ବସ ନିରାକାରପୁର ଅଞ୍ଚଳରୁ ବରଯାତ୍ରୀଙ୍କୁ ନେଇ ମା'ଉଗ୍ରତାରାଙ୍କ ପୀଠକୁ ଯାଇଥିଲା। ପରବର୍ତ୍ତୀ ସମୟରେ ବସଟି ବରଯାତ୍ରୀଙ୍କୁ ନେଇ ନିରାକାରପୁର ଫେରୁଥିବା ବେଳେ ଉଗ୍ରତାରା ଛକ ଠାରେ ଏକ ଅଟୋକୁ ସାଇଡ ମାରିଥିଲା। ଏହାକୁ କେନ୍ଦ୍ରକରି ଅଟୋରେ ଥିବା କେତେଜଣ ବ୍ୟକ୍ତିଙ୍କ ସହିତ ବସ ଚାଳକଙ୍କ ବଚସା ହୋଇଥିଲା। ତେବେ ବସଟି ସେଠାରୁ ପଳାଇଆସି ବରଯାତ୍ରୀଙ୍କୁ ଛାଡି ପୁଣି ଫେରୁଥିବା ବେଳେ ପଦ୍ମପୁର ଗ୍ରାମ ନିକଟରେ ଉକ୍ତ ଅଟୋର କେତେଜଣ ବ୍ୟକ୍ତି ବସ୍ ଚାଳକଙ୍କୁ ମାଡ଼ ମାରିଥିଲେ। ଖବରପାଇ ନିରାକାରପୁର ପୋଲିସ ପହଞ୍ଚି ବସକୁ ଜବତ କରି ଥାନାକୁ ଆଣିଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ଧାରଣା

**ସ୍କୁଲ ଗେଟ୍‌ରେ ତାଲା ପକାଇଲେ**

**ଯାଁଳା,୭।୭ (ଡି.ଏନ୍.ଏ.)**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ଅନ୍ତର୍ଗତ ରାଧାଚରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ କରି ଗୁରୁବାର ଗ୍ରାମବାସୀ ଓ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଏଥିସହ କେତେଜଣ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ। ପରେ ଏବିଇଓ ପୂର୍ଣ୍ଣଚନ୍ଦ୍ର ବେହେରା ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ମୁତାବକ, ରାଧାରମଣପୁର ସରକାରୀ ଉ.ପ୍ରା. ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ମୋଟ୍ ୧୬୨ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୬ ଜଣ ଶିକ୍ଷକ ଅଛନ୍ତି। ୮ଟି ଶ୍ରେଣୀ ପାଇଁ ଗୋଟିଏ ଲେଖାଏ ଶ୍ରେଣୀରେ ଜଣେ ଶିକ୍ଷକ ରହିବା ଆବଶ୍ୟକତା ରହିଛି। ତେବେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଜଣେ ଶିକ୍ଷକ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏହି ସମୟରେ ଶିକ୍ଷୟିତ୍ରୀ ସ୍ୱାଗତିକା ଭୋଇଙ୍କୁ ଅରିଶଳ ବିଦ୍ୟାଳୟକୁ ବଦଳି କରାଯାଇଛି। ରାଧାରମଣପୁର ବିଦ୍ୟାଳୟର ଶ୍ରେଣୀ ସଂଖ୍ୟା ଦୃଷ୍ଟିରୁ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଗଲେ ଆଉ ୫ଜଣ ଶିକ୍ଷକ ରହିବେ। ତେଣୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ନାୟକ କହିଛନ୍ତି। ଏହି ଧାରଣାରେ ଫକିର ବାରିକ, ମାନସ ବେହେରା, ପ୍ରତାପ କୁମାର ମାଝିଙ୍କ ସମେତ ଅଭିଭାବକମାନେ ସାମିଲ ଥିଲେ।



### ମହିଳାଙ୍କ ମୃତଦେହ ଜବତ

**ବାରଙ୍ଗ,୭।୭(ଡି.ଏନ୍.ଏ.)**

ଜଣେ ମହିଳାଙ୍କ ମୃତଦେହ ତାଙ୍କ ଶାଶୁଘରୁ ଜବତ ହୋଇଛି। ତେବେ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟା ରୂପ ଦେଇଥିବା ମହିଳାଙ୍କ ଭାଇ ସନାତନ ବେହେରା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ମୃତ ମହିଳା ହେଲେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ଡଲି(୨୮)। ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଦେଇଛି। ଏହି ଘଟଣାରେ କାହାରିକୁ ଗିରଫ କିମ୍ବା ଅଟକ ରଖାଯାଇ ନ ଥିବାରୁ ମହିଳାଙ୍କ ପରିବାର ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୋଗ ମୁତାବକ, ଡଲି ୪ ବର୍ଷ ତଳେ ଚନ୍ଦକାଥାନା ଅନ୍ତର୍ଗତ ଭୋଳା ଗ୍ରାମର ମନୋଜ ନାୟକଙ୍କୁ ପ୍ରେମ ବିବାହ କରିଥିଲେ। ବାହାଘରର କିଛିଦିନ ପରେ ଶାଶୁଘର ଲୋକେ ଡଲିଙ୍କୁ ଶାରିରୀକ ନିର୍ଯ୍ୟାତନା ଦେବା ସହ ମାରଧର କରୁଥିଲେ। ଫଳରେ ଶାଶୁଘର ଲୋକଙ୍କ ଅତ୍ୟାଚାର ସହି ନ ପାରି ଡଲି ବାପଘରକୁ ପଳାଇ ଆସିଥିଲେ। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଶାଶୁଘର ଲୋକେ ତାଙ୍କୁ ଘରକୁ ନେଇ ନ ଥିଲେ। ଏହି ଚିନ୍ତାରେ ଡଲିଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ୭ ମାସ ହେବ ଝିଅ ଚିନ୍ତାରେ ମା'ଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ୧୫ ଦିନ ପୂର୍ବେ ଶାଶୁଘର ଲୋକେ ଡଲିଙ୍କୁ ବୁଝାଶୁଝା କରି ଘରକୁ ନେଇଯାଇଥିଲେ।

## 'ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାରାରୋପଣ କର'




**ଖୋର୍ଦ୍ଧା ଅଫିସ,୭।୭**

ପରିବେଶ ସନ୍ତୁଳନ ଲାଗି ଚାରାରୋପଣ ନିତାନ୍ତ ଆବଶ୍ୟକ। ଗୁରୁବାର ଖୋର୍ଦ୍ଧା ସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ ଏବଂ ବିବେକାନନ୍ଦ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ଅବସରରେ ସ୍କୁଲ ପରିସରରେ ବୃକ୍ଷ ହିଁ ଜୀବନ ଶୀର୍ଷକ ଆଲୋଚନାଚକ୍ର ଓ ମହାପ୍ରଭୁଙ୍କ ଲାଗି ଚାରାଟିଏ ଅଭିଯାନରେ ବକ୍ତାମାନେ ଏହା କହିଛନ୍ତି। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ କହିଥିଲେ, ପରିବେଶ ସୁରକ୍ଷା ଦିଗରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ପାଠପଢ଼ା ସହ ଚାରାଟିଏ ରୋପଣ କରି ତାର ଯତ୍ନନେବା ଲାଗି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଲାଗି ପ୍ରତିବର୍ଷ ତିନି ରଥ ନିର୍ମାଣ ହୋଇଥାଏ। ତେବେ ରଥ ନିର୍ମାଣ ପାଇଁ କାଠର ଅଭାବ ଦେଖାଦେଉଛି। ତେଣୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ୟକ୍ତି ବାରି, ମଠ, ମନ୍ଦିର ଆଦି ସ୍ଥାନରେ ନିମ୍ବ ଚାରାରୋପଣ କରିବା ସହ ଯତ୍ନ ନେବା ଆବଶ୍ୟକ। ଫଳରେ ରଥ କାର୍ଯ୍ୟରେ ସହାୟକ ହୋଇପାରିବ। ସଭାପତିତ୍ୱ ଭାଷଣରେ ସାମନ୍ତରାୟ କହିଥିଲେ, ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ବଡ ଚାଲେଞ୍ଜ। ଚାରାରୋଣ ହିଁ ଏହାକୁ ନିୟନ୍ତ୍ରଣ କରିପାରିବ। ସେହିପରି ଅନୁଷ୍ଠାନ ସଭାପତି ରଞ୍ଜିତ କେଏନ ସାମନ୍ତରାୟ କହିଥିଲେ, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ପରିବେଶ ପାଇଁ କ୍ଷତିକାରକ। ଏଥିରୁ ନିବୃତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଚାରା ରୋପଣ କରାଯାଇଥିଲା। ପରିବେଶ ସଚେତନତା ଲାଗି ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା ଆୟୋଜନ କରାଯିବ। ଆଲୋଚନାଚକ୍ରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ତୁଷାରକାନ୍ତି ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ବର୍ଣ୍ଣାଳି ମାଝି, ସୁମିତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରକ୍ ପଛକୁ ପିଟିଲା ଟ୍ରକ୍, ଚାଳକ ଗୁରୁତର

**ନିରାକାରପୁର,୭।୭(ଡି.ଏନ୍.ଏ.)**

ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ମୋଟା ଛକରେ ଦୁର୍ଘଟଣା ପରେ ରହିଥିବା ଏକ ଟ୍ରକ୍ ପଛକୁ ଗୁରୁବାର ଅନ୍ୟ ଏକ ଧକ୍କା ଦେବା ଫଳରେ ଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ଚାଳକଙ୍କ ପରିଚୟ ମିଳିପରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ମୋଟା ଛକରେ ବୁଧବାର ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଅନ୍ୟ ଏକ ଟ୍ରକ୍ ପଳାଇଥିବା ବେଳେ ଆଉ ଏକ ଟ୍ରକ୍ ରାସ୍ତା ଉପରେ ରହିଥିଲା। ଫଳରେ ରାସ୍ତାରେ ରହିଥିବା ଏହି ଟ୍ରକ୍‌ର ପଛକୁ ଗୁରୁବାର ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଥିଲା।

## ପରିବେଶ ସୁରକ୍ଷା ଲାଗି ଆହ୍ୱାନ

**ଖୋର୍ଦ୍ଧା ଅଫିସ, ୭।୭**

ଖୋର୍ଦ୍ଧାର ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ପରିସରରେ ଏନ୍‌ସିସି କ୍ୟାଡେଟ୍ ଏବଂ ଇକୋ କ୍ଲବର ମିଳିତ ଆନୁକୂଲ୍ୟରେ ଚାରାରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀ ଚାରାରୋପଣ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏନ୍‌ସିସି କ୍ୟାଡେଟମାନେ ସାଇକଲ ରାଲିରେ ବାହାରି ସଚେତନତା ବାର୍ତ୍ତା ଦେଇଥିଲେ। ଏନ୍‌ସିସି ଅଫିସର ବିଭୁପ୍ରସାଦ ସେନାପତି, ଶିକ୍ଷକ ଅଞ୍ଜନ କୁମାର ରାୟ, ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି, ସଲିଳା ଛୋଟରାୟ, ପୁଷ୍ପଲତା ପ୍ରଧାନ, ନିବେଦିତା ଛୁଆଳସିଂ, ଚିନ୍ମୟ ମାର୍ଥା, ଜଗନ୍ନାଥ ରାଉତଙ୍କ ସମେତ ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ମାନେ ଅଂଶଗ୍ରହଣ କରିଥିଲେ।

ସେହିପରି ହଳଦିପଦା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ସୁଧାକର ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବର୍ଷାଋତୁରେ ସମସ୍ତେ ଗୋଟିଏ ଚାରାରୋପଣ କରିବା ଲାଗି ଅତିଥିମାନେ ଆହ୍ୱାନ କରିଥିଲେ। ମହିଳା ମହାବିଦ୍ୟାଳୟ ପରିସରରେ ଆସମା ଅନୁଷ୍ଠାନ ଆନୁକୂଲ୍ୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡାୟାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। କଲେଜ ଅଧ୍ୟକ୍ଷା ଡ.ବିଜୟାଲକ୍ଷ୍ମୀ ଦାସ, ଅଧ୍ୟାପିକା କବିତା ସ୍ୱାଇଁ, ସାଧନା ପ୍ରଧାନ, ବିଜୟଲକ୍ଷ୍ମୀ ମିଶ୍ରଙ୍କ ସମେତ ଆସମାର ମୁଖ୍ୟ ପରିଚାଳକ ଦେବାଶିଷ ମହାନ୍ତି, ସଂଗ୍ରାମ, ପ୍ରଭା, ଶୁଭଲକ୍ଷ୍ମୀ, ପ୍ରୀତି ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

**କ୍ରିକେଟ ବିଗ୍ ହିଟ୍ସର ଚତୁର୍ଥ ଜୋନ ଟୁର୍ନାମେଣ୍ଟ**

## ଟିମ୍ ଆଇଆରସି ବିଜୟୀ

**ଯାଁଳା,୭।୭ (ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ ଖେଳପଡିଆରେ ଚାଲିଥିବା କ୍ରିକେଟ ବିଗ ହିଟ୍ସ ଟୁର୍ନାମେଣ୍ଟର ଚତୁର୍ଥ ଜୋନ ମ୍ୟାଚ୍ ଶେଷ ହୋଇଛି। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଟାଇଟଲ କ୍ଲବ ଜଟଣୀ ସହିତ ଅଲଷ୍ଟାର ୧୧ ରଣପୁର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟାଇଟଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୩୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଅଲଷ୍ଟାର-୧୧ ଟିମ୍ ୯ ଓଭରରେ ୪ ଉଇକେଟ ବିନିମୟରେ ୧୧୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଚାର୍ଜ-୧୧ କଟକ ସହିତ ଟିମ୍ ଆଇଆରସି ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଚାର୍ଜ-୧୧ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୧୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଟିମ୍ ଆଇଆରସି ୮ ଉଇକେଟ ବିନିମୟରେ ୬.୩ ଓଭରରେ ୧୧୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

ସେମିଫାଇନାଲ ମ୍ୟାଚରେ ଟାଇଟଲ କ୍ଲବ ଜଟଣୀ ସହିତ ୧୧-ଷ୍ଟାର ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇଟଲ କ୍ଲବ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮ ଉଇକେଟ ବିନିମୟରେ ୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୧-ଷ୍ଟାର ଟିମ୍ ୭ ଓଭରରେ ୮୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପରେ ବ୍ଲୁ ଷ୍ଟାର ଯାଁଳା ଓ ଟିମ୍ ଆଇଆରସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବ୍ଲୁଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୭ ଉଇକେଟ ବିନିମୟରେ ୯୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଟିମ୍ ଆଇଆରସି ୮ ଓଭରରେ ୪ ଉଇକେଟ ହରାଇ ୯୪ ରନ୍ ସଂଗ୍ରହ କରି ଚତୁର୍ଥ ଜୋନ ଖେଳର ଫାଇନାଲକୁ ପ୍ରବେଶ କଲେ। ଚତୁର୍ଥ ଜୋନ ଫାଇନାଲ ଖେଳରେ ଟାଇଟଲ କ୍ଲବ ଜଟଣୀ ସହିତ ଟିମ ଆଇଆରସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇଟଲ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଟିମ୍ ଆଇଆରସି ୯ ଓଭର ୫ ବଲ ଖେଳି ୭ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥିଭାବେ ଶିବ ନାରାୟଣ ପଟ୍ଟନାୟକ ଯୋଗଦେଇ ରନସ୍ ଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନିଲ ମହାପାତ୍ର ଓ ସିଏସ୍ କାନୁନଗୋ ମ୍ୟାଚ୍ ପରିଚାଳନା କରିଥିଲେ। କ୍ରିକେଟ ବିଗ୍ ହିଟ୍ସର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।



**ଖୋର୍ଦ୍ଧା:** ଆସୋସିଏଶନ ଫର୍ ସୋସିଆଲ ମ୍ୟାନେଜମେଣ୍ଟ ପକ୍ଷରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମ।



ବିଜେବି ହାଇସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି।


**ନିରାକାରପୁର:** ଲେଣ୍ଡୋସ୍ଥିତ ରେଙ୍ଗଟା ବିଦ୍ୟାଳୟ ପରିସରରେ ଗୁରୁବାର ଚାରାରୋପଣ କରାଯାଉଛି।

## ସଂକ୍ଷେପରେ

### ଉତ୍କଳମଣି ଗୋପବନ୍ଧୁ ଭାରତର ପରିଚୟ

ପୁରୀ ଅଫିସ, ୭/୭ :ସମତା ସାହିତ୍ୟ ସମିତି ଆନୁକୂଲ୍ୟରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ୯୪ତମ ପୁଣ୍ୟତିଥି ଅବସରରେ ସେବା ଓ ସେବକ ସପ୍ତାହ ଉଦ୍‌ଯାପନୀ ଦିବସରେ ଏକ ଆଲୋଚନାଚକ୍ର ପୂର୍ଣ୍ଣବ୍ରହ୍ମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମିଶ୍ର, ଲେଖକ ସଦାଶିବ ମିଶ୍ର, ଭାଗୀରଥି ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଉତ୍କଳମଣିଙ୍କ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରି କହିଥିଲେ, ସେ କେବଳ ଉତ୍କଳମଣି ନୁହନ୍ତି ଭାରତର ପରିଚୟ। ସେ ପ୍ରତ୍ୟେକ ଉତ୍କଳୀୟର ହୃଦୟମଣି ଥିଲେ। ସେ ସେବା ଓ ପ୍ରେରଣା କାଳଜୟୀ। ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ଉଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିରେ କବି ଯୋଗେଶ୍ୱର ପ୍ରହରାଜ, ହେମାଙ୍ଗିନୀ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ସମିତି ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ସତ୍ୟବାଦୀରେ ହେବ ଜେଏମ୍‌ଏଫ୍‌ସି, ଅତିରିକ୍ତ ସିଭିଲ୍ ଜଜ୍ କୋର୍ଟ

ସାକ୍ଷୀଗୋପାଳ,୭/୭(ସ୍ୱ.ପ୍ର): ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ସତ୍ୟବାଦୀରେ ଜେଏମ୍‌ଏଫ୍‌ସି ଓ ଅତିରିକ୍ତ ସିଭିଲ୍ ଜଜ୍ କୋର୍ଟ ଖୋଲିବା ନିମନ୍ତେ ଚଳିତ ମାସ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ସତ୍ୟବାଦୀର ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ସତ୍ୟବାଦୀରେ ଏହି ନ୍ୟାୟାଳୟ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଉକ୍ତ ବିଭାଗର ଚିଠି ନମ୍ବର- ୭୫୦୨ରେ ଉଲ୍ଲେଖ ରହିଛି। ଏହି କୋର୍ଟ ସତ୍ୟବାଦୀରେ ଖୋଲିବା ଦ୍ୱାରା ସାଧାରଣ ଲୋକଙ୍କ ଆଇନକାନୁନ ପାଇବାରେ ଅଧିକ ସମୟ ନଷ୍ଟ ନ ହେବା ସହ ପଇସା ମଧ୍ୟ ଅଧିକ ଖର୍ଚ୍ଚାନ୍ତରୁ ବଞ୍ଚିବା ସହ ତ୍ୱରିତ ନ୍ୟାୟ ପାଇବେ। ରାଜ୍ୟରେ ସମୁଦାୟ ୩୮ଟି କୋର୍ଟ ପ୍ରତିଷ୍ଠା କରାଯିବ।

### ଦୟାନିଧି ସଙ୍ଗୀତସୁଧାର ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ

ପୁରୀ ଅଫିସ,୭/୭- ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଅବସରରେ ପୁରୀ ବଡ଼ଶଙ୍ଖ ସନ୍ନିକଟ ସୂଚନା ଓ ଲୋକସମ୍ପର୍କ ବିଭାଗ ସାଂସ୍କୃତିକ ମଞ୍ଚରେ ଗୁରୁବାର ସନ୍ଧ୍ୟାରେ ସଙ୍ଗୀତ ଅନୁଷ୍ଠାନ ଦୟାନିଧି ସଙ୍ଗୀତସୁଧା ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ସଂପ୍ରୀତା ପାତ୍ର, ଆଦ୍ୟାଶା ଦାସ, ଶୁଭଶ୍ରୀ ପ୍ରଧାନ, ଟ୍ୱିଙ୍କିଲ ପାତ୍ର, ପ୍ରୀତମ ବରାଡ, ମେଘନା ଶତପଥୀ ଏବଂ ଚିନ୍ମୟୀ ଗଜେନ୍ଦ୍ର ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ବାଦ୍ୟଯନ୍ତ୍ରରେ ଶାରଦା ପ୍ରସନ୍ନ ମିଶ୍ର, ଭବେଶ ବରାଳ, ଜଗନ୍ନାଥ ମିଶ୍ର ଏବଂ ମନୋଜ ସହଯୋଗ କରିଥିଲେ।

# ଘରେ ଘରେ ଜ୍ୱର: କରୋନା ଆଶଙ୍କା

ପୁରୀ ଅଫିସ,୭/୭:

ରାଜ୍ୟରେ କରୋନା ସଂକ୍ରମଣ ପୁଣି ବଢ଼ୁଛି। ପୁରୀ ଜିଲାରେ ମଧ୍ୟ ଧୀରେ ଧୀରେ ସଂକ୍ରମଣ ବ୍ୟାପିଲାଣି। ସମ୍ପ୍ରତି ଘରେ ଘରେ ଲୋକେ ଜ୍ୱରରେ ପୀଡ଼ିତ ହେଉଛନ୍ତି। ଏଥିଯୋଗୁ ସାଧାରଣରେ କରୋନାକୁ ନେଇ ପୁଣି ଭୟ ପ୍ରକାଶ ପାଇଛି। ଅଧିକାଂଶ ଲୋକ ଟେଷ୍ଟିଂ କରୁ ନ ଥିବାରୁ ସରକାରୀ ଖାତାରେ ସଂକ୍ରମଣର ଗ୍ରାଫ୍ ବିଶେଷ ବଢୁନାହିଁ। ତେବେ ବର୍ତ୍ତମାନ ରଥଯାତ୍ରା ସମୟରେ ରାଜ୍ୟ ତଥା ଦେଶ ବାହାରୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନ କରୋନା ସଂକ୍ରମଣର ଆଶଙ୍କାକୁ ଦ୍ୱିଗୁଣିତ କରୁଛି।

ଜିଲାରେ ଏବେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୩୨। ତନ୍ମଧ୍ୟରେ ପୁରୀ ସହରର

**ଟେଷ୍ଟିଂ ଉପରେ ଗୁରୁତ୍ୱ ଦେଉନି ପ୍ରଶାସନ**

୧୧ଜଣ ରହିଛନ୍ତି। ଜିଲାରେ ଟେଷ୍ଟିଂ ସଂଖ୍ୟା ଆଖିଦୃଶିଆ ହେଉନି। ପ୍ରଶାସନ ରଥଯାତ୍ରାରେ ମାସ୍କ ବାଧ୍ୟତାମୂଳକ କରିଥିଲେ ମଧ୍ୟ ଏହାକୁ ସମସ୍ତେ ଅଣଦେଖା କରିଥିଲେ। କରୋନା ସଂକ୍ରମଣର ଲକ୍ଷଣ ଥିବା ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପାରାସିଟାମଲ୍ ଭଳି ଔଷଧ ଦେଇ ଛାଡ଼ି ଦିଆଯାଉଛି। ଲକ୍ଷଣ ଦେଖାଗଲେ ରୋଗୀଙ୍କ କୋଭିଡ୍ ଟେଷ୍ଟ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା ଥିଲେ ମଧ୍ୟ ଏହାକୁ ପାଳନ କରାଯାଉ ନାହିଁ। ପୁରୀ ସହରର ଜଣେ ଔଷଧ ଦୋକାନୀ ନାମ ଗୋପନ ରଖି କହିଛନ୍ତି, ସପ୍ତାହେ ହେବ ଜ୍ୱର ଓ ତଣ୍ଟି ଦରଜ ଭଳି ସମସ୍ୟା ପାଇଁ ଔଷଧ ନେଉଥିବା ଲୋକଙ୍କ ସଂଖ୍ୟା ବହୁତ ବଢ଼ିଛି। ଲୋକେ ଆଜିଥ୍ରୋମାଇସିନ୍ ଓ ଡୋଲୋ ଟାବଲେଟ୍ ନେଉଛନ୍ତି। ବିନା ପ୍ରେସ୍‌କ୍ରିପ୍‌ଶନ୍‌ରେ ମେଡିସିନ୍ ନେଉଛନ୍ତି। ସଂକ୍ରମଣର ଲକ୍ଷଣ ଲୋକଙ୍କ ମଧ୍ୟରେ ଦେଖାଦେଉଛି ଏଥିରେ ସନ୍ଦେହ ନାହିଁ। ମାତ୍ର ଟେଷ୍ଟିଂ ନ କରାଇବା ସବୁଠାରୁ ବଡ଼ ସମସ୍ୟା। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ବିଭାଗ ମାସ୍କ କଟକଣାକୁ ବାଧ୍ୟତାମୂଳକ କରିଥିଲେ ମଧ୍ୟ କେହି ମାନି ନ ଥିଲେ। ସେହିପରି ବୁଦ୍ଧିଜୀବୀ ଶ୍ରୀକାନ୍ତ ପରିଜା କହିଛନ୍ତି, ସରକାର ଟେଷ୍ଟିଂ ଉପରେ ଜୋର ଦେବା ଉଚିତ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର କହିଛନ୍ତି, ଟେଷ୍ଟିଂ ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମିଶାଇ ସହରରେ ତିନୋଟି କେନ୍ଦ୍ର ରହିଛି। ସେଠାରେ ଟେଷ୍ଟିଂ କରାଯାଉଛି। ଅନ୍ୟପକ୍ଷରେ ଯେଉଁମାନେ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେମାନଙ୍କୁ ସଙ୍ଗରୋଧରେ ରଖାଇବା ନେଇ ପ୍ରଶାସନିକ ଉଦ୍ୟମ ହେଉନାହିଁ। ଏପରିକି ସଂକ୍ରମିତମାନେ ସାଧାରଣରେ ବିଚରଣ କରୁଛନ୍ତି। ଡାକ୍ତର ଆଶୁତୋଷ ବରାଳ କହିଛନ୍ତି, ସଂକ୍ରମଣର ମାତ୍ରା ଏବେ ବଢ଼ି ନ ଥିବାରୁ କାହାରି ଗୁରୁତ୍ୱ ରହୁନାହିଁ। ମାତ୍ର ସଙ୍ଗରୋଧକୁ କଡ଼ାକଡ଼ି ନ କରି ହାଲୁକା ମନୋଭାବ ପୋଷଣ କଲେ ଆଗାମୀ ଦିନରେ ସଂକ୍ରମଣକୁ କାବୁ କରିବା କଷ୍ଟକର ହେବ।


ପଲ୍ଲିଶ୍ରୀ ମେଳାରେ ଜିଲା ଲେଖକ ସହଯୋଗ ସମିତି ପକ୍ଷରୁ ଗୁରୁବାର ଅନୁଷ୍ଠିତ ଏକ କବିତା ଆସର ଅବସରରେ ଉପସ୍ଥିତ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କଲେ ଦୁଇ ମନ୍ତ୍ରୀ


ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଦୁଇ ମନ୍ତ୍ରୀ ଓ ଅନ୍ୟ ଅତିଥି ।

ଅସ୍ତରଙ୍ଗ,୭/୭(ଡି.ଏନ୍.ଏ.):

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ସରିପୁରଠାରେ ଗୁରୁବାର ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ ଦୁଇ ମନ୍ତ୍ରୀଙ୍କ ଦ୍ୱାରା ଶେଷ ହୋଇଛି। ଆୟୋଜିତ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତ୍‌ସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ, ସରପଞ୍ଚ ଓ ସମିତି ସଭ୍ୟା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଥିବା ୨ ମନ୍ତ୍ରୀ କହିଥିଲେ। ଉକ୍ତ ଆଦର୍ଶ ବିଦ୍ୟାଳୟ ୨ ମାସ ହେଲା ବ୍ଲକ ଅଧୀନ ସୁରେନ୍ଦ୍ର ନାଥ ବିଦ୍ୟାପୀଠଠାରେ ୮୪ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଅସ୍ଥାୟୀ ଭାବେ ଚାଲୁଛି। ତେବେ ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ କରାଯିବା ନେଇ ମନ୍ତ୍ରୀ ଦାଶ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଏଥିସହ ଡିସେମ୍ବର ୨୪ ମଧ୍ୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ଶେଷ କରାଯିବ। ଯୁଦ୍ଧକାଳୀନ ଭିତ୍ତିରେ ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦାୟିତ୍ୱ ନେଇଥିବାବେଳେ ଏହାର ପ୍ରାରମ୍ଭିକ ବ୍ୟୟ ଅଟକଳ ୭ କୋଟି ୭୩ ଲକ୍ଷ ୫ ହଜାର ଟଙ୍କା ରହିଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ କେ. କୁମାର ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ଦଣ୍ଡପତି, ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ମଲ୍ଲିକ, ଶ୍ରୀକାନ୍ତ ସାହୁ ଏବଂ ପୂର୍ତ୍ତ ବିଭାଗ କର୍ମଚାରୀ ପ୍ରଭାକର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ତାଲିମ ଶିବିର ଉଦ୍‌ଯାପିତ

କଣାସ,୭/୭(ସ୍ୱ.ପ୍ର.):

କଣାସ ବ୍ଲକର ସମସ୍ତ ସାଧନକେନ୍ଦ୍ର ସଂଯୋଜକ ଓ ପୁରୀ ଜିଲାର ସିଆର୍‌ସିସିମାନଙ୍କୁ ନେଇ ଏକ ତାଲିମ ଶିବିର ଗୁରୁବାର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ଧରି ଚାଲିଥିବା ଏହି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ତାଲିମ ଶିବିରରେ ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ସନ୍ତୋଷ ପରିଡ଼ା, ରାମକୃଷ୍ଣ ଦାସ, ଡ. ସୁଜାତା ଦୋରା, ଜସ୍ମିନ ପଟ୍ଟନାୟକ, ରାଜଶ୍ରୀ ମିଶ୍ର, ପ୍ରଭାତିମଞ୍ଜରୀ ଷଡ଼ଙ୍ଗୀ, ଦେବସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ୧ମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନେ ଭାଷା ଓ ଗଣିତରେ ସର୍ବନିମ୍ନ ଦକ୍ଷତା ହାସଲ କରିବାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରାର୍ଥୀ ଓ ପ୍ରଶିକ୍ଷିକା ପ୍ରଶିକ୍ଷକମାନଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଆଲୋଚନା ଉଚ୍ଚକୋଟୀର ହୋଇଥିଲା। ଏହି ଉଦ୍‌ଯାପନୀ ସଭାରେ ପ୍ରଶିକ୍ଷକମାନଙ୍କର ପ୍ରଶିକ୍ଷଣରେ ଉତ୍କୃଷ୍ଟତା ଶିବିରାର୍ଥୀମାନଙ୍କ ପାଇଁ ଭାବସ୍ପର୍ଶୀ ହୋଇପାରିଥିବ ବୋଲି ସଭାପତି ମହାପାତ୍ର, ସାଧନକେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ବୈକୁଣ୍ଠନାଥ କୋଦମାସିଂ, ସିଆର୍‌ସିସି ଆଲୋକ ମିଶ୍ର ପ୍ରକାଶ କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ରାମକୃଷ୍ଣ ଉଦ୍‌ଯାପନୀ ଉତ୍ସବରେ ଧନ୍ୟବାଦ ଦେଇଥିବାବେଳେ କର୍ମଶିବିର ପ୍ରଶିକ୍ଷିକା ଜସ୍ମିନ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।


ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଯୋଗ ଦେଇଥିବା ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀ ।

### ମେଧାବୀଙ୍କୁ ଅଭିନନ୍ଦନ ଉତ୍ସବ

ପୁରୀ ଅଫିସ,୭/୭

ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କର ମେଧାବୀ ଅଭିନନ୍ଦନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ମାଧବଚନ୍ଦ୍ର ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ୧୧ଜଣ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁଶ୍ରୀ ଆଦ୍ୟାଶା ଦାଶ, ଆକାଂକ୍ଷା ଦାସ, ଲକ୍ଷ୍ମୀପ୍ରିୟା ସାହୁ, ଶ୍ରୀୟା ସୁଆର, ପ୍ରୀତିଲିପ୍ସା ପାତ୍ର, ତୁଳସୀ ରାଉତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି, ଶାଳଗ୍ରାମ ରୁଦ୍ର ନାରାୟଣ ପ୍ରତିହାରୀ, ଆଶିଷ ପୃଷ୍ଟି, ଅସିତ୍ କୁମାର ସାହୁ, ଓଁକାର ପତି ସଫଳତା ହାସଲ କରିଛନ୍ତି ।

### ମାଟ୍ରିକ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ

ପିପିଲି, ୭/୭(ଡି.ଏନ୍.ଏ.)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପିପିଲି ବ୍ଲକରେ ୯୦% ପାସହାର ରହିଛି। ଏଥିରେ ପିପିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଏ-୧ଗ୍ରେଡ୍‌ରେ ୩୩ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ-୨ରେ ୪୮ଜଣ, ବି-୧ରେ ୪୩ ଓ ବି-୨ରେ ୧୩ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାମନ୍ଦିର ପରିସରରେ ଶୁଭେଚ୍ଛା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିକ୍ରମ କେଶରୀ ସିଂହ ସଭାପତିତ୍ୱରେ କମିଟିର ସମ୍ପାଦକ ରମାକାନ୍ତ ସାହୁ, କୋଷାଧ୍ୟକ୍ଷ ରାକେଶ ମହାପାତ୍ର ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନଡ଼ିଆ

ପୁରୀ ଅଫିସ,୭/୭

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ଜଣାଇ ଭକ୍ତ ନେଇ ଆସିଛି ନଡ଼ିଆ। ଯେପରି ଭକ୍ତ ଦାସିଆ ମହାପ୍ରଭୁଙ୍କୁ ନଡ଼ିଆଟିଏ ଦେଇ ପ୍ରଭୁକୃପା ଲାଭ କରିଥିଲା ସେହିପରି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ଆଶା ନେଇ କାହିଁ କେତେ ଦୂରରୁ ସ୍ମାର୍ଟସିଟି ଅନଲାଇନ ଅଟୋ ଗ୍ରୁପ ପକ୍ଷରୁ ଭକ୍ତମାନଙ୍କଠାରୁ ନଡ଼ିଆ ସଂଗ୍ରହ କରାଯାଇ ମହାପ୍ରଭୁଙ୍କ ପାଇଁ ଗୁରୁବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅଟୋ ଚାଳକମାନଙ୍କଠାରୁ ନଡ଼ିଆ, ଧୂପକାଠି ସଂଗ୍ରହ କରି ଗ୍ରୁପ୍ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତଗତ କରାଯାଇଛି। ଅଟୋ ଚାଳକଙ୍କ ଏଭଳି ସ୍ୱତନ୍ତ୍ର ପ୍ରୟାସକୁ ସମସ୍ତ ମହଲରେ ସ୍ୱାଗତ କରାଯାଇଛି। ଗ୍ରୁପ୍ ପକ୍ଷରୁ ପାଖାପାଖି ୫ ହଜାର ନଡ଼ିଆ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଇଥିବା ଅଟୋ ଗ୍ରୁପ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗ୍ରୁପ୍‌ର ଅଧ୍ୟକ୍ଷ ଦୀନବନ୍ଧୁ ନାୟକଙ୍କ କହିବା ଅନୁଯାୟୀ, ଦୁଇ ବର୍ଷ ହେବ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରୁ ନଡ଼ିଆ ସଂଗ୍ରହ କରି ପ୍ରଦାନ କରୁଛୁ। ଏଥିପାଇଁ ଗୋଟିଏ ଅନଲାଇନ ଗ୍ରୁପ୍ ଗଠନ କରାଯାଇଛି। ସେଇ ଗ୍ରୁପ୍ ମାଧ୍ୟମରେ ବିଭିନ୍ନ ଲୋକ ଯୋଗାଯୋଗ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନଡ଼ିଆ ପଠାଉଛନ୍ତି। ନଡ଼ିଆ ଓ ଧୂପକାଠି ଧରି ମାର୍କେଟ ଛକଠାରୁ ଏକ ଶୋଭାଯାତ୍ରାରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନଡ଼ିଆଗୁଡ଼ିକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରୁପ୍‌କୁ ମହାପ୍ରଭୁଙ୍କ ସ୍ମାରକ ପ୍ରଦାନ କରାଯାଇଥିଲା। ଗ୍ରୁପ୍‌ର ସଭାପତି ଇତିଶ ପ୍ରଧାନ, ସମ୍ପାଦକ ବିଜୟ ସେନଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଶ୍ୱକୁ ଶାନ୍ତି, ସମୃଦ୍ଧି ପ୍ରଦାନ କରିଆସୁଛି ସନାତନ ଧର୍ମ

ଫୁଲନଖରା,୭/୭(ଡି.ଏନ୍.ଏ.)

ସନାତନ ଧର୍ମ ବିଶ୍ୱକୁ ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିଆସୁଛି। ଏହି ଧାରାରେ ଭାରତ ସୁସଂସ୍କୃତ, ପକ୍ଷପାତବିହୀନ, ଶୋଷଣମୁକ୍ତ ସମାଜ ଗଠନ ହୋଇଥିଲା। ତେଣୁ ଭାରତକୁ ବିଶ୍ୱଗୁରୁ ବୋଲି କୁହାଯାଏ। କିନ୍ତୁ ବର୍ତ୍ତମାନ ସ୍ଥିତିରେ ହିନ୍ଦୁ ଅବହେଳିତ ହୋଇ ସନାତନ ଧର୍ମଧାରାରୁ ବିଚ୍ୟୁତ ହୋଇଛି। ତେଣୁ ଭବ୍ୟ ଭାରତ ଗଠନ ପାଇଁ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆହ୍ୱାନ ଦେଇଛନ୍ତି। ଆଦିତ୍ୟବାହିନୀ ଓ ଆନନ୍ଦବାହିନୀ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଜରିପଡା ନିକଟସ୍ଥ ଡିଭାଇନ ପ୍ୟାଲେସ ପରିସରରେ ହିନ୍ଦୁରାଷ୍ଟ୍ର ସଂଗୋଷ୍ଠୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କ ବିଚାର ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଯୋଗଦେଇ ବିଜ୍ଞାନ, ରାଷ୍ଟ୍ର ଓ ଧର୍ମ ସମ୍ବନ୍ଧରେ ସୁବିଚାର ପ୍ରଦାନ କରିଥିଲେ। ସେହିପରି ବ୍ରହ୍ମଚାରୀ ହୃଷୀକେଶ ମହାରାଜା ଯୋଗଦେଇ ପରିବାରକୁ ଗୁରୁକୁଳ ଭଳି ଗଢ଼ି ତୋଳିବା ସହ ହିନ୍ଦୁରାଷ୍ଟ୍ର ଗଠନ ପାଇଁ ଆଧାତ୍ମିକ ବାତାବରଣ ସୃଷ୍ଟି କରିବାକୁ କହିଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଚକାପାଦ ଆଶ୍ରମର ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ, ବ୍ରହ୍ମଚାରୀ ମାନସ ଚୈତନ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ପୀଠର ପଣ୍ଡିତ ମାତୃପ୍ରସାଦ ମିଶ୍ର, ପୀଠ ପରିଷଦ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ରଥ, ମହାସଚିବ ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ସଚିବ ପ୍ରଭୁ ଚରଣ ମହାନ୍ତି, ହରି କିଶନ ଶର୍ମା, ଆଦିତ୍ୟବାହିନୀ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ମହାସଚିବ ଡ. ଶୁଭେନ୍ଦୁ ସ୍ୱାଇଁ, ଉଲ୍ଲାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଓ ଅନ୍ୟମାନେ ।

# ବିଭିନ୍ନ ସେବା ସମବାୟ ସମିତି ସଭାପତି ନିର୍ବାଚନ

କୋଣାର୍କ,୭/୭(ଡି.ଏନ୍.ଏ.)

**ବନାଖଣ୍ଡିରେ ଲିଙ୍ଗରାଜ, କୋଣାର୍କରେ ଅଜୟ, ଚିତ୍ରେଶ୍ୱରୀରେ ଲକ୍ଷ୍ମୀଧର ସମବାୟ ସମିତି ସଭାପତି**

କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ବନାଖଣ୍ଡି ସେବା ସମବାୟ ସମିତିର ସଭାପତି, କୋଣାର୍କ ସେବା ସମବାୟ ସମିତିର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଅବଦାନ ପଞ୍ଚାୟତର ଚିତ୍ରେଶ୍ୱରୀ ସେବା ସମବାୟ ସମିତିର ସଭାପତି ନିର୍ବାଚନରେ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ପରିଲକ୍ଷିତ ହୋଇଛି। ଖବରରୁ ପ୍ରକାଶ ଯେ, ବନାଖଣ୍ଡି ସେବା ସମବାୟ ସମିତିର ୧୫ଜଣ ବୋର୍ଡ ସଦସ୍ୟ ସହ କୃଷକ ନେତା ଲିଙ୍ଗରାଜ ନାୟକ ସଭାପତି ଭାବେ ଓ ଉପସଭାପତି ଭାବେ ନାରୀନେତ୍ରୀ ସୁଲୋଚନା ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଦାଶରଥି ସାହୁ ପ୍ରକାଶ କରିଛନ୍ତି। ସେହିପରି କୋଣାର୍କ ଏନ୍‌ଏସି ଅନ୍ତର୍ଗତ କୋଣାର୍କ ସେବା ସମବାୟ ସମିତିର ସଭାପତି ଭାବେ ଅଜୟ କୁମାର ବେହେରା ଦ୍ୱିତୀୟଥର ପାଇଁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ବେଳେ ୧୫ ବୋର୍ଡ ସଦସ୍ୟସଦସ୍ୟା ମଧ୍ୟରୁ ୧୩ଜଣ ବୋର୍ଡ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ଥାନା ଅଧୀନ ଅବଦାନ ପଞ୍ଚାୟତର ଚିତ୍ରେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ଅନୁଷ୍ଠିତ ସଭାପତି ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ଲକ୍ଷ୍ମୀଧର ବେହେରା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ବିଜୟ ପ୍ରାର୍ଥୀ ବେହେରା ୮ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଦଳର ପ୍ରାର୍ଥୀ ରଞ୍ଜନ କୁମାର ପଣ୍ଡା ୭ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ବାସୁଦେବ ବରାଳ ପ୍ରକାଶ କରିଛନ୍ତି।

### ମଙ୍ଗଳପୁର ସମବାୟ ସମିତି ସଭାପତି ମାଗୁଣି ପରିଡ଼ା

ପିପିଲି, ୭/୭(ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ସେବା ସମବାୟ ସମିତିରୁ ସଭାପତି ଭାବେ ମାଗୁଣି ଚରଣ ପରିଡା ବିଜୟୀ ହୋଇଛନ୍ତି। ଏହି ସମବାୟ ସମିତି ଅଧୀନରେ ୧୫ ଜୋନରୁ ୧୪ଜଣ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ। ସଭାପତି ପଦ ପାଇଁ ବେଣୁଧର ପରିଡା ଓ ମାଗୁଣି ଚରଣ ପରିଡା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମାଗୁଣିଙ୍କ ସପକ୍ଷରେ ୯ଖଣ୍ଡ ଭୋଟ ମିଳିଥିବା ବେଳେ ବେଣୁଧରଙ୍କୁ ୫ଖଣ୍ଡ ଭୋଟ ମିଳିଥିଲା। ଏନେଇ ମଙ୍ଗଳପୁର ସେବା ସମବାୟ ସମିତିର ନିର୍ବାଚନ ଅଧିକାରୀ ପ୍ରସନ୍ନ କୁମାର ନାୟକ ମାଗୁଣିଙ୍କ ନାମକୁ ସଭାପତି ପଦରେ ବିଜୟୀ ହୋଇଥିବା ଘୋଷଣା କରିଥିଲେ।

# ଏରବଙ୍ଗ ସମବାୟ ସମିତି ସଭାପତି ନରେଶ

ଗୋପ,୭/୭(ଡି.ଏନ୍.ଏ.)

ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ସେବା ସମବାୟ ସମିତି ସଭାପତି ନିର୍ବାଚନରେ ବରିଷ୍ଠ ଭାଜପା ନେତା ବାସୁଦେବ ସାହାଣୀଙ୍କୁ ହରାଇ ସଭାପତି ଭାବେ ନରେଶ ଚନ୍ଦ୍ର ପ୍ରଧାନ ବିଜୟୀ ହୋଇଛନ୍ତି। ପ୍ରକାଶ ଯେ ଏରବଙ୍ଗ ସେବା ସମବାୟ ସମିତି ନିର୍ବାଚନ ପାଇଁ ପ୍ରଥମରୁ ସମିତିର ସଭ୍ୟସଭ୍ୟା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିବା ବେଳେ ସଭାପତି ପଦ ଲାଗି ମଧ୍ୟ ଲଢ଼େଇ ଆରମ୍ଭ ହୋଇଥିଲା। ଗୁରୁବାର ଏହି ସେବା ସମବାୟ ସମିତି ସଭାପତି ପଦ ଲାଗି ଭୋଟ ଗ୍ରହଣ ହୋଇଥିବାବେଳେ ୧୫ ଜଣ ସଭ୍ୟ ସଭ୍ୟା ମଧ୍ୟରୁ ପରାଜିତ ପ୍ରାର୍ଥୀ ବାସୁଦେବ ସାହାଣୀଙ୍କୁ ୬ଖଣ୍ଡ ଭୋଟ ମିଳିଥିବା ବେଳେ ବିଜୟୀ ସଭାପତି ନରେଶ ଚନ୍ଦ୍ର ପ୍ରଧାନଙ୍କୁ ୯ ଖଣ୍ଡ ଭୋଟ ମିଳିଥିଲା। ସନ୍ଧ୍ୟାରେ ବିଜୟୀ ସଭାପତିଙ୍କ ଏକ ଶୋଭାଯାତ୍ରା ହୋଇଥିଲା। ବିଜୟୀ ସେବା ସମବାୟ ସମିତି ସଭାପତି ନରେଶ ଚନ୍ଦ୍ର ପ୍ରଧାନଙ୍କୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏରବଙ୍ଗ ସରପଞ୍ଚ ରଶିରେଖା ଦାସ, ସମିତି ସଭ୍ୟା ରଞ୍ଜୁଲତା ଭୋଇ, ଏରବଙ୍ଗର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ ଶୁଭେଚ୍ଛା ଜଣାଇଛନ୍ତି।

# ସର୍ବୋତ୍କୃଷ୍ଟ କମ୍ପ୍ୟୁଟର ଉପଯୋଗୀ ଭାଷା ସଂସ୍କୃତ

ପୁରୀ ଅଫିସ, ୭/୭



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ସ୍ଥାନୀୟ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ମହାବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ହୋତା କହିଥିଲେ, ୧୯୮୧ ଜୁଲାଇ ୭ ତାରିଖ ଦିନ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା। ଯାହା ସମଗ୍ର ଭାରତ ବର୍ଷରେ ତୃତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଯୋଗଦେଇଥିଲେ। ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ। ସେହିପରି ସଂସ୍କୃତ ଭାଷା ସର୍ବୋତ୍କୃଷ୍ଟ କମ୍ପ୍ୟୁଟର ଉପଯୋଗୀ ଭାଷା ଭାବରେ ସ୍ୱୀକୃତି ଲାଭ କରିଛି ବୋଲି ଅଭିହିତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାପୂଜା ଦେଶବିଦେଶରେ ବହୁ ସ୍ଥାନରେ କରାଯାଉଛି, ତେଣୁ ଏହା ଉପରେ ଅଧିକ ଅନୁସନ୍ଧାନ କରାଗଲେ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାରପ୍ରସାର ହୋଇପାରିବ ବୋଲି ମୁଖ୍ୟ ଅତିଥି ତ୍ରିପାଠୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତର ବିଶିଷ୍ଟ ଗବେଷକ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ମୁଖ୍ୟବକ୍ତା, ବିତ୍ତାଧିକାରୀ ଶ୍ୟାମ ହେମ୍ବ୍ରମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୪୧ ବର୍ଷ ଅତିକ୍ରମ କରିଥିବା ଏହି ଅନୁଷ୍ଠାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକ ବିଗତ ବର୍ଷର ବିବରଣୀ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ

**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

୧୭ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେହିପରି ବିଶ୍ୱବିଦ୍ୟାଳୟର ପ୍ରତିଭାଧାରୀ ୧୮ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱାମୀ ଚିଦାନନ୍ଦ ମେମୋରିଆଲ୍ ଛାତ୍ରବୃତ୍ତି ଓ ୨ଜଣଙ୍କୁ ବଂଶୀଧର ବସନ୍ତମଞ୍ଜରୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଶ୍ରୀବିହାର ଭାରତୀ ନାମକ ବାର୍ତ୍ତାପତ୍ର ସହିତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦ୍ୱାରା ଲିଖିତ କେତେକ ଗ୍ରନ୍ଥକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ଅଧ୍ୟାପକ ଡ. ଚନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ପୁରାତନ ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଡ.ପ୍ରିୟବ୍ରତ ମିଶ୍ର ଓ ନିବେଦିତା କର ପରିଚାଳନା କରିଥିଲେ।

## 'ସାହିତ୍ୟ ସଂସ୍କୃତିର ଉପାସକ ଥିଲେ କୈଳାସ ବରାଳ'

କଟକ ଅଫିସ, ୭।୭: ଭାରତୀୟ ଯୁବ କୃଷକ ସଂଘ ପକ୍ଷରୁ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ଶ୍ରଦ୍ଧାଞ୍ଜଳି ସଭା କଟକ ସାରଳା ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଭାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଯୋଗଦେଇ କହିଥିଲେ, ଶିକ୍ଷାବିତ୍ ବରାଳ ସମାଜ ପାଇଁ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଓ ସାହିତ୍ୟ ସଂସ୍କୃତିର ପରମ ଉପାସକ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ପ୍ରଶାସକ ପ୍ରସନ୍ନ କୁମାର ଜେନା, ଡ. ସୁନାମଣି ରାଉତ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

### ସଂକ୍ଷେପରେ

## ୨୭ ଡିସିମିଲ ଜାଗାରେ ହେବ ସ୍ପୋର୍ଟ୍ସ କମ୍ପ୍ଲେକ୍ସ

**କଟକ ସଦର,୭।୭(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଗୁରୁବାରଠାରୁ ସର୍ଭେ ଆରମ୍ଭ ହୋଇଛି। ସ୍ଥାନୀୟ ତହସିଲର କର୍ମଚାରୀ ଚିନ୍ତାମଣି ବିଦ୍ୟାପୀଠ ସମ୍ମୁଖରେ ଥିବା ଗୋଚର କିସମ ପଡିଆକୁ ମାପଚୁପ କରିଥିଲେ। ଅବଶ୍ୟ ଏହି ଜମିରେ ସ୍ଥାୟୀ ନିର୍ମାଣ ପାଇଁ କିଶନ ନଗର ତହସିଲଦାର ଅନୁମତି ଦେଇ ସାରିଛନ୍ତି। ଏହି କମ୍ପ୍ଲେକ୍ସର ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳର କ୍ରୀଡାବିତ୍‌ମାନେ ବେଶ୍ ଉପକୃତ ହେବେ। ଉକ୍ତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୨୭ ଡିସିମିଲ ଜାଗା ଦେବା ପାଇଁ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡା ୧୭।୯।୨୧ରେ ସ୍ଥାନୀୟ ତହସିଲଦାରଙ୍କୁ ଚିଠି ମାଧ୍ୟମରେ ଆବେଦନ କରିଥିଲେ। ମୌଜା- କେଶ ନଗର, ଖାତା ନଂ.୪୦୨, ପ୍ଲଟ୍ ନଂ.୩୯, ରକବା ଏ-୦-୨୭ ଡିସିମିଲ ଜାଗାରେ ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଥିପାଇଁ ଆବଶ୍ୟକ ଅର୍ଥ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ୨୦୧୮ ମସିହାରେ ମଞ୍ଜୁର କରିଥିଲା। ଉକ୍ତ କାର୍ଯ୍ୟ ବ୍ଲକ ତତ୍ତ୍ୱାବଧାନରେ କରାଯାଉଛି।

## ଡ୍ରେନ୍ ସ୍ଥିତି ସମୀକ୍ଷା କଲେ ମେୟର

**କଟକ ଅଫିସ,୭।୭:** ମଙ୍ଗଳାବାଗ ଥାନା ଅଧୀନ ନୂଆପାଟଣା ମୁଖ୍ୟ ଡ୍ରେନ୍ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହାର ଦାୟିତ୍ୱରେ ଥିବା ଠିକାଦାର ଉକ୍ତ ଡ୍ରେନ୍‌ର ୫ ମିଟର ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ବାକି କାମ ସମ୍ପର୍କରେ ପଚାରିଲେ ସେ ଗାଳିଗୁଲଜ କରୁଥିବା ନେଇ ମଙ୍ଗଳାବାଗ ଅଞ୍ଚଳର ମୁରବି ସିବେନ୍ଦ୍ର ହାତୀ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ହାତୀ କହିଛନ୍ତି, ଏହି ଖୋଲା ଡ୍ରେନ୍‌ରେ ଲୋକମାନେ ପଡିଯିବାର ସମ୍ଭାବନା ରହିଛି। ଏଥିଯୋଗୁ ବ୍ୟବସାୟୀମାନେ ଦୋକାନ ଖୋଲିପାରୁନାହାନ୍ତି। ହାତୀଙ୍କ ଅଭିଯୋଗ ଶୁଣିବା ପରେ ବୁଧବାର ରାତି ପ୍ରାୟ ୧୧ଟାରେ ମେୟର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ସଙ୍ଗେସଙ୍ଗେ ମୁଖ୍ୟଯନ୍ତ୍ରୀ ଦିବ୍ୟ ରଞ୍ଜନ ତ୍ରିପାଠୀଙ୍କ ସହିତ ଫୋନ୍‌ରେ ଆଲୋଚନା କରି ୭ ଦିନ ଭିତରେ କାର୍ଯ୍ୟ ଶେଷ ପାଇଁ ପଦକ୍ଷପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଠିକାଦାର ଉପେକ୍ଷା କଲେ ଲିଖିତ ଭାବେ ଜଣାଇବାକୁ ମେୟର କହିଛନ୍ତି। ଏହି ପରିଦର୍ଶନ ସମୟରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ଉପ ସଭାପତି ରାଜୀବ ମହାନ୍ତି ଉପସ୍ଥିତ ଥିଲେ।

## ଶୈଳବାଳା ମହିଳା କଲେଜରେ ଚାରା ରୋପଣ

**କଟକ ଅଫିସ, ୭।୭:** ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓ ଶୈଳବାଳା ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଚାରା ରୋପଣ କରିଥିଲେ। ଏଥିସହ ବୃକ୍ଷର ଉପଯୁକ୍ତ ଯତ୍ନ ନେବା ସହିତ ମହୋତ୍ସବର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଙ୍କୁ କହିଥିଲେ। ଡ. ଯୋଗମାୟା ପଣ୍ଡା, ସରସ୍ୱତୀ ମାଝି, ଡ. ସୁଜ୍ଞାନୀ କୁମାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଡ. ଯାମିନୀ ରଞ୍ଜନ ମହାନ୍ତି, ବିଶ୍ୱଦାସ ମହାନ୍ତି, ଡ. ପ୍ରଶାନ୍ତ ସାମନ୍ତରାୟ, ଡ. ପ୍ରୀତିପ୍ରଜ୍ଞା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରେ ଖାଲ, ବଢୁଛି ଦୁର୍ଘଟଣା

**ମଙ୍ଗୁଳି,୭।୭(ଡି.ଏନ.ଏ.)**

୫୫ନଂ. ଜାତୀୟ ରାଜପଥର ଚାଉଳିଆ ପୋଲ ନିକଟରୁ ମଙ୍ଗୁଳି ଓଭରବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ମରାମତି ନ ହେବାରୁ ଅଧିକାଂଶ ସ୍ଥାନରେ ଖାଲଖମା ହୋଇଛି। ବର୍ଷା ହେଲେ ସେଥିରେ ପାଣି ଜମୁଛି। ଫଳରେ ବାଇକ୍ କିମ୍ବା ସାଇକେଲ ଆରୋହୀ ଖାଲରେ ପଡି ଆହତ ହେଉଛନ୍ତି। ରାସ୍ତା ମରାମତି ପାଇଁ ଅଭିଯୋଗ କରାଗଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି।

ଗୁରୁବାର ସକାଳେ ଚୌଦ୍ୱାର ଅଞ୍ଚଳର ଦିବ୍ୟାଙ୍ଗ ଖବରକାଗଜ ବିତରିକା ରୀନା ଭୂୟାଁ ମଙ୍ଗୁଳି ଖବରକାଗଜ ପଏଣ୍ଟରୁ ଖବରକାଗଜ ନେଇ ସ୍କୁଟିରେ ଯାଉଥିଲେ। ମଙ୍ଗୁଳି ଟ୍ରେନ୍ ଲାଇନ ତଳେ ଗାଡିଟି ଭାରସାମ୍ୟ ହରାଇ ଖାଲରେ ଅଣେଇ ହୋଇପଡିଥିଲା। ଫଳରେ ଗାଡିରେ ଥିବା ସମସ୍ତ ଖବରକାଗଜ ପାଣିରେ ପଡି ନଷ୍ଟ ହୋଇଯାଇଥିଲା। ଏଥିପାଇଁ ୧୫୦୦ ଟଙ୍କା ଖର୍ଚ୍ଚ କରି ଆଉଥରେ ଖବରକାଗଜ କିଣିବାକୁ ପଡିଲା ବୋଲି ରୀନା କହିଛନ୍ତି। ସେହିପରି ଟାଙ୍ଗୀ ଥାନା ଅଧୀନ ନପଙ୍ଗ ପଞ୍ଚାୟତର ଧରଣୀଧର ନାୟକ ଗୁରୁବାର ଅପରାହ୍ନରେ ଏହି ରାସ୍ତାରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଖାଲରେ ପଡିଯାଇଥିଲେ। ଫଳରେ ତାଙ୍କ ବାମ ଗୋଡ ଭାଙ୍ଗି ଯାଇଛି। ଚିକିତ୍ସା ଲାଗି ତାଙ୍କୁ ଜଗତ୍‌ପୁରସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏକ ଡାଲାଅଟୋରେ ଟାଇଲ ବୋଝେଇ ହୋଇ ମଙ୍ଗୁଳି ଯାଉଥିଲା। ହଠାତ୍ ଅଟୋ ଖାଲରେ ପଡିଯିବାରୁ ଆଗ ଫ୍ରେମ୍ ଭାଙ୍ଗିଯାଇଛି। ଏହିପରି ଭାବେ କିଛିଦିନ ଧରି ଅନେକ ଦୁର୍ଘଟଣା ଘଟିଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଦେବୀ ପ୍ରସାଦ ଦାସ କହିଛନ୍ତି, ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଆସନ୍ତା ଦୁଇ ଦିନ ମଧ୍ୟରେ ଖାଲ ମରାମତି ବ୍ୟବସ୍ଥା କରିବି।



ମଙ୍ଗୁଳି ଓଭରବ୍ରିଜ୍ ନିକଟ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

# ୪୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ

**କଟକ ଅଫିସ, ୭।୭**

ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ଛକରେ ଗୁରୁବାର ଚଢାଉ କରାଯାଇ ଜଣେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ପଟିଆକାନ ଗ୍ରାମର ସମରେନ୍ଦ୍ର ମହାନ୍ତି। ତାଙ୍କଠାରୁ ୪୨୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୭୦/୨୨) ରୁଜୁ ହୋଇଛି। ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ସୂଚନା ଅନୁଯାୟୀ, ପାହାଳ ଛକ ନିକଟରେ ସ୍କ୍ୱାଡ୍‌ର ଏକ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସମରେନ୍ଦ୍ର ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଫୁଲନଖରା ଛକରେ ନିଜ ଗାଁକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ଟିମ୍ ଖବର ପାଇଥିଲା। ତୁରନ୍ତ ସେଠାରେ ଚଢାଉ କରି ସମରେନ୍ଦ୍ରଙ୍କୁ କାବୁ କରାଯାଇଥିଲା। ଯାଞ୍ଚବେଳେ ତାଙ୍କ ବ୍ୟାଗ୍‌ରୁ ବ୍ରାଉନ୍‌ସୁଗାର ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୪୨ ଲକ୍ଷ ଟଙ୍କା ହେବ। ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ନିଆଳି ଅଞ୍ଚଳରେ ବିକ୍ରି କରୁଥିବା ନେଇ ପଚରାଉଚରାବେଳେ ସମରେନ୍ଦ୍ର ସ୍ୱୀକାର କରିଥିଲେ। ତେବେ ଏହି କାରବାରରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ତଦନ୍ତ ଜାରି ରହିଛି ବୋଲି ପଟେଲ କହିଛନ୍ତି।



ସମରେନ୍ଦ୍ର ମହାନ୍ତି

# 'ବିଶ୍ୱକୁ ଶାନ୍ତି, ସମୃଦ୍ଧି ପ୍ରଦାନ କରୁଛି ସନାତନ ଧର୍ମ'

**ଫୁଲନଖରା,୭।୭(ଡି.ଏନ.ଏ.)**

ସନାତନ ଧର୍ମ ବିଶ୍ୱକୁ ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିଆସୁଛି। ଏହି ଧାରାରେ ଭାରତ ସୁସଂସ୍କୃତ, ପକ୍ଷପାତବିହୀନ, ଶୋଷଣମୁକ୍ତ ସମାଜ ଗଠନ ହୋଇଥିଲା। ତେଣୁ ଭାରତକୁ ବିଶ୍ୱଗୁରୁ ବୋଲି କୁହାଯାଏ। କିନ୍ତୁ ବର୍ତ୍ତମାନ ସ୍ଥିତିରେ ହିନ୍ଦୁ ଅବହେଳିତ ହୋଇ ସନାତନ ଧର୍ମଧାରାରୁ ବିଚ୍ୟୁତ ହୋଇଛି। ତେଣୁ ଭବ୍ୟ ଭାରତ ଗଠନ ପାଇଁ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆହ୍ୱାନ ଦେଇଛନ୍ତି। ଆଦିତ୍ୟବାହିନୀ ଓ ଆନନ୍ଦବାହିନୀ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଜରିପଡା ନିକଟସ୍ଥ ଡିଭାଇନ ପ୍ୟାଲେସ ପରିସରରେ ହିନ୍ଦୁରାଷ୍ଟ୍ର ସଂଗୋଷ୍ଠୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କ ବିଚାର ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଯୋଗଦେଇ ବିଜ୍ଞାନ, ରାଷ୍ଟ୍ର ଓ ଧର୍ମ ସମ୍ବନ୍ଧରେ ସୁବିଚାର ପ୍ରଦାନ କରିଥିଲେ। ସେହିପରି ବ୍ରହ୍ମଚାରୀ ହୃଷୀକେଶ ମହାରାଜା ଯୋଗଦେଇ ପରିବାରକୁ ଗୁରୁକୁଳ ଭଳି ଗଢି ତୋଳିବା ସହ ହିନ୍ଦୁରାଷ୍ଟ୍ର ଗଠନ ପାଇଁ ଆଧାତ୍ମିକ ବାତାବରଣ ସୃଷ୍ଟି କରିବାକୁ କହିଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଚକାପାଦ ଆଶ୍ରମର ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ, ବ୍ରହ୍ମଚାରୀ ମାନସ ଚୈତନ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ପୀଠର ପଣ୍ଡିତ ମାତୃପ୍ରସାଦ ମିଶ୍ର, ପୀଠ ପରିଷଦ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ରଥ, ମହାସଚିବ ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ସଚିବ ପ୍ରଭୁ ଚରଣ ମହାନ୍ତି, ହରି କିଶନ ଶର୍ମା, ଆଦିତ୍ୟବାହିନୀ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ମହାସଚିବ ଡ. ଶୁଭେନ୍ଦୁ ସ୍ୱାଇଁ, ଉଲ୍ଲାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଓ ଅନ୍ୟମାନେ।




କଟକ ବାରବାଟୀ ଷ୍ଟାଡିୟମ ହର୍ଷଗେଟ୍ ସଭାଗୃହରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି ପକ୍ଷରୁ ଗୁରୁବାର ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିମାନେ।

## ପିଡିଏସ୍ କିରୋସିନ ଦର ୧୦୦ ଟଙ୍କା ଛୁଇଁଲା

**କଟକ ସଦର,୭।୭(ଡି.ଏନ.ଏ.)**

ରାଜ୍ୟରେ ଜୁଲାଇରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା କିରୋସିନ ଦର ୧୦୦ ଟଙ୍କା ଛୁଇଁଛି। ଏହି ନୂଆ ଦରରେ କିରୋସିନ ବିକ୍ରି ପାଇଁ ପତ୍ରସଂଖ୍ୟା ୯୯୨୨/୫।୭।୨୦୨୨ରେ ପ୍ରତି ଜିଲାର ଯୋଗାଣ ଅଧିକାରୀମାନେ ରିଟେଲରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିନୋଟି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ସରକାରଙ୍କୁ ୯୫ ଟଙ୍କା ଦରରେ କିରୋସିନ ବିକ୍ରି କରିବେ। ପାରାଦୀପ, ଜଟଣୀ, ଝାରସୁଗୁଡ଼ା, ବାଲେଶ୍ୱର ଓ ବିଶାଖାପାଟଣା ଡିପୋରୁ ଆସୁଥିବା କିରୋସିନ ଦରରେ ସାମାନ୍ୟ କମ୍‌ବେଶି ହୋଇପାରେ। ମାତ୍ର ଗାଡ଼ି ଭଡ଼ା, ଡିଲର କମିଶନ ସମେତ ଅନ୍ୟାନ୍ୟ ଶୁଳ୍କ ମିଶାଇଲେ ଦର୍ ୧୦୦ ହେବ। ଏ ସମ୍ପର୍କରେ ରଘୁନାଥପୁର ଗ୍ରାମର ପ୍ରମୋଦ କୁମାର ଜେନା କହିଛନ୍ତି, କିରୋସିନକୁ କେବଳ ଜାଳେଣି ଆକାରରେ ବ୍ୟବହାର କରା ନ ଯାଇ ସାଇକେଲ ଦୋକାନୀଙ୍କଠାରୁ ରଙ୍ଗମିସ୍ତ୍ରି ପର୍ଯ୍ୟନ୍ତ ସମସ୍ତେ ବ୍ୟବହାର କରିଥାନ୍ତି। ସେମାନଙ୍କ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିବ। ସେହିପରି କଟକ ସଦର ବ୍ଲକ କଂଗ୍ରେସ ସଭାପତି ପ୍ରତାପ ମଲ୍ଲିକ କହିଛନ୍ତି, ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିବାରୁ ପ୍ରତ୍ୟେକ ପରିବାର ଅଳ୍ପ ବହୁତେ କିରୋସିନ ବ୍ୟବହାର କରୁଛନ୍ତି। ଦର ବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ପେଟ୍ରୋଲ ଦର ସହ କିରୋସିନ ଦର ପ୍ରାୟ ସମକକ୍ଷ ହେବା ଦ୍ୱାରା କୃଷି କାର୍ଯ୍ୟରେ ମଧ୍ୟ ଖର୍ଚ୍ଚ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

# ୭ ଦିନ ପାଇଁ କଲେଜ ବନ୍ଦ, ପରୀକ୍ଷା ଚାଲିବ

**କଣ୍ଟାପଡା, ୭।୭ (ଡି.ଏନ୍.ଏ.)**

**ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟ**

**■ ୫ ଦିନରେ ୨୭ ପଜିଟିଭ ଚିହ୍ନଟ**

କଟକ ଜିଲା ଅଡଶପୁରସ୍ଥିତ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ୫ ଦିନ ମଧ୍ୟରେ ୨୭ଜଣ ଛାତ୍ରୀଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ସମସ୍ତ ଆକ୍ରାନ୍ତ ହଷ୍ଟେଲରେ ରହୁଥିବା ଜଣାପଡିଛି। ସଂକ୍ରମଣ ବଢିବା ଆଶଙ୍କାରେ କଲେଜ କର୍ତ୍ତୃପକ୍ଷ ଗୁରୁବାରଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କଲେଜକୁ ବନ୍ଦ କରି ଦେଇଛନ୍ତି। ତେବେ ଯେଉଁ ଛାତ୍ରୀଛାତ୍ରଙ୍କର ପରୀକ୍ଷା ରହିଛି ସେମାନଙ୍କ ପରୀକ୍ଷା ଚାଲୁରହିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଲେଜ ପରିସରରେ ଥିବା ଛାତ୍ରୀ ନିବାସର ଅଧିକାଂଶ ଛାତ୍ରୀ ଥଣ୍ଡାଜ୍ୱରରେ ଆକ୍ରାନ୍ତ ହେବାରୁ ଗତ ରବିବାରଠାରୁ ସେମାନଙ୍କ ନମୁନା ପରୀକ୍ଷା କରାଯାଇଥିଲା। ତେବେ ଗତ ୫ଦିନ ଭିତରେ ହୋଇଥିବା ନମୁନା ପରୀକ୍ଷାରୁ ୨୬ ଜଣ ଛାତ୍ରୀ ଓ ଜଣେ ଛାତ୍ର କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ପିଜି ଦ୍ୱିତୀୟ ବର୍ଷ ଓ ଯୁକ୍ତ ୩ ଶେଷବର୍ଷ ପରୀକ୍ଷା ଚାଲୁଥିବାରୁ ୭ଜଣ ଅନ୍ତେବାସୀଙ୍କୁ କଲେଜର ଅତିଥି ଭବନରେ ରଖି ପରୀକ୍ଷା ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅନ୍ୟ ଅନ୍ତେବାସୀଙ୍କୁ ହଷ୍ଟେଲ କର୍ତ୍ତୃପକ୍ଷ ଘରକୁ ପଠାଇ ଦେଇଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଅରୁଣ କୁମାର ନାୟକ କହିଛନ୍ତି, କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ୧ ସପ୍ତାହ ପାଇଁ କ୍ଲାସ ବନ୍ଦ କରାଯାଇଛି। ଏହି ସମୟ ମଧ୍ୟରେ ପରୀକ୍ଷା ଚାଲୁରହିବ। ଏହାପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

# ଜବରଦଖଲ ଯୋଗୁ ହୋଇପାରୁନି ପଙ୍କୋଦ୍ଧାର

**କଟକ ଅଫିସ, ୭।୭**

କଟକ ସହରକୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ଚଳିତବର୍ଷ ସିଏମ୍‌ସି ପକ୍ଷରୁ ମୋଟ୍ ୫୯ଟି ୱାର୍ଡରେ ଡ୍ରେନ୍ ସଫେଇ ଓ ପଙ୍କୋଦ୍ଧାର କରାଯାଇଛି। ଏଥିପାଇଁ ୧ କୋଟି ୭୪ ଲକ୍ଷ ୫୭ ହଜାର ୬୩୪ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ମାତ୍ର ଜବରଦଖଲ ଯୋଗୁ କେତେକ ମେଜର ସର୍ଫେସ ଡ୍ରେନ୍(ଏମ୍ଏସ୍‌ଡି)ରୁ ଠିକ୍ ଭାବେ ପଙ୍କୋଦ୍ଧାର କରାଯାଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସହରର ଅନେକ ନାଳ ଉପରେ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ଦୋକାନ କରିଛନ୍ତି। ଫଳରେ ଉକ୍ତ ସ୍ଥାନରୁ ପଙ୍କୋଦ୍ଧାର କରାଯାଇପାରିନାହିଁ। ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। କେତେକ ନାଳରେ ସ୍ଲାବ୍ ନ ଥିବାରୁ ବର୍ଷା ହେଲେ ଜଣାପଡୁନାହିଁ। ଏହାଦ୍ୱାରା ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ୯୦ ପ୍ରତିଶତ ଲୋକ ଜବରଦଖଲ କରି ଡ୍ରେନ୍ ଉପରେ ଦୋକାନ କରିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ପାଇଁ ବଡ ଯୋଜନାର ଆବଶ୍ୟକତା ରହିଛି। ଏଥିପାଇଁ କିଛି ସମୟ ଲାଗିବ। ଆଗାମୀ ଦିନରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବନ୍ୟା କ୍ଷତିଗ୍ରସ୍ତ ତାଲିକାରେ ଜାଲିଆତି

**ମାହାଙ୍ଗା,୭।୭(ସ୍ୱ.ପ୍ର.)**

ଲଗାଣ ବର୍ଷାରେ ଗତ ସେପ୍ଟେମ୍ବରରେ କଟକ ଜିଲା ମାହାଙ୍ଗା ବ୍ଲକର ବହୁ ଅଞ୍ଚଳରେ ବନ୍ୟାଜଳ ପଶି ବହୁ କଚ୍ଚାଘର ଭାଙ୍ଗିଯିବା ସହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବିଭିନ୍ନ ଗ୍ରାମରେ ବନ୍ୟାଜଳ ପଶିଯିବାରୁ ବହୁ ଲୋକ ଜଳବନ୍ଦୀ ହୋଇଯାଇଥିଲେ। ଏବେ ତହସିଲ ପ୍ରଶାସନ ପକ୍ଷରୁ ପ୍ରକାଶିତ ବନ୍ୟା କ୍ଷତିଗ୍ରସ୍ତ ତାଲିକାରେ ବହୁ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ନାମ ନ ଥିବାବେଳେ ଆଦୌ କ୍ଷତିଗ୍ରସ୍ତ ହୋଇ ନ ଥିବା ବା କୋଠଘର ଥିବା ଲୋକଙ୍କ ନାମ ତାଲିକାରେ ରହିଛି। ତହସିଲ କାର୍ଯ୍ୟାଳୟର ବହୁ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକମାନେ ଚକ୍ରାନ୍ତ କରି ଏପରି ତାଲିକା ପ୍ରସ୍ତୁତ କରିଥିବା ନେଇ ବ୍ଲକ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଗୁରୁବାର ମାହାଙ୍ଗା ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତହସିଲରେ ପହଞ୍ଚି ତହସିଲଦାର ଉମାକାନ୍ତ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସତ୍ୟାସତ୍ୟ ତର୍ଜମା କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସେଥିରେ ଉଲ୍ଲେଖ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ନିରଞ୍ଜନ ବିଶ୍ୱାଳ, ମୁର୍ସିଦ ରିୟାଜୁଲ ହୋଦା, ସୁସ୍ମିତା ଦାସ, ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ତ୍ରିନାଥ ଜେନା, ହୃଷୀକେଶ ସ୍ୱାଇଁ, ରାଜକିଶୋର ବଳ, ସୁନାକର ବେହେରା ଓ ପର୍ଶୁରାମ ମଲିକ ପ୍ରମୁଖ ଯୋଗ ଦେଇଥିଲେ।



ତହସିଲଦାରଙ୍କୁ ବିଜେଡି ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ହାଇୱା ଧକ୍କାରେ ନାବାଳକ ମୃତ, ରାସ୍ତାରୋକୋ

**ସାଲେପୁର,୭।୭(ଡି.ଏନ.ଏ.)**

ସାଲେପୁର-କୁଆଁପାଳ ରାସ୍ତାର ସାଲେପୁର ହାଟ ନିକଟରେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ହାଇୱା ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯିବା ସହ ଅନ୍ୟାନ୍ୟ ଦାବି ନେଇ ସ୍ଥାନୀୟ ଲୋକେ ସାଲେପୁର-କୁଆଁପାଳ ରାସ୍ତାର ଲୁଣାହାର ପୋଲ ନିକଟରେ ଟାୟାରଜାଳି ରାସ୍ତାରୋକୋ କରିଥିଲେ।

ପୋଲିସ ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇସ୍ଥିତ ବାଲିପାଟଣା ଗ୍ରାମର ବସନ୍ତ ନାୟକ ଲୁଣାହାରସ୍ଥିତ ଶ୍ୱଶୁର ଘରୁ ସ୍ତ୍ରୀ ଓ ୬ ବର୍ଷର ପୁଅ ଅମନଙ୍କ ସହିତ କାର୍‌ରେ କଟକ ଅଭିମୁଖେ ଯାଉଥିଲେ। ବାଟରେ କାର୍‌ଟି ରାସ୍ତାରେ ଅଟକିଥିଲା। ଫଳରେ ଅମନ କାର୍‌ରୁ ଓହ୍ଲାଇ ରାସ୍ତାରେ ଛିଡା ହୋଇଥିଲେ। ଏହି ସମୟରେ ଏକ ଗୋଡି ବୋଝେଇ ହାଇୱା ଅମନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଖବରପାଇ ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ ଓ ଆଇଆଇସି ସୁପ୍ରସନ୍ନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଭାରିଯାନ ଚଳାଚଳ ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୧୫/୨୨) ରୁଜୁ ହୋଇଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ ହାଇୱାକୁ ଜବତ କରି ତଦନ୍ତ ଚଳାଇଥିବା ଆଇଆଇସି ମଲ୍ଲିକ କହିଛନ୍ତି।




ଉତ୍ତ୍ୟକ୍ତ ଲୋକମାନେ ଟାୟାରଜାଳି ରାସ୍ତାରୋକୋ କରିଛନ୍ତି।